ମହାକବି ଶୂଦ୍ରକଙ୍କ ପ୍ରଣୀତ

# ମୃଚ୍ଛକଟିକ

( ବସନ୍ତସେନା )

---

ଧନେଶ୍ୱର ମହାପାତ୍ର

1924

# ମୃଚ୍ଛକଟିକ ବା ବସନ୍ତସେନା

ଅନୁବାଦକ

**ଶ୍ରୀ ଧନେଶ୍ୱର ମହାପାତ୍ର, ବି. ଓ. ଏଲ୍; ବି.ଇ ଡ଼,**
ସାହିତ୍ୟାଚାର୍ଯ୍ୟ, କୋରଧେଁ ।

ପ୍ରକାଶକ
**ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ**
ବିନୋଦ ବିହାରୀ,
କଟକ-୨

ପ୍ରଥମ ପ୍ରକାଶ
**ଦୀପାବଳୀ**
୧୯୬୨

ମୂଲ୍ୟ:—ବନ୍ଧେଇସହ ୫୪.୫୦ନ:ପ:

ମୁଦ୍ରକ
ଶ୍ରୀ କମଳଲୋଚନ ମହାନ୍ତି
**ଦେବବାଣୀ ପ୍ରେସ୍**
ଦେଉଳ ସାହି,
କଟକ-୧

ଏ ଦେଶର ଗଣ୍ଡରଙ୍କ

କବୁଲ ଅନ୍ତର

ଥରେ ଅଧେ

ଯେଉଁମାନେ

ସ୍ମରନ୍ତି ମତେ,

ଭରିବାକୁ ସେମାନଙ୍କୁ

କୁସୁମେ ଅର୍ଚ୍ଚି

ଆସିଛି ମୁଁ

ସୁରବାଣୀ-

ସ୍ତୁତି-ଉପକରେ ।

ଧନେଶ୍ୱର

ଠା।୧୨୨୭

# ମୁଖବନ୍ଧ



ମୃଚ୍ଛକଟିକ ସଂସ୍କୃତ ସାହିତ୍ୟର ଏକ ବିଶ୍ୱବିଖ୍ୟାତ ଅପୂର୍ବ ନାଟକ । ମହାକବି କାଳିଦାସଙ୍କ ଅଭିଜ୍ଞାନଶକୁନ୍ତଳ ନାଟକ ପରି ଏହା ଏକ ଉତ୍କୃଷ୍ଟ କଳାପୂର୍ଣ୍ଣ ରଚନା । ଏହାର ରମଣୀୟ କଥାବସ୍ତୁ ଅତ୍ୟନ୍ତ ଚିତ୍ତାକର୍ଷକ । ଅନାବିଳ ହାସ୍ୟରସ ଏହାର ଆଉ ଏକ ବିଶେଷତ୍ୱ । ପବିତ୍ର ପ୍ରଣୟ ବଳରେ ଗଣିକା ମଧ୍ୟ ଧର୍ମପତ୍ନୀ ହୋଇ ପାରେ, ଏହି ବୈପ୍ଳବିକ ଆଦର୍ଶ ଉକ୍ତ ନାଟକରେ ନିହିତ । 'ମୃଚ୍ଛକଟିକ' ଶବ୍ଦର ଅର୍ଥ ମାଟିର ଛୋଟ ଶଗଡ଼ (ମୃଚ୍ଛ+ଶକଟିକ) । ମାଟିର ଖେଳନା ଶଗଡ଼ଟିକୁ ଅବଲମ୍ବନ କରି ଏପରି ଭାବଗର୍ଭକ ନାମକରଣ କରାଯାଇଅଛି । ଯଦ୍ୟପି ବିଷୟବସ୍ତୁରେ ମାଟି-ଶଗଡ଼ଟିର ପ୍ରସଙ୍ଗ ଖୁବ୍ କମ୍ ସ୍ଥାନ ଅଧିକାର କରିଛି, ତଥାପି ଏହା ଯେ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ନାଟକଟି ପାଠ କରିବା ପରେ ଜଣା ପଡ଼େ ।

ମୃଚ୍ଛକଟିକର ପ୍ରସ୍ତାବନାରୁ ଜଣାଯାଏ, ରାଜା ଶୂଦ୍ରକ ଏହି ନାଟକର ରଚୟିତା । ଶୂଦ୍ରକଙ୍କ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ କୌଣସି ନିଶ୍ଚିତ ଐତିହାସିକ ତଥ୍ୟ ମିଳନାହିଁ । ଶୂଦ୍ରକ ବୋଲି କେହି ଐତିହାସିକ ବ୍ୟକ୍ତି ଥାଇ ପାରନ୍ତି । ମାତ୍ର ପ୍ରକୃତରେ ସେ ଉକ୍ତ ନାଟକର ରଚୟିତା ନୁହଁନ୍ତି । କାରଣ ପ୍ରସ୍ତାବନାରେ ବର୍ଣ୍ଣିତ ହୋଇଛି— "ଶୂଦ୍ରକ ବୋଲି ଜଣେ ବିଖ୍ୟାତ ରାଜା ଥିଲେ । ସେ ପୁତ୍ରକୁ ସିଂହାସନ ଦେଇ ଅଶ୍ୱମେଧ ଯଜ୍ଞ ସମ୍ପାଦନ କରି ଶହେ ବର୍ଷ ଦଶଦିନ ବୟସରେ ଅଗ୍ନିରେ ପ୍ରବେଶ କରିଥିଲେ ।" ରାଜା ଶୂଦ୍ରକ ଯଦି ମୃଚ୍ଛକଟିକର

ରଚୟିତା ହୋଇଥାଆନ୍ତେ, ତେବେ ନିଜ ରଚନାରେ ଆତ୍ମପରିଚୟ ଦେବାକୁ ଯାଇ ଅଜ୍ଞାତ କାଳର କିମ୍ବା ବ୍ୟବହାର କରି ନ ଥାଆନ୍ତେ । "ଶହେ ବର୍ଷ ଦଶଦିନ ବୟସରେ ଅଗ୍ନିରେ ପ୍ରବେଶ କରିଥିଲେ" ଏହା ମଧ୍ୟ କିପରି ଲେଖି ଥାଆନ୍ତେ ? ତେଣୁ ଅନ୍ୟ କୌଣସି ନାଟ୍ୟକାର ଏହାକୁ ରଚନା କରି ରାଜା ଶୂଦ୍ରକଙ୍କ ନାମରେ ଉତ୍ସର୍ଗ କରିଛନ୍ତି । ଏଥିପାଇଁ ହୁଏତ ସେ ଶୂଦ୍ରକଙ୍କ ପୁତ୍ର ବା ବଂଶଧରଙ୍କଠାରୁ ଧନଲାଭ କରିଥିବେ । ପୂର୍ବେ କେତେ କେତେ ସାହିତ୍ୟକାର ରାଜା ମହାରାଜାଙ୍କ ଠାରୁ ଧନ ପାଇ ନିଜ ରଚନାକୁ ସେମାନଙ୍କ ନାମରେ ଉତ୍ସର୍ଗ କରି ଦେଉଥିଲେ ।

ଆହୁରି କେତେକ କାରଣ ମଧ୍ୟ କଳ୍ପନା କରାଯାଇ ପାରେ । ମହାକବି ଭାସଙ୍କ ପ୍ରଣୀତ 'ଚାରୁଦତ୍ତ' ନାଟକ ମୃଚ୍ଛକଟିକର ପୂର୍ବବର୍ତ୍ତୀ ରଚନା ବୋଲି ପ୍ରମାଣିତ ହୋଇଛି । 'ଚାରୁଦତ୍ତ'ରେ ଯେଉଁ କଥାବସ୍ତୁ ବର୍ଣ୍ଣିତ, ମୃଚ୍ଛକଟିକର ରଚୟିତା ତାହାକୁ ଅଧିକ ସୁନ୍ଦର ଭାବରେ ପରିବର୍ଦ୍ଧିତ କରି ନିଜ ନାଟକର କଥାବସ୍ତୁ କରିଛନ୍ତି । କାଳେ ତାଙ୍କ ନାଟକ ଆଦୃତ ନ ହେବ, ଏଥିପାଇଁ ହୁଏତ ସେ ରାଜା ଶୂଦ୍ରକଙ୍କ ନାମରେ ତାହାର ପ୍ରଚଳନ କରାଇ ଥିବେ । କିମ୍ବା ନାଟ୍ୟକାର ସମାଜ ଭୟରୁ ଏପରି ପନ୍ଥା ଅବଲମ୍ବନ କରିଥିବେ । କାରଣ, ଏହି ନାଟକରେ ତତ୍କାଳୀନ ଭ୍ରଷ୍ଟ ସମାଜର ଚିତ୍ର ରୂପାୟିତ ହୋଇଅଛି । ନିଜର ରଚନା ବୋଲି ଜଣା ପଡ଼ିଥିଲେ ହୁଏତ ନାଟ୍ୟକାର ସମାଜ ଉତ୍ପୀଡ଼ନର ସମ୍ମୁଖୀନ ହୋଇ ଥାଆନ୍ତେ ।

ମୃଚ୍ଛକଟିକ ଖ୍ରୀଷ୍ଟପର ପ୍ରାୟ ଷଷ୍ଠ ଶତାବ୍ଦୀରେ ରଚିତ ହୋଇଥିଲା ବୋଲି ଅନେକ ଆଲୋଚକଙ୍କର ମତ । ଗୁପ୍ତ ସାମ୍ରାଜ୍ୟର ପତନ ପରେ ଏବଂ ହର୍ଷବର୍ଦ୍ଧନଙ୍କ ସାମ୍ରାଜ୍ୟର ପ୍ରତିଷ୍ଠା ପୂର୍ବରୁ

ଭାରତର ସାମାଜିକ ଅବସ୍ଥା ଭଲ ନଥିଲା । ମୃଚ୍ଛକଟିକ ପାଠ କଲେ ଜଣାଯାଏ, ସେତେବେଳେ ଶାସନତନ୍ତ୍ର କଳୁଷିତ ଥିଲା । ରାଜାଙ୍କ ପ୍ରିୟପାତ୍ରମାନେ ଯଥେଚ୍ଛ ଆଚରଣ କରୁଥିଲେ । ବେଶ୍ୟାସକ୍ତି, ଜୁଆଖେଳ, ଚୋରି, ମଦ୍ୟପାନ ପ୍ରଭୃତି ଅନାଚାରରେ ଅନେକ ଲୋକ ଲିପ୍ତ ରହୁଥିଲେ । ଏପରିକି ଉଚ୍ଚ ଜାତିର ବ୍ରାହ୍ମଣ ମଧ୍ୟ ଏଥିରୁ ବାଦ ନଥିଲେ । ଶାସକରେ ଷଡ଼ଯନ୍ତ୍ର ଲାଗି ରହିଥିଲା । ଅଭିଯୋଗର ବିଚାର କରାଯାଇ ଅତିଶୀଘ୍ର ମନମୁଖୀ ନିଷ୍ପତ୍ତି ଦିଆ ଯାଉଥିଲା । ବୈଦିକ ଧର୍ମାବଲମ୍ବୀମାନେ ବୌଦ୍ଧମାନଙ୍କୁ ଭଲ ଦୃଷ୍ଟିରେ ଦେଖୁ ନ ଥିଲେ । ଏହିପରି ଅନେକ ଗର୍ହିତ କାର୍ଯ୍ୟ ସେ କାଳର ସମାଜରେ କରା ଯାଉଥିଲା । ତଥାପି ସେତେବେଳେ ଭଲ ... ନ ହେଉଥିଲେ, ତାହା ନୁହେଁ । ବାଣିଜ୍ୟ ବ୍ୟବସାୟ ... ଚିତ୍ରକଳା ଆଦି ଖୁବ୍ ଉନ୍ନତ ଥିଲା । ତତ୍କାଳୀନ ସମାଜର ଏହି ରୂପ ଏହି ନାଟକରେ ପ୍ରତିଫଳିତ ହୋଇଅଛି । ଐତିହାସିକ ଦୃଷ୍ଟି କୋଣରୁ ବିଚାର କଲେ ମୃଚ୍ଛକଟିକ ନାଟକର ଉପାଦେୟତା କମ ନୁହେଁ ।

ବହୁ ଶତାବ୍ଦୀ ପୂର୍ବେ ରଚିତ ହୋଇଥିଲେ ମଧ୍ୟ ମୃଚ୍ଛକଟିକ ଏ ପର୍ଯ୍ୟନ୍ତ ଆଦର ଲାଭକରି ଆସୁଅଛି । କେବଳ ସଂସ୍କୃତରେ ନୁହେଁ, ସମଗ୍ର ବିଶ୍ୱସାହିତ୍ୟରେ ଏହା ସ୍ଥାନ ଅଧିକାର କରିଛି । ରମଣୀୟ କଥାବସ୍ତୁ ହିଁ ଏହାର ଲୋକପ୍ରିୟତାର ଏକ ପ୍ରଧାନ କାରଣ ।

ଗୁପ୍ତଯୁଗକୁ ଭାରତର ସୁବର୍ଣ୍ଣଯୁଗ ବୋଲି କହନ୍ତି । ଏହି ଯୁଗରେ ସବୁ ପ୍ରକାର କଳା ପରିପୂର୍ଣ୍ଣ ଲାଭ କରିଥିଲା । ମୃଚ୍ଛକଟିକ ଗୁପ୍ତଯୁଗର ଶେଷ ଆଡ଼କୁ ରଚିତ ହୋଇଥିବାରୁ ସେ ଯୁଗର କଳା

ନାଟ୍ୟକଳା ଏଥିରେ ପ୍ରତିଫଳିତ ହୋଇଅଛି ! ଏହି ନାଟକର ଦୃଶ୍ୟ-ସନ୍ନିବେଶ ଅତ୍ୟନ୍ତ ବିସ୍ମୟ ସୃଷ୍ଟି କରେ । ଆଜିକାଲି ଚଳଚ୍ଚିତ୍ରରେ ଯେପରି ବିଷୟବସ୍ତୁର ଘଟଣା ପ୍ରବାହ ଅବିଚ୍ଛିନ୍ନ ଭାବରେ ଲାଗି ରହିଥାଏ, ଏଥିରେ ଠିକ୍ ସେହିପରି ଦୃଶ୍ୟ-ସନ୍ନିବେଶ କରାଯାଇଅଛି । ଏହି ନାଟକଟି ପାଠ କଲେ ଯେ କେହି ସେ ଯୁଗର ରଙ୍ଗମଞ୍ଚ ଓ ଦୃଶ୍ୟ ପ୍ରଦର୍ଶନ ବିଷୟ ଭାବି ଆଶ୍ଚର୍ଯ୍ୟରେ ଅଭିଭୂତ ହେବ ।

ନାଟକଟି ପୂର୍ଣ୍ଣ ଦଶଅଙ୍କବିଶିଷ୍ଟ ହୋଇଥିବାରୁ ପ୍ରଶ୍ନ ଉଠିପାରେ—ଏହା ଅଭିନୟ ଉଦ୍ଦେଶ୍ୟରେ ଲିଖିତ ହୋଇଥିଲା ନା କେବଳ ପଠନ ଉଦ୍ଦେଶ୍ୟରେ ? କିନ୍ତୁ ସାହିତ୍ୟ ଦର୍ପଣ ପ୍ରଭୃତି ପ୍ରାମାଣିକ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ଅଛି, ନାଟକରେ ଅଙ୍କ ପାଞ୍ଚରୁ କମ୍ ନଥାଏ କିମ୍ବା ଦଶରୁ ବେଶୀ ନଥାଏ । ତେଣୁ ଦଶଅଙ୍କବିଶିଷ୍ଟ ନାଟକ କେବଳ ଯେ ପଠନ ଉଦ୍ଦେଶ୍ୟରେ ଲିଖିତ ହେଉଥିଲା, ଏପରି ଧାରଣା କରିବାରେ କୌଣସି କାରଣ ନାହିଁ ।

ମୁଁ ଏହି ନାଟକଟିର ଅବିକଳ ଅନୁବାଦ କରିଅଛି । ଏହାର ସଂଳାପ ପରିବର୍ତ୍ତନ କରି ଆଧୁନିକ ରୁଚିଉପଯୋଗୀ କରିବାକୁ ଚିନ୍ତା କରୁଥିଲି । ମାତ୍ର ତାହାଦ୍ୱାରା ଏହାର ସାହିତ୍ୟଗତ ମର୍ଯ୍ୟାଦା କ୍ଷୁଣ୍ଣ ହେବ ବୋଲି ସେପରି ଚେଷ୍ଟାରୁ ବିରତ ହେଲି । ଆଧୁନିକ ନାଟକର ସଂଳାପ ଠାରୁ ପ୍ରାୟ ୧୫୦୦ ବର୍ଷ ପୂର୍ବେ ରଚିତ ନାଟକର ସଂଳାପ ଯେ ନିଶ୍ଚୟ ଭିନ୍ନ, ଏଥିରେ ବିସ୍ମିତ ହେବାର କିଛି ନାହିଁ । ସେ କାଳରେ ହାସ୍ୟରସର ପରିବେଷଣ କିପରି କରାଯାଉଥିଲା, କିପରି ଆଲଙ୍କାରିକ ଭାଷା ବ୍ୟବହୃତ ହେଉଥିଲା, ସଂଳାପ ଭିତରେ କିପରି ନୀତିତତ୍ତ୍ୱମାନ ସ୍ଥାନ ପାଉଥିଲା, ଇତ୍ୟାଦି ବିଷୟ ଏହି ଅବିକଳ ଅନୁବାଦରୁ ଜଣାପଡ଼ିବ ।

ଉନ୍ନତ କିନ୍ତୁ ଜଟିଳ ସଂସ୍କୃତ ଭାଷାର ଗ୍ରନ୍ଥଗୁଡ଼ିକୁ ଓଡ଼ିଆରେ ସରଳଭାବରେ ଅନୁବାଦ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ତେଣୁ ଏଥିରେ ଦୋଷ ତ୍ରୁଟି ରହି ପାରିଥିବ । ସୁଧୀ ପାଠକ ପାଠିକା-ଗଣ ସହୃଦୟତାର ସହିତ ସେ ଗୁଡ଼ିକୁ ମାର୍ଜନା କରିବେ ବୋଲି ଆଶା ।

ମୋର ଶ୍ରଦ୍ଧେୟ ଛାତ୍ର ଶ୍ରୀମାନ୍ ଅଭୟଚନ୍ଦ୍ର ମହାପାତ୍ର ବହୁ ଶ୍ରମ ସ୍ୱୀକାରପୂର୍ବକ ପୁସ୍ତକଟିର ପାଣ୍ଡୁଲିପି ପ୍ରସ୍ତୁତ କରିଥିବାରୁ ତାଙ୍କୁ ମୋ ଅନ୍ତରର ଆଶୀର୍ବାଦ ଅର୍ପଣ କରୁଛି । ମୋର ପରମ ସୁହୃଦ୍ ଶ୍ରୀ ସୁଧାକର ଦାଶ ଏବିଗରେ ପ୍ରଭୂତ ଉତ୍ସାହ ଦାନ କରି ମୋତେ କୃତଜ୍ଞତାପାଶରେ ଆବଦ୍ଧ କରିଛନ୍ତି ।

ପରିଶେଷରେ ଏ ଗ୍ରନ୍ଥର ପ୍ରକାଶକ ଶ୍ରୀ ଜଗନ୍ନାଥ ରଥ ଓ ଶ୍ରୀ ସହଦେବ ପ୍ରଧାନଙ୍କୁ ଅଶେଷ ସାଧୁବାଦ ଅର୍ପଣ ନ କରି ରହି ପାରୁନି । କାରଣ ଉଭୟଙ୍କର ହାର୍ଦ୍ଦିକ ପ୍ରଚେଷ୍ଟାରୁ ଏ ଗ୍ରନ୍ଥକୁ ରମ୍ୟ-ରୂପରେ ଲୋକଲୋଚନକୁ ଆଣି ପାରିଛି । ଇତି ।

ବିନୀତ
ଅନୁବାଦକ

—*—

ଠା।୧୨୧

# ପାତ୍ର ପରିଚୟ

## ପୁରୁଷପାତ୍ର

| | |
|---|---|
| ଚାରୁଦତ୍ତ | ବ୍ରାହ୍ମଣ ବଣିକ |
| ମୈତ୍ରେୟ | ଚାରୁଦତ୍ତଙ୍କ ମିତ୍ର ( ବିଦୂଷକ ) |
| ବିଟ | ଜଣେ କାମୁକ, କଳା ଶିଷ୍ଟ |
| ଶକାର | ରାଜା ପାଳକଙ୍କ ଶଳା ( ତାର ନାମ ସଂସ୍ଥାନକ । ସେ ରାଜାଙ୍କର ରକ୍ଷିତା ସ୍ତ୍ରୀର ଭାଇ ) |
| ାଥୁର | ଜୁଆମାଲିକ |
| ୂତକର | ଜୁଆଖେଳାଳି |
| ଦୁର୍ଦ୍ଦରକ | ଜୁଆଖେଳାଳି |
| ାର୍ଯ୍ୟକ | ଗୋପାଳ ଯୁବକ ( ପରେ ରାଜା ) |
| ରକ | ରାଜା ପାଳକଙ୍କ ସେନାପତି |
| ଦନକ | ରାଜା ପାଳକଙ୍କ ସେନାପତି |
| ବାହକ | ଚାରୁଦତ୍ତଙ୍କ ଭୃତ୍ୟ ( ପରେ ଭିକ୍ଷୁ ) |
| ର୍ଦ୍ଧମାନକ | ଚାରୁଦତ୍ତଙ୍କ ଭୃତ୍ୟ |
| ର୍ଣ୍ଣପୂରକ | ବସନ୍ତସେନାଙ୍କ ଭୃତ୍ୟ |

| | |
|---|---|
| ଶର୍ବିଳକ | ବ୍ରାହ୍ମଣ ଚୋର, ମଦନକାର ପ୍ରେମିକ ( ପରେ ରାଜା ଆର୍ଯ୍ୟକଙ୍କ ମୁଖ୍ୟ ଅନୁଚର ) |
| କୁମ୍ଭୀଲକ | ବସନ୍ତସେନାଙ୍କ ଭୃତ୍ୟ |
| ରୋହସେନ | ଚାରୁଦତ୍ତଙ୍କ ଶିଶୁପୁତ୍ର |
| ସ୍ଥାବରକ | ଶକାରର ଭୃତ୍ୟ |
| ଅଧିକରଣିକ | ବିଚାରପତି |
| ଶୋଧନକ | ବିଚାରାଳୟର ଚପରାଶି |
| ଶ୍ରେଷ୍ଠୀ | ବିଚାରପତିଙ୍କ ସହାୟକ ( ଦ୍ରବ୍ୟ ପରୀକ୍ଷା କରିବାରେ ଦକ୍ଷ ) |
| କାୟସ୍ଥ | ବିଚାରପତିଙ୍କ ସହାୟକ ( ପେସ୍କାର ) |

ସୂତ୍ରଧାର, ନଟୀ, ଚଣ୍ଡାଳ ଇତ୍ୟାଦି ।

## ସ୍ତ୍ରୀ ପାତ୍ର

| | |
|---|---|
| ବସନ୍ତସେନା | ଗଣିକା |
| ମଦନିକା | ବସନ୍ତସେନାଙ୍କ ପ୍ରିୟଦାସୀ |
| ରଦନିକା | ଚାରୁଦତ୍ତଙ୍କ ଦାସୀ |
| ଧୂତା | ଚାରୁଦତ୍ତଙ୍କ ପତ୍ନୀ |
| ବୃଦ୍ଧା | ବସନ୍ତସେନାଙ୍କ ମା |
| ଛତ୍ରଧାରିଣୀ | ବସନ୍ତସେନାଙ୍କ ଦାସୀ |

—*—

# ପ୍ରଥମ ଅଙ୍କ

ନିରୋଧି ପ୍ରାଣ ପବନ        ନିବାରି ବିଷୟୁ ଜ୍ଞାନ
ସମାଧିରେ ସମାସୀନ ଯେକାଳେ ଶମ୍ଭୁ,
ସନ୍ଧି ସ୍ଥାନେ ସର୍ପଗଣ        ବେଢ଼ିଥାନ୍ତି ବେନିଗୁଣ
ଜାବେ ପରମ ଈକ୍ଷଣ କରନ୍ତି ପ୍ରଭୁ
ଶୂନ୍ୟମୟ ସେ ବ୍ରହ୍ମ ଲୟ
ବିତରୁ ବିଦୁଷ ଜନେ ଚିର ଅଭୟ ।

ନୀଳ ଜଳଦ ଦେହେ ବିଦ୍ୟୁ ଯେସନ
ଶଙ୍କର କଣ୍ଠେ ଉମା-ଭୁଜ ଶୋଭନ,
ସେ କଣ୍ଠ ଅପୂର୍ବ ଶୋଭା ଆକର
ହରୁ ସୁଧୀଜନଙ୍କ ଦୁଃଖ ନିକର ।

( 'ନାନ୍ଦୀ' ଗାନ ପରେ )

ସୂତ୍ରଧର—ଅଧିକ ସମୟ ମଙ୍ଗଳ-ସଙ୍ଗୀତ ଗାଇ ଦର୍ଶକ ମଣ୍ଡଳୀଙ୍କର କୌତୁହଳ ଭଙ୍ଗ କରିବା ଅନୁଚିତ । ସଜ୍ଜନମାନଙ୍କୁ ପ୍ରଣାମ କରି ମୁଁ ଜଣାଉଅଛି ଯେ ଆମ୍ଭେମାନେ ଆଜି ମୃଚ୍ଛକଟିକ

ନାମକ ପ୍ରକରଣ* ଅଭିନୟ କରିବାକୁ ଯାଉଅଛୁଁ । ଏହାକୁ ରଚନା କରିଛନ୍ତି ବିଖ୍ୟାତ କବି ଶୂଦ୍ରକ । ସେ ଥିଲେ ଅତ୍ୟନ୍ତ ସୁନ୍ଦର, ପୂର୍ଣ୍ଣଚନ୍ଦ୍ରମୁଖ, ଗଜରାଜଗତି, ଚକୋରଚକ୍ଷୁ । ତାଙ୍କର ଅସୀମ ଶକ୍ତି ଥିଲା । କ୍ଷତ୍ରିୟମାନଙ୍କ ମଧ୍ୟରେ ସେ ସର୍ବଶ୍ରେଷ୍ଠ ଥିଲେ ।

ସେ ଶିବଙ୍କ କୃପାରୁ ଜ୍ଞାନଚକ୍ଷୁ ଲାଭ କରି ଋଗ୍‌ବେଦ, ସାମବେଦ,ଗଣିତ, ନୃତ୍ୟଗୀତ ଆଦି କଳା,ବାଣିଜ୍ୟ ବ୍ୟବସାୟ, ହସ୍ତୀ ପୋଷଣ ପ୍ରଭୃତି ବିଦ୍ୟାରେ ନିପୁଣ ହୋଇଥିଲେ । ପୁତ୍ରକୁ ରାଜ-ସିଂହାସନ ଦେଇ ମହାସମାରୋହରେ ଅଶ୍ୱମେଧ ଯଜ୍ଞ ସମ୍ପାଦନ କରିଥିଲେ ଏବଂ ଶତେ ବର୍ଷ ଦଶ ଦିନ ବୟସରେ ଅଗ୍ନିରେ ପ୍ରବେଶ କରିଥିଲେ ।

ସେହି ଶୂଦ୍ରକ ଥିଲେ ବିଦଗ୍ଧ, ଶ୍ରେଷ୍ଠ ବେଦଜ୍ଞ, ତପୋନିଷ୍ଠ, ଶତ୍ରୁପକ୍ଷର ହସ୍ତୀ ସହିତ ବାହୁ ଯୁଦ୍ଧ କରିବାକୁ ଉତ୍ସୁକ, ଯୁଦ୍ଧପ୍ରିୟ ରାଜା ।

ଶୂଦ୍ରକଙ୍କର ଏହି ରଚନାର ବିଷୟବସ୍ତୁ ହେଉଛି— ଉଜ୍ଜୟିନୀ ନଗରୀରେ ଚାରୁଦତ୍ତ ନାମକ ଜଣେ ବଣିକ ବ୍ରାହ୍ମଣ-

---

*ସଂସ୍କୃତରେ ଦୃଶ୍ୟ କାବ୍ୟ ଦୁଇ ପ୍ରକାର—ରୂପକ ଓ ଉପରୂପକ । ରୂପକ ଦଶ ପ୍ରକାର, ଯଥା—ନାଟକ, ପ୍ରକରଣ, ଭାଣ, ପ୍ରହସନ, ଡିମ, ବ୍ୟାୟୋଗ, ସମବକାର, ବୀଥୀ, ଅଙ୍କ ଓ ଇହାମୃଗ । 'ପ୍ରକରଣ' ରେ ମୁଖ୍ୟତଃ କବିକଳ୍ପିତ ଲୌକିକ ବୃତ୍ତାନ୍ତ ବିଷୟବସ୍ତୁ ହୋଇଥାଏ । ଏଥିରେ ନାୟକ ହୋଇଥାଆନ୍ତି ବ୍ରାହ୍ମଣ, ମନ୍ତ୍ରୀ କିମ୍ବା ବଣିକ ଏବଂ ନାୟିକା ହୋଇଥାଆନ୍ତି କୁଳୀନା ସ୍ତ୍ରୀ କିମ୍ବା ଗଣିକା ।

ଯୁବକ ଥିଲେ । ସେ ଦରିଦ୍ର ହୋଇଯାଇଥିଲେ । ବସନ୍ତଶୋଭା ସମାନ ବସନ୍ତସେନା ନାମରେ ଏକ ଗଣିକା ତାଙ୍କ ଗୁଣରେ ଆକୃଷ୍ଟ ହୋଇଥିଲେ । ସେ ଦୁହିଙ୍କର ଅନବଦ୍ୟ ପ୍ରଣୟ ବୃତ୍ତାନ୍ତକୁ ଅବଲମ୍ବନ କରି କବି ଶୂଦ୍ରକ ଏଥିରେ ମତିଚତ୍ତ୍ୱ, ଅନୁଚିତ ନ୍ୟାୟ, ଖଳସ୍ୱଭାବ ତଥା ଭାଗ୍ୟ-ପ୍ରଭାବ ପ୍ରଭୃତି ବିଷୟର ସମାବେଶ କରିଛନ୍ତି ।

( କିଛି ବାଟ ଯାଇ ଏବଂ ଦେଖି ) ଆରେ ! ଆମ ସଙ୍ଗୀତ-ଶାଳା କିଅଣ ଶୂନ୍ୟ ! ଅଭିନେତାଗଣ କୁଆଡ଼େ ଗଲେକି ? ( ଚିନ୍ତା କରି ) ଜାଣିଲି—

ଯାହାର ପୁତ୍ର ନାହିଁ, ତା' ଘର ଶୂନ୍ୟ, ଯାହାର ଅନ୍ତରଙ୍ଗ ମିତ୍ର ନାହିଁ, ତା' ଘର ଚିର ଶୂନ୍ୟ, ମୂର୍ଖର ଦଶଦିଗ ଶୂନ୍ୟ, ଦରିଦ୍ରର ସବୁ ଶୂନ୍ୟ ।

ଆଜି ସଙ୍ଗୀତ ଉପାସନାରେ ଏତେ ସମୟ ବିତିଗଲାଣି । ତେଣୁ ଖରାଦିନେ ପ୍ରଚଣ୍ଡ ସୂର୍ଯ୍ୟକିରଣରେ ଶୁଖିଲା ପଦ୍ମବୀଜ ଯେପରି ଖଟ ଖଟ ଶବ୍ଦ କରେ, ମୋ ଆଖି ଯୋଡ଼ାକ ଭୋକରେ ସେହିପରି ଶବ୍ଦ କଲାଣି; ଡୋଳା ଦୁଇଟା ଚଞ୍ଚଳ ହୋଇ ଉଠିଲାଣି । ତା' ହେଲେ ଯାଏଁ, ଘରଣୀଙ୍କୁ ଡାକି ପଚାରେଁ, କିଛି ଜଳଖିଆ ଅଛି କି ନାହିଁ । ( କିଛି ବାଟ ଯାଇ, ଘରେ ପ୍ରବେଶ କରି ଏବଂ ଦେଖି ) ଆରେ ! ଆମ ଘରେ କିଅଣ ଆଜି କିଛି ଆୟୋଜନ ଲାଗିଛି ! ଗଳିସାରା ଚାଉଳଧୂଆ ପାଣି ! କୃଷ୍ଣତିଳକ ଦେଲେ ଯୁବତୀ ଯେପରି ଅଧିକ ଶୋଭାପାଏ, ଲୁହା କରେଇ ମଜା ହୋଇଥିବା ଯୋଗୁଁ ଭୂମି କୃଷ୍ଣବର୍ଣ୍ଣ ଧାରଣ କରି ସେହିପରି ଭାରି ସୁନ୍ଦର ଦିଶୁଛି ।

ମନୋହର ସୁଗନ୍ଧରେ କ୍ଷୁଧା ବଢ଼ି ମୋତେ ଅଧିକ ପୀଡ଼ା ଦେଉଛି । କଅଣ ପୂର୍ବ ପୁରୁଷଙ୍କ ପୋତାଧନ ମିଳି ଯାଇଛି କି ? କିମ୍ବା ମୁଁ ଭୋକିଲା ହେବାରୁ ଦୁନିଆଟାକୁ ଅନ୍ନମୟ ଦେଖୁଛି ? ଘରେ କିଛି ଜଳଖିଆ ତ ନାହିଁ ! ଭୋକରେ ପ୍ରାଣ ଛଟପଟ ହେଲାଣି । ଏଠାରେ ସବୁ ନୂଆ ଆୟୋଜନ ଲାଗିଛି । କିଏ ମହଣ ବାଟୁଛି, କିଏ ଫୁଲ ଗୁନ୍ଥୁଛି । କଥା କଅଣ ? ଆଚ୍ଛା ହେଉ, ଘରଣୀଙ୍କୁ ଡାକି କଥା କ'ଣ ବୁଝେଁ । ( ଡାକିଲେ ) ଆର୍ଯ୍ୟା, ଏଣେ ଟିକିଏ ଆସ ତ ।

ନଟୀ—( ପ୍ରବେଶ କରି ) ଆର୍ଯ୍ୟ, ଆସିଲି !

ସୂତ୍ର—ସ୍ୱାଗତମ୍ ।

ନଟୀ—ଆର୍ଯ୍ୟ, ଆଜ୍ଞା ଦିଅନ୍ତୁ, ମୋଠାରେ କାମ କଅଣ ।

ସୂତ୍ର—ବହୁତ ସମୟ ସଙ୍ଗୀତ ଉପାସନା କରିବା ଫଳରେ ମୋତେ ବଡ଼ ଭୋକ ଲାଗିଲାଣି । ଘରେ କିଛି ଖାଇବାକୁ ଅଛିତ ?

ନଟୀ—ଆର୍ଯ୍ୟ, ସବୁ ଅଛି ।

ସୂତ୍ର—କଅଣ କଅଣ ଅଛି ?

ନଟୀ—"ଖଣ୍ଡ, ଭାତ, ଘିଅ, ଦହି, ଆପଣଙ୍କ ଖାଇବା ପାଇଁ ସମସ୍ତ ସୁସ୍ୱାଦୁ ପଦାର୍ଥ ଅଛି," ଦେବତାମାନେ ଆପଣଙ୍କୁ ଏଇ ଆଶୀର୍ବାଦ ଦିଅନ୍ତୁ ।

ସୂତ୍ର—କଅଣ ! ଆମ ଘରେ ସବୁ ଅଛି ନା ତୁମେ ପରିହାସ କରୁଛ ?

ନଟୀ—( ସ୍ୱଗତ ) ଟିକିଏ ପରିହାସ କରେଁ । (ପ୍ରକାଶ୍ୟେ) ଆର୍ଯ୍ୟ, ବଜାରରେ ଅଛି ।

ସୂତ୍ର—( କ୍ରୋଧରେ ) ଆଃ ! ଅନାର୍ଯ୍ୟା ! ତୁମ ଆଶା ଭଙ୍ଗ ହୋଇ-ଯାଉ, ତୁମେ ଅଭାବରେ ପଡ଼ । ମତେ ଯାହା କ୍ରୀଡ଼ା କନ୍ଦୁକ ଭଳି ଖୁବ୍ ଉପରକୁ ଉଠେଇ ତଳକୁ ପକାଇ ଦେଲ !

ନଟୀ—କ୍ଷମା କରନ୍ତୁ, କ୍ଷମା କରନ୍ତୁ ଆର୍ଯ୍ୟ । ମୁଁ ପରିହାସ କରୁଥିଲି ।

ସୂତ୍ର—ତେବେ ଏ କ'ଣ ନୂଆ ଆୟୋଜନ ଲାଗିଛି ? କିଏ ମସଲା ବାଟୁଛି । କିଏ ଫୁଲ ଗୁନ୍ଥୁଛି । ପୁଣି ଏଇ ଭୂମି ପାଞ୍ଚବର୍ଣ୍ଣ ପୁଷ୍ପ-ଉପହାର ଦ୍ୱାରା ଶୋଭା ପାଉଛି ।

ନଟୀ—ଆର୍ଯ୍ୟ, ମୋର ଆଜି ବ୍ରତ ।

ସୂତ୍ର—ବ୍ରତ ? କି ବ୍ରତ ?

ନଟୀ—ଅନୁରୂପ ପତି ପାଇବା ନିମନ୍ତେ ଏ ବ୍ରତ କରାଯାଏ ।

ସୂତ୍ର—ଆର୍ଯ୍ୟା, ଇହଲୋକରେ ପାଇବାକୁ ନା ପରଲୋକରେ ?

ନଟୀ—ପରଲୋକରେ ।

ସୂତ୍ର—( କ୍ରୋଧରେ ) ଦେଖ, ଦେଖ ସୁଧୀବୃନ୍ଦ, ମୋ'ର ଅନ୍ନବ୍ୟୟରେ ପରଲୋକପାଇଁ ପତିଖୋଜା ହେଉଛି !

ନଟୀ—ପ୍ରସନ୍ନ ହୁଅନ୍ତୁ ଆର୍ଯ୍ୟ । ଆପଣହିଁ ପରଜନ୍ମରେ ମୋତେ ସ୍ୱାମୀରୂପେ ମିଳିବେ, ଏଇଥିପାଇଁ ଏ ବ୍ରତ କରୁଛି ।

ନଟୀ—ଆଚ୍ଛା, ଆଚ୍ଛା, ଏ ବ୍ରତ ତୁମକୁ କିଏ ବତେଇଲା ?

ନଟୀ— ଆପଣଙ୍କର ପ୍ରିୟବନ୍ଧୁ ଚୂର୍ଣ୍ଣବୃଦ୍ଧ ।

ସୂତ୍ର—(ରାଗରେ) ଅଃ ! ଅଧମ ଚୂର୍ଣ୍ଣବୁଦ୍ଧି ! ନବବଧୂର କେଶକଳାପ ଯେପରି ବିଶୀର୍ଣ୍ଣ ହୁଏ, ତୁ କେବେ ରାଜା ପାଳକଙ୍କ ଦ୍ୱାରା ସେହିପରି ବିଶୀର୍ଣ୍ଣ ହେବୁ, ମୁଁ ଦେଖିବି ?

ନଟୀ—ଆର୍ଯ୍ୟ, ପ୍ରସନ୍ନ ହୁଅନ୍ତୁ । ଏହି ପରଲୋକ-ବ୍ରତ ଆପଣଙ୍କ ନିମନ୍ତେ ହିଁ କରାଯାଉଛି । ( ପାଦତଳେ ପଡ଼ିଲେ )

ସୂତ୍ର—ଆର୍ଯ୍ୟା, ଉଠ, ଉଠ । କୁହ, ଏ ବ୍ରତ କିପରି କରାଯିବ ?

ନଟୀ—ଆମ ଶକ୍ତି ଅନୁଯାୟୀ ଜଣେ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କର ।

ସୂତ୍ର—ତାହାହେଲେ ତୁମେ ଯାଅ । ମୁଁ ଆମ ଶକ୍ତି ଅନୁଯାୟୀ ଜଣେ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆସେଁ ।

ନଟୀ—ଆପଣଙ୍କର ଆଜ୍ଞା ( ପ୍ରସ୍ଥାନ )

ସୂତ୍ର—( କିଛିବାଟ ଯାଇ ) ଅହୋ ! ଏ ସମୃଦ୍ଧ ଉଜ୍ଜୟିନୀ ନଗରୀରେ ମୁଁ କିପରି ମୋ ଶକ୍ତି ଅନୁଯାୟୀ ଜଣେ ବ୍ରାହ୍ମଣ ପାଇବି ? ( ଚାହିଁ ) ହେଇତ, ଚାରୁଦତ୍ତଙ୍କ ମିତ୍ର ମୈତ୍ରେୟ ଏଣିକି ଆସୁଛନ୍ତି ! ଆଚ୍ଛା, ତାଙ୍କୁ ପଚାରେଁ । ଆର୍ଯ୍ୟ ମୈତ୍ରେୟ, ଆଜି ଆମ ଘରେ ଭୋଜନ କରିବାକୁ ଆପଣ ଯିବେ ?

ନେପଥ୍ୟ—

ଆହେ, ଆପଣ ଅନ୍ୟ କୌଣସି ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରନ୍ତୁ, ମୁଁ ବର୍ତ୍ତମାନ କାର୍ଯ୍ୟବ୍ୟସ୍ତ ।

ସୂତ୍ର—ଆର୍ଯ୍ୟ, ଭୋଜନ ପ୍ରସ୍ତୁତ ହୋଇ ରହିଛି । କୌଣସି ଅସୁବିଧା ନାହିଁ । କିଛି ଦକ୍ଷିଣା ମଧ୍ୟ ଦିଆଯିବ ।

ପୁଣି ନେପଥ୍ୟେ—

ଆହେ, ମୁଁ ପ୍ରଥମରୁ ମନା କରିଦେଲି, ଆଉ ମୋତେ ବାରମ୍ବାର ଅନୁରୋଧ କରିବାର ଆଗ୍ରହ କାହିଁକି ?

ସୂତ୍ର—ଏ ମନା କରିଦେଲେ । ହେଉ, ଅନ୍ୟ ବ୍ରାହ୍ମଣଙ୍କୁ ଦେଖେଁ । (ପ୍ରସ୍ଥାନ)

( ପ୍ରସ୍ତାବନା ଶେଷ )

( ହାତରେ ଖଣ୍ଡିଏ ଉତ୍ତରୀୟ ଧରି ମୈତ୍ରେୟ (ବିଦୂଷକ)-ଙ୍କର ପ୍ରବେଶ )

ବିଦୂଷକ—ଅନ୍ୟ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କର । ମୁଁ ବର୍ତ୍ତମାନ କାର୍ଯ୍ୟ-ବ୍ୟସ୍ତ । ( ବ୍ୟଥିତ ହୃଦୟରେ ) ମୋତେ ପୁଣି ଅନ୍ୟର ନିମନ୍ତ୍ରଣ ଖାଇବାକୁ ପଡ଼ିବ ! ହାୟରେ ଅବସ୍ଥା ! ତୁ ମୋତେ ଭୁଲା ପରି ହୀନ କରିଦେଲୁ ? ଚାରୁଦତ୍ତଙ୍କ ସମୃଦ୍ଧି ସମୟରେ ମୁଁ ଦିନରାତି ଅତି ଯତ୍ନରେ ତିଆରି ଲଡ଼ୁମାନ ଖାଇ ଖାଇ ତୃପ୍ତି ଲାଭ କରୁଥିଲି । ହାକୁଟିରେ ମଧ୍ୟ ଉଠୁଥିଲା ତାର ସୁଗନ୍ଧ । ଚିତ୍ରକର ଯେମିତି ରଙ୍ଗପାତ୍ର ସବୁ ଚିତ୍ରପଟରେ ମେଲେଇ ବସିଥାଏ, ମୁଁ ସେମିତି ଅନ୍ତଃପୁରରେ ଅନେକ ତରକାରି-ପାତ୍ର ମେଲେଇ ବସୁଥିଲି; ଆଉ ସେଗୁଡ଼ିକୁ ଅଙ୍ଗୁଳିରେ ଖାଲି ଛୁଇଁ ଛୁଇଁ ଛାଡ଼ି ଦେଉଥିଲି । ଖାଇ ସାରି ନଗର-ଅଗଣା-ଷଣ୍ଢ ଭଳି ପାକୁଳି କରୁଥିଲି । ମୁଁ ସେଇ ମୈତ୍ରେୟ; ଚାରୁଦତ୍ତ ଦରିଦ୍ର ହୋଇଯିବା ଫଳରେ ଆଜି ଏ ଅବସ୍ଥା । ଏବେ ପୋଷା ପାରା ଭଳି ଏଣେ ତେଣେ ଭୋଜନ କରି ନିବାସ ନିମନ୍ତେ ଏଠାକୁ ମୋତେ ଆସିବାକୁ ହେଉଛି ।

ଜାଈ ଫୁଲରେ ସୁବାସିତ ଏଇ ଉତ୍ତରୀୟ ଖଣ୍ଡିକ ଆର୍ଯ୍ୟ ଚାରୁଦତ୍ତଙ୍କ ପ୍ରିୟବନ୍ଧୁ ଚୂର୍ଣ୍ଣବୃଦ୍ଧ ପଠାଇଛନ୍ତି, ଆଉ କହିଛନ୍ତି— "ଆର୍ଯ୍ୟ ଚାରୁଦତ୍ତ ଦେବପୂଜା କରୁଛନ୍ତି । ତାଙ୍କ ନିକଟକୁ ଏହାକୁ ନେଇଯାଅ ।" ତେବେ ଯାଏଁ, ଆର୍ଯ୍ୟ ଚାରୁଦତ୍ତଙ୍କୁ ଦେଖେଁ । ( କିଛିବାଟ ଯାଇ ଏବଂ ଚାହିଁ ) ହେଇଟି, ଚାରୁଦତ୍ତ ଦେବପୂଜା ସାରି ଗୃହଦେବତାମାନଙ୍କ ଉଦ୍ଦେଶ୍ୟରେ ପୂଜା-ସାମଗ୍ରୀ ଧରି ଏଣିକି ଆସୁଛନ୍ତି !

( ଉପର ବର୍ଣ୍ଣନା ଅନୁସାରେ ଚାରୁଦତ୍ତ ଓ ରଦନିକାଙ୍କର ପ୍ରବେଶ )

ଚାରୁଦତ୍ତ—( ଉପରକୁ ଚାହିଁ ଏବଂ ଦୁଃଖର ସହିତ ନିଃଶ୍ୱାସ ମାରି ) କିଛିଦିନ ତଳେ ମୋର ଯେଉଁ ଦ୍ୱାରି ନିକଟରେ ନିକ୍ଷିପ୍ତ ପୂଜା-ସାମଗ୍ରୀକୁ ହଂସ ଓ ସାରସ ପକ୍ଷୀମାନେ ଖାଉଥିଲେ, ସେ ସ୍ଥାନ ଆଜି ତୃଣରେ ଆଚ୍ଛାଦିତ ହେଲା ! ଆଉ ସେଠାରେ ପୋକଖିଆ ଶସ୍ୟ ଅଞ୍ଜଳି ପଡ଼ିଲା !

( ଧୀରେ ଧୀରେ କିଛି ବାଟ ଯାଇ ବସିଲେ )

ବିଦୂଷକ—( ନିକଟରେ ପହଞ୍ଚି ) ଆପଣଙ୍କର ମଙ୍ଗଳ ହେଉ, ଅଭିବୃଦ୍ଧି ହେଉ ।

ଚାରୁ—ଆରେ ! ମୋର ସୁଖ ଦୁଃଖର ମିତ୍ର ମୈତ୍ରେୟ ଯେ ! ସ୍ୱାଗତ ମିତ୍ର, ବସ ।

ବିଦୂ—ବସୁଛି । ବନ୍ଧୁ, ତୁମର ମିତ୍ର ଚୂର୍ଣ୍ଣବୃଦ୍ଧ ଜାଈଫୁଲରେ ସୁବାସିତ ଏଇ ଉତ୍ତରୀୟ ଖଣ୍ଡିକ ପଠାଇଛନ୍ତି, ଆଉ ତୁମକୁ ଦେବାପାଇଁ ମୋତେ କହିଛନ୍ତି ।

ଚାରୁ—( ଉତ୍ତରୀୟ ନେଇ ଚିନ୍ତିତ ହୋଇଗଲେ )।

ବିଦୂ—ମିତ୍ର, କଅଣ ଚିନ୍ତା କରୁଛ ?

ଚାରୁ - ମିତ୍ର, ଘୋର ଅନ୍ଧକାର ପରେ ଆଲୋକ ଦେଖିଲେ ଯେପରି ଆନନ୍ଦ ମିଳେ, ଦୁଃଖ ପରେ ସୁଖ ସେହିପରି ଆନନ୍ଦ ଦାନକରେ । କିନ୍ତୁ ସୁଖ ପାଇଲା ପରେ ଯେଉଁ ବ୍ୟକ୍ତି ଦରିଦ୍ର ହୋଇଯାଏ, ସେ ଦେହ ଧରି ବଞ୍ଚିରହିଲେ ବି ମୃତ ସମାନ।

ବିଦୂ—ମିତ୍ର,ମରଣ ଓ ଦାରିଦ୍ର୍ୟ-ଏ ଉଭୟରୁ ତୁମର କେଉଁଟି ପସନ୍ଦ ?

ଚାରୁ--ମିତ୍ର, ଦାରିଦ୍ର୍ୟ ଓ ମରଣ ମଧ୍ୟରୁ ମୁଁ ମରଣକୁ ପସନ୍ଦ କରେ, ଦାରିଦ୍ର୍ୟକୁ ପସନ୍ଦ କରେନାହିଁ । କାରଣ, ମରଣରେ ଅଳ୍ପସମୟ କଷ୍ଟ, କିନ୍ତୁ ଦରିଦ୍ରତା-ଦୁଃଖର ଅନ୍ତନାହିଁ ।

ବିଦୂ -ବନ୍ଧୁ, ଦୁଃଖିତ ହେବା ଅନୁଚିତ । ଦେବତାମାନେ ଚନ୍ଦ୍ରକୁ (ଚନ୍ଦ୍ରର ସୁଧାକୁ) ପିଇଦେବା ଯୋଗୁଁ ଚନ୍ଦ୍ର ପ୍ରତିପଦା ତିଥିରେ କ୍ଷୀଣ ହୋଇଯାଏ । ତଥାପି ସେ ସେତେବେଳେ ଅଧିକ ସୁନ୍ଦର ଦିଶେ । ସେହିପରି ପ୍ରାର୍ଥୀମାନଙ୍କୁ ବିତରଣ କରି କରି ତୁମର ସମ୍ପତ୍ତି କ୍ଷୟ ହୋଇ ଯାଇଥିଲେ ମଧ୍ୟ ତୁମର ସୌନ୍ଦର୍ଯ୍ୟ ଅଧିକ ବଢ଼ିଛି ।

ଚାରୁ—ମିତ୍ର, ଧନ ନିମନ୍ତେ ମୋର ଦୁଃଖ ନାହିଁ । ଦେଖ, ହସ୍ତୀର କପୋଳରେ ଘନ ମଦଜଳଧାରା ଶୁଖିଗଲେ ମଦଜଳ ପିଇବାକୁ ଉଡ଼ୁଥିବା ଭ୍ରମରମାନେ ଯେପରି ତାହା ନିକଟକୁ ଯାଆନ୍ତି ନାହିଁ, ସେହିପରି ମୋ ଗୃହ ଧନଶୂନ୍ୟ ହୋଇ ଯାଇଛି ବୋଲି ଅତିଥିମାନେ ମଧ୍ୟ ତାହାକୁ ବର୍ଜନ କରୁଛନ୍ତି । ମୋତେ ଏହାହିଁ ଅତ୍ୟନ୍ତ ଦୁଃଖ ଦେଉଛି ।

ବିଦୂ--ମିତ୍ର, ବରୁଡ଼ ଗୋଡ଼େଇଲେ ଗଡ଼ୁଡ଼ ଛୋକା ଯେମିତି ବଣରେ ଯେଉଁଠି ବରୁଡ଼ କାମୁଡ଼ିବ ନାହିଁ, ଲଘୁରେ ସେଇଠି ଯାଇ ପଶେ, ସେହିପରି ଅଧମ କ୍ଷଣସ୍ଥାୟୀ ଧନଗୁଡ଼ାକ, ଯେଉଁଠି ତାଙ୍କୁ କେହି ଖାଇବେ ନାହିଁ, ସେଇଠି ଯାଇ ପଶନ୍ତି ।

ଚାରୁ--ବନ୍ଧୁ, ଧନକ୍ଷୟ ପାଇଁ ପ୍ରକୃତରେ ମୋର ଚିନ୍ତା ନାହିଁ । କାରଣ ଧନ ଭାଗ୍ୟକ୍ରମେ ଆସେ, ଯାଏ । କିନ୍ତୁ ମୁଁ ଦରିଦ୍ର ହୋଇ ଯାଇଛି ବୋଲି ବନ୍ଧୁବର୍ଗ ଯେ ମୋ ପ୍ରତି ଆଉ ସ୍ନେହଶୀଳ ନୁହନ୍ତି, ଏହାହିଁ ମୋତେ ଅତ୍ୟନ୍ତ ଦୁଃଖ ଦେଉଛି । ଶୁଣ—

ଦରିଦ୍ରତା ଯୋଗୁଁ ମନୁଷ୍ୟ ଲଜ୍ଜିତ ହୁଏ, ଲଜ୍ଜିତ ହେଲେ ତେଜ ହାନି ହୁଏ, ତେଜ ହାନି ହେଲେ ଅପମାନ ମିଳେ, ଅପମାନରୁ ଅତ୍ୟନ୍ତ ଦୁଃଖ ଜାତ ହୁଏ, ଅତି ଦୁଃଖରେ ମନୁଷ୍ୟ କାନ୍ଦେ, କାନ୍ଦିଲେ ବୁଦ୍ଧି ନଷ୍ଟ ହୋଇଯାଏ, ବୁଦ୍ଧି ନଷ୍ଟ ହେଲେ ସର୍ବନାଶ ଆସି ପହଞ୍ଚେ । ଓହୋ ! ଦରିଦ୍ରତା ସବୁ ବିପତ୍ତିର ମୂଳ !

ବିଦୂ—ମିତ୍ର, କ୍ଷଣସ୍ଥାୟୀ ଧନଗୁଡ଼ାକୁ ନେଇ ଚିନ୍ତା କରିବା ଅନୁଚିତ ।

ଚାରୁ—ବନ୍ଧୁ, ଦାରିଦ୍ର୍ୟ ହିଁ ଚିନ୍ତାର ଭଣ୍ଡାର । ଏହାରି ଯୋଗୁଁ ଶତ୍ରୁଠାରୁ ପରାଭବ ମିଳେ । ଦରିଦ୍ରତା ହିଁ ପରମ ଶତ୍ରୁ । ଦରିଦ୍ର ମିତ୍ରମାନଙ୍କଠାରୁ ପାଏ ଘୃଣା, ସ୍ୱଜନମାନଙ୍କଠାରୁ ଅନାଦର । ଘର ଛାଡ଼ି ବନକୁ ପଳାଇବା ପାଇଁ ତାର ଇଚ୍ଛା ହୁଏ । ସ୍ତ୍ରୀ ଠାରୁ ମଧ୍ୟ ଅପମାନ ସହିବାକୁ ପଡ଼େ । ଦରିଦ୍ରର ଚିନ୍ତା-ଅଗ୍ନି ହୃଦୟରେ ଥାଇ ତାକୁ ଜାଳି ଦିଏ ନାହିଁ, କିନ୍ତୁ ସର୍ବଦା ସନ୍ତାପିତ କରୁଥାଏ ।

ବନ୍ଧୁ, ମୁଁ ଗୃହଦେବତାମାନଙ୍କର ପୂଜା ସାରିଛି । ତୁମେ ଯାଅ, ଚଉଛକିଆ ରାସ୍ତା ଉପରେ ମାତୃଗଣଙ୍କୁ ପୂଜା ତର୍ପଣ ଦେଇଆସ ।

ବିଦୂ—ମୁଁ ଯିବି ନାହିଁ ।

ଚାରୁ—କାହିଁକି ?

ବିଦୂ—କାରଣ, ଏତେ ପୂଜା କଲେ ବି ଦେବତାମାନେ ତୁମପ୍ରତି ପ୍ରସନ୍ନ ହେଉ ନାହାନ୍ତି । ତେବେ ଦେବତାମାନଙ୍କୁ ପୂଜା କରି ଲାଭ କଅଣ ?

ଚାରୁ—ମିତ୍ର ! ଏ ଭଳି କହ ନାହିଁ । ଗୃହସ୍ଥମାନଙ୍କର ଏହା ହେଉଛି ଦୈନନ୍ଦିନ କର୍ତ୍ତବ୍ୟ ।

ତପଃ, ମନ, ବାଣୀ ଏବଂ ପୂଜାତର୍ପଣ ଦ୍ୱାରା ପୂଜିତ ହେଲେ ଦେବତାମାନେ ଶାନ୍ତମନା ମନୁଷ୍ୟ ପ୍ରତି ନିଶ୍ଚୟ ପ୍ରସନ୍ନ ହୁଅନ୍ତି । ଏଥିରେ ତର୍କବିତର୍କ କରିବା ଅନୁଚିତ । ତେଣୁ ଯାଅ, ମାତୃଗଣଙ୍କୁ ପୂଜାତର୍ପଣ ଦେଇଆସ ।

ବିଦୂ—ଆହେ, ମୁଁ ଯିବି ନାହିଁ । ଆଉ କାହାକୁ ପଠାଅ । ମୁଁ ବ୍ରାହ୍ମଣ ହେଲେ ମଧ୍ୟ ମୋର ସବୁକାମ ବିପରୀତ ହୋଇଗଲାଣି, ଯେପରି କି ଦର୍ପଣରେ ବାମଅଙ୍ଗ ଦକ୍ଷିଣ ଓ ଦକ୍ଷିଣଅଙ୍ଗ ବାମ ହୋଇଯାଏ । ଅନ୍ତର ଏକ କାରଣ ମଧ୍ୟ ଅଛି । ଏ ସନ୍ଧ୍ୟା ସମୟରେ ରାଜପଥରେ ବେଶ୍ୟା, ବିଟ, ଭୃତ୍ୟ ପୁଣି ରାଜାଙ୍କ ପ୍ରିୟପାତ୍ରମାନେ ବୁଲୁଥିବେ । ତେଣୁ ବେଙ୍ଗଲୋଭୀ କାଳସାପ ମୁହଁରେ ମୂଷା ପଡ଼ିଗଲା ପରି ମୁଁ ଯଦି ସେମାନଙ୍କ ସମ୍ମୁଖରେ ପଡ଼ିଯିବି, ତାହା ହେଲେ ମଲି । ତୁମେ ଏଇଠି ବସି କଅଣ କରିବ କି ?

ଚାରୁ—ଆଚ୍ଛା ହେଉ, ଟିକିଏ ବସ । ମୁଁ ସନ୍ଧ୍ୟା ଉପାସନା ସାରିଦିଏଁ ।

ନେପଥ୍ୟେ—

ରହିଯାଅ ବସନ୍ତସେନା, ରହିଯାଅ ।

(ବସନ୍ତସେନାଙ୍କର ପ୍ରବେଶ । ବିଟ, ଶକାର ଓ ଶକାରର ଭୃତ୍ୟ ତାଙ୍କୁ ଗୋଡ଼ାଉଥିଲେ) ।

ବିଟ—ବସନ୍ତସେନା, ରହିଯାଅ, ରହିଯାଅ । ତୁମେ ଭୟରେ ଧୀର ଗତି ଛାଡ଼ି, ନୃତ୍ୟ-ପଟୁ ପାଦ ଦୁଇଟିକୁ ଶୀଘ୍ର ଶୀଘ୍ର ପକାଇ, ଆଉ ଆମ ଉପରେ ଭୀତ-ଚଞ୍ଚଳ କଟାକ୍ଷ ନିକ୍ଷେପ କରି କାହିଁକି ପଳାଇ ଯାଉଛ ? ଯେପରି କି ବାଘ ଗୋଡ଼ାଇ ଥିଲେ ଅତିତ୍ରସ୍ତା ହରିଣୀ ପଳାଇ ଯାଉଥାଏ ।

ଶକାର—ରହି ଯା, ବସନ୍ତସେନା, ରହି ଯା । କାହିଁକି ପଡ଼ିଉଠି ଧାଇଁ ପଳେଇ ଯାଉଛୁ ? ଅଗୋ ସୁନ୍ଦରି ! ପ୍ରସନ୍ନ ହୋଇ ଯା; ମରଣର ଆଶଙ୍କା ଛାଡ଼ି ଦେ । ଟିକିଏ ରହି ଯା । ମୋ ହୃଦୟ ବିଚରା ଜଳନ୍ତା ନିଆଁ ଭିତରେ ମାଂସ ଖଣ୍ଡ ପରି କାମ-ବାସନାରେ ଜଳିଯାଉଛି ।

ଭୃତ୍ୟ – ଆଗୋ ଗଣିକା, ରହି ଯା ରହି ଯା । ଆଗୋ ବଡ଼ ଭଉଣୀ, ଖରାଦିନେ ମୟୂରୀ ଯେମିତି ପୁଚ୍ଛ ମେଲେଇ ଯାଉଥାଏ, ତମେ ଭୟରେ ସେଇମିତି ଯାଉଛ । ଅଉ, ବଣରେ ପଶିଥିବା କୁକୁଡ଼ାଛୁଆ ଭଳିଆ ମୋ ମାଲିକ ତମ ପଛେ ପଛେ ଧାଉଁଛନ୍ତି ।

ବିଟ—ବସନ୍ତସେନା, ରହିଯାଅ, ରହିଯାଅ । ଅଗ୍ରରେ ମନଃଶିଳା (ଲାଲପଥର) କୁ ବିଦାରଣ କଲେ ଯେପରି ଲାଲପଥର ଖଣ୍ଡମାନ ଟୁକୁଡ଼ିକ ପଡ଼ୁଥାଏ, ତୁମେ ସେହିପରି ପାଦପଦ୍ମଦ୍ୱାରା ରକ୍ତପଦ୍ମର କଳିମାନ ଅଙ୍କିତ କରି ଯାଉଛ । ତୁମର ପଣତ ପବନରେ ଉଡ଼ିବାରେ ଲାଗିଛି । ତୁମେ ଏପରି ଭାବରେ ଶିଶୁ କଦଳୀବୃକ୍ଷ ପରି ଥରି ଥରି, ଲୋହିତବସ୍ତ୍ର ପିନ୍ଧି କାହିଁକି ପଳାଇ ଯାଉଛ ?

ଶକାର—ରହିଯାଅ ଗୋ ବସନ୍ତସେନା, ମୋ କନ୍ଦର୍ପକୁ, କାମକୁ, ପୁଣି ମଦନକୁ ବଢ଼ାଇ, ରାତିରେ ଶେଯ ଉପରୁ ମୋ ନିଦକୁ ଛଡ଼ାଇ, ତୁ ଭୟରେ ପଡ଼ିଉଠି ପଳାଉଛୁ ? କୁନ୍ତୀ ଯେମିତି ରାବଣ ପାଲରେ ପଡ଼ିଥିଲା, ତୁ ସେମିତି ମୋ ପାଲରେ ପଡ଼ିଛୁ ।

ବିଟ—ବସନ୍ତସେନା, ତୁମେ ମୋ ଠାରୁ ଅଧିକ ବେଗରେ ପାଦ ପକାଇ ଗରୁଡ଼ ଭୟରେ ସର୍ପିଣୀ ଭଳି କାହିଁକି ପଳାଇ ଯାଉଛ ? ମୁଁ ଯଦି ଅଧିକ ବେଗରେ ଧାଇଁବି ତାହାହେଲେ ପବନକୁ ମଧ୍ୟ ବଳିଯିବି । କିନ୍ତୁ ଗୋ ସୁନ୍ଦରୀ, ମୁଁ ତୁମକୁ ଜବର୍ଦସ୍ତି ଅଟକାଇବାକୁ ଚାହେଁ ନାହିଁ ।

ଶକାର—(ବିଟକୁ ଲକ୍ଷ୍ୟ କରି) କୋବିଦେ, ମୁଁ ଏହାକୁ ଦଶଗୋଟି ନାମ ଦେଇଛି, ଯଥା—ଲଂପଟ-କାମନାଶିକା, ମତ୍ସ୍ୟପ୍ରିୟା, ନୃତ୍ୟଶିଳା, ବିନାଶିନୀ, ବଂଶନାଶିନୀ, କାହାରକୁହେଁ, କାମପେଟରା, ବେଶ୍ୟାବଧୂ, ଭୂଷଣ ପ୍ରିୟା, ବେଶ୍ୟାଶିରୋମଣି । ତଥାପି ଏ ମୋତେ ଇଚ୍ଛା କରୁନାହିଁ ।

ବିଟ— ବସନ୍ତସେନା, ମେଘଗର୍ଜନରେ ତ୍ରସ୍ତ ସାରସୀ ପରି ତୁମେ କାହିଁକି ଭୟରେ ପଳାଇ ଯାଉଛ ? କୁଣ୍ଡଳ ଘଷି ହୋଇ ତୁମ ଗଣ୍ଡ ସ୍ଥଳରେ ଚିହ୍ନ ପଡ଼ିଗଲାଣି, ଯେପରି କି ବିଟମାନଙ୍କ ନଖଦ୍ୱାରା ପାଷାଣରେ ଚିହ୍ନ ବସିଯାଇଥାଏ ।

ଶକାର—ଗୋ ବସନ୍ତସେନା, ନାନାରକମ ଅଳଙ୍କାର ଝଣ ଝଣ କରି, ବମ ଭୟରେ ଦୌଡ଼ି ପଳାଇଲା ପରି କାହିଁକି ପଳାଇ ଯାଉଛୁ ? ଯେମିତି ବିଶ୍ୱାବସୁର ଭଉଣୀ ସୁଭଦ୍ରାକୁ ହନୁମାନ୍ ହରଣ କରି ନେଇଥିଲା, ମୁଁ ସେମିତି ତୋତେ ହରଣ କରିନେବି ।

ଭୃତ୍ୟ—ଆଗୋ, ରାଜାଙ୍କ ଶଳାଙ୍କୁ ଖୁସି କର ଗୋ ! ବହୁତ ମାଛ ମାଂସ ଖାଇବାକୁ ପାଇବ । ଯାଙ୍କ ଘରେ ଏତେ ମାଛମାଂସ ଯେ କୁକୁରମାନେ ତାହା ଛାଡ଼ି ଶବ ଖାଇବାକୁ ଯାଆନ୍ତି ନାହିଁ ।

ବିଟ—ବସନ୍ତସେନା, କଟୀରେ ତାର ଭଳି ବିଚିତ୍ର ଅସ୍ତ୍ରାପୂରା ପିନ୍ଧି, ମୁଖରେ ମନଃଶିଳା ଚୂର୍ଣ୍ଣ ଲେପନ କରି ନଗରର ଦେବୀ ଭଳି ଦିଶୁଛ । ମାତ୍ର ପଳାଇଯାଉଛ କାହିଁକି ?

ଶକାର—ବଣରେ କୁକୁରମାନେ ଯେପରି ଶୃଗାଳୀକି ଗୋଡ଼ାନ୍ତି, ଆମେ ତୋତେ ସେମିତି ଗୋଡ଼ାଉଛୁଁ । ଆମର ଠାଣି ହୃଦୟକୁ ହରଣ କରି ଶୀଘ୍ର, ସହସା, ସତ୍ୱର କାହିଁକି ପଳାଇ ଯାଉଛୁ ?

ବସନ୍ତସେନା—ପଲ୍ଲବକ ! ପଲ୍ଲବକ ! ପରଭୃତିକା ! ପରଭୃତିକା !

ଶକାର—କୋଉଠେ, ମଣିଷ ! ମଣିଷ !!

ବିଟ—ଭୟ ନାହିଁ, ଭୟ ନାହିଁ ।

ବସନ୍ତ—ମାଧବକା ! ମାଧବକା !

ବିଟ—(ହସି) ମୂର୍ଖ, ସେ ନିଜର ଲୋକଙ୍କୁ ଖୋଜୁଛି ।

ଶକାର—କୋଉଦେ, କଅଣ ସ୍ତ୍ରୀ ଲୋକଙ୍କୁ ଖୋଜୁଛି ?

ବିଟ—ହଁ ।

ଶକାର—ମୁଁ ଶହ ଶହ ସ୍ତ୍ରୀଙ୍କୁ ମାରି ଦେଇ ପାରେ । ମୁଁ ବୀର ।

ବସନ୍ତ—(କେହି ଆସୁ ନ ଥିବାର ଦେଖି) ଉଃ ! କି ଦୁର୍ଭାଗ୍ୟ ! ଭୃତ୍ୟମାନେ କୁଆଡ଼େ ଗଲେ ? ବର୍ତ୍ତମାନ ନିଜକୁ ନିଜେ ରକ୍ଷା କରିବା ଉଚିତ ।

ବିଟ—ଖୋଜ, ଖୋଜ ।

ଶକାର—ଗୋ ବସନ୍ତସେନା, ପରଭୃତିକା, ପଲ୍ଲବକ କନ୍ୟା ସମଗ୍ର ବସନ୍ତମାସର ନାମ ଧରି କାନ୍ଦ । ମୁଁ ଗୋଡ଼େଇଛି । ତୋତେ କେହି ରକ୍ଷାକରି ପାରିବେ ନାହିଁ । ଭୀମସେନ, ନା ପରଶୁରାମ, ନା ଅର୍ଜୁନ, ନା ରାବଣ ତୋତେ ରକ୍ଷା କରି ପାରିବେ ? ଏଇକ୍ଷଣି ହାତରେ ତୋ କେଶଧରି ଦୁଃଶାସନର ଅନୁକରଣ କରିବ ।

ଦେଖ, ଦେଖ, ମୋ ଶାଣିଦିଆ ଖଣ୍ଡା, ତୋ ମୁଣ୍ଡଟି ମଧ୍ୟ ଅତି ନରମ । ତୋ ମୁଣ୍ଡ କାଟିଦେବି ନା ତୋତେ ମାରିଦେବି ? ପଳାଇଯିବା ବୃଥା । ଯାହାର ମରଣ ନିକଟରେ, ସେ କଦାପି ବଞ୍ଚି ନ ପାରେ ।

ବସନ୍ତ—ଆର୍ଯ୍ୟ, ମୁଁ ଅବଳା ।

ବିଟ—ସେଇଥି ପାଇଁ ତ ବଞ୍ଚିଛ ।

ଶକାର—ସେଇଥି ପାଇଁ ତ ତୋତେ ମାରୁନାହିଁ ।

ବସନ୍ତ—(ସ୍ୱଗତ) ଏମାନଙ୍କର ବିନୟ ମଧ୍ୟ କି ଭୟଙ୍କର ! ଆଚ୍ଛା, ହେଉ । ( ପ୍ରକାଶ୍ୟରେ ) ଆର୍ଯ୍ୟ, ଆପଣ ମୋଠାରୁ କିଛି ଅଳଙ୍କାର ଗୃହାନ୍ତୁ ?

ବିଟ—ରାମ୍ ! ରାମ୍ ! ଉଦ୍ୟାନଲତାରୁ ଫୁଲ ଛିଣ୍ଡାଇବା ଅନୁଚିତ । ଅଳଙ୍କାର ଦରକାର ନାହିଁ ।

ବସନ୍ତ—ତା' ହେଲେ ଆପଣ ମୋ ଠାରୁ କ'ଣ ଗୃହାନ୍ତୁ ?

ଶକାର—ମୁଁ ଦେବପୁରୁଷ, ନରନାରାୟଣ, ମୋତେ ଇଚ୍ଛାକର ।

ବସନ୍ତ—(ରାଗରେ) ବନ୍ଦକର ! ଦୂରକୁଯାଅ, ତୁମେ ଅନୁଚିତ କଥା କହୁଛ ।

ଶକାର—(ତାଳି ମାରି ହସି) ଦେଖବେ, ଏ ବେଶ୍ୟାବାଳା ମୋ ପ୍ରତି ମନେ ମନେ ଭାରି ଖୁସି । ତେଣୁ କହୁଛି—"ବନ୍ଦକର" । କାରଣ, ମୁଁ ଥକିଗଲିଣି । ଆରେ! ଶଳା, ମୁଁ ଅନ୍ୟ କୌଣସି ଗାଁକୁ ଯାଇନାହିଁ କି ନଗରକୁ ଯାଇନାହିଁ ! ମୁଁ ମୋ ପାଦରେ ପୂଜ୍ୟ ବିଟଙ୍କ ମୁଣ୍ଡଛୁଇଁ ଶପଥ କରୁଛି – କେବଳ ତୋର ପଛରେ ଗୋଡ଼ାଇ ଗୋଡ଼ାଇ ମୁଁ ଥକିଗଲିଣି ।

ବିଟ—(ସ୍ୱଗତ) ବାଃ ! ସେ 'ବନ୍ଦକର' କେଉଁ ଅର୍ଥରେ କହିଲା, ଏ ମୂର୍ଖ ତାହାକୁ କେଉଁ ଅର୍ଥରେ ବୁଝିଲା ! ( ପ୍ରକାଶ୍ୟରେ ) ବସନ୍ତସେନା, ତୁମେ ଯାହା କହୁଛ, ତାହା ବେଶ୍ୟାଳୟର ବିରୋଧୀ ।

ମନେରଖ, ବେଶ୍ୟାଳୟ ଯେ କୌଣସି ଯୁବକ ପାଇଁ ଉନ୍ମୁକ୍ତ । ତୁମେ ଗଣିକା, ବାଟରେ ବଢ଼ିଥିବା ଲତା ପରି ନିଜକୁ ବୁଝ । ତୁମେ ଯେଉଁ ଶରୀର ଧାରଣ କରିଛ, ତାହାକୁ ଯେ କୌଣସି ଲୋକ ଧନରେ କିଣିପାରେ । ତେଣୁ କି ପ୍ରିୟ, କି ଅପ୍ରିୟ, ସମସ୍ତଙ୍କ ପ୍ରତି ତୁମେ ସମାନ ଆଚରଣ କର । ଆଉ ମଧ୍ୟ—

ବିଦ୍ୱାନ୍ ବ୍ରାହ୍ମଣ ଯେଉଁ ପୋଖରୀରେ ସ୍ନାନ କରେ, ନୀଚ ମୂର୍ଖ ମଧ୍ୟ ସେଥିରେ ସ୍ନାନ କରେ । ଯେଉଁ ବିକଶିତ ଲତାକୁ ମୟୂର ନୁଆଇଁଦିଏ, ତାକୁ କୁଆ ମଧ୍ୟ ନୁଆଇଁ ଦିଏ । ଯେଉଁ ନୌକାରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ପାରି ହୁଅନ୍ତି, ସେଥିରେ ଶୂଦ୍ର ମଧ୍ୟ ପାରି ହୁଅନ୍ତି । ତୁମେ ପୁଷ୍କରିଣୀ, ଲତା ତଥା ନୌକା ସମାନ । ତେଣୁ ପ୍ରତ୍ୟେକଙ୍କୁ ସମାନ ଦୃଷ୍ଟିରେ ଦେଖ ।

ବସନ୍ତ—ଗୁଣହିଁ ଅନୁରାଗର କାରଣ, ବଳାତ୍କାର ନୁହେଁ ।

ଶକାର—କୋବଦେ, ଏ ଜନ୍ମଦାସୀ ବେଶ୍ୟା ସେଇ 'କାମଦେବାୟତନ' ଉଦ୍ୟାନରେ ଦରିଦ୍ର ଚାରୁଦତ୍ତଙ୍କୁ ଦେଖିଲା ଦିନୁ ତା'ରି ପ୍ରତି ଢଳି ଯାଇଛି, ମୋତେ ଚାହୁଁନାହିଁ । ହେଇ, ବାଁ ପାଖରେ ଚାରୁଦତ୍ତ ଘର । ଏ ଯେମିତି ତୁମ ହାତରୁ କି ମୋ ହାତରୁ ଖସି ନ ଯାଏ, ହେଇ ଉପାୟ କର ।

ବିଟ—( ସ୍ୱଗତ ) ଯାହା ନ କହିବା କଥା, ଏ ମୂର୍ଖ ତାହାହିଁ କହୁଛି । କ'ଣ ବସନ୍ତସେନା ଆର୍ଯ୍ୟ ଚାରୁଦତ୍ତଙ୍କ ପ୍ରତି ଅନୁରକ୍ତା ? "ରତ୍ନ ସହିତ ରତ୍ନର ସଂଯୋଗ ହୁଏ" ଏ କଥାଟି ଠିକ୍ । ତେବେ ତାହା ହିଁ ହେଉ । ଏ ମୂର୍ଖ ଦ୍ୱାରା ଲାଭ କଅଣ ? ( ପ୍ରକାଶ୍ୟରେ ) ହେ କାଣେଲୀପୁତ୍ର, ଚାରୁଦତ୍ତଙ୍କ ଘର କଅଣ ବାମ ପାଖରେ ?

ଶକାର —ହଁ, ବାଁ ପଟରେ ତା' ଘର ।

ବସନ୍ତ —( ସ୍ୱଗତ ) ସତେ ! ଦେବ ପ୍ରକୃତରେ ବାମ ପାଖରେ ତାଙ୍କ ଘର, ତା' ହେଲେ ଏ ଦୁଷ୍ଟ ଅପକାର କରୁ କରୁ ଉପକାର କଲା । ଯାହାଫଳରେ ପ୍ରିୟ ଚାରୁଦତ୍ତଙ୍କ ସହିତ ମୋର ମିଳନ ସମ୍ଭବ ହେବ ।

ଶକାର—କୋବଦେ ! କୋବଦେ ! ଘୋର ଅନ୍ଧକାରରେ ବସନ୍ତସେନା ଦେଖୁ ଦେଖୁ ଅଦୃଶ୍ୟ ହୋଇଗଲା ! ଯେମିତି କି ବଡ଼ଗଦା ଭିତରେ କାଳ ମୁଣ୍ଡାଟି ଲୁଚିଯାଏ !

ବିଟ —ଓହୋ ! କି ଘୋର ଅନ୍ଧକାର ! ମୋର ଖୁବ୍ ଦୃଷ୍ଟି ଶକ୍ତି ଥିଲେ ବି ଏ ଅନ୍ଧାର ଭିତରେ ତାହା ନଷ୍ଟ ହୋଇଯାଉଛି ; ମୁଁ ଚାହିଁଥିଲେ ମଧ୍ୟ ସତେ ଯେପରି ମୋ ଆଖି ବନ୍ଦ !

ଅନ୍ଧାର ସତେ ଯେପରି ଦେହରେ ଲେପି ହୋଇ ଯାଉଛି । ଆକାଶ ଯେମିତି ଅଞ୍ଜନ ବର୍ଷା କରୁଛି ! ଅସାଧୁ ବ୍ୟକ୍ତିର ସେବା ଯେପରି ନିଷ୍ଫଳ, ଦୃଷ୍ଟି ସେହିପରି ନିଷ୍ଫଳ ହୋଇଯାଉଛି ।

ଶକାର—କୋବଦେ ! କୋବଦେ ! ମୁଁ ବସନ୍ତସେନାକୁ ଖୋଜୁଛି ।

ବିଟ—ହେ କାଣେଲୀପୁତ୍ର, କିଛି ସଙ୍କେତ ଅଛି ଯା' ସାହାଯ୍ୟରେ ତାକୁ ଖୋଜୁଛ ?

ଶକାର—କୋବଦେ, କଅଣ ?

ବିଟ—ଅଳଙ୍କାର ଶବ୍ଦ କିମ୍ବା ଫୁଲର ସୁଗନ୍ଧ ।

ଶକାର—ମୋ ନାକରେ ଅନ୍ଧାର ପୂରିଥିଲେ ମୁଁ ବି ଭଲଭାବରେ ଫୁଲଗନ୍ଧକୁ ଶୁଣି ପାରୁଛି । କିନ୍ତୁ ଅଳଙ୍କାର ଶବ୍ଦକୁ ଦେଖି ପାରୁନାହିଁ ।

ବିଟ—(ଧୀର ସ୍ୱରରେ) ବସନ୍ତସେନା, ଗୋ ଭୀରୁ, ମେଘ ଭିତରେ ବିଜୁଳି ଯେପରି ଲୁଚିଯାଏ, ତୁମେ ସେହିପରି ଘୋର ଅନ୍ଧକାର ଭିତରେ ଲୁଚି ଯାଇଛ । କିନ୍ତୁ ମାଳାର ସୁଗନ୍ଧ ଏବଂ ନୂପୁରର ଶବ୍ଦ ତୁମର ସୂଚନା ଦେଇଦେବ । ଶୁଣିଲ ?

ବସନ୍ତ—(ସ୍ୱଗତ) ଶୁଣିଲି, ଅଭିପ୍ରାୟ ମଧ୍ୟ ବୁଝିଲି । (ଅଳଙ୍କାର ଓ ପୁଷ୍ପମାଳା ଦେହରୁ ବାହାର କରି, କିଛି ବାଟ ଯାଇ ଏବଂ ହାତରେ କାନ୍ଥ ଛୁଇଁ) ବାଃ ! ସ୍ପର୍ଶରୁ ଜଣା ପଡ଼ୁଛି, ଏହା ପାର୍ଶ୍ୱ ଦ୍ୱାର । ପୁଣି ଜଣାପଡ଼ୁଛି, ଏହା ବନ୍ଦ ଅଛି ।

× × ×

ଚାରୁଦତ୍ତ—ମିତ୍ର, ଜପ ସାରିଲି । ବର୍ତ୍ତମାନ ଯାଅ, ମାତୃଗଣଙ୍କୁ ପୂଜା-ତର୍ପଣ ଅର୍ପଣ କରି ଆସ ।

ବିଦୂ—ଆଜ୍ଞେ, ମୁଁ ଯିବିନାହିଁ ।

ଚାରୁ—ଓଃ ! କି ଦୁଃଖ ! ଦରିଦ୍ର ହେଲେ ବନ୍ଧୁବାନ୍ଧବ ବି କଥା ଶୁଣନ୍ତି ନାହିଁ । ଅନ୍ତରଙ୍ଗ ମିତ୍ର ମଧ୍ୟ ବିମୁଖ ହୋଇ ଯାଆନ୍ତି । ବିପଦ ଧାଡ଼ି ଦେବାରେ ଲାଗେ । ବଳ କ୍ଷୀଣ ହୋଇଯାଏ । ସ୍ୱଭାବ ରୂପୀ ଚନ୍ଦ୍ର କାନ୍ତିହୀନ ହୋଇଯାଏ । ଅନ୍ୟମାନେ ଯେଉଁ ଅପକର୍ମ କରନ୍ତି, ତାହା ସେହି ଦରିଦ୍ର କରିଛି ବୋଲି ସମ୍ଭାବନା କରାଯାଏ ।

ପୁଣି, ଦରିଦ୍ରର ସଙ୍ଗୀ ହେବାକୁ କେହି ଚାହେଁ ନାହିଁ । କେହି ତା' ସହିତ ଆଦରରେ ଆଳାପ କରେନାହିଁ । ଉତ୍ସବରେ ଧନୀଲୋକମାନଙ୍କ ଗୃହରେ ତାଙ୍କୁ ସମସ୍ତେ ଅବଜ୍ଞା-ଦୃଷ୍ଟିରେ ଦେଖନ୍ତି । ପରିଚ୍ଛଦ ଭଲ ନ ଥିବାରୁ ସେ ଧନୀମାନଙ୍କ ଠାରୁ ଦୂରରେ ଛିଡ଼ା ହୁଏ । ମନେହୁଏ, ଦରିଦ୍ରତା ପଞ୍ଚ ମହାପାତକରୁ ଭିନ୍ନ ଷଷ୍ଠ ମହାପାତକ ।

ବିଦୂ—( ଦୁଃଖିତ ହୋଇ ) ଯଦି ମୋତେ ଯିବାକୁ ପଡ଼ିବ, ତା' ହେଲେ ରଦନିକା ମଧ୍ୟ ମୋ ସହିତ ଚାଲୁ ।

ଚାରୁ—ରଦନିକା, ମୈତ୍ରେୟଙ୍କ ସହିତ ଯାଅ ।

ଦାସୀ—ଆପଣଙ୍କ ଆଜ୍ଞା ।

ବିଦୂ—ଗୋ ରଦନିକା, ପୂଜାଦ୍ରବ୍ୟ ଅଉ ପ୍ରଦୀପ ଧର । ମୁଁ ଦୁଆର ଖୋଲେଁ ।

ବସନ୍ତ—ମୋତେ ଗ୍ରହଣ କରିବାପାଇଁ ଯେପରି ଦୁଆର ଖୋଲା ହେଲା ! ତେବେ ପଶିଯାଏଁ ଭିତରକୁ । ( ଚାହିଁ ) ହାଃ ! ଦୁର୍ଭାଗ୍ୟ ! ଦୀପ ଜଳୁଛି ।

( ପଣତରେ ଦୀପ ଲିଭାଇଦେଇ ଭିତରକୁ ପଶିଗଲେ । )

ଚାରୁ—ମୈତ୍ରେୟ, କଅଣ ହେଲା ?

ବିଦୂ—ଦୁଆର ଖୋଲି ଦେଇଥିବାରୁ ଦମ୍କାଏ ପବନ ଆସି ଦୀପ ଲିଭାଇଦେଲା । ରଦନିକା, ତୁ ଏଇ ପାର୍ଶ୍ୱଦ୍ୱାରରେ ବାହାରକୁ ଚାଲିଯା । ମୁଁ ଭିତର ଘରୁ ଦୀପ ଜଳେଇ ଆସୁଛି । ( ଚାଲିଗଲେ )

× × × ×

ଶକାର—କୋବଦେ, କଉଣ ବସନ୍ତସେନାକୁ ଖୋଜିବ ?

ବିଟ—ଖୋଜ, ଖୋଜ ।

ଶକାର—( ଖୋଜି ବିଟକୁ ଧରି ) କୋବଦେ, କୋବଦେ, ଧରିଲି ! ଧରିଲି !

ବିଟ—ମୂର୍ଖ, ମୁଁ ପରା ?

ଶକାର—ଅଚ୍ଛା, ଅଚ୍ଛା, ତୁମେ ଗୋଟାଏ ଜାଗାରେ ଠିଆ ହୁଅ । ( ପୁଣି ଖୋଜି ଏବଂ ଭୃତ୍ୟକୁ ଧରି ) କୋବଦେ, ଧରିଲି ! ଧରିଲି !

ଭୃତ୍ୟ - ମାଲିକ ! ମୁଁ ଚେଟ ( ଭୃତ୍ୟ ) ପରା ?

ଶକାର—ଏଣେ ବିଟ, ତେଣେ ଚେଟ । ବିଟ ଚେଟ, ଚେଟ ବିଟ । ତୁମେ ଦୁଇଜଣ ଗୋଟାଏ ଜାଗାରେ ରୁହ । ( ପୁଣି ଖୋଜି ରଦନିକାର କେଶ ଧରି ) କୋବଦେ, ବର୍ତ୍ତମାନ ବସନ୍ତସେନାକୁ ଧରିଲି । ଅନ୍ଧାରରେ ପଳେଇ ଯାଉଥିଲି; ମାଳା ଗନ୍ଧରୁ ଜଣା ପଡ଼ିଗଲା । ଦୁଃଶାସନ ଯେମିତି ଦ୍ରୌପଦୀର କେଶ ଧରିଥିଲା , ମୁଁ ସେହିପରି ଏହାର କେଶ ଧରିଛି ।

ବିଟ—ବସନ୍ତସେନା, ତୁମେ ଯୌବନମଦରେ ଅର୍ଥ୍ୟ ଚାରୁଦତ୍ତଙ୍କ ନିକଟକୁ ଯାଉଥିଲ । ତେଣୁ ଏ ତୁମର ସୁବାସିତ କେଶମାନ କେଶ ଧରି ଟାଣିଲା ।

ଶକାର—ଗୋ ବାଳା, ହେଇ ତୋ ମୁଣ୍ଡକୁ ଧରିଲି । ପୁଣି ତୋ ବାଳକୁ ଧରିଲି । ବର୍ତ୍ତମାନ ତୁ ଗାଳି ଦେ, କି କନ୍ଦାକର, କି ଶିବଙ୍କୁ, କି ଶଙ୍କରଙ୍କୁ, କି ଶମ୍ଭୁଙ୍କୁ, ମନଇଚ୍ଛା ଡାକ ।

ରଦନିକା—( ଭୟରେ ) ସଭ୍ୟ ଲୋକ କଅଣ ଏଇପରି ବ୍ୟବହାର କରନ୍ତି ?

ବିଟ—ହେ କାଣେଲୀପୁତ୍ର, ଏ ତ ଆଉ କାହାର ସ୍ୱର ଭଳି ଜଣାପଡ଼ୁଛି !

ଶକାର—କୋଇଦେ, ଦହି-ସର-ଲୋଭରେ ବିଲେଇ ଯେମିତି ସ୍ୱର ବଦଳେଇ ଦିଏ, ଏ ଦୁଷ୍ଟା ସେଇପରି ସ୍ୱର ବଦଳେଇ ଦେଉଛି ।

ବିଟ—କ'ଣ ସ୍ୱର ପରିବର୍ତ୍ତନ କରିଦେଲ ? ବଡ଼ ଅଦ୍ଭୁତ ! ଅବା ଏଥିରେ ଆଶ୍ଚର୍ଯ୍ୟ କଅଣ ?

ରଙ୍ଗଶାଳାକୁ ଯାଇ, ନୃତ୍ୟ ଗୀତ ଆଦି କଳା ଶିକ୍ଷା କରି, ପ୍ରତାରଣା କରିବାରେ ଏ ଖୁବ୍ ଦକ୍ଷ ହୋଇଛି । ତେଣୁ ସ୍ୱର ପରିବର୍ତ୍ତନ କରିବା ବି ଶିଖି ନେଇଛି ।

ବିଦୂ—(ପ୍ରବେଶ କରି) ଆରେ ବାଃ ! ମୃତକାଠରେ ବନ୍ଧା ମେଣ୍ଢାର ହୃଦୟ ଭଳି ଏ ଦୀପ ପବନରେ ଧୁକ୍‌ଧୁକ୍ ହେଉଛି । ( ନିକଟକୁ ଆସି ଏବଂ ରଦନିକାକୁ ଦେଖି ) ଆଗୋ ରଦନିକା.........!

ଶକାର—କୋଇଦେ, ମଣିଷ ! ମଣିଷ !

ବିଦୂ—ଏ କଅଣ ? ଆର୍ଯ୍ୟ ଚାରୁଦତ୍ତ ଦରିଦ୍ର ହୋଇଗଲେ ବୋଲି ବର୍ତ୍ତମାନ ତାଙ୍କ ଘରେ ଯେ ଇଚ୍ଛା ସେ ପଶିବ ? ଏ ତ ବଡ଼ ଅନୁଚିତ କଥା ! ବଡ଼ ଅସୁନ୍ଦର କଥା !

ରଦ—ଆର୍ଯ୍ୟ ମୈତ୍ରେୟ, ମୋତେ କିପରି ଅପମାନ ମିଳୁଛି, ଦେଖ ।

ବିଦୂ – ଅପମାନ ! ତୋତେ ନା ଆମକୁ ?

ରଦନିକା – ହଁ, ଆପଣମାନଙ୍କୁ ।

ବିଦୂ – କଅଣ ବଳାତ୍କାର ?

ରଦ – ହଁ ହଁ ।

ବିଦୂ – ସତ୍ୟ ?

ରଦ – ସତ୍ୟ ?

ବିଦୂ—( କ୍ରୋଧରେ କାଠବାଡ଼ି ଉଠାଇ ) ସେଭଳି କହନାହିଁ । ନିଜ ଘରେ କୁକୁର ମଧ୍ୟ ପ୍ରତାପୀ । ମୁଁ ତ ବ୍ରାହ୍ମଣ । ଆମ ଭଳି ଲୋକଙ୍କ ଭାଗ୍ୟ ଯେମିତି ବଙ୍କା, ସେମିତି ବଙ୍କା ଏଇ କାଠ-ବାଡ଼ିରେ ଦୁଷ୍ଟମାନଙ୍କ ମୁଣ୍ଡକୁ ଶୁଖିଲା ବାଉଁଶକୁ କୁଟିଲା ପରି କୁଟିଦେବି ।

ବିଟ—ମହାବ୍ରାହ୍ମଣ ! କ୍ଷମାକର, କ୍ଷମାକର ।

ବିଦୂ—( ବିଟକୁ ଦେଖି ) ଏହାର ଦୋଷନାହିଁ । ( ଶକାରକୁ ଦେଖି ) ଏଇ ହିଁ ଦୋଷୀ । ଆରେ ରେ ରଜାଙ୍କ ଶଳା, ସଂସ୍ଥାନକ, ଦୁଷ୍ଟ, ଦୁର୍ଜନ । ଏହା କଅଣ ଉଚିତ ? ଆର୍ଯ୍ୟ ଚାରୁଦତ୍ତ ଦରିଦ୍ର ହୋଇଗଲେ ବୋଲି କ'ଣ ତାଙ୍କ ଗୁଣରେ ଉଜ୍ଜୟିନୀ ଭୂଷିତା ନୁହେଁ ? ତୁ ତାଙ୍କ ଘରେ ପଶି ତାଙ୍କର ପରିଜନଙ୍କ ପ୍ରତି ଏପରି ଅତ୍ୟାଚାର କରୁଛୁ ? ଦେଖ—

ଦରିଦ୍ର ବୋଲି କାହାରି ଅନାଦର କରିବା ଉଚିତ ନୁହେଁ । କାରଣ, ଯମରାଜାଙ୍କ ପାଖରେ ଦରିଦ୍ରତା ପାଇଁ କେହି ଦଣ୍ଡ ପାଏ ନାହିଁ । ବରଂ ଧନୀ ଯଦି ଦୁଷ୍ଟଚିତ୍ତ ହୋଇଥାଏ, ସେ ହିଁ ଦଣ୍ଡ ଭୋଗ କରେ ।

ବିଟ—( ଦୁଃଖିତ ହୋଇ ) ମହାବ୍ରାହ୍ମଣ, କ୍ଷମାକର , କ୍ଷମାକର । ଅନ୍ୟ ଲୋକ ଭାବି ଏପରି କରି ପକାଇଲୁଁ , ଗର୍ବ ଯୋଗୁ ନୁହେଁ । ଦେଖନ୍ତୁ—ଆମେ ଏକ କାମିନୀକୁ ଖୋଜୁଥିଲୁଁ—

ବିଦୂ—କଅଣ ଏଇଆକୁ ?

ବିଟ—ରାମ ରାମ ! ଏକ ଗଣିକାକୁ । ସେ କୁଆଡ଼େ ଲୁଚିଗଲା । ତା'ର ଭ୍ରମରେ ଆର୍ଯ୍ୟାଙ୍କ ପ୍ରତି ସଦାଚାରର ବ୍ୟତିକ୍ରମ ହୋଇଗଲା । ବର୍ତ୍ତମାନ ବିନୟ ଗ୍ରହଣ କରନ୍ତୁ । ( ଖଣ୍ଡାରଖି ହାତ ଯୋଡ଼ି ପାଦ ତଳେ ପଡ଼ିଲା । )

ବିଦୂ—ସଜ୍ଜନ, ଉଠ ଉଠ । ମୁଁ ନ ଜାଣି ତୁମକୁ ତିରସ୍କାର କଲି । ବର୍ତ୍ତମାନ ଜାଣି କରି କ୍ଷମା ମାଗୁଛି ।

ବିଟ--ନା ନା, ଆପଣଙ୍କୁ ମୋର କ୍ଷମା ମାଗିବାର କଥା । ତେବେ ଉଠିବି ଏକ ସର୍ତ୍ତ ରଖିଲେ—

ବିଦୂ—କୁହ ।

ବିଟ—ଏ କଥା ଆର୍ଯ୍ୟ ଚାରୁଦତ୍ତଙ୍କୁ କହିବେ ନାହିଁ ।

ବିଦୂ—କହିବି ନାହିଁ ।

ବିଟ—ହେ ବ୍ରାହ୍ମଣ, ଆମ୍ଭେମାନେ ଶସ୍ତ୍ରଧାରୀ ହେଲେ ମଧ୍ୟ ଆପଣମାନେ ଗୁଣ-ଶସ୍ତ୍ରରେ ଆମକୁ ଜିଣି ନେଇଛନ୍ତି ।

ଶକାର—( ଈର୍ଷାରେ ) ଭୋଳବଦେ, କାହିଁକି ବିନୟରେ ହାତଯୋଡ଼ି ଏ ଦୁଷ୍ଟ ବ୍ରାହ୍ମଣର ପାଦତଳେ ପଡ଼ିଲ ?

ବିଟ—ଭୟରେ ।

ଶକାର—କାହାକୁ ଭୟ ?

ବିଟ—ଚାରୁଦତ୍ତଙ୍କ ଗୁଣକୁ ।

ଶକାର—କଅଣ ତାଙ୍କ ଗୁଣ ? ଯାହା ଘରକୁ ପଶିଗଲେ ଗଣ୍ଡେ ଖାଇବାକୁ ମଧ୍ୟ ମିଳେନା !

ବିଟ—ସେପରି କହ ନାହିଁ । ସେ ମୋ'ଭଳି ପ୍ରାର୍ଥୀମାନଙ୍କୁ ଧନ ଦାନକରି ଦରିଦ୍ର ହୋଇ ଯାଇଛନ୍ତି । ସେ କାହାରିକୁ ନିରାଶ କରି ନାହାନ୍ତି । ଗ୍ରୀଷ୍ମକାଳରେ ଜଳପୂର୍ଣ୍ଣ ହ୍ରଦ ଯେପରି ଲୋକମାନଙ୍କର ତୃଷା ଦୂର କରି କରି ଶୁଖିଯାଏ, ସେହିପରି ସେ ଲୋକମାନଙ୍କର ତୃଷ୍ଣା ଦୂର କରି କରି ଦରିଦ୍ର ହୋଇ ଯାଇଛନ୍ତି ।

ଶକାର—( ରାଗରେ ) କିଏ ସେ ଅଧମ ସନ୍ତାନ ? ସେ କଅଣ ପରାକ୍ରମୀ ବୀର ଅର୍ଜ୍ଜୁନ ? ନା ରାଧାଙ୍କ ପୁତ୍ର ଶ୍ୱେତକେତୁ ? ନା ଇନ୍ଦ୍ରର ପୁଅ ରାବଣ ? ନା ରାମଙ୍କ ଔରସରେ କୁନ୍ତୀର ପୁଅ ଅଶ୍ୱତ୍ଥାମା ? ନା ସୂର୍ଯ୍ୟଙ୍କ ପୁଅ ଜଟାୟୁ ?

ବିଟ—ମୂର୍ଖ, ସେ ହେଉଛନ୍ତି ଆର୍ଯ୍ୟ ଚାରୁଦତ୍ତ, ଯେ କି ଦରିଦ୍ରମାନଙ୍କର ବାଞ୍ଛା-କଳ୍ପ-ତରୁ, ଗୁଣଗଣରେ ବିନମ୍ର, ସଜ୍ଜନମାନଙ୍କର ପୃଷ୍ଠପୋଷକ, ଶିକ୍ଷିତମାନଙ୍କର ଆଦର୍ଶ, ସଚ୍ଚରିତ୍ରମାନଙ୍କର କଷଟି, ଚରିତ୍ରରୂପୀ କୂଳକୁ ଲଙ୍ଘନ ନ କରିବାରେ ସମୁଦ୍ର, ପରୋପକାରୀ, କାହାରିକୁ ଅବଜ୍ଞା ନ କରିବା ଲୋକ, ମାନବିକ ଗୁଣର ଆଧାର, ସରଳ ପୁଣି ଉଦାର । ଏଇଭଳି ନାନା ଗୁଣଯୁକ୍ତ ଚାରୁଦତ୍ତଙ୍କ ଜୀବନହିଁ ଜୀବନ; ଅନ୍ୟମାନେ କେବଳ ବଞ୍ଚି ରହିଛନ୍ତି ମାତ୍ର । ଏଣୁ ମୁଁ ଏଠାରୁ ଚାଲିଯାଉଛି ।

ଶକାର—ବସନ୍ତସେନାକୁ ନ ନେଇ ?

ବିଟ—ବସନ୍ତସେନା ତ କୁଆଡ଼େ ଲୁଚିଗଲାଣି ।

ଶକାର—କିପରି ?

ବିଟ—ଯେପରି ଅନ୍ଧର ଦୃଷ୍ଟି, ରୋଗୀର ପୁଷ୍ଟି, ମୂର୍ଖର ବୁଦ୍ଧି, ଅଳସୁଆର ସିଦ୍ଧି, ଇନ୍ଦ୍ରିୟ ବିଳାସୀର ବିଦ୍ୟା ଏବଂ ଶତ୍ରୁ ପ୍ରତି ଶ୍ରଦ୍ଧା ଉଭେଇ ଯାଏ, ସେ ସେହିପରି ତୁମକୁ ଦେଖି ଅଦୃଶ୍ୟ ହୋଇଗଲାଣି ।

ଶକାର—ବସନ୍ତସେନାକୁ ନ ନେଇ ଯିବ ନାହିଁ ।

ବିଟ—ତୁମେ ଏତିକ ମଧ୍ୟ ବୁଝି ନାହିଁ ? ହାତୀକୁ ସ୍ତମ୍ଭରେ ବାନ୍ଧି ବଶ କରାଯାଏ, ଘୋଡ଼ାକୁ ଲଗାମ ଦ୍ୱାରା ବଶ କରାଯାଏ । କିନ୍ତୁ ସ୍ତ୍ରୀକୁ ତା'ର ହୃଦୟକୁ ଜିଣି ବଶ କରାଯାଏ । ତୁମେ ଯଦି ତା'ର ହୃଦୟକୁ ନ ଜିଣିଲ, ତେବେ ଚଲାଅ ।

ଶକାର—ତୁମେ ଯଦି ଯିବ, ଯାଅ ; ମୁଁ କିନ୍ତୁ ଯିବ ନାହିଁ ।

ବିଟ—ବେଶ୍, ମୁଁ ଯାଉଛି । ( ପ୍ରସ୍ଥାନ )

ଶକାର—ଚାଲିଗଲା ବୋଧେ । ( ବିଦୂଷକ ପ୍ରତି ) ଆରେ ଦୁଷ୍ଟ ବ୍ରାହ୍ମଣ, ତୋ ମୁଣ୍ଡ ତ କୁଆ ଗୋଡ଼ ଭଳିଆ ! ବସ, ବସ ।

ବିଦୂ—ଆମକୁ ତ ବସେଇ ଦେଇଛନ୍ତି ।

ଶକାର—କିଏ ?

ବିଦୂ—ଦୈବ ।

ଶକାର—ଉଠ, ଉଠ ।

ବିଦୂ—ଉଠିବୁଁ ।

ଶକାର—କେବେ ?

ବିଦୂ—ଯେତେବେଳେ ଦୈବ ପୁଣି ଅନୁକୂଳ ହେବ ।

ଶକାର—ଆରେ, କାନ୍ଦ, କାନ୍ଦ ।

ବିଦୂ—ଆମକୁ ତ କନ୍ଦାଇ ଦେଉଛୁ ।

ଶକାର—କିଏ ?

ବିଦୂ—ଦୁଃଖ ।

ଶକାର—ଆରେ, ହସ, ହସ ।

ବିଦୂ—ହସିବୁଁ ।

ଶକାର—କେବେ ?

ବିଦୂ—ପୁଣି ଆର୍ଯ୍ୟ ଚାରୁଦତ୍ତଙ୍କ ସମୃଦ୍ଧି ସମସ୍ତ ଆସିଲେ ।

ଶକାର—ଆରେ ଦୁଷ୍ଟ ବ୍ରାହ୍ମଣ, ମୋର ଏହି କଥା ସେହି ଦରିଦ୍ର ଚାରୁଦତ୍ତକୁ କହିବୁ—"ସୁବର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତା, ନବୀନ ନାଟକର ନଟୀ ସମାନ, ଗଣିକା ବସନ୍ତସେନା 'କାମଦେବାୟତନ' ଉଦ୍ୟାନରେ ତୁମକୁ ଦେଖିଲାଦିନୁ ତୁମଠାରେ ଅନୁରକ୍ତା । ମୁଁ ତାକୁ ବଳାତ୍କାରରେ ଅନୁରୋଧ କଲେ ମଧ ସେ ତୁମ ଘରକୁ ଚାଲିଗଲା । ତୁମେ ଯଦି ନିଜେ ତାକୁ ମୋ ହାତରେ ଅର୍ପଣ କରିଦେବ, ତେବେ ବିଚାରାଳୟରେ ବିନା ଅଭିଯୋଗରେ ତୁମର ମୋର ଦୃଢ଼ ବନ୍ଧୁତା ହୋଇଯିବ । ଯଦି ନ ଦେବ, ତେବେ ମରଣ ପର୍ଯ୍ୟନ୍ତ ଶତ୍ରୁତା ଲାଗି ରହିବ ।" ଆଉମଧ କହିବୁ—

"ଯେଉଁ କଖାରୁର ଉପରେ ଗୋବର ଲିପା ହୋଇଥାଏ, ସେ କଖାରୁ, ଶୁଖିଲା ଶାଗ, ଭଜା ମାଂସ, ଆଉ ହେମନ୍ତ ରାତିରେ ରନ୍ଧାଭାତ, ଏ ସବୁ ବହୁତ ସମୟ ବିତିଗଲେ ବି ଖରାପ ହୁଏ ନାହିଁ ।"

ମୋର ଅନୁକୂଳ ଭାବରେ କହିବୁ, ଶୀଘ୍ର କହିବୁ । ଏପରି କହିବୁ ଯେ ମୁଁ ମୋ ଅଟ୍ଟାଳିକାର ନୂଆ କପୋତପାଳିକା ଉପରେ ବସି ଶୁଣିବି । ଯଦି ନ କହିବୁ, ତେବେ କବାଟ ସନ୍ଧିରେ ପଶିଥିବା କଇଁଥ ଭଳିଆ ତୋ ମୁଣ୍ଡକୁ ମଡ଼ ମଡ଼ କରି ଭାଙ୍ଗିଦେବି ।

ବିଦୂ—କହିବି ।

ଶକାର—( ଆଡ଼କରି ) ଚେଟ, କୋବିଦ କଅଣ ପ୍ରକୃତରେ ଚାଲିଗଲା ?

ଚେଟ—ହଁ ।

ଶକାର—ତେବେ ଆମେ ଶୀଘ୍ର ଚାଲିଯିବା ।

ଚେଟ—ଆପଣ ଏଇ ଖଣ୍ଡା ଧରନ୍ତୁ ।

ଶକାର—ତୋ ହାତରେ ଥାଉ ।

ଚେଟ—ମାଲିକଙ୍କ ଖଣ୍ଡା, ମାଲିକଙ୍କ ହାତରେ ରହୁ ।

ଶକାର—( ଓଲଟା ଧରି ) ଏଇ ନିର୍ମଳ, ମୂଳାରଙ୍ଗିଆ ଖଣ୍ଡାକୁ ଖୋଳରେ ରଖି, କାନ୍ଧରେ ପକାଇ ଘରକୁ ପଳାଇବା, ଯେପରି କୁକୁର କୁକୁରୀମାନେ ଭୁକି ଗୋଡ଼ାଇଲେ ବିଲୁଆ ତା ଗାତକୁ ପଳାଏ ! ( ବୁଲି ବୁଲି ଦୁହିଁେ ଚାଲିଗଲେ )

ବିଦୂ—ରଦନିକା, ତୋର ଏ ଅପମାନ ଆର୍ଯ୍ୟ ଚାରୁଦତ୍ତଙ୍କୁ କହିବୁ ନାହିଁ । କାରଣ, ସେ ତ ସହଜେ ଦାରିଦ୍ର୍ୟରେ ଦୁଃଖୀ, ଏକଥା ତାଙ୍କୁ ଦ୍ୱିଗୁଣ ଦୁଃଖୀ କରିବ ।

ରଦ—ଆର୍ଯ୍ୟ ମୈତ୍ରେୟ, ମୁଁ ରଦନିକା ଟି, ଯେ କି ସଂଯତ ଭାବରେ କଥା କହିଜାଣେ ।

ବିଦୂ—ତାହା ଠିକ୍ ।

×          ×          ×

ଚାରୁ—( ବସନ୍ତସେନା ପ୍ରତି ) ରଦନିକା, ସନ୍ଧ୍ୟା ସମୟର ଶୀତ-ବାୟୁରେ ରୋହସେନ କଷ୍ଟ ପାଇଲାଣି । ତେଣୁ ଏଇ ଚାଦର ଖଣ୍ଡିକ ଭିତରକୁ ନେଇ ତାକୁ ଘୋଡ଼େଇ ଦିଅ । ( ଉତ୍ତରୀୟ ଦେଲେ ) ।

ବସନ୍ତ—( ସ୍ୱଗତ ) କ'ଣ ମୋତେ ନିଜର ଦାସୀ ବୋଲି ଭାବି ନେଇଛନ୍ତି ! ( ଚାଦର ନେଇ, ଶୁଙ୍ଘି, ଆନନ୍ଦରେ ସ୍ୱଗତ ) ବାଃ ! ଜାଈ ଫୁଲରେ ସୁବାସିତ ଚାଦର ! ଏହାଙ୍କ ଯୌବନ ବର୍ତ୍ତମାନ ବାସନାପୂର୍ଣ୍ଣ ବୋଲି ଜଣାପଡ଼ୁଛି ।

ଚାରୁ—ରଦନିକା, ଭିତରକୁ ଯାଅ ।

ବସନ୍ତ—( ସ୍ୱଗତ ) ଅନ୍ତଃପୁରକୁ ପ୍ରବେଶ କରିବାର ସୌଭାଗ୍ୟ ମୋର କାହିଁ ?

ଚାରୁ—ରଦନିକା, କଅଣ ଉତ୍ତର ବି ଦେଉନାହଁ ? ଓହୋ ! ବିଧି-ବିଧାନରେ ମନୁଷ୍ୟ ଯେତେବେଳେ ଦରିଦ୍ର ହୋଇଯାଏ, ସେତେବେଳେ ତାର ମିତ୍ରମାନେ ବି ଶତ୍ରୁ ହୋଇ ଯାଆନ୍ତି । ଏପରି କି ବହୁକାଳରୁ ଅନୁରକ୍ତଥିବା ଲୋକମାନେ ମଧ୍ୟ ତା' ପ୍ରତି ବିମୁଖ ହୁଅନ୍ତି ।

ବିଦୂଷକ—(ରଦନିକା ନିକଟକୁ ଯାଇ) ଆହେ, ରଦନିକା ତ ଇଏ ନୁହେଁ !

ଚାରୁ—ସେ ତ ରଦନିକା । ଆଉ ଏ ସ୍ତ୍ରୀ କିଏ ? ମୁଁ ନଜାଣି ଏହାଙ୍କ ଉପରକୁ ଚାଦର ଫିଙ୍ଗିଦେଲି, ତା' ଦ୍ୱାରା ଏ କଷ୍ଟ ପାଇଲେ ।

ବସନ୍ତ—( ସ୍ୱଗତ ) ମୁଁ ଯେ ତା' ଦ୍ୱାରା ଭୂଷିତ ହୋଇଛି !

ଚାରୁ—ଶରତ୍‌କାଳୀନ ମେଘରେ ଆଚ୍ଛାଦିତ ଚନ୍ଦ୍ରଲେଖା ପରି ଏ ଶୋଭା ପାଉଛନ୍ତି । ଆରେ ! ପରସ୍ତ୍ରୀଙ୍କୁ ଚାହିଁବା ଯେ ଅନୁଚିତ ।

ବିଦୂ—(ନିରୀକ୍ଷଣ କରି) ଆହେ, ପରସ୍ତ୍ରୀ-ଶଙ୍କା ଛାଡ଼ନ୍ତୁ । ଏ ହେଉଛନ୍ତି ବସନ୍ତସେନା, 'କାମଦେବାୟତନ' ଉଦ୍ୟାନରୁ ତୁମ ପ୍ରତି ଅନୁରକ୍ତା ।

ଚାରୁ—କିଏ ? ବସନ୍ତସେନା ? ଏହାଙ୍କୁ ପାଇବା ପାଇଁ ମୋର କାମନା ମୋ ନିଜ ଦେହରେ ହିଁ ବିଲୀନ ହେଉଛି, ଯେପରି କି ଅଯୋଗ୍ୟ ବ୍ୟକ୍ତିର କ୍ରୋଧ ତା ନିଜ ଦେହରେ ବିଲୀନ ହୁଏ । କାରଣ ମୁଁ ଦରିଦ୍ର ।

ବିଦୂ—ମିତ୍ର, ରାଜାଙ୍କ ଶଳା କହୁଛି ଯେ—

ଚାରୁ—କଅଣ ?

ବିଦୂ—(ଶକାର ଯେଉଁ ଯେଉଁ-କଥାମାନ କହିଥିଲା, ସେ ସମସ୍ତ କହିଲେ )

ଚାରୁ—(ଅବଜ୍ଞାର ସହ) ମୂର୍ଖ ସେ । (ସ୍ୱଗତ) ଆହା ! କେମିତି ଦେଖା ଭଳି ସୁବର୍ଣ୍ଣ ଟି ! ଏଇ ଅଳ୍ପ ସମୟ ତଳେ 'ଘରକୁ ଯାଅ' ବୋଲି କହିଲି, କିନ୍ତୁ ମୋର ଦୁର୍ଦ୍ଦଶା ଦେଖି ଭିତରକୁ ଗଲ ନାହିଁ । କଥା କହିବାରେ ଯଦ୍ୟପି ଚତୁର, ତଥାପି ପୁରୁଷଙ୍କ ସମକ୍ଷରେ ଧୃଷ୍ଟତାର ସହିତ କହୁନାହିଁ ।

(ପ୍ରକାଶ୍ୟରେ) ଆର୍ଯ୍ୟା ବସନ୍ତସେନା, ମୁଁ ଭୁଲ୍‌ରେ ତୁମକୁ ଦାସୀ ବୋଲି ମନେକରି ଯେଉଁ ବ୍ୟବହାର କଲି, ସେଥିପାଇଁ ମୁଁ ଅପରାଧୀ । ଏଣୁ ମୁଁ ନମ୍ରତାର ସହିତ ଅନୁନୟ କରୁଛି ।

ବସନ୍ତ—ମୁଁ ଅଯୋଗ୍ୟା, ଆପଣଙ୍କ ଘରକୁ ପଶି ଆସିଥିବାରୁ ଅପରାଧିନୀ । ଏଣୁ ପ୍ରଣତିପୂର୍ବକ କ୍ଷମା ମାଗୁଛି ।

ବିଦୂ—ବାଃ ! ଦୁଇଜଣ ମହାକ୍ଷେତ୍ରରେ ପରସ୍ପରଙ୍କୁ ପ୍ରଣାମ କରୁଛନ୍ତି । ଧାନ ଆଉ ଧାନକିଆରୀ ମିଳିଗଲା ଭଳି ପରସ୍ପରର ମସ୍ତକ ମିଳିତ ହୋଇ ଯାଉଛି । ମୁଁ ମଧ୍ୟ ଓଟକୁଆର ଜଙ୍ଘ ପରି ତିପଖାଲ ମୁଣ୍ଡ ଲଗାଇ ଆପଣମାନଙ୍କୁ ପ୍ରଣାମ କରୁଛି । (ଉଠିଲେ)

ଚାରୁ—ଆଉ, ଆଉ ।

ବସନ୍ତ—(ସ୍ୱଗତ) ଏହାଙ୍କ କଥା କେଡ଼େ ମଧୁର, ଆଉ ଚତୁରତା-ପୂର୍ଣ୍ଣ ! ଆଜି ଏପରି ଭାବରେ ଆସି ଏଠାରେ ମୋର ରହିବା ଉଚିତ ନୁହେଁ । (ପ୍ରକାଶ୍ୟରେ) ଆର୍ଯ୍ୟ, ଯଦି ଆପଣ ମୋ ପ୍ରତି ଅନୁଗ୍ରହ ଦେଖାଉଛନ୍ତି, ତେବେ ଏହି ଅଳଙ୍କାରଗୁଡ଼ିକୁ ଆପଣଙ୍କ ଘରେ 'ଜମା' ରଖିବାକୁ ମୁଁ ଇଚ୍ଛା କରେ । କାରଣ, ଏଇ ଅଳଙ୍କାର ପାଇଁ ପାପୀ ଲୋକଗୁଡ଼ାକ ମୋ ପଛେ ପଛେ ଗୋଡ଼ାଉଛନ୍ତି ।

ଚାରୁ—ଏ ଘର 'ଜମା' ରଖିବାର ଯୋଗ୍ୟ ନୁହେଁ ।

ବସନ୍ତ—ଆର୍ଯ୍ୟ, ମିଛ କଥା । ଯୋଗ୍ୟ ଲୋକ ପାଖରେ 'ଜମା' ରଖାଯାଏ, ଯୋଗ୍ୟଘରେ ନୁହେଁ ।

ଚାରୁ—ମୈତ୍ରେୟ, ଏ ଅଳଙ୍କାରକୁ ନିଅ ।

ବସନ୍ତ — ଅନୁଗୃହୀତ ହେଲି । (ଅଳଙ୍କାର ଦେଲା )

ବିଦୂ — (ନେଇ) ଶ୍ରୀମନ୍ତଙ୍କର ମଙ୍ଗଳ ହେଉ ।

ଚାରୁ — ମୂର୍ଖ, ଏ ସବୁ ତାଙ୍କର 'ଜମା' ଧନ ।

ବିଦୂ — (ଆଡ଼କରି) ଯଦି ଏପରି, ତା' ହେଲେ ଏହାକୁ ଚୋର ନେଉ ।

ଚାରୁ — ଅତିଶୀଘ୍ର······

ବିଦୂ — ଆମର ହୋଇଯିବ ?

ଚାରୁ — ନା, ଫେରାଇ ଦେବାକୁ ପଡ଼ିବ ।

ବସନ୍ତ — ଆର୍ଯ୍ୟ, ମୈତ୍ରେୟଙ୍କ ସଙ୍ଗରେ ମୁଁ ମୋ ଘରକୁ ଯିବାକୁ ଚାହେଁ ।

ଚାରୁ — ମୈତ୍ରେୟ, ସଙ୍ଗରେ ଯାଅ ।

ବିଦୂ — ତୁମେ କଳହଂସଗାମିନୀଙ୍କ ସଙ୍ଗରେ ଚାଲିଲେ ରାଜହଂସ ପରି ଶୋଭା ପାଇବ । ଆଉ ମୁଁ ବ୍ରାହ୍ମଣ; ଲୋକମାନେ ଚାରି-ଛକିଆ ରାସ୍ତା ଉପରେ ଯେଉଁ ପୂଜାଦ୍ରବ୍ୟ ରଖିଥିବେ, ସେଇଆକୁ କୁକୁରଙ୍କ ଭଳି ଖାଇ ବିନଷ୍ଟ ହୋଇଯିବି ।

ଚାରୁ — ଆଚ୍ଛା ହେଉ, ଏହାଙ୍କ ସହିତ ମୁଁ ବି ଯିବି । ତାହାହେଲେ ରାଜପଥରେ ନ ଲିଭିଲା ଭଳି ପ୍ରଦୀପ ଆଣ ।

ବିଦୂ — ବର୍ଦ୍ଧମାନକ, ଦୀପ ଜାଳ ।

ଭୃତ୍ୟ — (ଧୀରେ) ତେଲ ବିନା କଅଣ ଦୀପ ଜଳିବ ?

ବିଦୂ — ବାସ୍, ଆମ ଦୀପ ସବୁ ସେଇଆ । ଦରିଦ୍ର କାମୁକ ପ୍ରତି ଗଣିକା ଯେପରି ସ୍ନେହଶୂନ୍ୟ, ଆମ ଦୀପ ସେମିତି ତେଲ ଶୂନ୍ୟ ।

ଚାରୁ—ମୈତ୍ରେୟ, ଥାଉ । ଦୀପ ଦରକାର ନାହିଁ । ଦେଖ—ଯୁବତୀମାନଙ୍କ ଗଣ୍ଡସ୍ଥଳ ପରି ଉଜ୍ଜ୍ୱଳ, ରାଜପଥର ପ୍ରଦୀପ, ନକ୍ଷତ୍ରବେଷ୍ଟିତ ଚନ୍ଦ୍ର ଉଦୟ ହେଲେଣି । ତାଙ୍କର ଶ୍ୱେତ କିରଣଧାରା, ଜଳଶୂନ୍ୟ ପଙ୍କରେ କ୍ଷୀରଧାରା ପରି ଅନ୍ଧକାର ଭିତରେ ପଡ଼ୁଅଛି ।

( ସମସ୍ତେ କିଛି ଦୂର ଗଲେ )

ଚାରୁ—(ପ୍ରେମର ସହିତ) ବସନ୍ତସେନା, ଏହି ତୁମ ଘର । ଭିତରକୁ ଯାଅ । ( ବସନ୍ତସେନା ଅନୁରାଗର ସହିତ ଚାହିଁ ଚାହିଁ ଚାଲିଗଲେ ) ।

ଚାରୁ—ମିତ୍ର, ବସନ୍ତସେନା ଗଲେ । ତେବେ ଆସ, ଆମେ ଆମ ଘରକୁ ଯିବା । ରାଜପଥ ଶୂନ୍ୟ ହୋଇଗଲାଣି । କେବଳ ପ୍ରହରୀ-ମାନେ ସଞ୍ଚରଣ କରୁଛନ୍ତି । ବସନ୍ତସେନାଙ୍କ ଅଳଙ୍କାରକୁ କେଉଁଠି ଲୁଚେଇ ରଖିବାକୁ ହେବ । କାରଣ, ରାତିରେ ହିଁ ସବୁ ପ୍ରକାର ଅନର୍ଥ ଘଟେ । ( ଘର ପର୍ଯ୍ୟନ୍ତ ଫେରିଆସି ) ଏହି ସୁବର୍ଣ୍ଣ ଅଳଙ୍କାରକୁ ତୁମେ ରାତିରେ ଏବଂ ବର୍ଦ୍ଧମାନକ ଦିନରେ ରଖିବ ।

ବିଦୂ—ଯାହା ତୁମର ଆଜ୍ଞା । ( ଉଭୟଙ୍କର ପ୍ରସ୍ଥାନ )

# ଦ୍ୱିତୀୟ ଅଙ୍କ

ଦାସୀ—( ପ୍ରବେଶକରି ) ମା ! ମୋତେ ଆର୍ଯ୍ୟା ବସନ୍ତସେନାଙ୍କ ନିକଟକୁ ଖବର ଦେଇ ପଠାଇଛନ୍ତି । ଯାଏଁ ତାଙ୍କ ନିକଟକୁ । ( କିଛି ବାଟ ଯାଇ ଏବଂ ଚାହିଁ ) ଏଇ ତ ଆର୍ଯ୍ୟା ! କଅଣ ଚିନ୍ତା କଲା ଭଳି ବସିଛନ୍ତି ।

( ଆସନରେ ବସିଥିବା ଉତ୍କଣ୍ଠିତା ବସନ୍ତସେନା ଓ ମଦନିକା ଦେଖାଗଲେ । )

ବସନ୍ତ—ମଦନିକା, ତା’ ପରେ—

ମଦ—ଆର୍ଯ୍ୟା, ଆପଣ ତ କିଛି କହିନାହାନ୍ତି । ‘ତା ‘ପରେ’ କଅଣ ?

ବସନ୍ତ—ମୁଁ କଅଣ କହିଲି ?

ମଦ—କହିଲେ, ‘ତା ପରେ—’

ବସନ୍ତ—( ଭ୍ରୂଲତା ଚାଳନ କରି ) ଓଃ—ହଁ ।

୧ମ ଦାସୀ—( ପାଖକୁ ଆସି ) ଆର୍ଯ୍ୟା, ମା ଆଜ୍ଞା ଦେଇଛନ୍ତି, ଆପଣ ସ୍ନାନ ସାରି ଦେବତାପୂଜା ବଢ଼ାଇଦିଅନ୍ତୁ ।

ବସନ୍ତ—ମା’ଙ୍କୁ କହିଦେ, ମୁଁ ଆଜି ସ୍ନାନ କରିବ ନାହିଁ । ତେଣୁ ବ୍ରାହ୍ମଣ ପୂଜା କରିଦିଅନ୍ତୁ ।

ଦାସୀ—ଆପଣଙ୍କ ଆଜ୍ଞା । ( ଚାଲିଗଲା )

ମଦନିକା—ଆର୍ଯ୍ୟା, ମୁଁ ଧୃଷ୍ଟତାରେ ପଚାରୁନାହିଁ, ସ୍ନେହରେ ପଚାରୁଛି ଆପଣଙ୍କର ଏ କି ଅବସ୍ଥା ?

ବସନ୍ତ — ମଦନିକା, ମୋର କି ଅବସ୍ଥା ଦେଖୁଛୁ ?

ମଦ—ଆପଣଙ୍କର ଶୂନ୍ୟ ହୃଦୟରୁ ମୁଁ ଜାଣୁଛି, ଆପଣ କାହାକୁ ଆନ୍ତରିକତାର ସହିତ ଇଚ୍ଛା କରୁଛନ୍ତି ।

ବସନ୍ତ — ଠିକ୍ ଜାଣିଛୁ । ତୁ ମଦନିକା ଟି ! ଅନ୍ୟର ହୃଦୟ ବୁଝିବାରେ ପ୍ରବୀଣା !

ମଦ — ସୁଖର କଥା । ଆଜି ମହୋତ୍ସବରେ ଆପଣ କେଉଁ ଭାଗ୍ୟବାନ୍ ଯୁବକକୁ ଅନୁଗ୍ରହ କରିଛନ୍ତି ? ଆଜ୍ଞା କହନ୍ତୁ, କୌଣସି ରାଜା ନା ରାଜାଙ୍କ ପ୍ରିୟପାତ୍ରଙ୍କୁ ଆପଣ ସେବା କରିବାକୁ ଚାହାନ୍ତି ?

ବସନ୍ତ—ସଖି, ମୁଁ ପ୍ରେମ ଚାହେଁ, ସେବା କରିବା ଚାହେଁନାହିଁ ।

ମଦ—କୌଣସି ବିଦ୍ୱାନ୍ ବ୍ରାହ୍ମଣ ଯୁବକଙ୍କୁ ଚାହାନ୍ତି ?

ବସନ୍ତ- ବ୍ରାହ୍ମଣମାନେ ମୋର ପୂଜ୍ୟ ।

ମଦ—କୌଣସି ବଣିକ ଯୁବକଙ୍କୁ ଚାହାନ୍ତି, ଯେ କି ବହୁ ନଗରରେ ବାଣିଜ୍ୟ କରି ଧନୀ ହୋଇଛନ୍ତି ?

ବସନ୍ତ—ବଣିକମାନେ ଅତି ଅନୁରକ୍ତା ପ୍ରଣୟିନୀଙ୍କୁ ମଧ୍ୟ ଛାଡ଼ି ବିଦେଶ ଚାଲିଯାଆନ୍ତି । ଫଳରେ ପ୍ରଣୟିନୀ ଗଭୀର ବିଚ୍ଛେଦ-ଦୁଃଖ ଭୋଗ କରେ ।

ମଦ — ଆର୍ଯ୍ୟା, ରାଜା ନୁହେଁ, ରାଜାଙ୍କ ପ୍ରିୟପାତ୍ର ନୁହେଁ, ବ୍ରାହ୍ମଣ ନୁହେଁ, ବ୍ୟବସାୟୀ ନୁହେଁ । ଆଉ ତେବେ କାହାକୁ ଆପଣ ଚାହାନ୍ତି ?

ବସନ୍ତ—ସଖି, ତୁ ମୋ ସହିତ 'କାମଦେବାୟତନ' ଉଦ୍ୟାନକୁ ଯାଇଥିଲୁ ?

ମଦ—ହଁ ।

ବସନ୍ତ—ତଥାପି କିଛି ନ ଜାଣିଲା ପରି ପଚାରୁଛୁ ?

ମଦ—ଜାଣିଲି, ଜାଣିଲି । କଅଣ ସେହି ? ଯେ ଆପଣଙ୍କୁ ଶରଣ ଦେଇଥିଲେ ?

ବସନ୍ତ—ତାଙ୍କ ନାମ ?

ମଦ—ସେ ବଣିକମାନଙ୍କ ସାହିରେ ବାସକରନ୍ତି ।

ବସନ୍ତ—ଆଗୋ, ମୁଁ ପରା ତାଙ୍କ ନାମ ପଚାରିଲି ।

ମଦ—ତାଙ୍କ ନାମ ପ୍ରାତଃସ୍ମରଣୀୟ ଆର୍ଯ୍ୟ ଚାରୁଦତ୍ତ ।

ବସନ୍ତ—( ଆନନ୍ଦରେ ) ବାଃ ! ମଦନିକା, ବାଃ ! ତୁ ଠିକ୍ ଜାଣିଛୁ ।

ମଦ—( ସ୍ୱଗତ ) ଠିକ୍ ହେଲା । ( ପ୍ରକାଶ୍ୟରେ )ଆର୍ଯ୍ୟା, ଶୁଣାଯାଏ ସେ ଦରିଦ୍ର ।

ବସନ୍ତ—ସେଇଥିପାଇଁ ତ ମୁଁ ତାଙ୍କୁ ଚାହୁଁଛି । ଦରିଦ୍ର ପୁରୁଷ ପ୍ରତି ଗଣିକା ଆସକ୍ତା ହେଲେ ଜଗତରେ ନିନ୍ଦା ପାଏନାହିଁ ।

ମଦ—ଆର୍ଯ୍ୟା, କଅଣ ପୁଷ୍ପହୀନ ଚୂତବୃକ୍ଷକୁ ମଧୁକର କାମନା କରେ ?

ବସନ୍ତ—ସେଇଥିପାଇଁ ତ ତା ନାଁ ‘ମଧୁକର’ । ( ମଦ ଖାଇ ଯେଉଁ ଜୀବର ଭଲମନ୍ଦ ଜ୍ଞାନ ନ ଥାଏ ।)

ମଦ—ଯଦି ତାଙ୍କୁ ଆପଣ ଚାହାନ୍ତି, ତେବେ ଶୀଘ୍ର କାହିଁକି ତାଙ୍କ ନିକଟକୁ ଅଭିସାର କରୁନାହାନ୍ତି ?

ବସନ୍ତ—ଦରିଦ୍ରତା ହେତୁ ସେ ପ୍ରତ୍ୟୁପକାର କରିବାକୁ ଅସମର୍ଥ । ମୁଁ ଯଦି ଶୀଘ୍ର ତାଙ୍କ ପାଖକୁ ଅଭିସାର କରିଯାଏଁ, ତେବେ

ସେ ଲଜ୍ଜିତ ହେବେ । ଫଳରେ ପୁଣି ତାଙ୍କ ଦର୍ଶନ ମିଳିବା ଦୁର୍ଲ୍ଲଭ ହୋଇଯିବ ।

ମଦ — କଅଣ ଏଇଥିପାଇଁ ତାଙ୍କ ପାଖରେ ଅଳଙ୍କାର ରଖିଛନ୍ତି କି ?

ବସନ୍ତ — ତୁ ଠିକ୍ ବୁଝିଛୁ ।

ନେପଥ୍ୟ—

ମାଲିକ, ସେ ଯେଉଁ ଜୁଆଖୋର ଦଶ ସୁବର୍ଣ୍ଣପାଇଁ ବନ୍ଧା ହୋଇଥିଲା, ସେ ପଳେଇ ଗଲା ! ପଳେଇ ଗଲା ! ଧର, ଧର ! ( ଜୁଆଖୋରକୁ ଲକ୍ଷ୍ୟ କରି ) ଆବେ, ରହ ରହ । ମୁଁ ତୋତେ ଏଇ ଦୂରରୁ ଦେଖିନେଲିଣି ।

× × ×

( ଯବନିକା ପତନ ବିନା ଉପ୍ଯୁକ୍ତ ସଂବାହକର ପ୍ରବେଶ )

ସଂବା — ଓଃ ! ଜୁଆଖେଳ କି ମାରାତ୍ମକ ! ଓହୋ ! ଗଧକୁ ପିଟିଲା ଭଳି ଜୁଆ କେରଞ୍ଚରେ ମୋତେ ପିଟିଗଲେ ! କର୍ଣ୍ଣର ଶକ୍ତି-ଅସ୍ତ୍ର ଘଟୋତ୍କଚକୁ ମାରିଲା ଭଳି ଏମାନେ ମୋତେ ଠେଙ୍ଗାରେ ପିଟି ପିଟି ମାରିଦେବେ । ଭାଗ୍ୟକୁ ଜୁଆ ମାଲିକ କଅଣ ଲେଖୁ-ଥିଲା । ଏତିକିବେଳେ ମୁଁ ହଠାତ୍ ଦୌଡ଼ି ପଳାଇ ଆସିଲି । ରାସ୍ତା ଉପରେ ପହଞ୍ଚିଗଲିଣି । କିନ୍ତୁ ବର୍ତ୍ତମାନ ମୋତେ ରକ୍ଷା କରିବ କିଏ ? ଆଚ୍ଛା, ଏ ଜୁଆ-ମାଲିକ ଆଉ ଜୁଆଖୋର ମୋତେ ଖୋଜି ଖୋଜି ଅନ୍ୟ ଆଡ଼େ ଚାଲିଯିବା ଯାଏଁ ମୁଁ ପଛେଇ ପଛେଇ ଏଇ ଶୂନ୍ୟ ମନ୍ଦିରରେ ପଶିଯିବି, ଆଉ ଠାକୁର ବେଶ ଧରିବି ।

( ମନ୍ଦିରକୁ ପଶିଯାଇ ଠାକୁର ରୂପରେ ରହିଲା । )

( ଏହାପରେ ଜୁଆମାଲିକ ମାଥୁର ଏବଂ ଜଣେ ଜୁଆଖୋରର ପ୍ରବେଶ )

ଜୁଆଖୋର—ମାଲିକ, ସେ ଜୁଆଖୋର ପଳେଇଲା ! ପଳେଇଲା ! ଧର ! ଧର ! ( ସଂବାହକକୁ ଲକ୍ଷ୍ୟ କରି ) ଆବେ, ରହ ରହ ! ମୁଁ ତୋତେ ଦେଖିନେଲିଣି ।

ମାଥୁର—ତୁ ଯଦି ପାତାଳକୁ ଯାଉ କି ଇନ୍ଦ୍ରଙ୍କ ଶରଣ ପଶୁ, ମୋ ବିନା ତୋତେ ଶିବ ମଧ୍ୟ ରକ୍ଷା କରି ପାରିବେ ନାହିଁ ।

ଜୁଆ—ଆରେ ସବାହକ, ତୁ ଏପରି ଭଲ ମାଲିକଙ୍କୁ ଠକେଇ, ଭୟରେ ଥରି ଥରି, ଚିପ ଖାଲରେ ପଡ଼ି ଉଠି କୁଆଡ଼େ ପଳେଇଚୁ ? ତୁ ଯାହା ତୋ କୁଳରେ କାଳିମା ଲେପିଲୁ ରେ !

ମାଥୁର—( ପଦ ଚିହ୍ନ ଦେଖି ) ଏପର୍ଯ୍ୟନ୍ତ ପାଦଚିହ୍ନ ପଡ଼ିଛି, ଏହା ପରେ ଦେଖା ଯାଉନାହିଁ ।

ଜୁଆ—( ବଗୁରି ପୂର୍ବକ ଦେଖି ) ଆରେ ! ଓଲଟା ପାଦଚିହ୍ନ ! ଶୂନ୍ୟ ମନ୍ଦିର ! ଠକ ଜୁଆଡ଼ିଟା ଏଇ ମନ୍ଦିରରେ ପଶିଯାଇଛି ।

ମାଥୁର—ତା' ହେଲେ ଆ, ତାକୁ ଖୋଜିବା ।

ଜୁଆ—ଆଚ୍ଛା ।

( ଉଭୟେ ମନ୍ଦିର ଭିତରକୁ ପଶିଲେ । ଦେବମୂର୍ତ୍ତି ରୂପରେ ସଂବାହକକୁ ଦେଖି ପରସ୍ପରକୁ ସୂଚନାଦେଇ )

ଜୁଆ—କଅଣ କାଠମୂର୍ତ୍ତି ?

ମାଥୁର—ନା, ନା, ପଥରମୂର୍ତ୍ତି । (ତାକୁ ନାନା ପ୍ରକାରରେ ହଲେଇ ଏବଂ ଜୁଆଖେଳାଳିକୁ ସଙ୍କେତ ଦେଇ ) ଯା' ପାଉ ତା' ହେଉ ଆ , ଜୁଆ ଖେଳିବା !

( ଜୁଆଖେଳରେ ଲାଗିଗଲେ )

ସଂବା—( ଜୁଆଖେଳର ପ୍ରବଳ ଇଚ୍ଛାକୁ ଗୁପିବାର ନାନାପ୍ରକାର ଅଭିନୟ କରି ) (ସ୍ୱଗତ) ଉଃ ! ରାଜ୍ୟଭ୍ରଷ୍ଟ ରାଜା ଯେପରି କାହାରି ଘରେ ବାଦ୍ୟନାଦ ଶୁଣିଲେ ଅଧୀର ହୋଇଉଠେ, ଜୁଆଖେଳର ନାଦ ଶୁଣିଲେ ନିର୍ଦ୍ଧନ ଲୋକର ସେହିପରି ଅବସ୍ଥା ହୁଏ । ମୁଁ ଜାଣେ, ସୁମେରୁ ଶୃଙ୍ଗଉପରୁ ପତନ ଭଳି ଜୁଆଖେଳ କ୍ଷତିକାରକ । ତେଣୁ ତାହା ନଖେଳିବାକୁ ଭାବେଁ । କିନ୍ତୁ କୋଇଲିର କୁହୁଶବ୍ଦ ପରି ମଧୁର କତାଶବ୍ଦ * ଶୁଣିଲେ ମନକୁ ପୁଣି ଟାଣି ନିଏ ।

ଜୁଆ—ମୋ ଦାନ, ମୋ ଦାନ । †

ମାଥୁ—ନା ନା, ମୋ ଦାନ, ମୋ ଦାନ ।

ସଂବା—(ଅନ୍ୟଆଡ଼ୁ ସହସା ପ୍ରବେଶ କରି) ନା ନା, ମୋ ଦାନ !

ଜୁଆ—ହେଇ, ଦୋଷୀ ଧରାପଡ଼ିଲା ।

ମାଥୁର—ଆରେ ଦେବାଳିଆ, ଧରାପଡ଼ିଲୁ । ଏବେ ଦଶ ସୁବର୍ଣ୍ଣ ଦେ ।

ସଂବା—ଆଜି ଦେଇଦେବି ।

ମାଥୁର—ବର୍ତ୍ତମାନ ଦେ ।

ସଂବା—ଦେବି, ଅନୁଗ୍ରହ କର ।

ମାଥୁର—ଆବେ, ବର୍ତ୍ତମାନ ଦେ ।

---

* କତାଶବ୍ଦ—ସେ କାଳରେ ଜୁଆଖେଳରେ ପ୍ରଚଳିତ ଏକପ୍ରକାର ଶବ୍ଦ ।

† ଦାନ—ଜୁଆଖେଳରେ ବ୍ୟବହୃତ ଶବ୍ଦ ।

ସଂବା—(ତଳେ ପଡ଼ି ପ୍ରଣିପାତ କଲ )

(ଦୁହେଁ ତାକୁ ମାଡ଼ ଦେବାରେ ଲଗିଲେ )

ମାଥୁର—ତୁ ଏବେ ଜୂଆଖେଳାଳିମାନଙ୍କ ମଣ୍ଡଳୀରେ ବନ୍ଧା ରହିଲୁ ।

ସଂବା—(ଉଠି ବିଷାଦରେ) କଅଣ ! ଜୂଆଖେଳାଳିଙ୍କ ମଣ୍ଡଳୀରେ ବନ୍ଧା ! ଓଃ ! କି ଦୁଃଖ ! ଜୂଆଖେଳାଳିଙ୍କ ନିୟମ ତ ଲଂଘନ କରି ହେବ ନାହିଁ । ତେବେ କେଉଁଠୁ ଆଣିଦେବ ?

ମାଥୁର—ଆବେ, ସର୍ତ୍ତକର, ସର୍ତ୍ତ ।

ସଂବା—(ମାଥୁର ନିକଟକୁ ଯାଇ) ତୁମକୁ ଅଧେ ଦେବି । ଆଉ ଅଧେ ମୋତେ ଛାଡ଼ିଦିଅ ।

ମାଥୁର—ଆଚ୍ଛା, ହେଉ ।

ସଂବା —(ଜୂଆଖେଳାଳି ନିକଟକୁ ଯାଇ) ମୁଁ ଅଧେ ଦେବି । ଆଉ ଅଧେ ମୋତେ ଛାଡ଼ିଦିଅ ।

ଜୂଆ—ହେଉ, ଆପତ୍ତି ନାହିଁ ।

ସଂବା—( ପ୍ରକାଶ୍ୟରେ ମାଥୁରକୁ ) ଆର୍ଯ୍ୟ, ତୁମେ ଅଧେ ଛାଡ଼ିଦେଲ ?

ମାଥୁର—ହଁ, ଛାଡ଼ିଦେଲି ।

ସଂବା—(ଜୂଆଖେଳାଳିକୁ) ତୁମେ ବି ଅଧେ ଛାଡ଼ିଦେଲ ?

ଜୂଆ—ହଁ, ଛାଡ଼ିଦେଲି ।

ସଂବା— ବର୍ତ୍ତମାନ ଯାଉଛି ।

ମାଥୁର—ଦଶ ସୁବର୍ଣ୍ଣ ଦେଇ କର ଯା । ନ ଦେଇ କୁଆଡ଼େ ଯାଉଛୁ ?

ସଂବା—ଆହେ ଭଦ୍ରଲୋକ, ଆପଣମାନେ ଦେଖନ୍ତୁ ତ ! ଜଣେ ଅଧା ଛାଡ଼ ଦେଲା, ଆଉ ଜଣେ ବ ଅଧା ଛାଡ଼ ଦେଲା । ପୁଣି ମୋତେ ଦୁର୍ବଳ ଦେଖି ଅଟକାଉଛନ୍ତି ।

ମାଥୁର – ଆବେ ଠକ, ମୁଁ ମାଥୁର, ତୋ ଠାରୁ ବେଶି ଠକ । ବର୍ତ୍ତମାନ ମୁଁ ତୋତେ ଠକାଉ ନାହିଁ । ଦେବାକଥା, ଦେ ଦଶ ସୁବର୍ଣ୍ଣ ।।

ସଂବା—କେଉଁଠୁ ଆଣି ଦେବ ?

ମାଥୁର – ବାପକୁ ବିକ ଦେ ।

ସଂବା ମୋର କଉଣ ବାପ ଅଛି ?

ମାଥୁର—ମା'କୁ ବିକ ଦେ ।

ସଂବା—ମୋର କଉଣ ମା' ଅଛି ?

ମାଥୁର - ନିଜକୁ ବିକ ଦେ ।

ସଂବା—ଦୟାକର । ମୋତେ ନିକଏ ରାସ୍ତା ଉପରକୁ ନେଇଚାଲ ।

ମାଥୁର – ଚାଲ୍ ।

ସଂବା – ଚାଲନ୍ତୁ (କିଛିବାଟ ଯାଇ) ହେ ହେ ଭଦ୍ରମହୋଦୟ, ଦଶ ସୁବର୍ଣ୍ଣ ମୂଲ୍ୟରେ ମୋତେ ଏ ଜୁଆ ମାଲିକଠାରୁ କିଣି ନିଅନ୍ତୁ । (ନେପଥ୍ୟକୁ ଚାହିଁ) କଉଣ କହୁଛ ? ପଚାରୁଛ, ମୁଁ କଉଣ କରିବ ? ଆପଣଙ୍କ ଘରେ ଚାକର ହେବ । କଉଣ ! ଉତ୍ତର ନ ଦେଇ ଚାଲିଗଲ ! ହେଉ, ଆଉ ଜଣଙ୍କୁ ପଚାରେଁ । (ପୁଣି ସେଇ କଥା ପଚାରିଲ ) ଏ ବି ମୋତେ ଅବଜ୍ଞା କରି

ଗୃହଲଗଲେ । ହାୟ ! ଆର୍ଯ୍ୟ ଚାରୁଦତ୍ତ ଦରିଦ୍ର ହୋଇ ଯାଇଛନ୍ତି ବୋଲି ମୁଁ ଏପରି ଅବସ୍ଥା ହେଲି ।

ମାଥୁର — ଆଚ୍ଛା, ଦେ ।

ସଂବା — କେଉଁଠୁ ଦେବ ? ( ପାଦତଳେ ପଡ଼ନ୍ତି )

ମାଥୁର — ( ଘୋଷାରିଲା )

ସଂବା — ସଜ୍ଜନଗଣ, ରକ୍ଷାକର, ରକ୍ଷାକର ।

( ଦର୍ଦ୍ଦୁରକର ପ୍ରବେଶ )

ଦର୍ଦ୍ଦୁ — ବାଃ ! ଜୁଆଖେଳ ହେଉଛି ବିନା ସିଂହାସନରେ ରାଜ୍ୟ । ଜୁଆ କାହାର ଘୃଣାକୁ ଖାତିର କରେ ନାହିଁ । ପ୍ରତିଦିନ ହାରିଲାବାଲାଠାରୁ ଧନ ଆଣି ଜିଣିଲାବାଲାକୁ ଦିଏ । ସଂପତ୍ତିଶାଳୀ ରାଜାକୁ ଲୋକମାନେ ଯେପରି ସେବା କରନ୍ତି, ଜୁଆକୁ ମଧ୍ୟ ସେପରି ସେବା କରନ୍ତି । ଜୁଆରୁ ଧନ ପାଇଲି । ଜୁଆରୁ ମିତ୍ର ପାଇଲି, ଜୁଆରୁ ସ୍ତ୍ରୀ ପାଇଲି । ଜୁଆରୁ ଉପଭୋଗ କଲି, ଜୁଆରୁ ବିତରଣ କଲି । ସେହି ଜୁଆରେ ସବୁ ସଂପତ୍ତି ମଧ୍ୟ ହରାଇଲି ।

( ଆଗକୁ ଚାହିଁ ) ଆରେ ! ଆମ ପୂର୍ବ ଜୁଆମାଲିକ ମାଥୁର ଏଣେ ଆସୁଛି ! ଆଚ୍ଛା, ଲୁଅଚ୍ଚେ ଚାଲିଯାଇ ହେବ ନାହିଁ । ତେଣୁ ଲୁଚି ରହିବ । ( ଲୁଗା ମେଲେଇ ) ଲୁଗାଟା ଛିଣ୍ଡିଗଲାଣି, ଶହେ ଶହେ ଜାଗାରେ ଛିଦ୍ର ହୋଇ ଗଲାଣି । ଏଥିରେ କଅଣ ଲୁଚିହେବ ? ଜାକିଜୁକି ରଖି ଦେଲେହିଁ ଏ ଶୋଭା ପାଇବ । ( ଜାକିଜୁକି କାଖରେ ଧରିଲା )

ହଉ, ଏ ସାମାନ୍ୟ ମାଥୁର ମୋର କଅଣ କରିବ ? ମୁଁ ଗୋଟାଏ ଗୋଡ଼ ଶୂନ୍ୟରେ ରଖି, ଆଉ ଗୋଟାଏ ଗୋଡ଼

ଭୂଇଁରେ ରଖି, ଦେହକୁ ଝୁଲାଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରହିପାରେ । ( ଏହାଠାରୁ ଅଧିକ କଠିନ ଦଣ୍ଡ ସେ କ'ଣ ଦେବ )

× × ×

ମାଥୁର – ଦେ, ଦେ ।

ସଂବା –– କେଉଁଠୁ ଦେବ ?

ମାଥୁର –– ( ଓଟାରିଲା )

× × ×

ଦର୍ଦୁ – ଆରେ ! ଆଗରେ ଏ କଅଣ ? ( କାହା ସହିତ କଥାବାର୍ତ୍ତା କଲାପରି ) ଆପଣ କ'ଣ କହିଲେ ? ଏ ଜୁଆମାଲିକ ଜଣେ ଜୁଆଖୋରକୁ ଦଣ୍ଡ ଦେଉଛି ? କେହି ତାକୁ ମୁକ୍ତ କରୁ ନାହାନ୍ତି ? ତାହାହେଲେ ଦର୍ଦୁରକ ତାକୁ ମୁକ୍ତ କରିବ । ( ନିକଟକୁ ଯାଇ ) ବାଟ ଛାଡ଼, ବାଟଛାଡ଼ । ( ଦେଖି ) ଆରେ ! ଏ ଧୂର୍ତ୍ତ ମାଥୁର, ଆଉ ଏ ବିଚରା ସଂବାହକ !

ଯେ ଏକ ପାଦ ଭୂମିରେ ଏବଂ ଅନ୍ୟପାଦ ଶୂନ୍ୟରେ ରଖି ସନ୍ଧ୍ୟା ପର୍ଯ୍ୟନ୍ତ ନିଶ୍ଚଳଭାବରେ ରହି ନପାରେ, ଖଣ୍ଡିଆ ଇଟା ଉପରେ ଠିଆ ହୋଇ ଯାହା ପିଠିରେ ଚକ୍ଷା ବସିନାହିଁ, ଯାହା ଜଙ୍ଘକୁ କୁକୁରମାନେ କାମୁଡ଼ିନାହାନ୍ତି, ସେ ଭଲ ଲମ୍ବ ଓ କୋମଳ ଦେହଧାରୀ ମନୁଷ୍ୟ କାହିଁକି ଜୁଆ ଖେଳିବ ? ଆଜ୍ଞା ହେଉ, ଆଗେ ମାଥୁରକୁ ଶାନ୍ତ କରେଁ । ( ନିକଟକୁ ଯାଇ ) ମାଥୁର, ନମସ୍କାର ।

ମାଥୁର – ନମସ୍କାର ।

ଦର୍ଦୁ – ଏ କଅଣ ?

ମାଥୁର—ଏ ମୋତେ ଦଶ ସୁବର୍ଣ୍ଣ ଦେବାର କଥା ।

ଦର୍ଦୁ—ଦଶ ସୁବର୍ଣ୍ଣ ତ ଛାର କଥା ।

ମାଥୁର—(ଦର୍ଦୁରକର କାଖରୁ ଜକା ହୋଇଥିବା ଲୁଗା ଖଣ୍ଡିକ ଟାଣିଆଣି ) ଦେଖ, ଦେଖ, ଭଦ୍ରଗଣ, ଚିରିଯାଇଥିବା ଲୁଗା ଖଣ୍ଡେ ଘୋଡ଼େଇ ହୁଏ, ଆଉ କହୁଛି—ଦଶ ସୁବର୍ଣ୍ଣ ଛାର କଥା !

ଦର୍ଦୁ—ଆରେ ମୂର୍ଖ, ମୁଁ ଶପଥ କରି କହୁଛି, ଦଶ ସୁବର୍ଣ୍ଣ ଦେଇଦେବି । ଯାହାର ଧନଥାଏ, ସେ କଅଣ ହାତରେ ଧରି ଦେଖେଇ ବୁଲୁଥାଏ ? ଆରେ, ଦଶଟା ସୁବର୍ଣ୍ଣ ପାଇଁ ତୁ ପାଞ୍ଚଇନ୍ଦ୍ରିୟର ମଣିଷଟାକୁ ମାରୁଛୁ ? ତୁ ଏତେ ମାତ, ପୁଣି ପଣ୍ଡିତ ?

ମାଥୁର—ହୋ ରାଜା, ଦଶ ସୁବର୍ଣ୍ଣ ତୋ ପକ୍ଷରେ ଛାର କଥା, ମୋ ପକ୍ଷରେ କିନ୍ତୁ ବଡ଼ ସମ୍ପତ୍ତି ।

ଦର୍ଦୁ—ଯଦି ଏପରି, ତେବେ ଶୁଣ । ଏହାକୁ ଆଉ ଦଶ ସୁବର୍ଣ୍ଣ ଦେ । ଏ ତୋ ସହିତ ଆଉଥରେ ଜୁଆ ଖେଳୁ ।

ମାଥୁର - ଫଳ ?

ଦର୍ଦୁ—ଯଦି ଜିଣିବ, ତେବେ ଦେଇ ଦେବ ।

ମାଥୁର—ଯଦି ନ ଜିଣେ ?

ଦର୍ଦୁ—ତା' ହେଲେ ଦେବ ନାହିଁ ।

ମାଥୁର—ଆରେ, ଏମିତି ଭଣ୍ଡ ଭଣ୍ଡ ହୁଅନା । ଯଦି ଦଶ ସୁବର୍ଣ୍ଣ ତୋ ପକ୍ଷରେ ଛାର କଥା, ତେବେ ଦେଇ ଦେଉନାହୁଁ ? ଜାଣୁ ମୁଁ ଧୂର୍ତ୍ତ ମାଥୁରଟି । ଖାଲି କଅଣ ନାଆଁକୁ ମୁଁ ଜୁଆ-

ଖେଳରେ ପ୍ରଧାନ ହୋଇଛୁ ? ମୁଁ କାହାରିକି ଡରେ ନାହିଁ । ଧୂର୍ତ୍ତ, ଭୁଠା ଦୁଷ୍ଟଚରିତ ।

ଦର୍ଦୁର—ଆରେ, କିଏ ଦୁଷ୍ଟଚରିତ ?

ମାଥୁର—ତୁ, ତୁ ।

ଦର୍ଦୁର—ତୋ ବାପ ଦୁଷ୍ଟଚରିତ । ( ସଂବାହକକୁ ପଳେଇ ଯିବା ପାଇଁ ସୂଚନା ଦେଲା )

ମାଥୁର—ବେଶ୍ୟାପୁତ, ତୁ ଏଇ ଭଳି ଜୁଆ ଶିଖିଛୁ ?

ଦର୍ଦୁର—ହଁ, ମୁଁ ଏଇଆ ଶିଖିଛି ।

ମାଥୁର—ଆରେ, ସଂବାହକ, ଦେ ମୋ ଦଶ ସୁବର୍ଣ୍ଣ ।

ସଂବା—ଆଜି ଦେବି ପରା । ଆଜି ଦେବି ।

ମାଥୁର—( ତାକୁ ଘୋଷାରିଲା )

ଦର୍ଦୁର—ମୂର୍ଖ, ତୁ ମୋ ନ ଦେଖିଲା ବେଳେ ଦଣ୍ଡ ଦେଇପାରୁ, ମୋ ଆଖି ଆଗରେ ଦଣ୍ଡ ଦେଇ ପାରିବୁ ନାହିଁ ।

( ମାଥୁର ସଂବାହକକୁ ଟାଣିଆଣି ନାକରେ ବିଧା ବସାଇଲା । ସଂବାହକ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲା । ଦର୍ଦୁରକ ଛଡ଼ାଇବାରେ ଲାଗିଲା । ମାଥୁର ଦର୍ଦୁରକକୁ ମାରିଲା । ଦର୍ଦୁରକ ମାଥୁରକୁ ମାରିଲା । )

ମାଥୁର—ଆରେ ଦୁଷ୍ଟ, କୁଳଟାପୁଅ, ଏହାର ପ୍ରତିଫଳ ପାଇବୁ ।

ଦର୍ଦୁର—ଆରେ ମୂର୍ଖ, ମୁଁ ରାସ୍ତାରେ ଯାଉଁ ଯାଉଁ ତୁ ମତେ ମାରିଛୁ । କାଲି ଯଦି ରାଜକୁଳରେ ମାଡ଼ ଖାଇଛୁ, ତେବେ ଦେଖିବୁ ।

ମାଥୁର—ହଁ ରେ, ଦେଖିବି ।

ଦର୍ଦ୍ଦୁ—କମିତି ଦେଖିବୁ ?

ମାଥୁର—( ଆଖି ତରାଟି ) ଏଇଭଳି ଦେଖିବ ।

( ଦର୍ଦ୍ଦୁରକ ମାଥୁରର ଆଖିରେ ଧୂଳି ପକାଇଦେଇ ସଂବାହକକୁ ପଳାଇ ଯିବାପାଇଁ ସୂଚନା ଦେଲ । ମାଥୁର ଆଖି-ବୁଜି ତଳେ ପଡ଼ିଗଲ । ସଂବାହକ ପଳାଇଗଲ । )

ଦର୍ଦ୍ଦୁ—( ସ୍ୱଗତ ) ପ୍ରଧାନ ଜୁଆମାଲିକ ମାଥୁରର ମୁଁ ବିରୋଧୀ ହେଲି । ତେଣୁ ଏଠାରେ ରହିବା ଉଚିତ ନୁହେଁ । ପ୍ରିୟବନ୍ଧୁ ଶର୍ବିଳକ ମୋତେ କହୁଥିଲ—"ଆର୍ଯ୍ୟକ ନାମରେ ଏକ ଗୋପାଳ ଯୁବକ ରାଜା ହେବବୋଲି ସିଦ୍ଧମାନେ କହୁଛନ୍ତି । ମୋ ଭଳି ସମସ୍ତ ଲୋକ ତାଙ୍କର ଅନୁସରଣ କରୁଛନ୍ତି ।" ତାହାହେଲେ ମୁଁ ତାଙ୍କରି ନିକଟକୁ ଯିବି । ( ଚାଲିଗଲ )

ସଂବାହକ—( ଭୟରେ ଯାଉଁ ଯାଉଁ ଦେଖି ) ଏ କାହାର ଘର ? ଦୁଆର ଖୋଲି ରହିଛି । ଏହା ଭିତରକୁ ପଶିଯିବି । ( ପ୍ରବେଶ-କରି ବସନ୍ତସେନାଙ୍କୁ ଦେଖି ) ଆର୍ଯ୍ୟା, ମୁଁ ଶରଣାଗତ ।

ବସନ୍ତ—ଶରଣାଗତର ଭୟ ନାହିଁ । ସଖି, ଦୁଆର ବନ୍ଦ କରିଦିଅ ।

ମଦ—( ଦୁଆର ବନ୍ଦ କରିଦେଲ )

ବସନ୍ତ—ତୁମେ କାହାକୁ ଭୟ କରୁଛ ?

ସଂବା—ଆର୍ଯ୍ୟା, ଧନିକକୁ ।

ବସନ୍ତ—ମଦନିକା, ଦୁଆରରେ ଜଂଜିର ଲଗାଇ ଦେ ।

ସଂବା—( ସ୍ୱଗତ ) ମୋ' ପରି ଏ କାଉଣି ଧନିକଙ୍କୁ ଭୟ କରୁଛନ୍ତି ! ଠିକ୍ ! ଯେଉଁ ଲୋକ ନିଜର ଶକ୍ତି ଅନୁସାରେ ବୋଝ ବହନ

କରେ, ସେ କୌଣସି ସ୍ଥାନରେ ପଡ଼ିଯାଏ ନାହିଁ । ଦୁର୍ଗମ ରାସ୍ତାରେ ମଧ୍ୟ ସେ ଅସୁବିଧାର ସମ୍ମୁଖୀନ ହୁଏନାହିଁ ।

× × ×

ମାଥୁର—( ଆଉ ମଳ ମଳ ଜୁଆଖୋର ପ୍ରତି ) ଆରେ, ଦେ, ଦେ ।

ଜୁଆ—ମାଲିକ, ଆମେ ଯେତେବେଳେ ଦର୍ଦୁରକ ସହିତ ଝଗଡ଼ା କରୁଥିଲେ, ସେତେବେଳେ ସଂବାହକ ପଳାଇଗଲା ।

ମାଥୁର—ମୋ ବିଧାରେ ସେହି ଜୁଆଖୋରର ନାକ ଫାଟିଯାଇଛି । ତା' ହେଲେ ଆ, ରକ୍ତକୁ ଚିହ୍ନି ଚିହ୍ନି ଯିବା ।

( ରକ୍ତକୁ ଅନୁସରଣ କରି କରି ଗଲେ )

ଜୁଆ - ମାଲିକ ,ବସନ୍ତସେନା ଘରକୁ ପଶିଯାଇଛି ।

ମାଥୁର —ତାହାହେଲେ ସୁବର୍ଣ୍ଣ ମିଳିଗଲା ।

ଜୁଆ—କଅଣ ରାଜନବରକୁ ଯାଇ ଜଣାଇବା ?

ମାଥୁର —ସେ ଧୂର୍ତ୍ତ ଏଠାରୁ ବାହାରି ଆଉ କେଉଁଆଡ଼େ ପଳାଇବ । ତେଣୁ ବସନ୍ତସେନାକୁ ଅନୁରୋଧ କରି ତାକୁ ଧରିବା ।

× × ×

( ମଦନିକା ବସନ୍ତସେନାଙ୍କ ପଚାରା ଡାଇ )

ମଦ—ଆପଣ କିଏ ? କେଉଁଠାରୁ ଆସିଲେ ? କାହା ସହିତ ଆପଣଙ୍କର ସମ୍ବନ୍ଧ ? କଅଣ କରନ୍ତି ? କାହାକୁ ଭୟ କରୁଛନ୍ତି ?

ସଂବା – ଆର୍ଯ୍ୟା, ଶୁଣନ୍ତୁ । ମୋର ଜନ୍ମସ୍ଥାନ ପାଟଳିପୁତ୍ର । ମୁଁ ଅବସ୍ଥାବାନ୍ ବ୍ୟକ୍ତିର ପୁତ୍ର । ଦେହ ମୋଡ଼ିଦେବା ମୋର ଜୀବିକା ।

ବସନ୍ତ – ଆପଣ ତ ଅତ୍ୟନ୍ତ ଲଳିତ କଳାଟି ଶିକ୍ଷା କରିଛନ୍ତି ।

ସଂବା—ମହାଶୟ, କଳା ହିସାବରେ ଶିକ୍ଷା କରିଥିଲି । ବର୍ତ୍ତମାନ ତାହା ଜୀବିକାରେ ପରିଣତ ହୋଇଛି ।

ମଦ—ଆପଣ ବଡ଼ ଦୁଃଖରେ ଉତ୍ତର ଦେଉଛନ୍ତି । ଆଚ୍ଛା, ତା ପରେ ?

ସଂବା—ମୁଁ ନିଜ ଘରେ ଥିଲାବେଳେ ଭ୍ରମଣକାରୀମାନଙ୍କ ମୁହଁରୁ ଏହି ଉଜ୍ଜୟିନୀର ପ୍ରଶଂସା ଶୁଣିଲି । ତେଣୁ କୌତୂହଳରେ ଏ ନଗରୀକୁ ଦେଖିବାପାଇଁ ଆସିଲି । ଏଠାରେ ପହଞ୍ଚି ମୁଁ ଏକ ମହାଶୟଙ୍କ ସେବା କଲି । ସେ ଅତ୍ୟନ୍ତ ସୁନ୍ଦର, ପ୍ରିୟବାଦୀ, ବହୁତ ଦାନକରନ୍ତି, କିନ୍ତୁ କାହାରି ଆଗରେ ପ୍ରକାଶ କରନ୍ତି ନାହିଁ, ଅପକାରକୁ ଭୁଲିଯାଆନ୍ତି । ଅଧିକ କଅଣ କହିବି ? ସେ ଉଦାରତାରେ ନିଜ ପ୍ରାଣକୁ ମଧ୍ୟ ପରର ଦ୍ରବ୍ୟ ବୋଲି ମନେ କରନ୍ତି ଏବଂ ଶରଣାଗତକୁ ଆଦରରେ ରକ୍ଷା କରନ୍ତି !

ମଦ—ଯେ ଆମ ଆର୍ଯ୍ୟାଙ୍କର ଅଳଙ୍କାର-ସ୍ଥଳ, ତାଙ୍କର ଗୁଣମାନ ନେଇ କିଏ ବର୍ତ୍ତମାନ ଉଜ୍ଜୟିନୀକୁ ଏପରି ମଣ୍ଡିତ କରିଅଛନ୍ତି ?

ବସନ୍ତ—ବାଃ ! ମଦନିକା ! ମୋ ହୃଦୟକଥା ତୁ କହିଲୁ ।

ମଦ—ମହାଶୟ, ତା ପରେ ?

ସଂବା—ବର୍ତ୍ତମାନ ସେ ଦାନ ଦେଇ ଦେଇ......

ବସନ୍ତ—କଅଣ ଦରିଦ୍ର ହୋଇଗଲେ ?

ସଂବା—ମୁଁ ନ କହୁଣୁ ଆପଣ କିପରି ଜାଣିଲେ ?

ବସନ୍ତ—ଏଥିରେ ଜାଣିବାର କଅଣ ଅଛି ? ଗୁଣ ଆଉ ଧନ, ଏକାଠି ରହି ପାରନ୍ତି ନାହିଁ । ଯେଉଁ ପୋଖରୀର ପାଣି ପିଇବା-ଯୋଗ୍ୟ ନୁହେଁ, ସେଇଥିରେହିଁ ବହୁତ ପାଣି ଥାଏ ।

ମଦ — ମହାଶୟ, ତାଙ୍କ ନାମ କଅଣ ?

ସଂବା — ଆର୍ଯ୍ୟା, ପୃଥିବୀର ସେହି ଚନ୍ଦ୍ରଙ୍କ ନାମ କିଏ ନ ଜାଣେ ? ସେ ବଣିକମାନଙ୍କ ସାହିରେ ବାସ କରନ୍ତି । ସେହି ସ୍ୱନାମଧନ୍ୟ ବ୍ୟକ୍ତିଙ୍କ ନାମ ଆର୍ଯ୍ୟ ଚାରୁଦତ୍ତ ।

ବସନ୍ତ — ( ଆନନ୍ଦରେ ଆସନରୁ ଉଠି ) ମହାଶୟ, ଏ ଆପଣଙ୍କର ନିଜ ଘର । ମଦନିକା, ଆର୍ଯ୍ୟଙ୍କୁ ଆସନ ଦେ, ବିଞ୍ଚ ଦେ । ଆର୍ଯ୍ୟ ବଡ଼ କ୍ଳାନ୍ତହୋଇ ପଡ଼ିଛନ୍ତି ।

ମଦନିକା—( ସେହିପରି କଲା )

ସଂବା—( ସ୍ୱଗତ ) କଅଣ ଆର୍ଯ୍ୟ ଚାରୁଦତ୍ତଙ୍କ ନାମ କହିବାମାତ୍ରେ ମୋର ଏତେ ଆଦର ! ଧନ୍ୟ ! ଆର୍ଯ୍ୟ ଚାରୁଦତ୍ତ, ଧନ୍ୟ ! ପୃଥିବୀରେ ଏକମାତ୍ର ତୁମର ଜୀବନ ସଫଳ; ଅନ୍ୟମାନଙ୍କ ଜୀବନ ନିଷ୍ଫଳ । ( ପାଦତଳେ ପଡ଼ି ) ଆର୍ଯ୍ୟା, ସେତିକି ଥାଉ । ଆପଣ ଆସନରେ ବସନ୍ତୁ ।

ବସନ୍ତ — ( ଆସନରେ ବସି ) ମହାଶୟ, ସେ ଧନିକ କାହିଁ ?

ସଂବା—ସଜ୍ଜନମାନେହିଁ ସତ୍କାରଧନରେ ଧନିକ । ଧନ କାହା ପାଖରେ ସ୍ଥିର ହୋଇ ରହିଛି ? ଯେ ସମ୍ମାନ କରି ଜାଣେ, ସେ ଜାଣେ କିପରି ସମ୍ମାନ କରାଯାଏ ।

ବସନ୍ତ—ତା' ପରେ କଅଣ ହେଲା ?

ସଂବାହକ – ତା' ପରେ ସେ ମୋତେ ବେତନ ଦେଇ ଭୃତ୍ୟରୂପେ ରଖିଥିଲେ । ସେ ଦରିଦ୍ର ହୋଇଯାଆନ୍ତେ ମୁଁ ଜୁଆଖେଳାଳି ହୋଇଗଲି । ପୁଣି ଦୁର୍ଭାଗ୍ୟ ଯୋଗୁ ଜୁଆଖେଳରେ ଦଶସୁବର୍ଣ୍ଣ ହରାଇଛି ।

ନେପଥ୍ୟେ —

ମାଥୁର—ମୋତେ ସାରିଦେଲା, ମୋତେ ଲୁଟିନେଲା ।

ସଂବା – ହେଇ, ଜୁଆମାଲିକ ଆଉ ଜୁଆଖୋର ମୋତେ ଖୋଜୁଛନ୍ତି । ଆପଣ ତ ସବୁ ଶୁଣିଲେ । ଏଣିକି ଯାହା ବିଚାର କରନ୍ତୁ ।

ବସନ୍ତ—ମଦନିକା, ବୃକ୍ଷ ଦୋହଲି ଯିବାରୁ ସେଥିରେ ବାସ କରୁଥିବା ପକ୍ଷୀମାନେ ଏଣେ ତେଣେ ବିଚଳିତ ହେଉଛନ୍ତି । ତେବେ, ଜୁଆର ମାଲିକ ଆଉ ଖେଳାଳିକୁ ଏଇ କଙ୍କଣ ଦେ ଏବଂ କହ ଯେ ସଂବାହକ ଏହାକୁ ଦେଲେ ।

( ହାତରୁ କଙ୍କଣକାଢ଼ି ଦାସୀକୁ ଦେଲେ )

ମଦ – ( ନେଇ ) ଆପଣଙ୍କ ଆଜ୍ଞା । ( ଚାଲିଗଲା )

× × × ×

ମାଥୁର – ମୋତେ ସାରିଦେଲା ! ମୋତେ ଲୁଟିକରି ନେଲା !

ମଦ – ଏ ଦୁଇଜଣ ଯେପରି ଉପରକୁ ଚାହିଁଛନ୍ତି, ଦୀର୍ଘଶ୍ୱାସ ପକାଇ ପରସ୍ପର କଥାବାର୍ତ୍ତା କରୁଛନ୍ତି, ଦୁଆର ଉପରେ ଦୃଷ୍ଟି ରଖିଛନ୍ତି, ଏଥିରୁ ମୋର ଅନୁମାନ, ଏ ଦୁହେଁ ସେହି ଜୁଆମାଲିକ ଏବଂ ଜୁଆଖେଳାଳି ହେବେ । ( ନିକଟକୁ ଯାଇ ) ମହାଶୟ, ନମସ୍କାର ।

ମାଥୁର – ମଙ୍ଗଳ ହେଉ ।

ମଦ—ତୁମ ଦୁଇଜଣଙ୍କ ମଧ୍ୟରେ ଜୁଆମାଲିକ କିଏ ?

ମାଥୁର – (ତାକୁ ବେଶ୍ୟା ବୋଲି ଭାବି) ଆଗୋ କ୍ଷୀଣକଟି ! ଆମକୁ କଟାକ୍ଷରେ ଚାହିଁ, ସୁରତ-କ୍ଷତ ଚପଳ ଅଧରରେ କଥା

କହୁଛ । କଏ ଗୋ ତୁମେ ? ମୋ ପାଖରେ ଧନ ନାହିଁ, ଅନ୍ୟତ୍ର ଯାଅ ।

ମଦ—ତୁମ କଥାରୁ ଜଣା ପଡ଼ିଲା ତୁମେ ହିଁ ଜୁଆମାଲିକ । କେହି ତୁମର ଋଣୀ ଅଛି କି ?

ମାଥୁର—ଅଛି । ଜଣେ ଦଶ ସୁବର୍ଣ୍ଣ ଋଣ ନେଇଛି । ସେ କାହିଁ ?

ମଦ—ତାହାର ପାଇଁ ବସନ୍ତସେନା ତୁମକୁ ଏହି କଙ୍କଣ ଦେଇଛନ୍ତି । ନା, ନା, ସେହି ଋଣୀ ଦେଇଛନ୍ତି ।

ମାଥୁର—(ଆନନ୍ଦରେ ନେଇ) ଆଗୋ, ସେହି କୁଳପୁତ୍ରଙ୍କୁ କହିବ "ତୁମ ସର୍ତ୍ତ ପୂର୍ଣ୍ଣ ହୋଇଗଲା । ପୁଣି ଆସିବ, ଜୁଆ ଖେଳିବ ।"

(ଦୁହେଁ ଚାଲିଗଲେ)

× × ×

ମଦ—(ବସନ୍ତସେନା ନିକଟକୁ ଯାଇ) ଆର୍ଯ୍ୟା, ସେ ଦୁହେଁ ଖୁସି ହୋଇ ଚାଲିଗଲେ ।

ବସନ୍ତ—ଭଲ ହେଲା । ଆମର ବନ୍ଧୁ ଆଶ୍ୱାସନା ପାଆନ୍ତୁ ।

ସଂବା—ଆର୍ଯ୍ୟା, ଯଦି ଉପକାର କଲେ, ତା' ହେଲେ ମୋ କଳାକୁ ଆପଣଙ୍କର କୌଣସି ଭୃତ୍ୟକୁ ଶିଖାଇ ଦେବି ।

ବସନ୍ତ—ଆର୍ଯ୍ୟ, ଯାହାଙ୍କ ପାଇଁ ଆପଣ ଏ କଳା ଶିଖିଛନ୍ତି, ଆଉ ଯାହାଙ୍କୁ ପୂର୍ବରୁ ସେବା କରିଛନ୍ତି, ତାଙ୍କର ସେବା କରନ୍ତୁ ।

ସଂବା—(ସ୍ୱଗତ) ଏ ଚତୁରତାରେ ଅସ୍ୱୀକାର କରିଦେଲେ । ତା' ହେଲେ କିପରି ଏହାଙ୍କର ପ୍ରତ୍ୟୁପକାର କରିବି ? (ପ୍ରକାଶ୍ୟରେ) ଆର୍ଯ୍ୟା, ମୁଁ ଜୁଆଖେଳରୁ ବହୁତ ଅପମାନ ପାଇଲିଣି, ଏଣିକି

ବୌଦ୍ଧ ସନ୍ନ୍ୟାସୀ ହୋଇଯିବ । ଜୁଆଖେଳାଳ ସଂବାହକ ଭିକ୍ଷୁ ହୋଇଗଲା—ଆପଣ ଏଇ କଥାଟି ମନେ ରଖିଥିବେ ।

ବସନ୍ତ—ମହାଶୟ, ଏପରି ସାହସ କରିବା ଅନୁଚିତ ।

ସଂବା—ଆର୍ଯ୍ୟା, ଏହା ମୋର ଦୃଢ଼ ସଂକଳ୍ପ । ଜୁଆ ଖେଳି ମୁଁ ସମସ୍ତଙ୍କ ଆଗରେ ଅପମାନିତ ହେଉଥିଲି । ଏବେ ମୁଣ୍ଡ ଲଣ୍ଡା କରି ରାସ୍ତାଉପରେ ନିର୍ଭୟରେ ବୁଲିବି ।

( ନେପଥ୍ୟେ କୋଳାହଳ )

ସଂବା—( ଶୁଣି ) ଏଁ ! ଏ କଅଣ ? ( କାହା ସହିତ କଥାବାର୍ତ୍ତା କଲାପରି ) କଅଣ କହୁଛ ? ବସନ୍ତସେନାଙ୍କ 'ଖୁଣ୍ଟମୋଡ଼କ' ହାତୀ ଉତ୍ପାତ କରୁଛି ? ବାଃ ! ଯାଉଛି, ଆର୍ଯ୍ୟାଙ୍କର ଗନ୍ଧଗଜକୁ ଦେଖିବି । ନା, ଏଥିରେ ମୋର ଲାଭ କଅଣ ? ଯାହା ସଙ୍କଳ୍ପ କରିଛି, ତାହାହିଁ ପୂର୍ଣ୍ଣ କରିବି । ( ଚାଲିଗଲା )

× × ×

( ଏହାପରେ ଯବନିକା ପତନ ବିନା ଉପୁଙ୍କର ଏବଂ ଉଜ୍ଜ୍ୱଳ ବେଶରେ କର୍ଣ୍ଣପୂରକର ପ୍ରବେଶ )

କର୍ଣ୍ଣ—କାହାନ୍ତି ? ଆର୍ଯ୍ୟା କାହାନ୍ତି ?

ମଦ—ମୂର୍ଖ, ଏଭଳି ଛାନିଆ କାହିଁକି ହେଉଛ ? ଆଗରେ ଆର୍ଯ୍ୟା ବସିଛନ୍ତି, ଦେଖି ପାରୁନାହଁ ?

କର୍ଣ୍ଣ—(ଦେଖି) ଆର୍ଯ୍ୟା, ନମସ୍କାର ।

ବସନ୍ତ—ତୁମ ମୁଖ ବଡ଼ ପ୍ରସନ୍ନ ଜଣା ପଡ଼ୁଛି । କଥା କଅଣ ?

କର୍ଣ୍ଣ — (ଆଶ୍ଚର୍ଯ୍ୟରେ) ଆର୍ଯ୍ୟା, ଆପଣ ଠକିଗଲେ । କର୍ଣ୍ଣପୂରକର ପରାକ୍ରମ ଯାହା ଦେଖି ନପାରିଲେ !

ବସନ୍ତ — କର୍ଣ୍ଣପୂରକ, କଥା କଅଣ ?

କର୍ଣ୍ଣ — ଶୁଣନ୍ତୁ । ଆପଣଙ୍କର ଖୁଣ୍ଟମୋଡ଼କ ନାମରେ ଯେଉଁ ଦୁଷ୍ଟ ହାତୀ ନୁହେ ? ସେ ବନ୍ଧନସ୍ତମ୍ଭକୁ ଭାଙ୍ଗି, ମାହୁନ୍ତକୁ ମାରି, ଘୋର ଉତ୍ପାତ କରି ରାସ୍ତା ଉପରକୁ ଆସିଲା । ଲୋକମାନେ ଚିତ୍କାର କଲେ—

"ରାସ୍ତାରୁ ପିଲାମାନଙ୍କୁ ନେଇଯାଅ । ଶୀଘ୍ର ଗଛ ଉପରକୁ ଚଢ଼ିଯାଅ, କୋଠା ଉପରକୁ ଚଢ଼ିଯାଅ । ଦୁଷ୍ଟହାତୀ ଏଣିକି ଆସୁଛି, କ'ଣ ଦେଖି ପାରୁନାହଁ ?" ଦେଖୁ ଦେଖୁ କେତେ ନୂପୁର, ମଣିମୟ ଅଣ୍ଟାସୂତା, ପୁଣି ରତ୍ନଖଚିତ ସୁନ୍ଦର କଙ୍କଣମାନ ଭାଙ୍ଗିଯିବାରେ ଲାଗିଲା । ( କାରଣ, ସ୍ତ୍ରୀ ମାନେ ଭୟରେ ଏଣେ ତେଣେ ଧାଇଁବାରେ ଲାଗିଲେ ।)

ତାପରେ ସେ ଦୁଷ୍ଟହାତୀ ଶୁଣ୍ଢ, ପାଦ ଓ ଦାନ୍ତରେ ଉଜ୍ଜୟିନୀକୁ ପୋଖରୀ ଭଳି ମନ୍ଥି ମନ୍ଥି ଏକ ସନ୍ନ୍ୟାସୀକୁ ଧରିଲା । ଭୟରେ ସନ୍ନ୍ୟାସୀର ହାତରୁ ଦଣ୍ଡକମଣ୍ଡଳୁ ଖସି ପଡ଼ିଲା । ହାତୀ ଯେତେବେଳେ ତା ଉପରେ ଜଳବିନ୍ଦୁ ବର୍ଷା କରି ତାକୁ ଦୁଇଦାନ୍ତ ମଝିରେ ଧରିଲା, ସେତେବେଳେ ଲୋକମାନେ ଚିତ୍କାର କଲେ — ହାୟ ! ହାୟ ! ସନ୍ନ୍ୟାସୀକୁ ମାରିଦେଲା ! ମାରିଦେଲା !"

ବସନ୍ତ — (ଉଦ୍‌ବେଗରେ) ଓହୋ ! ଘୋର ସଙ୍କଟ !

କର୍ଣ୍ଣ — ଆଶଙ୍କା କରନ୍ତୁ ନାହିଁ, ଶୁଣନ୍ତୁ । ତା ପରେ ହାତୀକୁ ଶିକୁଳି ଛିଣ୍ଡାଇ-ଥିବାର ଏବଂ ଦାନ୍ତ ମଝିରେ ସନ୍ନ୍ୟାସୀକୁ ଧରିଥିବାର

ଦେଖି, ମୁଁ—ନା ନା, ଆପଣଙ୍କର ଅନୁପାଳିତ ଗୃକର, ବାଁ ପାଖରେ ଗଲି । ସେହି ଯେ କି ଆଗେ ଜୁଆଖେଳାଳି ଥିଲ,ନୂଆ ସନ୍ନ୍ୟାସୀକୁ, ବଡ଼ ପାଟିରେ ଆଶ୍ୱାସନା ଦେଇ ଶୀଘ୍ର ବଜାରରୁ ଗୋଟାଏ ଲୁହାଛଡ଼ ଆଣିଲି ଏବଂ ଦୁଷ୍ଟହାତୀକୁ ଡାକ ଛାଡ଼ିଲି ।

ବସନ୍ତ—ତା ପରେ ? ତା ପରେ ?

କର୍ଣ୍ଣ—ବିନ୍ଧ୍ୟ ପର୍ବତର ଶୃଙ୍ଗ ପରି ବିରାଟ ସେହି ରାଗୀ ହାତୀଟାକୁ ଲୁହାଛଡ଼ରେ ପିଟି ପିଟି ତା ଦାନ୍ତ ମଝିରୁ ସନ୍ନ୍ୟାସୀକୁ ଉଦ୍ଧାର କଲି ।

ବସନ୍ତ—ବଡ଼ ଭଲ କାମ କଲ । ତା ପରେ ?

କର୍ଣ୍ଣ—ତା ପରେ, 'ଧନ୍ୟରେ କର୍ଣ୍ଣପୂରକ, ଧନ୍ୟ !' ଖାଲି ଏଇଆ କହି କହି ଗୁରୁତର ଭାରରେ ଦବି ଯାଇଥିବା ନୌକା ଭଳି ସାରା ଉଜ୍ଜୟିନୀ ସତେ ଯେମିତି ଗୋଟାଏ ପଟକୁ ଝୁଙ୍କି ପଡ଼ିଲା । ତା ପରେ ଆର୍ଯ୍ୟା, କେହି ଜଣେ ନିଜ ଦେହର ଅଳଙ୍କାର ପିନ୍ଧିବା ସ୍ଥାନଗୁଡ଼ିକୁ ଛୁଇଁ, ଉପରକୁ ଚାହିଁ, ଦୀର୍ଘଶ୍ୱାସ ମାରି ଏଇ ଚାଦର ଖଣ୍ଡିକ ମୋ ଉପରକୁ ପକାଇ ଦେଲେ ।

ବସନ୍ତ—କର୍ଣ୍ଣପୂରକ, ଦେଖିଲ, ସେ ଚାଦର ଜାଈ ଫୁଲରେ ସୁବାସିତ କି ନା ?

କର୍ଣ୍ଣ—ଆର୍ଯ୍ୟା, ହାତୀର ମଦଗନ୍ଧ ଯୋଗୁଁ ଚାଦରର ଗନ୍ଧ ବାରି ହେଉନାହିଁ ।

ବସନ୍ତ—ସେଥିରେ କାହାର ନାମ ଲେଖା ହୋଇଛି ?

କର୍ଣ୍ଣ—ଏଇ, ଲେଖା ହୋଇଛି । ଆପଣ ପଢ଼ନ୍ତୁ । ( ଚାଦର ଦେଲା )

ବସନ୍ତ—(ପଢ଼ି) ଆର୍ଯ୍ୟ ଚାରୁଦତ୍ତଙ୍କର । ( ଆଗ୍ରହରେ ଦୋହଲାଇ ଦେଖିଲେ)

ମଦ—କର୍ଣ୍ଣପୂରକ, ଆର୍ଯ୍ୟାଙ୍କୁ ଏ ଉତ୍ତରୀ ବଡ଼ ଶୋଭା ପାଉଛି ।

କର୍ଣ୍ଣ ବାଃ ! ବଡ଼ ଶୋଭା ପାଉଛି ।

ବସନ୍ତ—କର୍ଣ୍ଣପୂରକ, ଏଇ ତୁମର ପାରତୋଷିକ । ( ଅଳଙ୍କାର ଦେଲେ )

କର୍ଣ୍ଣ - (ନମ୍ରତା ପୂର୍ବକ ନେଇ ଏବଂ ପ୍ରଣାମ କରି) ଏ ଉତ୍ତରୀ ଆପଣଙ୍କୁ ବେଶ୍ ଶୋଭା ପାଉଛି ।

ବସନ୍ତ—କର୍ଣ୍ଣପୂରକ, ବର୍ତ୍ତମାନ ଆର୍ଯ୍ୟ ଚାରୁଦତ୍ତ କେଉଁଠି ?

କର୍ଣ୍ଣ - ଏଇ ବାଟେ ଘର ଆଡ଼କୁ ଗଲେ ।

ବସନ୍ତ - ମଦନିକା, ଆ, ଉପରଘରକୁ ଯାଇ ର୍ଯ୍ୟ ଚାରୁଦତ୍ତଙ୍କୁ ଦେଖିବା ।

(ସମସ୍ତଙ୍କର ପ୍ରସ୍ଥାନ)

—o—

# ତୃତୀୟ ଅଙ୍କ

(ଚାରୁଦତ୍ତଙ୍କ ଭୃତ୍ୟ 'ବର୍ଦ୍ଧ'ମାନକର ପ୍ରବେଶ)

ବର୍ଦ୍ଧ — ମୁନିବ ଗରିବ ହେଉ ପଛେ, ଯଦି ଚାକରଙ୍କ ପ୍ରତି ଦୟା ବ୍ୟବହାର କରେ, ତେବେ ସେପରି ମୁନିବ ଭଲ, କିନ୍ତୁ ମୁନିବ ଧନୀ ହେଲେ ମଧ୍ୟ ଯଦି ଗର୍ବୀ, ସେ ବଡ଼ ଭୟଙ୍କର । ତା ପାଖରେ …କଷ୍ଟ କରିବା ମୁସ୍କିଲ । ଆଉ ବି —

ଯେଉଁ …ଶୁ ପାଟିରେ ନୂଆ ଫସଲର ସୁଆଦ ଲାଗିଥିବ, ତାକୁ, ଯେଉଁ …ରୁଷ ପର ସ୍ତ୍ରୀ ଠାରେ ମଜ୍ଜି ଯାଇଥିବ, ତାକୁ, ଆଉ ଯେଉଁ …ଲୋକ ଜୁଆଖେଳରେ ମଜ୍ଜି ଯାଇଥିବ, ତାକୁ, କଦାପି ବା… । କରି ହେବ ନାହିଁ । ସେହିପରି ଯାହାର ଯେଉଁ ପ୍ରକୃ… ଦୋଷ ଅଛି, ତାକୁ ମଧ୍ୟ ଦୂର କରି ହେବ ନାହିଁ । ଅଧରାତିରୁ … ବେଶି ହୋଇ ଗଲାଣି । ତଥାପି ଆସୁନାହାନ୍ତି ! ଯାଉଛି, …ାର ଘରେ ଶୋଇବି । ( ଶୋଇଲା )

× × ×

(ତା' …ର ଚାରୁଦତ୍ତ ଓ ବିଦୂଷକଙ୍କର ପ୍ରବେଶ)

ଚାରୁ — ବାଃ ! … ! ରେଭିଲ କି ସୁନ୍ଦର ଗୀତ ଗାଇଲା ! ବାସ୍ତବିକ ବୀଣା ପି… ସମୁଦ୍ରରୁ ବାହାରି ନାହିଁ, ମାତ୍ର ତାହା ଗୋଟିଏ

ଅମୂଲ୍ୟ ରତ୍ନ । କାରଣ—ବୀଣା ହେଉଛି ଉତ୍କଣ୍ଠିତ ଲୋକର ଅନ୍ତରଙ୍ଗ ମିତ୍ର, ସଂକେତ ସ୍ଥଳକୁ ପ୍ରଣୟୀ ଆସିବାରେ ବିଳମ୍ବ ହେଲେ ମନ ବହଲେଇ ରଖିବାର ଉତ୍କୃଷ୍ଟ ଅବଲମ୍ବନ, ବିରହ-ବ୍ୟାକୁଳ ଲୋକର ଧୈର୍ଯ୍ୟଦାୟିନୀ ପ୍ରିୟତମା, ଆଉ ଅନୁରାଗୀର ଅନୁରାଗ ବଢ଼ାଇବା ପାଇଁ ସୁନ୍ଦର ସାମଗ୍ରୀ ।

ବିଦୂ—ଆଜ୍ଞେ, ଘରକୁ ଆସିବା ହେଉ ।

ଚାରୁ—ବାଃ ! ପ୍ରବୀଣ ରେଭିଲ କି ସୁନ୍ଦର ଗୀତ ଗାଇଲେ !

ବିଦୂ—ସଂସ୍କୃତ ପଢ଼ୁଥିବା ସ୍ତ୍ରୀ, ଆଉ ସରୁ କଣ୍ଠରେ ଗାଉଥିବା ପୁରୁଷ ଏ ଦୁହିଙ୍କୁ ଦେଖିଲେ ମୋତେ ଭାରି ହସମାଡ଼େ । ନୂଆ ପ୍ରସବ କରିଥିବା, ନାକରେ ପଘା ଲଗିଥିବା ଗାଈ ଭଳି ସଂସ୍କୃତ ପଢ଼ାଳୀ ସ୍ତ୍ରୀ ଖାଲି ସୁଁ ସୁଁ ହେଉଥାଏ । ଶୁଖିଲା ଫୁଲମାଳଟା ବେକରେ ଗଳେଇ ବୁଢ଼ା ପୁରୋହିତ ଯେମିତି ମନ୍ତ୍ରପାଠ କରୁଥାଏ, ସରୁ କଣ୍ଠରେ ଗାଉଥିବା ପୁରୁଷ ଠିକ୍ ସେଇ ଭଳିଆ ଦେଖାଯାଏ । ପ୍ରକୃତରେ ମୁଁ ଏ ଦୁହିଙ୍କୁ ଆଦୌ ଭଲ ପାଏ ନା ।

ଚାରୁ—ମିତ୍ର, ପ୍ରବୀଣ ରେଭିଲ ଆଜି ବଡ଼ ସୁନ୍ଦର ଗୀତ ଗାଇଲେ । ତୁମକୁ କଅଣ ଭଲ ଲାଗିଲା ନାହିଁ ?

ତା' ଗୀତ କି ଅନୁରାଗଜନକ, ମଧୁର, ସୁସଂଗତ, ସ୍ପଷ୍ଟ, ଭାବମଦ୍ର, ଲଳିତ, ଆଉ ଚିତ୍ତାକର୍ଷକ ! ଅଧିକ କଅଣ ପ୍ରଶଂସା କରିବି ? ସେ ଯେବେ କେଉଁଠି ଲୁଚିକରି ଗାଉଥାଆନ୍ତା, ମୁଁ ମନେ କରୁଥାଆନ୍ତି ଯେ କୌଣସି ସ୍ତ୍ରୀ ଗାଉଛି ! ବର୍ତ୍ତମାନ ସେ ଗୀତ ଗାଉନାହିଁ । ତଥାପି ତାର ସେହି ସ୍ୱରଲହରୀ, କୋମଳବାକ୍ୟ, ମଧୁର ବୀଣାଧ୍ୱନି, ଆରୋହରେ ଉଚ୍ଚସ୍ୱର ଏବଂ ଅବରୋହରେ

ମୃଦୁସ୍ୱର, ଅନାୟାସରେ ସ୍ୱରସଂଯମ, ପୁଣି ରାଗ ନିୟମ ଅନୁସାରେ ଦୁଇ ଦୁଇ ବାର ମଧୁର ଉଚ୍ଚାରଣ, ଏ ସମସ୍ତ ସତେ ଯେପରି ମୁଁ ଶୁଣି ଶୁଣି ଯାଉଛି !

ବିଦୂ—ମିତ୍ର, ବଜାର ଗଳିମାନଙ୍କରେ କୁକୁରମାନେ ବି ସୁଖରେ ଶୋଇଛନ୍ତି । ଚାଲ ଚାଲ, ଘରକୁ ଚାଲ । ( ଆଗକୁ ଚାହିଁ ) ମିତ୍ର, ଦେଖ, ଦେଖ, ସତେ ଯେପରି ଅନ୍ଧାରକୁ ସ୍ଥାନ ଦେବା-ପାଇଁ ଚନ୍ଦ୍ରଦେବ ଆକାଶ-କୋଠାରୁ ଓହ୍ଲାଇ ଆସୁଛନ୍ତି ।

ଚାରୁ—ଠିକ୍ କହୁଛ ।

ଅନ୍ଧକାରକୁ ସ୍ଥାନ ଦେଇ ଚନ୍ଦ୍ର ଅସ୍ତ ଯାଉଛନ୍ତି । ଜଳମଗ୍ନ ଅରଣ୍ୟ-ହସ୍ତୀର ତୀକ୍ଷ୍ଣଦନ୍ତ ଜଳ ଉପରକୁ ଅବଶିଷ୍ଟ ଥାଇ ଯେପରି ଦେଖାଯାଉଥାଏ, ଅସ୍ତଗାମୀ ଚନ୍ଦ୍ରଙ୍କର ଅବଶିଷ୍ଟ ଅଂଶ ସେହିପରି ଦିଶୁଅଛି ।

ବିଦୂ—ମିତ୍ର, ଆମ ଘର ପଡ଼ିଲା । ବର୍ଦ୍ଧମାନକ, ବର୍ଦ୍ଧମାନକ, କବାଟ ଫିଟାଅ ।

ବର୍ଦ୍ଧ—ଆର୍ଯ୍ୟ ମୈତ୍ରେୟଙ୍କର ପାଟି ଶୁଭୁଛି । ଆର୍ଯ୍ୟ ଚାରୁଦତ୍ତ ଆସିଗଲେ । ଦୁଆର ଖୋଲିଦିଏଁ । ( ଦୁଆରଖୋଲି ) ଆର୍ଯ୍ୟ, ପ୍ରଣାମ । ( ବିଦୂଷକଙ୍କୁ ) ଆର୍ଯ୍ୟ, ଆପଣଙ୍କୁ ମଧ୍ୟ ପ୍ରଣାମ । ଏଇଠି ଆସନ ପଡ଼ିଛି, ବସନ୍ତୁ ।

( ଦୁହେଁ ପ୍ରବେଶ କରି ବସିଲେ )

ବିଦୂ—ବର୍ଦ୍ଧମାନକ, ଗୋଡ଼ ଧୋଇ ଦେବା ପାଇଁ ରଦନିକାକୁ ଡାକ ।

ଚାରୁ—(ଦୟାର ସହିତ) ନା ନା, ଶୋଇଥିବା ଲୋକଙ୍କୁ ଉଠେଇବା ଅନୁଚିତ ।

ବର୍ଦ୍ଧ—ଆର୍ଯ୍ୟ ମୈତ୍ରେୟ, ମୁଁ ପାଣି ଢାଳ ଧରୁଛି, ଆପଣ ଗୋଡ଼ ଧୁଅନ୍ତୁ ।

ବିଦୂ—( ରାଗିଯାଇ ) ମିତ୍ର, ଦେଖ, ଏ ନୀଚ ଜାତି ହୋଇ ପାଣି ଧରିବ, ଆଉ ମୁଁ ବ୍ରାହ୍ମଣ, ମୋତେ ଗୋଡ଼ ଧୋଇ ଦେବାକୁ କହୁଛି !

ଚାରୁ—ବନ୍ଧୁ, ତୁମେ ପାଣି ଧର, ବର୍ଦ୍ଧମାନକ ଗୋଡ଼ ଧୋଇ ଦେଉ !

ବର୍ଦ୍ଧ—ଆର୍ଯ୍ୟ ମୈତ୍ରେୟ, ପାଣି ଢାଳନ୍ତୁ ।

( ବିଦୂଷକ ପାଣି ଢାଳିଲେ । ବର୍ଦ୍ଧମାନକ ଚାରୁଦତ୍ତଙ୍କ ଗୋଡ଼ ଧୋଇ ଦେଇ ଦୂରେଇ ଗଲା । )

ଚାରୁ—(ବର୍ଦ୍ଧମାନକକୁ) ବ୍ରାହ୍ମଣଙ୍କ ପାଦ ଧୋଇଦିଅ ।

ବିଦୂ—ମୋର ପାଦ ଧୋଇବା ଦରକାର କଅଣ ? ମାଡ଼ଖିଆ ଗଧ ଭଳି ଭୂଇଁରେ ଗଡ଼ିଯିବ ।

ବର୍ଦ୍ଧ—ଆର୍ଯ୍ୟ ମୈତ୍ରେୟ, ଆପଣ ବ୍ରାହ୍ମଣ ପରା !

ବିଦୂ—ଯିମିତି ସାପମାନଙ୍କ ମଧ୍ୟରେ ଧଣ୍ଡ, ସିମିତି ମୁଁ ବ୍ରାହ୍ମଣମାନଙ୍କ ମଧ୍ୟରେ ବ୍ରାହ୍ମଣ ।

ବର୍ଦ୍ଧ—ଆର୍ଯ୍ୟ ମୈତ୍ରେୟ, ତଥାପି ମୁଁ ଗୋଡ଼ ଧୋଇଦେବି । (ଧୋଇଦେଇ) ଆର୍ଯ୍ୟ ମୈତ୍ରେୟ, ଏ ଅଳଙ୍କାରକୁ ମୁଁ ଦିନରେ, ଆପଣ ରାତିରେ ରକ୍ଷା କରିବାର କଥା । ତେଣୁ ନିଅନ୍ତୁ । ( ଦେଇ ଚାଲିଗଲା )

ବିଦୂ—( ନେଇ ) ଆଜି ପର୍ଯ୍ୟନ୍ତ ବି ଏ ଅଛି ? ଏ ନଦଚ୍ଛେରକୁ ଚୋରି କରି ନେବାକୁ ଉଜ୍ଜୟିନୀରେ କ'ଣ ଚୋର ନାହାନ୍ତି ? ମିତ୍ର, ମୁଁ ଏହାକୁ ଅନ୍ତଃପୁରକୁ ପଠାଇଦେବ ।

ଚାରୁ—ନା, ଏହାକୁ ଅନ୍ତଃପୁରକୁ ପଠାଇବା ଉଚିତ ନୁହେଁ । କାରଣ, ଏ ହେଉଛି ଗଣିକାର ଅଳଙ୍କାର । ତେଣୁ ବସନ୍ତ-ସେନାଙ୍କୁ ଫେରାଇ ଦେବା ପର୍ଯ୍ୟନ୍ତ ତୁମେ ହିଁ ଏହାର ରକ୍ଷାର ଦାୟିତ୍ୱ ନିଅ ।

( ଚାରୁଦତ୍ତ ନିଦ ମାଡ଼ିବାର ଅଭିନୟ କରି, "ଓଃ ! କି ମଧୁର ସ୍ୱରଲହରୀ" ପ୍ରଭୃତି ପୂର୍ବୋକ୍ତ କଥାମାନ କହିଲେ । )

ବିଦୂ—ତୁମକୁ କଅଣ ନିଦ ଆସିଲାଣି ?

ଚାରୁ—ହଁ । ନିଦ ମୋ ଆଖିକୁ କପାଳ ଉପରୁ ଯେମିତି କି ମାଡ଼ି ମାଡ଼ି ଆସୁଛି ! ବୃଦ୍ଧାବସ୍ଥା ଯେପରି ଲୁଚି ଲୁଚି ଆସି ମନୁଷ୍ୟର ବଳକୁ ଜବରଦସ୍ତି ହରଣ କରି ବଢ଼ିବାରେ ଲାଗେ, ଏ ଅସ୍ଥାୟୀ ନିଦ ସେହିପରି ବଢ଼ିବାରେ ଲାଗିଲାଣି ।

ବିଦୂ—ତା' ହେଲେ ଶୋଇ ପଡ଼ିବା । ( ଶୋଇଲେ )

× × × ×

(ଶର୍ବିଳକର ପ୍ରବେଶ)

ଶର୍ବି—ମୁଁ ଶିକ୍ଷା ଆଉ ନିଜ ବଳରେ ଅନୁକୂଳରେ ଦେହ ମାପରେ ସିନ୍ଧିଗାତ କରିପାରେ, ସାପ ଯିମିତି କାତି ଛାଡ଼ି ସରୁ କଣା ଗାତରୁ ବାହାରିଯାଏ, ମୁଁ ସେହିପରି କଡ଼ ଘଷି ଘଷି ସିନ୍ଧି-ଗାତ ବାଟେ ଭିତରକୁ ପଶିଯିବି ।

(ଆକାଶକୁ ଚାହିଁ ଆନନ୍ଦରେ)

ଆରେ ବାଃ ! ଚନ୍ଦ୍ରଦେବ ଅସ୍ତ ଯାଉଛନ୍ତି ।

ମୁଁ ପରଘରେ ପଶିବାର ଏକମାତ୍ର ସିନ୍ଧ ଦ୍ୱାର । ମୋର ଭ୍ରମଣ ପ୍ରହରୀମାନଙ୍କ ଶଙ୍କାର କାରଣ । ରାତ୍ରି ସମସ୍ତ ପଦାର୍ଥକୁ ଘୋର ଅନ୍ଧକାରରେ ଆଚ୍ଛାଦିତ କରିଛି । ମୋତେ ବି ମୋ ମା ପରି ଘୋଡ଼ାଇ ରଖିଛି ।

ବଗିଚାର ନେଡ଼ ସ୍ଥାନରେ ସିନ୍ଧକରି ପାଚେରି ଭିତରକୁ ଚାଲି ଆସିଲିଣି । ବର୍ତ୍ତମାନ ଭିତର ଘରକୁ ସିନ୍ଧି କରି ପଶିବି । ଲୋକମାନେ ଶୋଇଥିବାବେଳେ ଯେଉଁ ଚୋରି କରାଯାଏ, ତାହାକୁ ନୀଚ କାର୍ଯ୍ୟ ବୋଲି ଯେ କହିବାର କଥା । ବିଶ୍ୱାସୀ ଲୋକମାନଙ୍କର ଧନ ଅପହରଣ କରି ସେମାନଙ୍କୁ ଠକେଇବାହିଁ ଚୋରି । ଏହା ଅବଶ୍ୟ ବୀରତ୍ୱ ନୁହେଁ । କିନ୍ତୁ କୌଣସି କାର୍ଯ୍ୟ ନିନ୍ଦାଜନକ ହୋଇଥିଲେ ମଧ୍ୟ ଯଦି ସ୍ୱାଧୀନ ଭାବରେ କରାହୁଏ, ତେବେ ତାହା ଶ୍ରେୟସ୍କର, କାରଣ ସେଥିରେ ଚାକର ହୋଇ ହାତ ଯୋଡ଼ିବାକୁ ପଡ଼େ ନାହିଁ । ଏହି ନୀତି ବହୁ ପୂର୍ବକାଳରୁ ଚଳି ଆସିଛି । ପାଣ୍ଡବଙ୍କର ଶିଶୁପୁତ୍ରମାନେ ଶୋଇଥିଲାବେଳେ ଅଶ୍ୱତ୍ଥାମା ସେମାନଙ୍କୁ ଗୋପନରେ ତ ବଧ କରିଥିଲେ ?

ଏବେ କେଉଁଠି ସିନ୍ଧି କରିବି ? ସର୍ବଦା ଜଳ ପଡ଼ି ପଡ଼ି କେଉଁଠି କାନ୍ଥ ବେଶି ନରମ ହୋଇ ଯାଇଛି ? ଯେଉଁଠାରେ କି ଅଳନ୍ଦୀ ଶବ୍ଦ ହେବନାହିଁ ? କେଉଁଠି ମୋତେ କେହି ଦେଖି ପାରିବେ ନାହିଁ, ଅଥଚ ମୁଁ ବିଶାଳ ସିନ୍ଧପାତ କରିଦେବି । କାନ୍ଥର କେଉଁ ଲୁଣିଆ ଜାଗା ନରମ ଢେଲା ପରି ଚୂନା ଚୂନା ହୋଇଯିବ ? କେଉଁଠି ସ୍ତ୍ରୀମାନଙ୍କର ଗମନାଗମନ ନଥିବ ଏବଂ ମୋର କାର୍ଯ୍ୟସିଦ୍ଧି ହୋଇଯିବ ?

( କାନ୍ଥରେ ହାତମାରି ) ପ୍ରତିଦିନ ଏହିସ୍ଥାନରେ ସୂର୍ଯ୍ୟଙ୍କୁ ଜଳଦେବାଯୋଗୁ ମାଟି ନରମ ହୋଇ ଯାଇଛି । ଏଇଠି ମଧ

ବହୁତ ମୂଷାମାଟି ଜମାହୋଇଛୁ । ବେଶ୍ କାର୍ଯ୍ୟସିଦ୍ଧି ହୋଇଗଲା । ସିନ୍ଧପାଇଁ ଯୋଗ୍ୟସ୍ଥାନ ମିଳିବା ସିଦ୍ଧିର ଲକ୍ଷଣ ବୋଲି କାର୍ତ୍ତିକେୟଙ୍କ ପୁତ୍ର, ଚୌର୍ଯ୍ୟବିଦ୍ୟାର ଆଚାର୍ଯ୍ୟମାନେ କହିଛନ୍ତି । ବର୍ତ୍ତମାନ ଏହି ଚୌରରେ କିଭଳି ସିନ୍ଧ ଖୋଳିବ ? ସିନ୍ଧ ସଂପର୍କରେ ପୂଜ୍ୟ କନକଶକ୍ତି ଚାରି ପ୍ରକାର ଉପାୟ ବତାଇଛନ୍ତି । ଯଥା:—ପକ୍କା ଇଟାକୁ ଟାଣି ଆଣିବା, କଞ୍ଚା ଇଟାକୁ କାଟିବା, ଚକଟା ମାଟିର କାନ୍ଥରେ ପାଣି ଡିଞ୍ଚିବା ଏବଂ କାଠକାନ୍ଥକୁ ଚିରିବା । ଏଣୁ ଏଠାରେ ପକ୍କା ଇଟାର କାନ୍ଥରୁ ଇଟା ଟାଣି ଆଣିବାକୁ ହେବ ।

ଫୁଟିଲା ପଦ୍ମ ଭଳି, ନା ସୂର୍ଯ୍ୟ ଭଳି, ନା ଅର୍ଦ୍ଧଚନ୍ଦ୍ରଭଳି, ନା ବାମ୍ପୀଭଳି, ନା ମଙ୍ଗଳ-ପୂର୍ଣ୍ଣକୁମ୍ଭ ଭଳି ମୁଁ ନିଜର ଶିଳ୍ପଚାତୁରୀ ଦେଖାଇବ ? ଯାହାକୁ ଦେଖି କାଲି ସକାଳେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଯିବେ ।

ଏଠାରେ ପକ୍କା ଇଟାରେ ପୂର୍ଣ୍ଣକୁମ୍ଭହିଁ ଶୋଭା ପାଇବ । ସେହି ଆକାରରେ ଖୋଳିବ ।

ଅନ୍ୟତ୍ରରେ ମୁଁ ଯେତେ ଜାଗାରେ ନରମ କାନ୍ଥରେ ସିନ୍ଧ ଖୋଳିଛି, ସକାଳେ ପୁରବାସୀମାନେ ତାହା ଦେଖି ଚୋର କାମକୁ ନିନ୍ଦାକରିବେ ସିନା, ସିନ୍ଧର କୌଶଳକୁ ନିଶ୍ଚୟ ପ୍ରଶଂସା କରିବେ ।

ବରଦାତା କୁମାର କାର୍ତ୍ତିକେୟଙ୍କୁ ନମସ୍କାର । କନକ-ଶକ୍ତିଙ୍କୁ ନମସ୍କାର । ବ୍ରହ୍ମଣ୍ୟ ଦେବଙ୍କୁ ନମସ୍କାର । ଦେବବ୍ରତଙ୍କୁ ନମସ୍କାର । ଭାସ୍କରନନ୍ଦୀଙ୍କୁ ନମସ୍କାର । ଯୋଗାଚାର୍ଯ୍ୟଙ୍କୁ ନମସ୍କାର, ଯାହାଙ୍କର ମୁହିଁ ପ୍ରଧାନ ଶିଷ୍ୟ । ସେ ପ୍ରସନ୍ନ ହୋଇ ମୋତେ ଏହି ଯୋଗ ଶିଖାଇଛନ୍ତି ।

ଏହି ଯୋଗସାଧନା ଦ୍ୱାରା ରକ୍ଷୀମାନେ ମୋତେ ଦେଖି-ପାରିବେ ନାହିଁ । ମୋ ଦେହରେ ଅସ୍ତ୍ରାଘାତ ହେଲେ ମଧ୍ୟ କଷ୍ଟ ହେବ ନାହିଁ ।

( ସାଧନାକରି ) ଗଲା ! ମାପ-ସୂତା ଭୁଲି ଆସିଲି । ( ଚିନ୍ତାକରି ) ଆଚ୍ଛା, ଏଇ ପଇତା ମାପ-ସୂତା କାମ ଚଳେଇବ । ପଇତା ବ୍ରାହ୍ମଣମାନଙ୍କର ଏକ ଭଲ ଉପକରଣ । ବିଶେଷତଃ ମୋ ଭଳି ବ୍ରାହ୍ମଣରେ । କାରଣ—

ଏହାଦ୍ୱାରା କାନ୍ଥରେ ସିନ୍ଧିକୁ ମାପିହେବ । ଦେହରୁ ଅଳଙ୍କାର କାଢ଼ିହେବ । କବାଟ ଦୃଢ଼ଭାବରେ କିଳା ହୋଇଥିଲେ ଏହାଦ୍ୱାରା କିଳଣୀକୁ ଫିଟାଇ ହେବ । ଆଉମଧ୍ୟ ବିଷାକ୍ତ ଜନ୍ତୁ ଦଂଶନ କଲେ ବିଷ ଚଢି ନ ଯିବା ପାଇଁ କାମୁଡ଼ା ସ୍ଥାନକୁ ବାନ୍ଧିବାରେ କାମ ଦେବ । ତା' ହେଲେ ମାପି କାମ ଆରମ୍ଭ କରେଁ । ( କାମ ଆରମ୍ଭ କରି ଏବଂ ଚାହିଁ ) ବେଶ୍, ବର୍ତ୍ତମାନ ସିନ୍ଧିରେ ଗୋଟିଏ ମାତ୍ର ଇଟା ରହିଲା । ଓହୋ ! ସାପ କାମୁଡ଼ି ଦେଲା ! ( ପଇତାରେ ଆଙ୍ଗୁଠିକୁ ବାନ୍ଧି, ବିଷ ଚଢ଼ିଯିବାର ଅଭିନୟ କରି ଏବଂ ଚିକିତ୍ସା କରି ) ଉଃ—ଟିକିଏ ଭଲ ଲାଗିଲା ।

( ପୁଣି ସିନ୍ଧି କରି ଏବଂ ନିରୀକ୍ଷଣ କରି ) ଆରେ ! କଅଣ ଏପରି ଜଳୁଛି ! ସୁନାପରି ପିଙ୍ଗଳବର୍ଣ୍ଣ ଦୀପଶିଖା ସିନ୍ଧିଗାତ ବାଟେ ଭୂମି ପର୍ଯ୍ୟନ୍ତ ଆସୁଛି । କଷଟି ପଥରରେ ଖଣ୍ଡିଏ ସୁନା ପରି ଏହା ଅନ୍ଧାର ଭିତରେ ଶୋଭା ପାଉଛି । (ପୁଣି ସିନ୍ଧିକରି) ସିନ୍ଧି ସରିଗଲା । ଆଚ୍ଛା, ଭିତରକୁ ଯାଏଁ । ନା, ପ୍ରଥମେ ଯିବିନାହିଁ । ଆଗେ ଗୋଟିଏ କୃତ୍ରିମ ମଣିଷକୁ ପଠାଇବି ।

( ସେନ୍ଧପଶି କରି ) ଆରେ ବାଃ ! କେହି ନାହିଁ । କାର୍ତ୍ତିକେୟଙ୍କୁ ନମସ୍କାର । ( ପ୍ରବେଶ କରି ଏବଂ ଚାହିଁ ) ଆରେ ! ଦୁଇଜଣ ପୁରୁଷ ଶୋଇଛନ୍ତି ! ହେଉ ଆତ୍ମରକ୍ଷା ପାଇଁ ଦୁଆର ଖୋଲିଦିଏଁ । ଓଃ ! ଭଙ୍ଗା କବାଟଟା କି ଶବ୍ଦ କରୁଛି ! ଏଥିପାଇଁ ଟିକିଏ ପାଣି ଖୋଜେଁ । କେଉଁଠୁ ପାଣି ମିଳିବ ? ( ଏଣେ ତେଣେ ଖୋଜି, ପାଣି ଆଣି, ସାବଧାନତାର ସହିତ କବାଟରେ ଦେଇ ) ତଳେ ପଡ଼ିଯିବ ଯଦି, ଶବ୍ଦ ହେବ । ( ପଛପଟକୁ ଚାହିଁ ଏବଂ କବାଟ ଖୋଲି ) ଅଚ୍ଛା, ବର୍ତ୍ତମାନ ପରୀକ୍ଷା କରେଁ । ଏ ଦୁହେଁ ଶୋଇବାର ଛଳନା କରୁଛନ୍ତି ନା ପ୍ରକୃତରେ ଶୋଇଛନ୍ତି । ( ନିକଟକୁ ଆସି ଏବଂ ପରୀକ୍ଷା କରି ) ବାଃ ! ଏ ଦୁହେଁ ପ୍ରକୃତରେ ଶୋଇଛନ୍ତି ।

କାରଣ—ଏ ଲୋକ ଦିହେଁଙ୍କ ଢଙ୍ଗରେ ନିଶ୍ୱାସ ମାରୁଛି । ଶ୍ୱାସକ୍ରିୟା ସମୟ ଅନୁସାରେ ଚାଲିଛି । ଆଖି ଦୃଢ଼ ଭାବରେ ବନ୍ଦ ହୋଇଛି । ଏଥିରେ କୌଣସି ବିକାର ନାହିଁ କିମ୍ବା ଢୋଳା ଚଳଚଞ୍ଚଳ ହେଉନାହିଁ । ଦେହର ଗଣ୍ଠିମାନ ଢିଲା ହୋଇ ଯାଇଛି, ଆଉ ଅଙ୍ଗପ୍ରତ୍ୟଙ୍ଗ ଶଯ୍ୟାର ବାହାରେ ପଡ଼ିଛି । ଏ ଯଦି ପ୍ରକୃତରେ ଶୋଇ ନ ଥାନ୍ତା, ତେବେ ସମ୍ମୁଖରେ ଥିବା ଦୀପ ଆଲୁଅକୁ ସହି ପାରୁ ନ ଥାନ୍ତା ।

( ଚାରିଆଡ଼କୁ ଚାହିଁ ) ଆରେ ବାଃ ! କଅଣ ମୃଦଙ୍ଗ ! ଦର୍ଦ୍ଦୁର ! ମର୍ଦ୍ଦଳ ! ବଂଶୀ ! ପୁସ୍ତକ ! ଏ କଅଣ କେ ନାଟ୍ୟାଚାର୍ଯ୍ୟଙ୍କ ଘର କି ? ଭଲଘର ଦେଖି ପଶି ଆସିଲି ! ଏ କଅଣ ପ୍ରକୃତରେ ଦରିଦ୍ର ? ନା ରାଜାଙ୍କ ଭୟରେ କିମ୍ବା ଚୋରଙ୍କ ଭୟରେ ଧନ ମାଟିତଳେ ପୋତି ରଖିଛି ? ମାଟିତଳେ

ଯଦି ପୋଡା ହୋଇଥିବ, ତାହା ତ ମୋର । ଆଚ୍ଛା, ମଞ୍ଜି ଫିଙ୍ଗିବି । ( ତାହା କରି ) କାହିଁ ! ମଂଜ ଖେଳେଇ ହୋଇଗଲା ନାହିଁତ ! ଆରେ ! ଏ ତ ପ୍ରକୃତରେ ଦରିଦ୍ର ! ତେବେ ଯାଉଛି ।

ବିଦୂ—( ନିଦରେ ସ୍ୱପ୍ନ ଦେଖି ) ମିତ ! ମିତ ! ସିନ୍ଧ ହେଲା ଭଳି ଜଣାପଡ଼ୁଛି । ମୁଁ ଚୋର ଦେଖିଲାପରି ଜଣାପଡ଼ୁଛି । ତୁମେ ଏ ସୁନା ଅଳଙ୍କାରକୁ ନିଅ ।

ଶର୍ବି—ଏ କ'ଣ ! ମତେ ଏଠିକି ଆସିଥିବାର ଦେଖି, ଦରିଦ୍ର ବୋଲି ଭାବି ଉପହାସ କରୁଛି ? ତା'ହେଲେ ମାରିଦେବି । ଅବା ଏ ଜଣେ ନୀଚ ଲୋକ ହେଲୁ ସ୍ୱପ୍ନ ଦେଖୁଛି ? ( ଦେଖି )ଆରେ ! ସତେ ତ ! ଗଣ୍ଡେ ଚିରା ସ୍ନାନ ଶାଢ଼ୀକନାରେ ସୁନା-ଅଳଙ୍କାର ବନ୍ଧା ହୋଇ ଦୀପ ଆଲୁଅରେ ଜକଜକ ଦିଶୁଛି । ବାଃ ! ନେଇଯିବି । (ଚିନ୍ତାକରି) ନା, ଏ ସଜ୍ଜନ ମୋରି ପରି ଦୁଃଖୀ । ଏହାଙ୍କୁ ଦୁଃଖ ଦେବା ଅନୁଚିତ । ଯାଉଛି, ଚାଲିଯିବି ।

ବିଦୁ—ମିତ, ତୁମକୁ ଗୋରୁ ବ୍ରାହ୍ମଣଙ୍କ ରାଣ, ଏ ସୁନା ଅଳଙ୍କାରକୁ ନିଅ ।

ଶର୍ବି—ଗୋରୁ, ବ୍ରାହ୍ମଣଙ୍କ ରାଣ ପକାଇଲାଣି । ତେଣୁ ନେବି । କିନ୍ତୁ ଦୀପ ଜଳୁଛି ଯେ ! ଆଚ୍ଛା, ମୋ ପାଖରେ ଦୀପ ଲିଭେଇବା ପାଇଁ ଅଗ୍ନି-କୀଟ ଅଛି । ତାକୁ ହିଁ ପ୍ରୟୋଗ କରିବି । ତାର ଏ ଠିକ୍ ସ୍ଥାନ ଆଉ ସମୟ । ( କୀଟକୁ ଛାଡ଼ି ଦିଅନ୍ତେ ସେ ଉଡ଼ି ଉଡ଼ି ପକ୍ଷଦ୍ୱାରା ଦୀପ ଲିଭେଇ ଦେଲା । ) ବେଶ୍ ! ଅନ୍ଧାର ହୋଇଗଲା । କିନ୍ତୁ·····ମୁଁ କଅଣ ମୋ ବ୍ରାହ୍ମଣକୁଳକୁ ଅନ୍ଧାର କରିନାହିଁ ? ମୋ ପିତା ଚତୁର୍ବେଦରେ

ସୁପଣ୍ଡିତ ବ୍ରାହ୍ମଣ, କାହାରିଠାରୁ ଦାନ ନଅନ୍ତି ନାହିଁ ।
ମୁଁ କିନ୍ତୁ ବେଶ୍ୟା ମଦନିକା ପାଇଁ ଏ ଅକାର୍ଯ୍ୟ କରୁଛି ।
ବେଶ୍, ବର୍ତ୍ତମାନ ଏ ବ୍ରାହ୍ମଣର ଅନୁରୋଧ ରକ୍ଷା କରିବି ।
(ଅଳଙ୍କାର ନେବାକୁ ହାତ ବଢ଼ାଇଲା ।)

ବିଦୂ—ମିତ୍ର, ତୁମ ହାତ ଭାରି ଥଣ୍ଡା ।

ଶର୍ବି—ଓଃ ! ଅସାବଧାନତା ହୋଇଗଲା । ପାଣି ଲାଗିଥିବାରୁ ମୋ ହାତଟା ଥଣ୍ଡା ହୋଇ ଯାଇଛି । ଆଚ୍ଛା, ଆଙ୍ଗୁଳିକି କାଖରେ ଜାକି ଗରମ କରିଦେବି ।

(ଡାହାଣହାତ ସେହିପରି ଭାବରେ ଗରମ କରି ଅଳଙ୍କାର ନେଲା ।)

ବିଦୂ—ନେଲ ?

ଶର୍ବି—ବ୍ରାହ୍ମଣଙ୍କ ଅନୁରୋଧ ଏଡ଼ିବାର ନୁହେଁ । ତେଣୁ ନେଲି ।

ବିଦୂ—ଜିନିଷପତ୍ର ବିକା ସରିଗଲେ ବ୍ୟବସାୟୀ ଯେପରି ନିଶ୍ଚିନ୍ତରେ ଶୁଏ, ମୁଁ ବର୍ତ୍ତମାନ ସେହିପରି ନିଶ୍ଚିନ୍ତରେ ଶୋଇବି ।

ଶର୍ବି—ମହାବ୍ରାହ୍ମଣ, ଶହେବର୍ଷ ଶୁଅ । ହାୟ ଧିକ ! ମଦନିକା ଗଣିକା ପାଇଁ ମୁଁ ବ୍ରାହ୍ମଣକୁଳକୁ ପତିତ କଲି । ନା ନା, ନିଜକୁ ପତିତ କଲି ।

ଦାରିଦ୍ର୍ୟକୁ ଧିକ୍ ! ଦାରିଦ୍ର୍ୟ ଯୋଗୁଁ ହିଁ ମୁଁ ଏପରି କାର୍ଯ୍ୟକୁ ନିନ୍ଦା କଲେ ମଧ୍ୟ ପୁଣି କରୁଛି ।

ତେବେ ମଦନିକାକୁ ମୁକ୍ତ କରିବା ପାଇଁ ବସନ୍ତସେନା ଘରକୁ ଯାଉଛି ।

( କିଛି ଦୂର ଯାଇ ଏବଂ ଶୁଣି )

ଆରେ ! କାହାର ପାଦଶବ୍ଦ ଶୁଭୁଛି । କେଉଁ ପ୍ରହରୀ ଆସୁନାହିଁ ତ ! ଅଚ୍ଛା, କିଛି ସମୟ ଚୁପ୍‌ଚାପ୍ ଠିଆ ହୋଇଯିବ । ଯାଃ—ମୋର ପୁଣି ପ୍ରହରୀମାନଙ୍କୁ ଭୟ ?

ମୁଁ ଚୁପ୍ ଚୁପ୍ ପଳାଇବାରେ ବିରାଡ଼ି, ଶୀଘ୍ର ଧାଇଁବାରେ ମୃଗ, ଦ୍ରବ୍ୟ ଅପହରଣ କରି ନେବାରେ ବାଜ, ଶୋଇଥିବା କି ଚେଇଁଥିବା ଲୋକର ପରାକ୍ରମ ଜାଣିବାରେ କୁକୁର, ଗଳି ଗଳି ଚାଲିବାରେ ସାପ; ରୂପ, ଶରୀର ତଥା ବେଶପରିବର୍ତ୍ତନରେ ସାକ୍ଷାତ୍ ମାୟା, ଭାଷା ପରିବର୍ତ୍ତନ କରିବାରେ ସରସ୍ୱତୀ, ରାତିବେଳେ ଦୀପ, ସଙ୍କଟବେଳେ ଶୃଗାଳ, ସ୍ଥଳଭାଗରେ ଘୋଡ଼ା ଏବଂ ଜଳଭାଗରେ ନୌକା ପରି । ଆହୁରି ମଧ୍ୟ—

ମୁଁ ଚଳେଇ ଯିବାରେ ସାପ ସମାନ, ଧୈର୍ଯ୍ୟରେ ପବନ ସମାନ, ଧାଇଁବାରେ ଗରୁଡ଼ ସମାନ, ଏକା ଥରକେ ସାରା ସଂସାରକୁ ଦେଖିନେବାରେ ଶଶ-ମୃଗ ସମାନ, ଟେକି ନେବାରେ ଗଧିଆ ସମାନ, ଆଉ ବଳରେ ସିଂହ ସମାନ ।

ରଦ—( ପ୍ରବେଶକରି ) ହାୟ ! ହାୟ ! ବାହାରଘରେ ବର୍ଦ୍ଧମାନକ ଶୋଇଥିଲା । ସେ ତ ଦେଖାଯାଉ ନାହିଁ ! ଆର୍ଯ୍ୟ ମୈତ୍ରେୟଙ୍କୁ ଡାକେଁ । ( ଯିବାରେ ଲାଗିଲା )

ଶର୍ବି—( ରଦନିକାକୁ ମାରିବାକୁ ଉଦ୍ୟତ, କିନ୍ତୁ ନିରୀକ୍ଷଣ କରି ) ଆରେ ! ସ୍ତ୍ରୀ ଜଣେ ! ଅଚ୍ଛା, ଚାଲିଯିବ । ( ଚାଲିଗଲା )

ରଦ—( ଭୟରେ ଛାନିଆ ହୋଇ ) ହାୟ ! ହାୟ ! ଆମ ଘରେ ସିନ୍ଧି କରି ଚୋର ଚାଲିଗଲା । ( ବିଦୂଷକ ନିକଟକୁ ଯାଇ ) ଆର୍ଯ୍ୟ ମୈତ୍ରେୟ, ଉଠ, ଉଠ । ଚୋର ଆମ ଘରେ ସିନ୍ଧକରି ପଳେଇଲା ।

ବିଦୂ—( ଆଖିମଳି ଉଠି ) ଯାଃ, ଦାସୀପୁଝି ! କହିଲୁ, ଚୋର କରି ସିନ୍ଧି ପଳେଇଲା ।

ରଦ—ଆହେ, ପରିହାସ କରନ୍ତୁ ନାହିଁ । ଆପଣ କ'ଣ ଦେଖୁ ନାହାନ୍ତି ?

ବିଦୂ—ଯାଃ, ଦାସୀପୁଝି କଅଣ କହୁଛୁ ? (ସିନ୍ଧିକୁ ଦେଖି) ଆରେ ! ଗୋଟା ଦୁଆର ଭଳିଆ ହୋଇଯାଇଛି ! ମିତ୍ର ! ଉଠ, ଉଠ ଆମ ଘରେ ସିନ୍ଧି କରି ଚୋର ଚାଲିଯାଇଛି ।

ଚାରୁ—ହେଉ, ପରିହାସ କରନାହିଁ ।

ବିଦୂ—ଆହେ ! ପରିହାସ ନୁହେଁ । ତୁମେ ନିଜେ ଦେଖ ।

ଚାରୁ—କେଉଁଠି ?

ବିଦୂ—ହେଇ, ଏଇଠି ।

ଚାରୁ—(ଦେଖି) ଅହୋ ! କେଡ଼େ ଦର୍ଶନୀୟ ସିନ୍ଧି ।

ଉପରୁ ତଳକୁ ଇଟା କାଢ଼ି ଦିଆଯାଇଛି । ଉପରଭାଗ ଅଳ୍ପ ଆକାର ଏବଂ ମଧ୍ୟଭାଗ ବିଶାଳ ଆକାର ହୋଇଛି । ଅଯୋଗ୍ୟ ଲୋକ ପଶିବାରୁ ସତେ ଯେପରି ଏ ବିଶାଳଗୃହର ହୃଦୟ ବିଦୀର୍ଣ୍ଣ ହୋଇଯାଇଛି । ଏଭଳି କର୍ମରେ ପୁଣି ଦକ୍ଷତା ଥାଏ ?

ବିଦୁ—ମିତ୍ର, କୌଣସି ବିଦେଶୀ କିମ୍ବା ଶିଖିବା ଉଦ୍ଦେଶ୍ୟରେ କୌଣସି ଲୋକ, ଏଇ ଦୁଇ ପ୍ରକାର ଲୋକଙ୍କ ମଧ୍ୟରୁ କେହି ଏପରି କରିଛି । ତା ନ ହୋଇଥିଲେ, ଏ ଉଜ୍ଜୟିନୀରେ କିଏ ଆମ ଘରର ସଂପତ୍ତି କଥା ନ ଜାଣେ ?

ଚାରୁ - କୌଣସି ବିଦେଶୀ ହେଉ ବା କେହି ଶିଖିବା ଉଦ୍ଦେଶ୍ୟରେ ହେଉ, ମୋ ଘରେ ସିନ୍ଧି କରିଛି । କିନ୍ତୁ ସେ ଆମକୁ ନିଶ୍ଚିନ୍ତ-ଭାବରେ ଶୋଇଥିବାର ଦେଖି ଦରିଦ୍ର ବୋଲି ଜାଣି ପାରିଲା ନାହିଁ । ପ୍ରଥମେ ଆମର ବିଶାଳ ଭବନକୁ ଦେଖି ଭାରି ଆଶା କରିଥିବ । କିନ୍ତୁ ଦୀର୍ଘ ସମୟ ସିନ୍ଧି ଖୋଳି ଥକିଗଲା ପରେ ନିରାଶ ହୋଇ ଫେରିଥିବ ।

ତେଣୁ ବିଚରା ତା ସାଙ୍ଗ ସାଥୀଙ୍କୁ ଯାଇ କହିଥିବ—"ବଣିକ ଚାରୁଦତ୍ତ ଘରେ ପଶି ମୁଁ କିଛି ପାଇଲି ନାହିଁ ।"

ବିଦୁ - ଆରେ ବାଃ ! ତୁମର ସେ ଚୋରପାଇଁ ଚିନ୍ତା କାହିଁକି ? ସେ ନିଶ୍ଚୟ ଭାବିଥିବ, —"ଏ ତ ଗୋଟାଏ ବଡ଼ ଘର । ଏଥିରୁ ରତ୍ନ ଅଳଙ୍କାର କି ସୁନା ଅଳଙ୍କାର ମିଳିବ । ( ଅଳଙ୍କାର କଥା ମନେ ପଡ଼ି ଯିବାରୁ ) ମିତ୍ର, ତୁମେ ସବୁବେଳେ କୁହ ଯେ—'ମୈତ୍ରେୟ ମୂର୍ଖ, ମୈତ୍ରେୟ ବୁଦ୍ଧିହୀନ ।" ଦେଖିଲ, ତୁମ ହାତକୁ ସେ ସୁନା ଅଳଙ୍କାର ଦେଇ ମୁଁ କେଡ଼େ ଭଲ କାମ କରିଛି । ତା ନ ହୋଇଥିଲେ ସେ ଦାସୀପୁତ୍ର ଚୋର ତାକୁ ନେଇ ଯାଇ ଥାଆନ୍ତା !

ଚାରୁ—ପରିହାସ କରନାହିଁ ।

ବିଦୂ—ଆହେ, ମୁଁ ଯଦି ମୂର୍ଖ ହେଲି, ତଥାପି କଅଣ ପରିହାସ କରିବାର ସ୍ଥାନ ଆଉ ସମୟ ଜାଣେନାହିଁ ?

ଗୃହୁ—କେତେବେଳେ ଦେଲ ?

ବଦୂ—ଯେତେବେଳେ ମୁଁ ତୁମକୁ କହିଲ—"ତୁମ ହାତ ଭାରିଥଣ୍ଡା ।"

ଗୃହୁ—ବୋଧହୁଏ ତୁମେ ଦେଇ ଦେଇଛ । ( ଗୃହପଟକୁ ଗୃହିଁ ଆନନ୍ଦରେ ) ତୁମକୁ ଗୋଟିଏ ଶୁଭସମ୍ବାଦ ଦେବ ।

ବଦୂ—ଚୋର ଯାଇ ନାହିଁ ତ ?

ଗୃହୁ – ଯାଇଛି ।

ବଦୂ—ଏହା କଅଣ ଶୁଭ ସମ୍ବାଦ ?

ଗୃହୁ—ସେ ତ ଖୁସି ହୋଇ ଯାଇଛି ।

ବଦୂ – ଆରେ ! ତାହା ଅନ୍ୟର ସମ୍ପତ୍ତି ଯେ !

ଗୃହୁ—ଏଁ ! ଅନ୍ୟର ! ( ମୂର୍ଚ୍ଛିତ ହୋଇଗଲେ । )

ବଦୂ – ଧୈର୍ଯ୍ୟଧର, ଧୈର୍ଯ୍ୟଧର । ଯଦି ଅନ୍ୟର ଧନକୁ ଚୋର ନେଇଗଲା, ତେବେ ତୁମେ କାହିଁକି ମୂର୍ଚ୍ଛା ଯାଉଛ ?

ଗୃହୁ—( ସଂଜ୍ଞାଲାଭ କରି ) ମିତ୍ର, ପ୍ରକୃତ କଥାକୁ କିଏ ବିଶ୍ୱାସ କରିବ ? ସମସ୍ତେ ମୋତେ ମିଛ ବୋଲି କହିବେ । କାରଣ ଦୁନିଆଁରେ ଦରିଦ୍ରତାହିଁ ସମସ୍ତ ଆଶଙ୍କାର ମୂଳ । ଉଃ ! ବଡ଼ ଦୁଃଖର ବିଷୟ ।

ଦାରୁଣ ଦୈବ ମୋ ସମ୍ପତ୍ତି ନେଇଥିଲା ତ ନେଇଥିଲା ।
ସେ ପୁଣି ମୋ ଚରିତ୍ରକୁ କାହିଁକି କଳଙ୍କିତ କଲା ?

ବଦୂ—ମୁଁ ପ୍ରଚାର କରିବ—"କିଏ ଦେଇଥିଲା ? କିଏ ନେଇଥିଲା ? ସାକ୍ଷୀ କିଏ ?

ଚାରୁ—ମୁଁ କଅଣ ତେବେ ମିଛ କହିବି ? ଭିକ୍ଷା କରି ପରଧନକୁ ଶୁଝିବି ପଛେ, କଦାପି ମିଥ୍ୟା କହିବି ନାହିଁ । ମିଥ୍ୟାରେ ମୋ ଚରିତ୍ର କଳଙ୍କିତ ହୋଇଯିବ ।

ରଦ—ଯାଉଛି, ଆର୍ଯ୍ୟା ଧୂତାଙ୍କୁ ଏହା ଜଣାଇବି । ( ଚାଲିଗଲା )

( ତା'ପରେ ରଦନିକା ସହିତ ଚାରୁଦତ୍ତଙ୍କ ସ୍ତ୍ରୀ ଧୂତାଙ୍କର ପ୍ରବେଶ )

ଧୂତା—( ଅଧୀରତାର ସହିତ ) ରଦନିକା, ଆର୍ଯ୍ୟ ମୈତ୍ରେୟଙ୍କ ସହିତ ଆର୍ଯ୍ୟପୁତ୍ରଙ୍କର କୁଶଳ ତ ?

ରଦ—ମା, କୁଶଳ । କିନ୍ତୁ ସେହି ବେଶ୍ୟାର ଅଳଙ୍କାର ଚୋରି ହୋଇଛି ।

ଧୂତା—( ମୂର୍ଚ୍ଛିତ ହୋଇଗଲେ )

ରଦ—ମା, ଧୈର୍ଯ୍ୟ ଧରନ୍ତୁ ।

ଧୂତା—( ଚେତନା ପାଇ ) ରଦନିକା, ତେବେ କିପରି କହୁଛୁ ଯେ ସେ କୁଶଳରେ ଅଛନ୍ତି ? ତାଙ୍କର ଶରୀର ଯିନା କୁଶଳରେ ଅଛି, ଚରିତ୍ର କୁଶଳରେ ନାହିଁ । ଏଣିକି ଉଜ୍ଜୟିନୀର ଲୋକେ କହିବେ—ଦରିଦ୍ରତା ଯୋଗୁଁ ଚାରୁଦତ୍ତ ଏପରି ଅପକର୍ମ କଲେ । ( ଉପରକୁ ଚାହିଁ, ଦୀର୍ଘ ନିଃଶ୍ୱାସ ପକାଇ ) ଭଗବାନ୍ ! ଦଇବ ! ପଦ୍ମପତ୍ରରେ ଜଳବିନ୍ଦୁପରି ଦରିଦ୍ରର ଭାଗ୍ୟ ଅସ୍ଥିର । ତୁମେ ପୁଣି ତା' ସହିତ ଖେଳୁଛ ? ହେଉ, ମାମୁଁଘରୁ ମିଳିଥିବା ମୋର ଏଇ ରତ୍ନାବଳୀଟି କେବଳ ଅଛି । ଅତି ଉଦାର ଆର୍ଯ୍ୟପୁତ୍ର ଏହାକୁ କଅଣ ନେବେ ? ରଦନିକା, ଆର୍ଯ୍ୟ ମୈତ୍ରେୟଙ୍କୁ ଟିକିଏ ଡାକି ଦେ ତ ।

ରଦ—ଆପଣଙ୍କ ଆଜ୍ଞା । ( ବିଦୂଷକଙ୍କ ନିକଟକୁ ଯାଇ ) ଆର୍ଯ୍ୟ ମୈତ୍ରେୟ, ମା ତୁମକୁ ଡାକୁଛନ୍ତି ।

ବିଦୂ—କେଉଁଠି ଅଛନ୍ତି ?

ରଦ—ଏଇଠି ଅଛନ୍ତି । ଆସନ୍ତୁ ।

ବିଦୂ—( ନିକଟକୁ ଯାଇ) ଆପଣଙ୍କର କଲ୍ୟାଣ ହେଉ ।

ଧୂତା—ଆର୍ଯ୍ୟ, ପ୍ରଣାମ । ଆର୍ଯ୍ୟ, ଟିକଏ ମୋ ଆଡ଼କୁ ମୁହଁ କରନ୍ତୁ ।

ବିଦୂ—( ମୁହଁ ବୁଲାଇଲେ )

ଧୂତା—ଏହାକୁ ନିଅନ୍ତୁ ।

ବିଦୂ—ଏହା କଅଣ ?

ଧୂତା—ମୁଁ 'ରତ୍ନ ଷଷ୍ଠୀ' ବ୍ରତ କରିଥିଲି । ଏଥିରେ ନିଜର ଶକ୍ତି ଅନୁସାରେ ବ୍ରାହ୍ମଣଙ୍କୁ ଦାନ ଦିଆଯାଏ । ମୁଁ ସେହି ଦାନ ଦେଇନାହିଁ । ତେଣୁ ସେହି ଉଦ୍ଦେଶ୍ୟରେ ଏ ରତ୍ନାବଳୀ ଗ୍ରହଣ କରନ୍ତୁ ।

ବିଦୂ—( ନେଇ ) ମଙ୍ଗଳ ହେଉ । ଯାଉଛି । ପ୍ରିୟ ମିତ୍ରଙ୍କୁ ଜଣାଇବି ।

ଧୂତା—ଆର୍ଯ୍ୟ ମୈତ୍ରେୟ, ମୋତେ ଯେପରି ଲଜ୍ଜିତ ହେବାକୁ ନ ପଡ଼େ ।

ବିଦୂ—( ଆଶ୍ଚର୍ଯ୍ୟରେ ) ଅହୋ ! କି ମହାନ ଉଦାରତା !

ଚାରୁ—ଓଃ ! ମୈତ୍ରେୟଙ୍କର ବିଳମ୍ବ କାହିଁକି ? ଅତି ଦୁଃଖରେ କଅଣ ଅକାର୍ଯ୍ୟ ( ଆତ୍ମହତ୍ୟା ) କଲେକି ? ( ଡାକିଲେ ) ମୈତ୍ରେୟ !

ବିଦୂ—(ନିକଟକୁ ଯାଇ ) ନିଅନ୍ତୁ । ( ରତ୍ନାବଳୀ ଦେଖାଇଲେ । )

ଚାରୁ—କଅଣ ପତ୍ନୀ ମୋ ଉପରେ ଦୟା କଲେ ? ହାୟ ! ବର୍ତ୍ତମାନ ମୁଁ ଦରିଦ୍ର ! ଭାଗ୍ୟ ଦୋଷରେ ଧନକ୍ଷୟ ହୋଇଯିବାରୁ ସ୍ତ୍ରୀର ଧନରେ ପୁଣି ଅନୁଗୃହୀତ ହେଲି । କାର୍ଯ୍ୟ ଅନୁସାରେ ପୁରୁଷ ନାରୀ ହୁଏ, ପୁଣି ନାରୀ ପୁରୁଷ ହୁଏ ।

ଅବା ମୁଁ ଦରିଦ୍ର ନୁହେଁ । କାରଣ, ମୁଁ ଏଭଳି ସ୍ତ୍ରୀ ପାଇଛି, ଯେ କି ମୋର ଶକ୍ତି ଅନୁସାରେ ଚଳୁଛନ୍ତି । ତୁମ ଭଳି ବନ୍ଧୁ ମୋର ଅଛନ୍ତି, ଯେକି ସୁଖଦୁଃଖର ସାଥୀ । ଆଜି ମୁଁ କେବେ ସତ୍ୟରୁ ଭ୍ରଷ୍ଟ ହୋଇନାହିଁ । ଏ ସମସ୍ତ ଅନ୍ୟ ଦରିଦ୍ରମାନଙ୍କ ପକ୍ଷରେ ଦୁର୍ଲଭ ।

ମୈତ୍ରେୟ, ରତ୍ନାବଳୀ ନେଇ ବସନ୍ତସେନାଙ୍କ ନିକଟକୁ ଯାଅ ଏବଂ ମୋ କଥାନୁସାରେ ତାଙ୍କୁ କୁହ ଯେ ସୁବର୍ଣ୍ଣ ଅଳଙ୍କାରକୁ ମୁଁ ନିଜର ବୋଲି ଭାବି ଜୁଆଖେଳରେ ହରାଇଦେଲି । ତେଣୁ ସେଥିନିମନ୍ତେ ଏ ରତ୍ନାବଳୀ ନିଅ ।

ବିଦୂ—ନା, ତାହା ହେବନାହିଁ । ଯାହାକୁ କି ଆମେ ଖାଇନାହୁଁ, କି ଯାହାକୁ ଭୋଗ କରିନାହୁଁ, ଅଥଚ ଯାହାକୁ ଚୋର ନେଇଗଲା, ସେଇ ଅଳ୍ପମୂଲ୍ୟ ଅଳଙ୍କାର ପାଇଁ ଏ ସର୍ବଶ୍ରେଷ୍ଠ ରତ୍ନାବଳୀକୁ ଦେଇଦେବ ?

ଚାରୁ—ମିତ୍ର, ଏଭଳି କୁହନାହିଁ । ବସନ୍ତସେନା ଯେଉଁ ବିଶ୍ୱାସରେ ଆମ ପାଖରେ ଧନ ରଖିଥିଲେ, ସେଇ ବିଶ୍ୱାସ ପାଇଁ ଏହି ମହାମୂଲ୍ୟ ରତ୍ନାବଳୀ ଦିଆଯାଉଛି ।

ତେଣୁ ମିତ୍ର, ତୁମକୁ ମୋ ରାଣ, ଏହାଙ୍କୁ ତାଙ୍କୁ ନଦେଇ ଏଠାକୁ ଆସିବ ନାହିଁ । ବର୍ଦ୍ଧମାନକ, ଏଇ ଇଟାଗୁଡ଼ିକ ଦ୍ୱାରା ଶୀଘ୍ର ସିନ୍ଧଗାତକୁ ପୂର୍ଣ୍ଣ କରିଦେ । ମିତ୍ର, ତୁମେ ନିର୍ଭୀକ ଭାବରେ ଉଦାରତାର ସହିତ ବସନ୍ତସେନାଙ୍କ ଆଗରେ କଥାବାର୍ତ୍ତା କରିବ । ( ଯେପରି ତାଙ୍କର ସନ୍ଦେହ ନ ହୁଏ । )

ବିଦୂ—ଆହେ, ଦରିଦ୍ର କଅଣ ନିର୍ଭୀକ ଭାବରେ କହିପାରେ ?

ଚାରୁ—ମୁଁ ଦରିଦ୍ର ନୁହେଁ ମିତ୍ର ! ମୋର ପତ୍ନୀ ଅଛି, ମିତ୍ର ଅଛି । ମୁଁ କେବେ ସତ୍ୟରୁ ଭ୍ରଷ୍ଟ ହୋଇ ନାହିଁ । ତୁମେ ଯାଅ । ମୁଁ ଶୌଚାଦି କ୍ରିୟା ସାରି ସନ୍ଧ୍ୟାଉପାସନା କରିବ ।

( ସମସ୍ତଙ୍କର ପ୍ରସ୍ଥାନ)

# ଚତୁର୍ଥ ଅଙ୍କ

( ଦାସୀର ପ୍ରବେଶ )

ଦାସୀ—ମା ମୋତେ ଆର୍ଯ୍ୟା ବସନ୍ତସେନାଙ୍କ ପାଖକୁ ପଠାଇଛନ୍ତି । ଏଇତ, ଆର୍ଯ୍ୟା ଚିତ୍ରପଟ ଉପରେ ଦୃଷ୍ଟି ରଖି ମଦନିକା ସହିତ ବସି ଆଳାପ କରୁଛନ୍ତି । ତା' ହେଲେ ଯାଏଁ, ତାଙ୍କ ପାଖକୁ । ( ଯିବାରେ ଲଗିଲେ )

( ତା' ପରେ ଉପର ବର୍ଣ୍ଣନା ଅନୁସାରେ ବସନ୍ତସେନା ଓ ମଦନିକା ଦେଖାଗଲେ )

ବସନ୍ତ—ସଖି ମଦନିକା, ଚାରୁଦତ୍ତଙ୍କ ଏଇ ଚିତ୍ର ସୁନ୍ଦର ହୋଇଛି ନା ?

ମଦ—ବଡ଼ ସୁନ୍ଦର ହୋଇଛି ।

ବସନ୍ତ—କିମିତି ଜାଣୁଛୁ ?

ମଦ—ଆପଣଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ସେଥିରେ ଲାଖିରହିଛି ।

ବସନ୍ତ—ମଦନିକା, କଅଣ ବେଶ୍ୟାଗୃହର ଚାଟୁସ୍ୱରେ ଏପରି କହୁଛୁ ?

ମଦ—ଆର୍ଯ୍ୟା, ଯେ ବେଶ୍ୟାଗୃହରେ ବାସକରେ, ସେ କ'ଣ ମିଛ କହିବାରେ ଚତୁର ହୋଇଯାଏ ?

ବସନ୍ତ—ସଖି, ଅନେକ ପୁରୁଷଙ୍କ ସହିତ ସମ୍ପର୍କ ରଖି ବେଶ୍ୟା-ମାନେ ମିଛ କହିବାରେ ପଟୁ ହୋଇ ଯାଆନ୍ତି ।

ମଦ - ଆପଣଙ୍କ ଦୃଷ୍ଟି, ପୁଣି ହୃଦୟ ତ ଅନୁରକ୍ତ ହୋଇ ଯାଇଛି । ଆଉ କାରଣ କାହିଁକି ପଚାରୁଛନ୍ତି ?

ବସନ୍ତ – ସଖିମାନଙ୍କ ଉପହାସରୁ ରକ୍ଷା ପାଇବା ପାଇଁ ।

ମଦ—ସେପରି ନୁହେଁ । ଅବଳାମାନେ ସଖୀମାନଙ୍କ ରୁଚି ଅନୁକୂଳ କାର୍ଯ୍ୟ କରନ୍ତି ।

ପ୍ରଥମା ଦାସୀ—( ନିକଟକୁ ଆସି ) ଆର୍ଯ୍ୟା, ମା ଆଜ୍ଞା ଦେଇଛନ୍ତି— ଆବୃତ୍ତ ଶଗଡ଼ ଦୁଆର ମୁହଁରେ ପ୍ରସ୍ତୁତ ହୋଇ ରହିଛି । ଆପଣ ଆସିବା ହୁଅନ୍ତୁ ।

ବସନ୍ତ—ସଖି, କଅଣ ଆର୍ଯ୍ୟ ଚାରୁଦତ୍ତ ମୋତେ ନେବେ ?

ଦାସୀ—ଆର୍ଯ୍ୟା, ଶଗଡ଼ ସହିତ ଦଶସହସ୍ର ସ୍ୱର୍ଣ୍ଣମୁଦ୍ରାର ଅଲଙ୍କାର ଯେ ପଠାଇଛନ୍ତି ।

ବସନ୍ତ—ସେ କିଏ ?

ଦାସୀ—ସେ ହେଉଛନ୍ତି ରାଜାଙ୍କ ଶଳା ସଂସ୍ଥାନକ ।

ବସନ୍ତ—( ରାଗରେ ) ପଳା, ଆଉ ଏପରି କହିବୁ ନାହିଁ ।

ଦାସୀ—ଆର୍ଯ୍ୟା, ପ୍ରସନ୍ନ ହୁଅନ୍ତୁ । ମୁଁ ତ ଖବର ଆଣିଛି ।

ବସନ୍ତ—ମୁଁ ଏ ଭଳି ଖବରରେ ହିଁ ରାଗିଯାଏଁ ।

ଦାସୀ—ତା’ ହେଲେ ମା’ଙ୍କୁ କଅଣ କହିବି ?

ବସନ୍ତ—ଏଇଆ କହିବୁ, ଯଦି ସେ ମୋର ଜୀବନ ଚାହାନ୍ତି, ତେବେ ଏପରି ଆଜ୍ଞା ଆଉ ଦେବେ ନାହିଁ ।

ଦାସୀ—ଆପଣଙ୍କର ଯାହା ଇଚ୍ଛା । ( ଚାଲିଗଲା )

ଶର୍ବିଳକ—( ପ୍ରବେଶ କରି ) ମୁଁ ରାତିକୁ ନିନ୍ଦିତ କରିଅଛି, ନିଦ୍ରା ଏବଂ ରାଜାଙ୍କ ପ୍ରହରୀମାନଙ୍କୁ ଜିଣିଅଛି । କିନ୍ତୁ ବର୍ତ୍ତମାନ ରାତି ବିତି ଯାଆନ୍ତେ ପ୍ରଭାତଚନ୍ଦ୍ର ପରି ନିସ୍ତେଜ ହୋଇ ଯାଉଛି ।

କେହି ଯଦି ଦ୍ରୁତଗତିରେ ଯାଉଁ ଯାଉଁ ମୋତେ ଚାହିଁ ଦେଉଛି, କି ମୋ ଆଡ଼କୁ ଚାଲି ଆସୁଛି, ତେବେ ମୋତେ ବଡ଼ ଭୟ ଲାଗୁଛି । ମୁଁ ଭାବୁଛି, ମୋତେ ବାନ୍ଧି ନେବାକୁ ଆସୁଛି କି ? ମଣିଷ ନିଜ ଦୋଷରୁ ଏପରି ଶଙ୍କିତ ହୁଏ ।

ମୁଁ କେବଳ ମଦନିକା ପାଇଁ ଏ ଚୋରି କଲି ।

ଯେଉଁ ଘରେ ଗୃହସ୍ଥ ପରିବାର ସହିତ ଆଳାପ କରୁଥିଲା, ସେ ଘରେ ମୁଁ ପଶିଲି ନାହିଁ । ଯେଉଁ ଘରେ କେବଳ ସ୍ତ୍ରୀଙ୍କୁ ଦେଖିଲି, ସେ ଘରକୁ ମଧ୍ୟ ଛାଡ଼ିଦେଲି । ରାଜାଙ୍କ ପ୍ରହରୀ ଯଦି ନିକଟକୁ ଚାଲି ଆସିଲେ, ତେବେ ଘରର ଗଛ ପରି ଠିଆ ହୋଇଗଲି । ଏଇଭଳି, ଦିନରେ କାର୍ଯ୍ୟ କଲାଭଳି, ରାତିରେ ଶହ ଶହ ବେପାର ଲଗାଇଦେଲି । ( ଯିବାକୁ ଲାଗିଲା )

ବସନ୍ତ—ସଖି, ଏ ଚିତ୍ରପଟକୁ ମୋ ବିଛଣାରେ ରଖି, ବିଞ୍ଚଣା ନେଇ ଶୀଘ୍ର ଆ ।

ମଦ—ଆପଣଙ୍କ ଆଜ୍ଞା ! ( ଚିତ୍ରପଟ ନେଇ ଚାଲିଗଲା )

ଶର୍ବି—ଏଇତ ବସନ୍ତସେନାଙ୍କ ଘର । ପ୍ରବେଶ କରେଁ । (ପ୍ରବେଶ କରି) କେଉଁଠି ମଦନିକାର ଦେଖାମିଳିବ ?

( ବିଞ୍ଚଣା ଧରି ମଦନିକା ଆସିଲା । )

ଶର୍ବି—( ଦେଖି ) ଆରେ ! ହେଇ ତ ମଦନିକା !

ସୌନ୍ଦର୍ଯ୍ୟରେ କନ୍ଦର୍ପକୁ ମଧ୍ୟ ମୋହିତ କରି ଏ ସାକ୍ଷାତ୍ ରତି ପରି ଶୋଭା ପାଉଛି । କାମ-ଅଗ୍ନିରେ ଜଳୁଥିବା ମୋ ହୃଦୟକୁ ସତେ ଯେପରି ଚନ୍ଦନରେ ଶୀତଳ କରି ଦେଉଛି । ( ଡାକିଲା ) ମଦନିକା !

ମଦ—କିଏ ? ଶର୍ବିଲକ ! ସ୍ୱାଗତ । କୁଆଡ଼େ ?

ଶର୍ବି—କହିବି । (ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ)

ବସ—ମଦନିକା କାହିଁକି ଡେରି କରୁଛି ? କୁଆଡ଼େ ଗଲାକି ? ( ଝରକାରେ ଚାହିଁ ) ଆରେ ! ଏ କଅଣ ଏକ ପୁରୁଷ ସହିତ ଆଳାପ କରୁଛି ! ଅନୁରାଗଭରା ଦୃଷ୍ଟିରେ ତାକୁ ପିଇଗଲା ଭଳି ଚାହୁଁଛି ! ମୁଁ ଅନୁମାନ କରୁଛି—ଏ ପୁରୁଷ ବୋଧହୁଏ ତାକୁ ଦାସୀ କାମରୁ ମୁକ୍ତ କରିବାକୁ ଚାହୁଁଛି । ଅଚ୍ଛା, ଅଚ୍ଛା, ଏମାନେ ଯଥେଷ୍ଟ ପ୍ରୀତି କରନ୍ତୁ । ଏମାନଙ୍କ ପ୍ରୀତିରେ କୌଣସି ପ୍ରତିବନ୍ଧକ ନ ପଡ଼ୁ । ମୁଁ ଡାକିବି ନାହିଁ ।

ମଦ—ଶର୍ବିଲକ, କୁହ ।

ଶର୍ବି—( ଶଙ୍କିତ ଚକ୍ଷୁରେ ଚତୁର୍ଦ୍ଦିଗକୁ ଚାହିଁଲା )

ମଦ—ଶର୍ବିଲକ, ଏ କଅଣ ! ଶଙ୍କିତ ହେଲା ଭଳି କାହିଁକି ଜଣାପଡ଼ୁଛ ?

ଶର୍ବି—ତୁମକୁ ଗୋଟିଏ ଗୁପ୍ତ କଥା କହିବି । ଏ ସ୍ଥାନ ନିର୍ଜନ ତ ?

ମଦ—ହଁ ।

ବସନ୍ତ—କଅଣ ଅତ୍ୟନ୍ତ ଗୁପ୍ତକଥା ! ତାହା ହେଲେ ଶୁଣିବି ନାହିଁ ।

ଶର୍ବି—ମଦନିକା, ବସନ୍ତସେନା ଧନ ପାଇଲେ ତୁମକୁ ମୁକ୍ତ କରି ଦେବେ ?

ବସନ୍ତ—କଅଣ ମୋ'ର ସମ୍ପର୍କର କଥା ! ତା' ହେଲେ ଲୁଚିରହି ଏ ଝରକା ବାଟେ ଶୁଣିବି ।

ମଦ—ଶର୍ବିଳକ, ମୁଁ ବସନ୍ତସେନାଙ୍କୁ କହିଥିଲି । ସେ କହିଲେ—"ମୁଁ ଯଦି ସ୍ୱାଧୀନ ହୋଇଯିବି, ତା' ହେଲେ ବିନା ଅର୍ଥରେ ସମସ୍ତ ପରିଜନଙ୍କୁ ମୁକ୍ତ କରିଦେବି । ଆଚ୍ଛା ଶର୍ବିଳକ, ତୁମ ପାଖରେ ଏତେ ଧନ କାହିଁ ଯେ ମୋତେ ବସନ୍ତସେନାଙ୍କ ନିକଟରୁ ମୁକ୍ତ କରିବ ?

ଶର୍ବି—ଗୋ ଭୀରୁ, ଦରିଦ୍ରତାରେ ଦୁଃଖୀ ହୋଇ ଆଜି ତୁମ ପ୍ରେମରେ ଆସକ୍ତ ହୋଇ ମୁଁ କେବଳ ତୁମରି ନିମନ୍ତେ ଗତ ରାତିରେ ଚୋରି କରିଛି ।

ମଦ—ଶର୍ବିଳକ, ସାମାନ୍ୟ ସ୍ତ୍ରୀ ପାଇଁ ତୁମେ ଉଭୟଙ୍କୁ କଳଙ୍କିତ କଲ ?

ଶର୍ବି—ଉଭୟଙ୍କୁ ? ମାନେ ?

ମଦ—ଶରୀର ଏବଂ ଚରିତ୍ରକୁ ।

ଶର୍ବି—କିଛି ଜାଣି ନାହିଁ । ଚୋରିରେ ଲକ୍ଷ୍ମୀ ବାସକରନ୍ତି ।

ମଦ—ଶର୍ବିଳକ, ତୁମର ଚରିତ୍ର ନିର୍ଦ୍ଦୋଷ ଥିଲା । ମୋ ପାଇଁ ଚୋରି କରି ତୁମେ କ'ଣ ଦୂଷିତ ଆଚରଣ କରିନାହଁ ?

ଶର୍ବି—ନା, ମୁଁ ଧନ ଲୋଭରେ ପ୍ରଫୁଲ୍ଲ ଲତା ପରି ଭୂଷଣବନ୍ତୀ ଅବଳା ଦେହରୁ ଭୂଷଣ ଅପହରଣ କରିନାହିଁ । ବ୍ରାହ୍ମଣଙ୍କୁ ଦାନ

ଦେବା ନିମନ୍ତେ ଥିବା ସୁନା କିମ୍ବା ଯଜ୍ଞ ନିମନ୍ତେ ଥିବା ସାମଗ୍ରୀ ମୁଁ ଚୋରି କରିନାହିଁ । ଧାଈ କୋଳରେ ଥିବା ଶିଶୁକୁ ମୁଁ କେବେ ଅପହରଣ କରିନାହିଁ । ଏହାପରି, ଚୋରିରେ ମଧ୍ୟ ମୋ ବିବେକ ଭଲ ମନ୍ଦ ବିଚାର କରିବାରେ ସମର୍ଥ ରହିଛି ।

ତେଣୁ ବସନ୍ତସେନାଙ୍କୁ କୁହ—"ଏହି ଅଳଙ୍କାର ଆପଣଙ୍କ ଦେହ-ମାପରେ ତିଆରି ହେଲା ଭଳି ହୋଇଛି । ମୋର ସ୍ନେହ ଗ୍ରହଣ କରି ଆପଣ ଏହାକୁ ପିନ୍ଧନ୍ତୁ । କିନ୍ତୁ ଏହା ଯେପରି ଗୁପ୍ତ ହୋଇ ରହିବ ।"

ମଦ—ଶର୍ବିଳକ, ଅଳଙ୍କାର ତ ଖୋଲି ବାହାରିବା ପାଇଁ, ଗୁପ୍ତହୋଇ ରହିବ କିପରି ? ଅଚ୍ଛା ଦେଲ, ଦେଖେଁ ।

ଶର୍ବି—ନେଇ । ( ଶଙ୍କିତ ଭାବରେ ଦେଲା )

ମଦ—( ଦେଖି ) ଏ ଅଳଙ୍କାର ପୂର୍ବରୁ ଦେଖାହେଲା ପରି ଜଣା-ପଡୁଛି ! କହିଲ, କେଉଁଠୁ ଆଣିଛ ?

ଶର୍ବି—ମଦନିକା, ସେଥିରୁ ତୁମେ କଅଣ ପାଇବ ?

ମଦ—( ରାଗରେ ) ଯଦି ମୋ ଉପରେ ତୁମର ବିଶ୍ୱାସ ନାହିଁ, ତା' ହେଲେ ମୋତେ କାହିଁକି ମୁକ୍ତ କରିବାକୁ ଚାହୁଁଛ ?

ଶର୍ବି—ପ୍ରିୟେ, ମୁଁ ସକାଳେ ବଣିକମାନଙ୍କ ପାଖରେ ଶୁଣିଲି ଯେ ଏହା ଆର୍ଯ୍ୟ ଚାରୁଦତ୍ତଙ୍କର ।

( ବସନ୍ତସେନା ଓ ମଦନିକା ମୂର୍ଚ୍ଛିତ ହୋଇଗଲେ । )

ଶର୍ବି—ମଦନିକା ! ଧୈର୍ଯ୍ୟଧର, ଧୈର୍ଯ୍ୟଧର ।

ମୁଁ ତୁମକୁ ଦାସୀତ୍ୱରୁ ମୁକ୍ତ କରିବାକୁ ଯାଉଛି । କିନ୍ତୁ ବିଷାଦରେ ତୁମର ସର୍ବାଙ୍ଗ ବିଚଳିତ ହୋଇ ଉଠୁଛି ! ଆଖି ଡୋଳା ଦୂରିବାରେ ଲାଗିଛି ! ତୁମେ ମୋତେ ଦୟା କରିବାର କଥା । ଅଥଚ ଓଲଟି ଭୟରେ କମ୍ପୁଛ ?

ମଦ—ହେ ସାହସୀ ! ମୋ ପାଇଁ ତୁମେ ଏ ନୀଚ କର୍ମ କଲ ସେ ଘରେ କାହାକୁ ମାରି ଦେଇନାହଁ କି କ୍ଷତ ବିକ୍ଷତ କରି ଦେଇନାହଁ ତ ?

ଶର୍ବି—ମଦନିକା, ଶ୍ରାନ୍ତ କି ନିଦ୍ରିତ ଲୋକଙ୍କୁ ଶର୍ବିଳକ ମାରେନାହିଁ । ତେଣୁ ସେ ଘରେ ମୁଁ କାହାରିକୁ ନିହତ କିମ୍ବା ଆହତ କରିନାହିଁ ।

ମଦ—ସତ୍ୟ ?

ଶର୍ବି—ସତ୍ୟ ।

ବସନ୍ତ—(ସଂଜ୍ଞା ଲାଭ କରି ) ଉଃ ! ବଞ୍ଚିଲି !

ମଦ—ସୌଭାଗ୍ୟର କଥା ।

ଶର୍ବି—( ଈର୍ଷ୍ୟାର ସହିତ ) କଅଣ ସୌଭାଗ୍ୟର କଥା ମଦନିକା ?

ମୋ ପୂର୍ବପୁରୁଷମାନେ ସତ୍କର୍ମ କରୁଥିଲେ । ତାଙ୍କର କୁଳରେ ଜନ୍ମହୋଇ ମୁଁ କେବଳ ତୁମର ପ୍ରେମରେ ପଡ଼ି ନୀଚ-କର୍ମ କଲି । କନ୍ଦର୍ପ ମୋ ଗୁଣକୁ ନଷ୍ଟ କରି ଦେଇଥିଲେ ମଧ୍ୟ ମୁଁ ତୁମର ତଥା ମୋର ଗୌରବକୁ ରକ୍ଷା କରୁଛି । କିନ୍ତୁ ତୁମେ ମୋ ଆଗରେ ମୋତେ ପ୍ରିୟ ବୋଲି କହୁଛ; ତେଣେ ହୃଦୟ ଭିତରେ ଆଉ ଜଣକୁ ଇଚ୍ଛା କରୁଛ ?

( ଉଦାସୀନ ଭାବରେ )

ଠିକ୍ । ଏ ସଂସାରରେ ସଂଭ୍ରାନ୍ତ କୁଳଜାତ ସଜ୍ଜନମାନେ ବଡ଼ ବଡ଼ ବୃକ୍ଷ ସ୍ୱରୂପ । ମାତ୍ର ବେଶ୍ୟାରୂପୀ ପକ୍ଷୀମାନେ ଫଳ-ସବୁକୁ ଖାଇଯିବା ଯୋଗୁ ସେ ବୃକ୍ଷମାନେ ବ୍ୟର୍ଥ ହୋଇ ଯାଉଛନ୍ତି ।

ପ୍ରୀତି ହେଉଛି କାମ-ଅଗ୍ନିର ଇନ୍ଧନ ଏବଂ ରତି ହେଉଛି ଶିଖା । ଏଥିରେ ଲୋକମାନେ ନିଜର ଯୌବନ ଆଉ ଧନକୁ ଆହୁତି ଦେଉଛନ୍ତି ।

ବସନ୍ତ—( ସ୍ମିତ ହାସ୍ୟରେ ) ଆରେ ! ନ ବୁଝି ନ ଶୁଝି ଏହାର ଆବେଗ ଆସିଗଲା !

ଶର୍ବି—ମୋ ବୁଝିବାରେ ଯେଉଁ ପୁରୁଷମାନେ ସ୍ତ୍ରୀକୁ ଏବଂ ଶ୍ରୀ ( ସଂପତ୍ତି ) କୁ ବିଶ୍ୱାସ କରନ୍ତି, ସେମାନେ ମୂର୍ଖ । କାରଣ, ସ୍ତ୍ରୀ ଏବଂ ଶ୍ରୀ ସର୍ପିଣୀ ପରି କୁଟିଳ ଭାବରେ ଚଳନ୍ତି ।

ସ୍ତ୍ରୀମାନଙ୍କ ପ୍ରତି ଅନୁରକ୍ତ ହେବା ଉଚିତ ନୁହେଁ । ଯେହେତୁ, ଅନୁରକ୍ତ ପୁରୁଷକୁ ମଧ୍ୟ ସ୍ତ୍ରୀମାନେ ଅନାଦର କରନ୍ତି । ସ୍ତ୍ରୀ ଯଦି ଆପେ ଅନୁରକ୍ତା ହୁଏ, ତେବେ ଯାଇ ପୁରୁଷ ତା' ସହିତ ପ୍ରୀତି କରିବା ଉଚିତ । ଯଦି ଅନୁରକ୍ତା ନହୁଏ, ତେବେ ତାକୁ ବର୍ଜନ କରିବା ଉଚିତ ।

ପ୍ରକୃତରେ ଠିକ୍ କୁହା ଯାଇଛି—

ବେଶ୍ୟାମାନେ ଧନ ପାଇବାକୁ ହସନ୍ତି, କାନ୍ଦନ୍ତି, ପୁଣି ପୁରୁଷର ବିଶ୍ୱାସ ଜନ୍ମାନ୍ତି । କିନ୍ତୁ ନିଜେ ବିଶ୍ୱାସ କରନ୍ତିନାହିଁ । ତେଣୁ କୁଳଶୀଳବାନ୍ ପୁରୁଷ ବେଶ୍ୟାମାନଙ୍କୁ ଶ୍ମଶାନଫୁଲ ପରି ବର୍ଜନ କରିବା ଉଚିତ ।

ଆହୁରମଧ୍ୟ—ବେଶ୍ୟାମାନଙ୍କ ସ୍ୱଭାବ ସମୁଦ୍ରର ଲହରୀ ଭଳି ଚଞ୍ଚଳ, ସେମାନଙ୍କ ଅନୁରାଗ ସନ୍ଧ୍ୟାକାଳୀନ ବଉଦ-ରେଖା ପରି ଅସ୍ଥାୟୀ । ଧନ ନେଇସାରି ସେମାନେ ପୁରୁଷମାନଙ୍କୁ ଚୁପୁଡ଼ା ଅଲତା ପରି ତ୍ୟାଗ କରନ୍ତି । ପ୍ରକୃତରେ ଏପରି ସ୍ତ୍ରୀ ମାନେ ଭାରି ଚପଳ –

ଏମାନେ ଜଣକୁ ହୃଦୟର ସହିତ ଇଚ୍ଛା କରନ୍ତି ତ ଆଉ ଜଣକୁ ଆଖିରେ ଇଶାରା ଦିଅନ୍ତି । ଜଣକ ଉପରକୁ ଯୌବନର ଠାଣି ନିକ୍ଷେପ କରନ୍ତି, କିନ୍ତୁ ଆଉ ଜଣକୁ ଶରୀର-ଉପଭୋଗ ନିମନ୍ତେ ଗ୍ରହନ୍ତି ।

ଠିକ୍ ! ଠିକ୍ କୁହାଯାଇଛି—

ପର୍ବତ ଉପରେ ପଦ୍ମ ଫୁଟେ ନାହିଁ, ଗଧ ଘୋଡ଼ାର ଭାର ବହନ କରିପାରେ ନାହିଁ; ଯଅ ବୁଣିଲେ ଧାନ ଉତ୍ପନ୍ନ ହୁଏ ନାହିଁ । ସେହିପରି ବେଶ୍ୟା ରମଣୀ ପବିତ୍ର ହୋଇ ପାରେନାହିଁ ।

ଆ ! ଆରେ ଦୁରାତ୍ମା ଚାରୁଦତ୍ତ ! ଏ ତୋ'ର ପ୍ରତି ଅନୁରକ୍ତା ! ଆଚ୍ଛା, ଆଉ ତୋର ରକ୍ଷାନାହିଁ । ( କେତେକ ପାଦ ଚାଲିଗଲା )

ମଦ — ( ତା' ବସ୍ତ୍ରାଞ୍ଚଳ ଧରିପକାଇ ) ଆହେ, କଅଣ ଗୁଡ଼ାଏ ବକୁଛ ? ଅସମ୍ଭବ କଥାରେ ରାଗି ଉଠୁଛ ?

ଶର୍ବି — କିପରି ଅସମ୍ଭବ ?

ମଦ — ଏଇ ଅଲଙ୍କାର ବସନ୍ତସେନାଙ୍କର ।

ଶର୍ବି — ତେବେ କଅଣ ହେଲା ?

ମଦ — ସେ ଏହାକୁ ଆର୍ଯ୍ୟ ଚାରୁଦତ୍ତଙ୍କ ପାଖରେ ରଖିଥିଲେ ।

ଶର୍ବି — କାହାଁକ ?

ମଦ — ( କାନରେ କଅଣ କହି ) ଏଇଥି ପାଇଁ ।

ଶର୍ବି — ( ଲଜ୍ଜିତ ହୋଇ ) କି ଦୁର୍ଭାଗ୍ୟ ! ଖରାରେ ସନ୍ତାପିତ ହୋଇ ଛାୟା ପାଇଁ ଯେଉଁ ଶାଖାର ଆଶ୍ରୟ ନେଲି, ସେଇ ଶାଖାର ପତ୍ରକୁ ମୁଁ ହିଁ ନଜାଣି ଛିଣ୍ଡାଇ ପକାଇଛି !

ବସନ୍ତ — ଆରେ ! ଏତ ଦୁଃଖ ଅନୁଭବ କରୁଛି ! ତା' ହେଲେ ଏ ନଜାଣି ଏପରି କାର୍ଯ୍ୟ କରିଛି ।

ଶର୍ବି — ମଦନିକା, ବର୍ତ୍ତମାନ କଅଣ କରିବା ଉଚିତ ?

ମଦ — ଏ ବିଷୟରେ ତୁମେହିଁ ଚତୁର ।

ଶର୍ବି — ନା, ନା,

ସ୍ତ୍ରୀ ମାନେ ସ୍ୱଭାବତଃ ଚତୁର । ପୁରୁଷମାନେ ଶାସ୍ତ୍ରଦ୍ୱାରାହିଁ ଚତୁର ହୁଅନ୍ତି ।

ମଦ — ଶର୍ବିଳକ, ଯଦି ମୋ କଥାମାନ, ତେବେ ଯାଅ, ଏ ଅଳଙ୍କାର ସେହି ଆର୍ଯ୍ୟ ଚାରୁଦତ୍ତଙ୍କୁ ଫେରାଇ ଦେଇ ଆସ ।

ଶର୍ବି — ଯଦି ସେ ରାଜଦରବାରରେ ଯାଇ କହିଦେବେ—

ମଦ — ଚନ୍ଦ୍ରରୁ ଖରା ବାହାରେ ନାହିଁ ।

ବସନ୍ତ — ଧନ୍ୟ ! ମଦନିକା ! ଧନ୍ୟ !

ଶର୍ବି — ମଦନିକା, ଏ ଚୋରିରେ ମୋର ଦୁଃଖ ନାହିଁ କି ଭୟ ନାହିଁ । ତୁମେ କାହିଁକି ସେହି ସଜ୍ଜନଙ୍କର ଗୁଣାବଳୀ କହିଲ ? ତାଙ୍କପ୍ରତି ଏକୁତ୍ସିତ କର୍ମହିଁ ମୋତେ ଲଜ୍ଜିତ କରୁଛି । ନ ହେଲେ ରାଜା ମୋ ଭଳି ଧୂର୍ତ୍ତ ଲୋକଙ୍କର କଅଣ କରିବେ ?

ଆଉ ମଧ ଏହା ନୀତି-ବିରୁଦ୍ଧ । ଅନ୍ୟଉପାୟ ଚିନ୍ତା କର ।

ମଦ — ଆଚ୍ଛା, ଅନ୍ୟ ଉପାୟ ଅଛି ।

ଶର୍ବି — ଅନ୍ୟ ଉପାୟ କଅଣ ହୋଇପାରେ ?

ମଦ — ଚାରୁଦତ୍ତଙ୍କର ସମ୍ପର୍କୀୟ ଲୋକ ହିସାବରେ ବସନ୍ତସେନାଙ୍କ ନିକଟକୁ ଏଇ ଅଲଙ୍କାର ନେଇ ଯାଅ ।

ଶର୍ବି — ଏହା କଲେ କଅଣ ହେବ ?

ମଦ — ତୁମେ ଚୋର ବୋଲି ଜଣା ପଡ଼ିବ ନାହିଁ, ଚାରୁଦତ୍ତ ବି ଅଋଣୀ ହୋଇଯିବେ, ଆଉ ବସନ୍ତସେନା ମଧ୍ୟ ନିଜ ଅଲଙ୍କାର ପାଇଯିବେ ।

ଶର୍ବି — ଅତି ସାହସର କାର୍ଯ୍ୟ ।

ମଦ — ଆହେ, ନେଇଯାଅ । ଏହା ନକରିବାହିଁ ଅତି ସାହସ ।

ବସନ୍ତ — ଧନ୍ୟ ! ମଦନିକା ! ଦାସୀହେଲେ ବି ମାଲିକାଣୀ ଭଳି କହିଲୁ ।

ଶର୍ବି — ମଦନିକା, ମୁଁ ତୁମଠାରୁ ସୁବୁଦ୍ଧି ପାଇଲି । ରାତିରେ ଚନ୍ଦ୍ର ଅସ୍ତ ହୋଇଗଲେ ଭ୍ରାନ୍ତ ପଥିକକୁ ବାଟ ଦେଖାଇବା ଲୋକ କମ୍ ।

ମଦ — ତାହାହେଲେ ତୁମେ ଏଇ କାମଦେବ ଗୃହରେ ମୁହୂର୍ତ୍ତେ ରୁହ । ମୁଁ ଯାଉଛି, ବସନ୍ତସେନାଙ୍କୁ ତୁମର ଆସିବା ଖବର ଜଣାଇ ଦିଏଁ ।

ଶର୍ବି — ହେଉ ।

ମଦ — ( ନିକଟକୁ ଯାଇ ) ଆର୍ଯ୍ୟା, ଚାରୁଦତ୍ତଙ୍କ ସଂପର୍କୀୟ ଜଣେ ବ୍ରାହ୍ମଣ ଆସିଛନ୍ତି ।

ବସନ୍ତ — ସଖି, ତାଙ୍କ ସମ୍ପର୍କୀୟ ବୋଲି କିପରି ଜାଣିଲୁ ?

ମଦ — ମୁଁ ନିଜ ସଂପର୍କୀୟ ଲୋକଙ୍କୁ ଜାଣି ପାରିବି ନାହିଁ ?

ବସନ୍ତ — ( ଖୁବ୍ ଜୋରରେ ହସି ) ଠିକ୍ । ତାଙ୍କୁ ଡାକିଆଣ ।

ମଦ — (ଶର୍ବିଳକ ନିକଟକୁ ଯାଇ ) ଆସ ।

ଶର୍ବ — ( ନିକଟକୁ ଯାଇ ଲଜ୍ଜିତ ଭାବରେ ) ଆପଣଙ୍କର ମଙ୍ଗଳ ହେଉ ।

ବସନ୍ତ — ଆର୍ଯ୍ୟ, ନମସ୍କାର । ବସିବା ହୁଅନ୍ତୁ ।

ଶର୍ବ — ଚାରୁଦତ୍ତ ଆପଣଙ୍କୁ ଜଣାଇଛନ୍ତି ଯେ ତାଙ୍କ ଭଙ୍ଗା ଘରେ ଏ ଅଳଙ୍କାର ରକ୍ଷା କରିବା ଅସମ୍ଭବ । ତେଣୁ ଆପଣ ଏହାକୁ ନିଅନ୍ତୁ । ( ମଦନିକାକୁ ଦେଇ ଯିବାକୁ ଉଦ୍ୟତ )

ବସନ୍ତ — ଆର୍ଯ୍ୟ, ମୋର ପ୍ରତି-ସନ୍ଦେଶ ମଧ୍ୟ ଦୟାକରି ନେଇ ଯାଆନ୍ତୁ ।

ଶର୍ବ —( ସ୍ୱଗତ ) ମୋର ସେଠିକି କିଏ ଯିବ ? ( ପ୍ରକାଶ୍ୟରେ ) କଅଣ ?

ବସନ୍ତ — ଆପଣ ମଦନିକାକୁ ଗ୍ରହଣ କରନ୍ତୁ ।

ଶର୍ବ — ( ଆଶ୍ଚର୍ଯ୍ୟରେ ) ଆର୍ଯ୍ୟା, ବୁଝି ପାରୁନାହିଁ ।

ବସନ୍ତ — ମୁଁ ବୁଝିଛି ।

ଶର୍ବ — କଅଣ ?

ବସନ୍ତ — ମୋତେ ଆର୍ଯ୍ୟ ଚାରୁଦତ୍ତ କହିଥିଲେ "ଏ ଅଳଙ୍କାରକୁ ଯେ ଆଣି ଦେଇଯିବ, ତୁମେ ତାକୁ ମଦନିକାକୁ ଦେବ ।" ତେଣୁ ସେ ହିଁ ମଦନିକାକୁ ଆପଣଙ୍କୁ ଦେଲେ । ଆପଣ ଏଇପରି ବୁଝନ୍ତୁ ।

ଶର୍ବ — ( ସ୍ୱଗତ ) ଆରେ ! ଏ କଅଣ ସବୁ କଥା ଜାଣିନେଇଛନ୍ତି କି ! ( ପ୍ରକାଶ୍ୟରେ ) ଧନ୍ୟ । ଆର୍ଯ୍ୟ ଚାରୁଦତ୍ତ !

ଲୋକମାନେ ସର୍ବଦା ଗୁଣ ପାଇଁ ଚେଷ୍ଟା କରିବା ଉଚିତ । କାରଣ, ଗୁଣୀ ଲୋକ ଦରିଦ୍ର ହେଲେ ମଧ୍ୟ ନିର୍ଗୁଣ ଧନିକ ତା ତୁଳନୀୟ ନୁହେଁ । ଆହୁରି ମଧ୍ୟ — ମନୁଷ୍ୟର ସର୍ବଦା ଗୁଣ ନିମନ୍ତେ ଯତ୍ନ କରିବା ଆବଶ୍ୟକ । ଯେ ହେତୁ ଗୁଣବାନ୍ ପକ୍ଷରେ କୌଣସି ବସ୍ତୁ ଅଲଭ୍ୟ ନୁହେଁ । ଗୁଣ-ବଳରେ ହିଁ ଚନ୍ଦ୍ରମା ଶିବଙ୍କର ମସ୍ତକରେ ବାସ କରିଛି, ଯାହା କି ଅନ୍ୟମାନଙ୍କ ପକ୍ଷରେ ଦୁର୍ଲଭ ।

ବସନ୍ତ—( ଡାକିଲେ ) ଆରେ ଗାଡ଼ିଚାଳକ କିଏ ଅଛୁ ?

( ଗାଡ଼ି ସହିତ ଏକ ଭୃତ୍ୟର ପ୍ରବେଶ )

ଭୃତ୍ୟ — ଆର୍ଯ୍ୟା, ଗାଡ଼ି ପ୍ରସ୍ତୁତ ଅଛି ।

ବସନ୍ତ—ସଖି ମଦନିକା, ମୋତେ ଭଲ କରି ଚାହାଁ । ଆଜିଠାରୁ ତୁ ଅନ୍ୟର ହେଲୁ । ଗାଡ଼ିରେ ବସ । ମତେ ମନେ ପକାଉଥିବୁ ।

ମଦ—( କାନ୍ଦି କାନ୍ଦି ) ଆପଣ ମୋତେ ପର କରି ଦେଲେ ।

( ପାଦତଳେ ପଡ଼ିଲା )

ବସନ୍ତ—ବର୍ତ୍ତମାନ ତୁ ପୂଜମାନ୍ୟା ହୋଇଗଲୁ । ଯା, ଗାଡ଼ିରେ ବସ । ମତେ ମନେ ରଖିଥିବୁ ।

ଶର୍ବି—ମଦନିକା, ତୁମର ମଙ୍ଗଳ ହେଉ । ବର୍ତ୍ତମାନ ବସନ୍ତସେନାଙ୍କୁ ଭଲ କରି ଗୁହଁ ଏବଂ ମୁଣ୍ଡ ଲଗାଇ ପ୍ରଣାମ କର । କାରଣ, ବେଶ୍ୟାଳୟକୁ ଆସି ମଧ୍ୟ ତୁମେ ଏଠାରେ ଦୁର୍ଲଭ ବଧୂପଦ ଲାଭ କଲ ।

( ମଦନିକା ସହିତ ଗାଡ଼ିରେ ଚଢ଼ି ଯିବା ବେଳେ )

ନେପଥ୍ୟେ —

ଏଠାରେ କିଏ କିଏ ଅଛନ୍ତି ? ଶୁଣ—ରାଜ ପୁରୁଷ ଆଜ୍ଞା ଦେଇଛନ୍ତି—ଗୋପାଳପୁତ୍ର ଆର୍ଯ୍ୟକ ରାଜା ହେବେ ବୋଲି ସିଦ୍ଧପୁରୁଷ ଯେଉଁ ଭବିଷ୍ୟତ ବାଣୀ ଶୁଣାଇଛନ୍ତି , ସେଥିରେ ଭୟଭୀତ ହୋଇ ରାଜା ପାଳକ ଆର୍ଯ୍ୟକଙ୍କୁ ଗୋପାଳବସତିରୁ ଆଣି କଠୋର କାରାଗାରରେ ଆବଦ୍ଧ କରିଛନ୍ତି । ତେଣୁ ସମସ୍ତ ପ୍ରହରୀ ନିଜ ନିଜ ସ୍ଥାନରେ ସାବଧାନ ହୋଇ ଥାଅ ।

ଶର୍ବି—( ଶୁଣି ) କଅଣ ! ରାଜା ପାଳକ ମୋର ପ୍ରିୟ ବନ୍ଧୁ ଆର୍ଯ୍ୟକଙ୍କୁ ବନ୍ଦୀ କରିଛନ୍ତି । ମୁଁ ଯେ ଏଣେ ସସ୍ତ୍ରୀକ ! ଓଃ ! ବିଷମ ପରିସ୍ଥିତି । ଅବଶ୍ୟ—

ମନୁଷ୍ୟର ସଂସାରରେ ସ୍ତ୍ରୀ ଏବଂ ମିତ୍ର, ଏ ଉଭୟ ଅତ୍ୟନ୍ତ ପ୍ରିୟ । କିନ୍ତୁ ବର୍ତ୍ତମାନ ଶହେ ସ୍ତ୍ରୀ ଅପେକ୍ଷା ବନ୍ଧୁ ଶ୍ରେୟସ୍କର । ( ଗାଡ଼ିରୁ ଓହ୍ଲାଇଲେ )

ମଦ—( ଲୁହଭରା ଆଖିରେ ହାତଯୋଡ଼ି ) ଆର୍ଯ୍ୟପୁତ୍ର, ଆପଣଙ୍କର ବିଚାର ଠିକ୍ । ତା' ହେଲେ ମୋତେ ଗୁରୁଜନଙ୍କ ନିକଟକୁ ପଠାଇ ଦିଅନ୍ତୁ ।

ଶର୍ବି—ଧନ୍ୟ ପ୍ରିୟା ! ମୁଁ ଯାହା ଭାବୁଥିଲି, ତାହାହିଁ କହିଲ ।
(ଗାଡ଼ିବାଲା ଭୃତ୍ୟଙ୍କୁ) ଭଦ୍ର, ବଣିକ ରେଭିଲଙ୍କ ଘର ଦେଖିଛ ?

ଭୃତ୍ୟ—ହଁ ଦେଖିଛି ?

ଶର୍ବି—ମୋ ପତ୍ନୀଙ୍କୁ ସେଇଠିକି ନେଇଯାଅ ।

ଭୃତ୍ୟ—ଆପଣଙ୍କ ଆଜ୍ଞା ।

ମଦ—ଆପଣ ଯେପରି କହୁଛନ୍ତି······ତେଣୁ ସାବଧାନ ରହିବେ ।

( ଗାଡ଼ିରେ ମଦନିକା ଚାଲିଗଲେ )

ଶର୍ବି—ଯେପରି ରାଜା ଉଦୟନଙ୍କୁ ରକ୍ଷା କରିବାପାଇଁ ଯୌଗନ୍ଧରାୟଣ ଚେଷ୍ଟା କରିଥିଲେ, ମୁଁ ସେହିପରି ମୋର ବନ୍ଧୁ ଆର୍ଯ୍ୟକଙ୍କୁ ରକ୍ଷା କରିବା ନିମନ୍ତେ ଚେଷ୍ଟା କରିବି । ରାଜା ପାଳକର ଜ୍ଞାତି, ଧୂର୍ତ୍ତବ୍ୟକ୍ତି, ନିଜ ବାହୁ ବଳରେ ବିଖ୍ୟାତ ବୀର ଏବଂ ରାଜାଠାରୁ ଅପମାନ ପାଇ କ୍ରୁଦ୍ଧ ହୋଇଥିବା କର୍ମଚାରୀମାନଙ୍କୁ ଉତ୍ତେଜିତ କରିବି । ଆହୁରି ମଧ୍ୟ—

ଦୁଷ୍ଟ ଶତ୍ରୁମାନେ ଆତ୍ମ-ଶଙ୍କାରେ ମୋର ପ୍ରିୟବନ୍ଧୁଙ୍କୁ ବିନା କାରଣରେ ବନ୍ଦୀ କରିଛନ୍ତି ! ତେଣୁ ମୁଁ ବର୍ତ୍ତମାନ ଶୀଘ୍ର ଯାଇ ରାହୁମୁଖରେ ପଡ଼ିଥିବା ଚନ୍ଦ୍ରପରି ମୋର ବନ୍ଧୁଙ୍କୁ ଉଦ୍ଧାର କରିବି । ( ପ୍ରସ୍ଥାନ)

×          ×          ×

ଦାସୀ—( ପ୍ରବେଶ କରି ) ଆର୍ଯ୍ୟା, ଆପଣ ଭାଗ୍ୟବତୀ । ଆର୍ଯ୍ୟ ଚାରୁଦତ୍ତଙ୍କ ନିକଟରୁ ଜଣେ ବ୍ରାହ୍ମଣ ଆସିଛନ୍ତି ।

ବସନ୍ତ—ବାଃ ! ଆଜି କେଡ଼େ ସୁଖର ଦିନ ! ବନ୍ଧୁଲଙ୍କ ସହିତ ତାଙ୍କୁ ନେଇଆସ ।

ଦାସୀ— ଆପଣଙ୍କର ଯାହା ଆଜ୍ଞା । ( ଚାଲିଗଲା )

× × × ×

( ବନ୍ଧୁଲ ସହିତ ବିଦୂଷକଙ୍କର ପ୍ରବେଶ )

ବିଦୂ—ଆରେ ବାଃ ! ରାକ୍ଷସରାଜ ରାବଣ ତ ଘୋର ତପସ୍ୟା ଫଳରେ ପୁଷ୍ପକଯାନ ପାଇଥିଲା ଏବଂ ସେଥିରେ ଯିବା ଆସିବା କରୁଥିଲା । ମୁଁ ବ୍ରାହ୍ମଣ ତ ତପସ୍ୟା ଲାଗି ଏତେ ଟିକିଏ କଷ୍ଟ ବି କରିନାହିଁ । ମାତ୍ର ମୁଁ ଯେ ନରନାରୀ-ଯାନରେ ଯାଉଛି ।

ଦାସୀ—ଆର୍ଯ୍ୟ, ଆମ ଘରର ଦୁଆରକୁ ଚାହାଁନ୍ତୁ ।

ବିଦୂ—( ଦେଖି ବିସ୍ମୟର ସହିତ ) ଓହୋ ! ବସନ୍ତସେନାଙ୍କ ଗୃହଦ୍ୱାର କି ସୁନ୍ଦର ! ଏଠାରେ ଜଳ ସିଞ୍ଚା ଯାଇ, ପରିଷ୍କାର ଗୋବରରେ ଲିପା ଯାଇଛି । ନାନା ପ୍ରକାର ସୁଗନ୍ଧ ପୁଷ୍ପ ବିଞ୍ଚା ହୋଇଥିବାରୁ ଭୂମି ଚିତ୍ରିତ ହେଲା ପରି ଜଣାପଡ଼ୁଛି ! ସତେ ଯେପରି ଆକାଶକୁ ଦେଖିବାର କୌତୂହଳରୁ ଏ ଦ୍ୱାର ଉଚ୍ଚକୁ ମୁଣ୍ଡ ଟେକିଛି ! ତଳକୁ ଲମ୍ବି ପଡ଼ିଥିବା ଦୋଳାସ୍ତମ୍ଭ-ମାନ ମଲ୍ଲୀଫୁଲର ମାଳାରେ ଏହା ଶୋଭା ପାଉଛି; ଏ ମାଳାକୁ ଦେଖିଲେ ଐରାବତର ଶୁଣ୍ଢ ବୋଲି ଭ୍ରମ ହେଉଛି । ହସ୍ତୀଦନ୍ତର ଅତ୍ୟୁଚ୍ଚ ତୋରଣ ଝଲମଲ ଦିଶୁଛି । ହେଇ, ମୂଲ୍ୟବାନ୍-ରତ୍ନ-ଖଚିତ, ଶୁଭସୂଚକ ପତାକାମାନ ପବନରେ ଉଡ଼ୁଛି । ଜଣା ପଡ଼ୁଛି, ଏମାନେ ସତେ ଯେପରି ହାତ ଠାରି ଡାକୁଛନ୍ତି । ଦୁଇ ପାଖରେ ତୋରଣ ବାନ୍ଧିବା ପାଇଁ ପୋତା ଯାଇଥିବା ସ୍ତମ୍ଭମାନଙ୍କ ମୂଳରେ ବେଦୀ ତିଆରି ହୋଇଛି । ସେ ବେଦୀ ଉପରେ ମନୋହର ସ୍ଫଟିକ-ନିର୍ମିତ ମଙ୍ଗଳ-କଳସ

ଏବଂ ତା ଉପରେ ସୁନ୍ଦର, ସବୁଜ ଚୂତପଲ୍ଲବ ରଖାଯାଇଛି । ବଡ଼ ବଡ଼ ଅସୁରଙ୍କ ଛାତି ପରି କଠିନ ହୀରାକଣ୍ଟାମାନ ସୁନା କବାଟରେ ବନ୍ଧା ହୋଇଛି । ଏଠାରେ ପ୍ରବେଶ କରିବା ଦରିଦ୍ର ପକ୍ଷରେ ସ୍ୱପ୍ନ ! ଏହି ଗୃହ-ଦ୍ୱାର ଯେ ଅନାସକ୍ତ ଲୋକର ଦୃଷ୍ଟିକୁ ମଧ୍ୟ ଆକର୍ଷଣ କରୁଥିବ, ଏଥିରେ ସନ୍ଦେହ ନାହିଁ ।

ଦାସୀ—ଆସନ୍ତୁ, ଆସନ୍ତୁ ଆର୍ଯ୍ୟ । ଏଇ ପ୍ରଥମ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ ।

ବିଦୂ—( ପ୍ରବେଶ କରି ଏବଂ ଚାହିଁ ) ଓହୋ ! ଆଶ୍ଚର୍ଯ୍ୟ ! ଏଇ ପ୍ରଥମ ପ୍ରକୋଷ୍ଠରେ ମଧ୍ୟ ଚନ୍ଦ୍ର, ଶଙ୍ଖ ତଥା ମୃଣାଳସମାନ ସୁନ୍ଦର ଅଟ୍ଟାଳିକା ଶ୍ରେଣୀ । ସମାନ ଭାବରେ ମୁଠା ମୁଠା ଚୂର୍ଣ୍ଣ ବିଞ୍ଚା ହୋଇଥିବା ଫଳରେ ଏ ଗୁଡ଼ିକ ଶୁଭ୍ରବର୍ଣ୍ଣ ହୋଇଛି । ସୁନାର ପାହାଚରେ ନାନାପ୍ରକାର ରତ୍ନ ଖଚିତ ହୋଇଛି । ଏଇ ଅଟ୍ଟାଳିକା-ଶ୍ରେଣୀ ସ୍ଫଟିକନିର୍ମିତ ଝରକା-ରୂପକ ମୁଖରେ ଯେପରି ଉଜ୍ଜୟିନୀକୁ ଚାହିଁଛନ୍ତି । ହେଇ, ବେଦନିଷ୍ଠ ବ୍ରାହ୍ମଣ ପରି ଦାରୀ ସୁଖରେ ବସି ଢୁଳାଉଛି । କଲମଧାନର ଭାତରେ ଦହି ଗୋଳେଇ କୁଆମାନଙ୍କୁ ଲୋଭ ଦେଖାଇଲେ ମଧ୍ୟ, ତାହା ଚୂର୍ଣ୍ଣଭଳି ଧଳା ଦିଶୁଥିବାରୁ ସେମାନେ ଖାଉନାହାନ୍ତି । ବେଶ୍ ଭଲ ।

ଦାସୀ—ଆସନ୍ତୁ ଆର୍ଯ୍ୟ, ଏଇ ଦ୍ୱିତୀୟ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ ।

ବିଦୂ—( ପ୍ରବେଶ କରି ଏବଂ ଚାହିଁ ) ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ! ଏହି ଦ୍ୱିତୀୟ ପ୍ରକୋଷ୍ଠର ଆରମ୍ଭରେ ଗାଡ଼ି ଟାଣିବା ବଳଦମାନେ

ବନ୍ଧା ହୋଇଛନ୍ତି । ପ୍ରଚୁର ଘାସ ଆଉ ଭୂସି ଖାଇ ଏମାନେ ହୃଷ୍ଟପୁଷ୍ଟ । ତେଲ ଦିଆ ହୋଇ ଶିଙ୍ଗ ଚକ୍‌ଚକ ହୋଇଛି । ହେଇ, ଗୋଟିଏ ମଇଁଷି ଅପମାନ ପାଇଥିବା କୁଳୀନ ଲୋକ ପରି ଦୀର୍ଘନିଃଶ୍ୱାସ ଛାଡ଼ିବାରେ ଲାଗିଛି । ହେଇ, ଏଣେ ଗୋଟାଏ ମେଣ୍ଢାର ବେକ ଦଳା ହେଉଛି, ଯେପରି କି ଯୁଦ୍ଧ ଫେରନ୍ତା ମଲ୍ଲର ବେକ ଦଳାହୁଏ । ହେଇ, ଏଣେ ଘୋଡ଼ା-ମାନଙ୍କର ବେକବାଳ ସଜା ହେଉଛି, ଆଉ ଗୋଟାଏ ମାଙ୍କଡ଼ ତସ୍କର ଭଳି ଘୋଡ଼ାଶାଳରେ ବନ୍ଧା ହୋଇଛି । ( ଅନ୍ୟ ଆଡ଼କୁ ଚାହିଁ ) ଆରେ ! ଏ ଆଡ଼େ ମାହୁନ୍ତମାନେ ହାତୀକୁ କୁରତେଲମିଶା ପିଣ୍ଡୁଳାମାନ ଖାଇବାକୁ ଦେଉଛନ୍ତି । ଆଚ୍ଛା, ଚାଲ ।

ଦାସୀ—ଆସନ୍ତୁ, ଆସନ୍ତୁ ଆର୍ଯ୍ୟ । ଏହି ତୃତୀୟ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ ।

ବିଦୂ—( ପ୍ରବେଶ କରି ଏବଂ ଚାହିଁ ) ଓହୋ ! କି ଆଶ୍ଚର୍ଯ୍ୟ ! ଏ ତୃତୀୟ ପ୍ରକୋଷ୍ଠରେ ସଜ୍ଜନମାନଙ୍କ ବସିବା ନିମନ୍ତେ ଆସନ ତିଆରି ହୋଇଛି ! ହେଇ, ମଣିନିର୍ମିତ ପଶାଗୁଟି ସବୁ ପଶାପାଲିରେ ରହିଛି । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମିଳନ ଆଉ କଳହ କରାଇବାରେ ଚତୁର ଗଣିକାମାନେ ରଙ୍ଗୀନ୍ ଚିତ୍ରପଟ ହାତରେ ଧରି ଏଣେ ତେଣେ ଭ୍ରମଣ କରୁଛନ୍ତି । ବୃଦ୍ଧ ବିଟପମାନେ ମଧ୍ୟ ଭ୍ରମଣ କରୁଛନ୍ତି । ବେଶ୍, ଚାଲ ।

ଦାସୀ—ଆସନ୍ତୁ ଆର୍ଯ୍ୟ, ଏହି ଚତୁର୍ଥ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ ।

ବିଦୂ—( ପ୍ରବେଶ କରି ଓ ଦେଖି ) ବାଃ ! ବାଃ ! କି ଅଦ୍ଭୁତ ! ଏଇ ଚତୁର୍ଥ ପ୍ରକୋଷ୍ଠରେ ଯୁବତୀମାନେ ମୃଦଙ୍ଗ ବଜାଉଅଛନ୍ତି । ସେମାନଙ୍କ ହସ୍ତତାଡ଼ନାରେ ମୃଦଙ୍ଗଗୁଡ଼ିକ ମେଘ ଭଳି ଗର୍ଜନ କରୁଛନ୍ତି । ପୁଣ୍ୟକ୍ଷୟ ହୋଇଗଲେ ତାରକା ଆକାଶରୁ ଚଢ଼ଲ ପରି କାଂସ୍ୟ-କରତାଳ ପଡୁଛି । ଭ୍ରମରର ମଧୁର ଗୁଂଜନ ଭଳି ବଂଶୀ ବାଜୁଛି । ପ୍ରଣୟ କୁପିତା କାମିନୀପରି ବୀଣା କୋଳରେ ରଖାଯାଇ ଅଙ୍ଗୁଳି ସଂଯୋଗରେ ବଜାଯାଉଛି । ପୁଷ୍ପରସରେ ମତ୍ତ ଭ୍ରମରୀମାନଙ୍କ ପରି ବେଶ୍ୟା ବାଳିକାମାନେ ଗୀତ ଗାଇ ନାଚୁଛନ୍ତି ଏବଂ ଶୃଙ୍ଗାରରସର ଅଭିନୟ ଶିକ୍ଷା କରୁଛନ୍ତି । ବାୟୁ ପ୍ରବେଶ ନିମନ୍ତେ ଜଳପୂର୍ଣ୍ଣ କଳସୀମାନ ଝରକାରେ ରଖାଯାଇଛି । ବେଶ୍, ତା ପରେ ଚାଲ ।

ଦାସୀ—ଆସନ୍ତୁ, ଆର୍ଯ୍ୟ, ଏଇ ପଞ୍ଚମ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ ।

ବିଦୂ –( ପ୍ରବେଶ କରି ଓ ଶୁଙ୍ଘି ) ଓହୋ ! କି ଚମତ୍କାର ! ଏଇ ପଞ୍ଚମ ପ୍ରକୋଷ୍ଠରେ ଯେଉଁ ହିଙ୍ଗୁ ତେଲର ସୁଗନ୍ଧ ପ୍ରଚୁର ପରିମାଣରେ ଉଠୁଛି, ଏଥିରେ ଦରିଦ୍ରଲୋକମାନେ ଲୋଭେଇ ଯିବେ । ସର୍ବଦା ନିଆଁ ଜଳୁଥିବାରୁ ରୋଷେଇଶାଳ ଅତ୍ୟନ୍ତ ସନ୍ତାପିତ ହେଉଛି । ଦ୍ୱାରରୂପକ ମୁଖରୁ ସୁଗନ୍ଧ ଧୂଆଁ ଉଦ୍ଗାର କରି ସତେ ଯେପରି ସେ ନିଶ୍ୱାସ ନେଉଛି । ଏ ଯେଉଁ ନାନା ପ୍ରକାର ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରାଯାଉଛି, ତାକୁ ଦେଖି ମୋ ପାଟିରୁ ଲାଳ ଗଡ଼ିଲାଣି । ସୁନ୍ଦର ବାଳକଟିଏ ଓଦାଲୁଗା ଭଳି ମାଂସ ଧୋଉଛି । ଲଡ଼ୁ ବନ୍ଧା ଯାଉଛି ।

ପିଠା ପୋଡ଼ା ହେଉଛି । ( ସ୍ୱଗତ ) କଅଣ କେହି ମୋତେ 'ଖାଇବ ଆସ' ବୋଲି କହି ଗୋଡ଼ ଧୋଇବାକୁ ପାଣି ଆଣି ଦେବ ? ( ଅନ୍ୟ ଆଡ଼କୁ ଚାହିଁ ପ୍ରକାଶ୍ୟରେ ) ଗନ୍ଧର୍ବଙ୍କ ତୁଲ୍ୟ, ନାନା ପ୍ରକାର ଅଳଙ୍କାରରେ ଭୂଷିତ ଗଣିକା ଏବଂ ବନ୍ଧୁଳମାନଙ୍କ ଦ୍ୱାରା ପ୍ରକୃତରେ ଏ ଗୃହ ସ୍ୱର୍ଗ ପାଲଟି ଯାଇଛି । ହେ ହେ, ବନ୍ଧୁଳବର୍ଗ, ତୁମ୍ଭେମାନେ କିଏ ?

ବନ୍ଧୁଳମାନେ—ଆମ୍ଭେମାନେ ପରଘରେ ପାଳିତ ହେଉଁ, ପର-ଅନ୍ନରେ ବଞ୍ଚୁ, ପରପୁରୁଷ ଓ ପରସ୍ତ୍ରୀ ସଂଯୋଗରେ ଜନ୍ମ ହୋଇଛୁଁ । ପରଧନ ଆମର ସମ୍ବଳ । ଆମ୍ଭେମାନେ ଗୁଣହୀନ । ଏହିପରି ଆମ୍ଭେମାନେ ହାତୀଛୁଆ ପରି ବିହାର କରୁଛୁଁ ।

ବିଦୂ—ଆଚ୍ଛା, ତା ପରେ ଚାଲ ।

ଦାସୀ—ଆସନ୍ତୁ ଆର୍ଯ୍ୟ । ଏଇ ଷଷ୍ଠ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ ।

ବିଦୂ—( ପ୍ରବେଶ କରି ଓ ଚାହିଁ ) ଅଦ୍ଭୁତ ! ଅଦ୍ଭୁତ ! ଏହି ଷଷ୍ଠ ପ୍ରକୋଷ୍ଠରେ ନୀଳ-ରତ୍ନ-ଜଡ଼ିତ, ସୁବର୍ଣ୍ଣ ନିର୍ମିତ, କାରୁକାର୍ଯ୍ୟ ପୂର୍ଣ୍ଣ ତୋରଣ ଇନ୍ଦ୍ରଧନୁର ଦୃଶ୍ୟ ସୃଷ୍ଟି କରୁଛି । ବୈଦୂର୍ଯ୍ୟ, ମୁକ୍ତା, ପୋହଳା, ପୁଷ୍ପରାଗ, ଇନ୍ଦ୍ରନୀଳ, କର୍କେତନକ, ପଦ୍ମରାଗ, ମରକତ ପ୍ରଭୃତି ରତ୍ନଗୁଡ଼ିକୁ ଶିଳ୍ପୀମାନେ କେଉଁଠି କିପରି ଲଗାଇବେ, ବିଚାର କରୁଛନ୍ତି । ସୁନା ସହିତ ମାଣିକ୍ୟ ବନ୍ଧା ହେଉଛି, ଲାଲ ସୂତାରେ ସୁନା-ଅଳଙ୍କାର ଗୁନ୍ଥା ଯାଉଛି, ମୁକ୍ତା ଅଳଙ୍କାର ଗୁନ୍ଥା ଯାଉଛି, ବୈଦୂର୍ଯ୍ୟ ଧୀରେ ଧୀରେ ଘଷା ହେଉଛି, ଶଙ୍ଖରେ ଛିଦ୍ର

କରାଯାଉଛି, ପ୍ରବାଳ ଶାଣ ଦିଆଯାଉଛି, ଓଦା କୁଙ୍କୁମ ପଥର ଶୁଖାଯାଉଛି, କସ୍ତୁରୀ ଏକଠ କରାଯାଉଛି, ଚନ୍ଦନ ବିଶେଷଭାବରେ ଘଷା ହେଉଛି, ଅଙ୍ଗରେ ସୁଗନ୍ଧ ଅଙ୍ଗରାଗ ବୋଳାଯାଉଛି, ବେଶ୍ୟା ଏବଂ କାମୁକ ପ୍ରେମିକଙ୍କୁ କର୍ପୂର ମିଶା ପାନ ଦିଆଯାଉଛି, କଟାକ୍ଷରେ ଚାହାଁଚାହିଁ ଚାଲିଛି। ହସ ଉଠୁଛି, ସର୍ବଦା ସୁ ସୁ ଶବ୍ଦରେ ମଦପିଆ ଚାଲିଛି। ଏମାନେ ଦାସ। ଏମାନେ ଦାସୀ। ଏ ପୁରୁଷମାନେ ନିଜର ପୁତ୍ର, ସ୍ତ୍ରୀ, ଧନକୁ ଅନାଦର କରି ଏଠାକୁ ଆସିଛନ୍ତି ଏବଂ ବେଶ୍ୟାମାନେ ବରଫଦିଆ ମଦପିଇ ଯାହା ଅବଶିଷ୍ଟ ରଖୁଛନ୍ତି, ଏମାନେ ତାହା ପାନ କରୁଛନ୍ତି। ବେଶ୍ ଚାଲ।

ଦାସୀ—ଆସନ୍ତୁ ଆର୍ଯ୍ୟ, ଏଇ ସପ୍ତମ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ।

ବିଦୂ—( ପ୍ରବେଶକରି ଏବଂ ଦେଖି ) ଅହୋ ! ଏ ସପ୍ତମ ପ୍ରକୋଷ୍ଠଟି ସୁନ୍ଦର ପକ୍ଷୀଗୃହ। ଏଠାରେ ପାରାମାନେ ଯୋଡ଼ି ଯୋଡ଼ି ହୋଇ ବସି ପରସ୍ପରକୁ ଚୁମ୍ବନ ଦେଇ ସୁଖ ଅନୁଭବ କରୁଛନ୍ତି। ପିଞ୍ଜରାରେ ଶୁଆ ଦହିଭାତ ଖାଇ ବ୍ରାହ୍ମଣ ପରି ସୂକ୍ତମାନ ଉଚ୍ଚାରଣ କରୁଛି। ଗୃହସ୍ୱାମୀଠାରୁ ଆଦରପାଇ ଦାସୀର ଯେପରି ପ୍ରଭାବ ବଢ଼ିଯାଇ ଥାଏ, ସେଇଭଳି ଏ ସାରୀ ଅଧିକା କୁର୍ କୁର୍ ଶବ୍ଦ କରୁଛି। କୋଇଲି ନାନା ପ୍ରକାର ଫଳରସ ଖାଇ ମଧୁର କଣ୍ଠରେ କୂଜନ କରୁଛି। ବାଉଁଶ ଉପରେ ପିଞ୍ଜରାମାନ ଟଙ୍ଗା ହୋଇଛି। ଲାବକ ପକ୍ଷୀମାନଙ୍କ ମଧ୍ୟରେ ଲଢ଼େଇ ଚାଲିଛି। ପିଞ୍ଜରାରେ ଥିବା ଟିଆପକ୍ଷୀମାନଙ୍କୁ କଥା ଶିଖାଯାଉଛି। ପିଞ୍ଜରାରେ ଥିବା କପୋତମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନକୁ ପଠାଯାଉଛି। ନାନା ପ୍ରକାର ମଣିରେ ଚିତ୍ରିତ

ହୋଇଥିଲା ଭଳି ଏ ଗୃହମୟୂର ଆନନ୍ଦରେ ଏଣେତେଣେ ନୃତ୍ୟ କରି ସୂର୍ଯ୍ୟ-କିରଣ-ତପ୍ତ ଅଟ୍ଟାଳିକାକୁ ସତେ ଯେପରି ଝମ୍ପ ଦେଉଛି । ( ଅନ୍ୟ ଆଡ଼କୁ ଚାହିଁ ) ହେଇ, ଏଣେ ରାଜହଂସମାନେ ଯୋଡ଼ି ଯୋଡ଼ି ହୋଇ ସତେ ଯେପରି କାମିନୀ-ମାନଙ୍କର ଚାଲିକୁ ଶିକ୍ଷା କରିବା ନିମନ୍ତେ ସେମାନଙ୍କ ପଛେ ପଛେ ବୁଲୁଛନ୍ତି । ଏ ରାଜହଂସମାନଙ୍କୁ ଦେଖିଲେ ବୋଧ ହେଉଛି—ଯେପରି ଚନ୍ଦ୍ରକିରଣ ଏକସ୍ଥାନରେ ଠୁଳ ହୋଇଛି ! ଗୃହ-ସାରସମାନେ ମାନ୍ୟଗଣ୍ୟ ବୁଢ଼ାଙ୍କ ଭଳି ଏଣେତେଣେ ବୁଲୁଛନ୍ତି । ଓହୋ ! ବସନ୍ତସେନା ଏ ପ୍ରକୋଷ୍ଠକୁ ନାନାପ୍ରକାର ପକ୍ଷୀରେ ପୂର୍ଣ୍ଣକରି ଦେଇଛନ୍ତି ! ଏ ଗଣିକା-ଗୃହ ମୋତେ ନନ୍ଦନବନ ପରି ବୋଧ ହେଉଛି । ଆଚ୍ଛା, ଏବେ ଆଗକୁ ଚାଲ ।

ଦାସୀ—ଆସନ୍ତୁ ଆର୍ଯ୍ୟ, ଏଇ ଅଷ୍ଟମ ପ୍ରକୋଷ୍ଠରେ ପ୍ରବେଶ କରନ୍ତୁ ।

ବିଦୂ—( ପ୍ରବେଶକରି ଓ ଚାହିଁ ) ଆଗୋ, ଏଇ ଯେଉଁ ଲୋକଟି ପାଟ ଚଦର ଘୋଡ଼େଇ ହୋଇ, ଅତ୍ୟଧିକ ବିଚିତ୍ର ଅଳଙ୍କାରରେ ଭୂଷିତ ହୋଇ ଅଙ୍ଗଭଙ୍ଗୀର ସହିତ ଚଢ଼ଉଠି ବୁଲୁଛି, ସେ କିଏ ?

ଦାସୀ—ଆର୍ଯ୍ୟ, ଏ ହେଉଛନ୍ତି ବସନ୍ତସେନାଙ୍କ ଭାଇ ।

ବିଦୂ—କେତେ ତପସ୍ୟା କରି ଏ ବସନ୍ତସେନାଙ୍କ ଭାଇ ହୋଇଛି ! ନା, ସେମିତି କିଛି ନୁହେଁ । ଏ ଯଦ୍ୟପି ସାଜସଜ୍ଜାରେ ସୁନ୍ଦର, ଉଜ୍ଜ୍ୱଳ, ପୁଣି ସୁବାସିତ ହୋଇଛି, ତଥାପି ଶ୍ମଶାନସ୍ଥ ଚମ୍ପକ ବୃକ୍ଷ ଭଳି ସଂସାର ପକ୍ଷରେ ଅପବିତ୍ର । ଆଗୋ, ଏ ଯେଉଁ ସ୍ତ୍ରୀ

ଜଣକ ନୂଆ ଉତ୍ତରୀ ପକାଇ, ଜୋତା ଭିତରେ ତେଲ-ଚିକ୍କଣ ପାଦରଖି ଉଚ୍ଚ ଆସନରେ ବସିଛି, ସେ କିଏ ?

ଦାସୀ—ଆର୍ଯ୍ୟ, ସେ ହେଉଛନ୍ତି ବସନ୍ତସେନାଙ୍କ ମା ।

ବିଦୂ—ବାପ୍‌ରେ ! ଅପବିତ୍ର ଡାକିନୀର କେଡ଼େ ପେଟ ! ଏହାଙ୍କୁ ମହାଦେବ ଭଳି ଘରେ ପୂରେଇ କଅଣ ଦୁଆରର ଶୋଭା ବଢ଼େଇଛ ?

ଦାସୀ—ଆହେ, ଆମ ମାଆଙ୍କୁ ଏଭଳି ଉପହାସ କରନାହିଁ । ଏହାଙ୍କୁ ପ୍ରଭୃତି ଜ୍ୱରଦାନରେ ପାଳିଜର ହେଉଛି ।

ବିଦୂ—( ପରିହାସରେ ) ହେ ଭଗବାନ୍ ପାଳିଜର, ଏଭଳି ଉପ-ଚାରରେ ଏ ବ୍ରାହ୍ମଣପ୍ରତି ଟିକିଏ ଭଲ ଦୃଷ୍ଟି ଦିଅ । ( ଯାହା-ଫଳରେ ମୋ ପେଟ ଏଇପରି ବଢ଼ିଯିବ )

ଦାସୀ—ଆପଣ ମରିଯିବେଟି !

ବିଦୂ—ଆଗୋ, ଏଇଭଳି ବଡ଼ପେଟିଆ, ଫୁଲପେଟିଆ ହୋଇ ମରିବା ଭଲ । 'ସୀଧୁ, ସୁରା ଆଉ ଆସବ' ଏଇ ତିନିପ୍ରକାର ମଦ ପିଇ ପିଇ ତୁମମାନଙ୍କ ମା' ଏପରି ମୋଟୀ ହୋଇଛନ୍ତି । ଏହାଙ୍କର ମୃତ୍ୟୁ ହେଲେ ହଜାର ହଜାର ଶୃଗାଳଙ୍କର ଉତ୍ସବ ଲାଗିଯିବ ।

ଆଗୋ, ତୁମ୍ଭେମାନେ କଅଣ ଗାଡ଼ି ଚଳାଅ ?

ଦାସୀ—ନା ।

ବିଦୂ—ଓହୋ, ମୋ ପଚାରିବା ଦରକାର ନଥିଲା । କାମ-ସମୁଦ୍ରର ପ୍ରେମ-ଜଳରେ ତୁମମାନଙ୍କର ସ୍ତନ, ନିତମ୍ବ ଏବଂ ଜଘନ

ହେଉଛି ବଡ଼ ସୁନ୍ଦର ନୌକା । ବେଶ୍ ! ନାନାପ୍ରକାର ମନୁଷ୍ୟ-ପଶୁ-ପକ୍ଷୀ-ପୂର୍ଣ୍ଣ ବସନ୍ତସେନାଙ୍କର ଆଠଖଣ୍ଡିଆ ଘର ଦେଖି ମୁଁ ମନେ କରୁଛି, ଗୋଟିଏ ସ୍ଥାନରେ ରହି ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଦେଖିନେଲି । ଆଉ ବେଶୀ ପ୍ରଶଂସା କରିବାକୁ ମୋର ଶକ୍ତି ନାହିଁ । ଏ କଅଣ ଗଣିକା-ଗୃହ ନା କୁବେରପୁରରୁ ଖଣ୍ଡେ ? ତୁମର ଆର୍ଯ୍ୟା ବସନ୍ତସେନା କେଉଁଠି ?

ଦାସୀ—ଆର୍ଯ୍ୟ, ସେ ଉଦ୍ୟାନରେ ବସିଛନ୍ତି । ଆପଣ ଉଦ୍ୟାନକୁ ଚାଲନ୍ତୁ ।

ବିଦୂ—( ପ୍ରବେଶ କରି ଏବଂ ଦେଖି ) ଅହୋ ! କି ସୁନ୍ଦର ଉଦ୍ୟାନ ! ଫୁଟିଲାଫୁଲ ଜମା ହୋଇଛି ! ଅନେକ ଗଛ ଲଗା-ଯାଇଛି ! ବହଳଆ ଗଛତଳେ ଯୁବତୀମାନଙ୍କ ପାଇଁ ଜଙ୍ଘ-ଉଚ୍ଚ ପାଟ ଦଉଡ଼ିର ଦୋଳି ତିଆରି ହୋଇଛି ! ସୁବର୍ଣ୍ଣଯୂଥିକା, ଶେଫାଳିକା, ମାଳତୀ, ମଲ୍ଲୀ, ନବମଲ୍ଲିକା, କୁରୁବକ, ମାଧବୀ ପ୍ରଭୃତି ଫୁଲ ଆପେ ଆପେ ଝଡ଼ି ନନ୍ଦନ-ବନର ଶୋଭାକୁ ନିଃସନ୍ଦେହରେ ଜିଣି ଯାଉଛନ୍ତି । ( ଅନ୍ୟ ଆଡ଼କୁ ଚାହିଁ ) ଏଣେ ଉଦୟ-ସୂର୍ଯ୍ୟସଦୃଶ ରକ୍ତ-ପଦ୍ମ ଦ୍ୱାରା ପୁଷ୍କରିଣୀର ଶୋଭା ସନ୍ଧ୍ୟାପରି ଦେଖାଯାଉଅଛି । ଆହୁରି ମଧ୍ୟ ଯୁଦ୍ଧଭୂମିର ରକ୍ତକାଦୁଅ-ବୋଳା ହୋଇଥିବା ଯୋଦ୍ଧା ପରି ଏ ଅଶୋକ ବୃକ୍ଷ ଫୁଲ ଏବଂ ପତ୍ରରେ ଶୋଭାପାଉଛି । ଅଚ୍ଛା, କାହାନ୍ତି ତୁମର ଆର୍ଯ୍ୟା ?

ଦାସୀ—ଆର୍ଯ୍ୟ, ଟିକିଏ ତଳକୁ ଦୃଷ୍ଟି କରନ୍ତୁ । ହେଇ, ଆର୍ଯ୍ୟାଙ୍କୁ ଦେଖନ୍ତୁ ।

ବଦୂ—( ଦେଖି ନିକଟକୁ ଯାଇ ) ଆପଣଙ୍କର ମଙ୍ଗଳ ହେଉ ।

ବସନ୍ତ—କିଏ ! ମୈତ୍ରେୟ ସେ ! ( ଉଠି ) ସ୍ୱାଗତ । ଏଇ ଆସନ, ବସନ୍ତୁ ।

ବଦୂ—ତୁମେ ବସ । ( ଦୁହେଁ ବସିଲେ )

ବସନ୍ତ—ଆର୍ଯ୍ୟ ଚାରୁଦତ୍ତଙ୍କର କୁଶଳ ତ ?

ବଦୂ—ହଁ, କୁଶଳ ।

ବସନ୍ତ—ଆର୍ଯ୍ୟ, ସୁଗୁଣ ଯାହାର ପଲ୍ଲବ, ବିନୟ ଯାହାର ଶାଖା, ବିଶ୍ୱାସ ଯାହାର ମୂଳ, ଗୌରବ ଯାହାର ପୁଷ୍ପ, ପରୋପକାର ଆଦି ଗୁଣ ଯାହାର ଫଳ, ସେଇ ଚାରୁଦତ୍ତରୂପୀ ବୃକ୍ଷକୁ ମିତ୍ରରୂପୀ ପକ୍ଷୀମାନେ ସୁଖରେ ଆଶ୍ରୟ କରି ରହିଛନ୍ତି ତ ?

ବଦୂ—( ସ୍ୱଗତ ) କୁଟିଳ ବିଳାସିନୀ ବେଶ୍ୟା ଠିକ୍ ଲକ୍ଷ୍ୟ କରିଛି । ( ପ୍ରକାଶ୍ୟରେ ) ହଁ ।

ବସନ୍ତ—ଆର୍ଯ୍ୟ, ଆସିବାର ପ୍ରୟୋଜନ ?

ବଦୂ—ଶୁଣ ! ଆର୍ଯ୍ୟ ଚାରୁଦତ୍ତ ମସ୍ତକରେ ଅଞ୍ଜଳି ରଖି ତୁମକୁ ଜଣାଇଛନ୍ତି—

ବସନ୍ତ—( ହାତଯୋଡ଼ି ) କଅଣ ଆଜ୍ଞା ଦେଇଛନ୍ତି ?

ବଦୂ—ସେ ସେହି ସୁବର୍ଣ୍ଣ ଅଳଙ୍କାରକୁ ନିଜର ବୋଲି ମନେକରି ଜୁଆଖେଳରେ ହରାଇ ଦେଇଛନ୍ତି । ଜୁଆମାଲିକ ରାଜାଙ୍କର ଜଣେ ଦୂତ । ସେ କୁଆଡ଼େ ଚାଲିଯାଇଛି, ଜଣା ପଡ଼ୁନାହିଁ ।

ଦାସୀ—ଆର୍ଯ୍ୟା, ବଡ଼ ବିଚିତ୍ର କଥା ! ଆର୍ଯ୍ୟ ଚାରୁଦତ୍ତ ଜୁଆଖୋର ହୋଇଗଲେଣି ।

ବସନ୍ତ—( ସ୍ୱଗତ ) ଆରେ ! ଅଳଙ୍କାର ଚୋରିରେ ଯାଇଛି, କିନ୍ତୁ ଏ ଉଦାରତାରେ କହୁଛନ୍ତି ଯେ ଜୁଆରେ ହରାଇ ଦେଇଛନ୍ତି । ଏଇଥି ପାଇଁ ମୁଁ ତାଙ୍କୁ ଚାହେଁ ।

ବିଦୂ —ସେଥିପାଇଁ ତୁମେ ଏହି ରତ୍ନାବଳୀ ଗ୍ରହଣ କର ।

ବସନ୍ତ—( ସ୍ୱଗତ ) କଅଣ ସେହି ଅଳଙ୍କାରକୁ ଦେଖେଇ ଦେବି ? ( ଚିନ୍ତାକରି ) ନା ଥାଉ ।

ବିଦୂ—ଏ ରତ୍ନାବଳୀକୁ ନେଉନାହିଁ କାହିଁକି ?

ବସନ୍ତ—( ହସି ସଖୀ ମୁହଁକୁ ଚାହିଁ ) ମୈତ୍ରେୟ, ରତ୍ନାବଳୀ କାହିଁକି ନ ନେବି ? ( ନେଇ ପାଖରେ ରଖି ସ୍ୱଗତ ) କଅଣ ବଉଳହୀନ ଚୂତ ବୃକ୍ଷରୁ ମଧୁବିନ୍ଦୁ ଝରେ ? ( ପ୍ରକାଶ୍ୟରେ ) ଆର୍ଯ୍ୟ, ମୋକଥା ଅନୁସାରେ ସେହି ଜୁଆଖେଳାଳି ଆର୍ଯ୍ୟ ଚାରୁଦତ୍ତଙ୍କୁ ଜଣାଇବେ, ସୂର୍ଯ୍ୟାସ୍ତ ପରେ ମୁଁ ତାଙ୍କୁ ଦେଖା କରିବାକୁ ଯିବି ।

ବିଦୂ—( ସ୍ୱଗତ ) ଆଉ କି କାରଣ ହୋଇପାରେ ? ତାଙ୍କ ପାଖକୁ ଯାଇ ଆହୁରି ଆଣିବ । ( ପ୍ରକାଶ୍ୟରେ ) କହିଦେବି । ( ସ୍ୱଗତ ) କହିଦେବି ଯେ ତୁମେ ଶୀଘ୍ର ବେଶ୍ୟାର ସମ୍ପର୍କ ଛାଡ଼ । ( ଚାଲିଗଲେ )

ବସନ୍ତ—ସଖୀ, ଏ ଅଳଙ୍କାର ଧର । ବର୍ତ୍ତମାନ ଚାରୁଦତ୍ତଙ୍କ ନିକଟକୁ ଅଭିସାର କରିଯିବା ।

ଦାସୀ—ଆର୍ଯ୍ୟା, ଦେଖନ୍ତୁ, ଦେଖନ୍ତୁ ଅକାଳ ବାଦଲ ଉଠି ଆସୁଛି ।

ବସନ୍ତ—ବାଦଲ ଉଠ୍, ରାତ୍ରି ଆସୁ, ଅବିରତ ବର୍ଷା ହେଉ, ମୁଁ କାହାରିକୁ ମାନିବି ନାହିଁ । କାରଣ, ମୋ ହୃଦୟ ବର୍ତ୍ତମାନ ପ୍ରିୟତମଙ୍କୁ ପାଇବାକୁ ଉତ୍କଣ୍ଠିତ । ସଖି, ହାର ନେଇ ଶୀଘ୍ର ଆସ । ( ସମସ୍ତଙ୍କର ପ୍ରସ୍ଥାନ )

# ପଞ୍ଚମ ଅଙ୍କ

( ଉତ୍କଣ୍ଠିତ ଗୁରୁଦତ୍ତ ଆସନରେ ବସିଥିବାର ଦେଖାଗଲେ । )

ଗୁରୁ—( ଉପରକୁ ଚାହିଁ ) ଅକାଳରେ ମେଘ ! ଗୃହ-ମୟୂରମାନେ ପୁଚ୍ଛ ମେଲେଇ ଆନନ୍ଦରେ ମେଘକୁ ଚାହୁଁଛନ୍ତି । କିନ୍ତୁ ମନା-ସରୋବରକୁ ଯିବାପାଇଁ ଉତ୍ସୁକ ହଂସମାନେ ଉପେକ୍ଷାର ଦୃଷ୍ଟିରେ ଦେଖୁଛନ୍ତି । ଏ ମେଘ ଆକାଶକୁ ଘୋଟିବା ସଙ୍ଗେ ସଙ୍ଗେ ଉତ୍କଣ୍ଠିତ ଲୋକର ହୃଦୟକୁ ମଧ୍ୟ ଘୋଟି ଯାଉଛି ।

ଜଳାର୍ଦ୍ର ମହିଷର ଉଦର ପରି ତଥା ଭ୍ରମର ପରି କୃଷ୍ଣବର୍ଣ୍ଣ ଏହି ମେଘ ବିଜୁଳି-ନିର୍ମିତ ପୀତ ପଟ୍ଟବସ୍ତ୍ର ପିନ୍ଧି, ବକମାଳାରୂପକ ଶଙ୍ଖଧରି ଆକାଶକୁ ଘୋଟିଯିବାକୁ ବସିଲାଣି । ସତେ ଯେପରି ଏ ବିଷ୍ଣୁଙ୍କର ଦ୍ୱିତୀୟବାମନ ରୂପ !

ହେଇ, ତରଳ ରୂପାର ଧାରାପରି ଜଳଧାରା ବଡ଼ ବେଗରେ ମେଘ ଭିତରୁ ପଡ଼ିଲାଣି । ବିଜୁଳିରୂପୀ-ଦୀପ-ଶିଖାରେ ଏହା କେତେବେଳେ ଦେଖା ଯାଉଛି, କେତେବେଳେ ଅଦୃଶ୍ୟ ହୋଇ ଯାଉଛି । ବୋଧହେଉଛି—ଆକାଶରୂପୀ ଜୀର୍ଣ୍ଣବସ୍ତ୍ରରୁ ସୂତାମାନ ଖସିପଡ଼ୁଛି । ପବନରେ ଆଲୋଡ଼ିତ ବିଶାଳ ମେଘ

କେଉଁଠି ଯୋଡ଼ ଯୋଡ଼ ଚକ୍ରବାକପରି, କେଉଁଠି ଉଡ଼ୁଥିବା ହଂସ ପରି, କେଉଁଠି ସମୁଦ୍ର ମନ୍ଥନରୁ ଉତ୍ଥିତ ମତ୍ସ୍ୟ ତଥା କୁମ୍ଭୀର ପରି, କେଉଁଠି ଉଚ୍ଚ ଅଟ୍ଟାଳିକା ପରି—ଏହିପରି ନାନା ଆକାର ପ୍ରକାର ଧାରଣ କରୁଛି । ତେଣୁ ଆକାଶ ଚିତ୍ରିତ ହେଲାଭଳି ବୋଧ ହେଉଛି ।

ବର୍ତ୍ତମାନ ମେଘାଚ୍ଛନ୍ନ ଆକାଶ ଧୃତରାଷ୍ଟ୍ରଙ୍କ ରାଜ୍ୟ ସମାନ ହୋଇଛି । କାରଣ, ମୟୂର ଦୁର୍ଯୋଧନ ଭଳି ଅତି ଦର୍ପରେ ବଳ ଦେଖାଇ ଆନନ୍ଦରେ ଗର୍ଜନ କରୁଛି । କୋଇଲି ପଶା ଖେଳରେ ପରାସ୍ତ ଯୁଧିଷ୍ଠିରଙ୍କ ଭଳି ବନକୁ ଯାଇଛି । ପାଣ୍ଡବ-ମାନେ ବନରୁ ଯାଇ ବିରାଟ ରାଜ୍ୟରେ ଅଜ୍ଞାତ ବାସ କଲାଭଳି ହଂସମାନେ ଜଳାଶୟରୁ ଯାଇ ଜନସାଧାରଣଙ୍କ ଅଜ୍ଞାତ ମାନସରୋବରରେ ବାସ କରୁଅଛନ୍ତି ।

( ଚିନ୍ତାକରି ) ମୈତ୍ରେୟ ବସନ୍ତସେନା ନିକଟକୁ ଯିବାର ବହୁତବେଳ ହୋଇଗଲାଣି । ବର୍ତ୍ତମାନ ସୁଦ୍ଧା ଆସୁନାହାନ୍ତି !

× × ×

ବିଦୁ—( ପ୍ରବେଶ କରି ) ବସନ୍ତସେନାର କି ଲୋଭ ! ତା'ରଜଦାର-ତାର କି ଅଭାବ ! ଅଳଙ୍କାର କଥା ଛାଡ଼ ଆଉ ଅନ୍ୟ ବିଷୟରେ ପଦେ ବି କହିଲା ନାହିଁ ! କିଛି ନ କହି ଅନାଦର ଭାବରେ ରତ୍ନାବଳୀକୁ ଏପରି ନେଇଗଲା ! ଏତେ ସମ୍ପତ୍ତି ଥାଉଁ ଥାଉଁ ଟିକିଏ କହିଲା ନାହିଁକି—"ଆର୍ଯ୍ୟ ମୈତ୍ରେୟ, ବିଶ୍ରାମକରି, ଗିନାରେ ପାଣି ମୁନ୍ଦିଏ ପିଇକରି ଯାଅ ।"

ଆଉ ସେ ଦାସୀପୁତ୍ରୀ ଗଣିକାର ମୁହଁ ଚାହିଁବି ନାହିଁ । (ଉଦାସ ହୋଇ ) ଠିକ୍, ଠିକ୍ । ମୂଳ ନଥିବା ପଦ୍ମଲତା, ଠକୁ ନଥିବା

ବ୍ୟବସାୟୀ, ଚୋରି କରୁନଥିବା ବଣିଆଁ, କଳହ ନଥିବା ଗ୍ରାମ, ଆଉ ଲୋଭ କରୁନଥିବା ବେଶ୍ୟା, ଏ ସମସ୍ତ ଅସମ୍ଭବ । ଯାଉଛି, ପ୍ରିୟମିତ୍ରଙ୍କୁ ସେ ବେଶ୍ୟାର ସମ୍ପର୍କରୁ ବାରଣ କରିବ । ( କିଛିବାଟ ଯାଇ ଏବଂ ଦେଖି ) ଏଇତ ! ମିତ୍ର ଉଦ୍ୟାନରେ ବସିଛନ୍ତି । ତେବେ ଯାଏଁ ପାଖକୁ । ( ନିକଟକୁ ଯାଇ ) ମିତ୍ର, ମଙ୍ଗଳହେଉ, ଅଭିବୃଦ୍ଧି ହେଉ ।

ଚାରୁ—( ଦେଖି ) କିଏ ! ବନ୍ଧୁ ଆସିଗଲ ! ସ୍ୱାଗତ ବନ୍ଧୁ, ବସ ।

ବିଦୂ—ବସୁଛି ।

ଚାରୁ—ମିତ୍ର, ସେ କାର୍ଯ୍ୟ କଅଣ ହେଲା, କୁହ ।

ବିଦୂ—କାର୍ଯ୍ୟ ନଷ୍ଟ ।

ଚାରୁ—କଅଣ ରତ୍ନାବଳୀ ନେଲେ ନାହିଁ ?

ବିଦୂ—ଆମର ସେ ଭାଗ୍ୟ କାହିଁ ? ପଦ୍ମକଳିକା ପରି ସୁକୋମଳ ଅଞ୍ଜଳି ମସ୍ତକରେ ରଖି ତାହା ନେଇଗଲେ ।

ଚାରୁ—ତା' ହେଲେ ଆଉ କାହିଁକି କହୁଛ ଯେ କାର୍ଯ୍ୟ ନଷ୍ଟ ହେଲା ?

ବିଦୂ—ଆହେ, ନଷ୍ଟ ହେଲା ନାହିଁ ? ସାମାନ୍ୟ ଅଳଙ୍କାର, ଯାହାକୁ ଆମେ ବିକାଭାଙ୍ଗି ଖାଇନାହୁଁ କି ଭୋଗ କରିନାହୁଁ, ଯାହାକୁ ଚୋର ନେଇଗଲା, ତା' ନିମନ୍ତେ ମହାମୂଲ୍ୟ ରତ୍ନାବଳୀ ହରାଇଲୁଁ !

ଚାରୁ—ମିତ୍ର, ସେମିତି କୁହ ନାହିଁ । ଯେଉଁ ବିଶ୍ୱାସରେ ବସନ୍ତସେନା ଆମପାଖରେ ଅଳଙ୍କାର ରଖିଥିଲେ, ସେହି ବିଶ୍ୱାସ ନିମନ୍ତେ ହିଁ ଏ ମହାମୂଲ୍ୟ ରତ୍ନାବଳୀ ଦିଆହେଲା ।

ବିଦୂ—ମିତ୍ର, ମୋ ଦୁଃଖର ଆହୁରି ଏକ କାରଣ ଅଛି । ସଖିଙ୍କୁ ସଙ୍କେତ ଦେଇ, ପଣତରେ ମୁହଁ ଘୋଡ଼ାଇ ସେ ମୋତେ ଉପହାସ କଲା, ତେଣୁ ମୁଁ ବ୍ରାହ୍ମଣ ହେଲେ ମଧ୍ୟ ବର୍ତ୍ତମାନ ତୁମ ପାଦତଳେ ପଡ଼ି ପ୍ରାର୍ଥନା କରୁଛି—ତୁମେ ସେ ବହୁବିଘ୍ନପୂର୍ଣ୍ଣ ବେଶ୍ୟା ସଂପର୍କରୁ ନିବୃତ୍ତ ହୁଅ । ବେଶ୍ୟା ହେଉଛି ଜୋତା ଭିତରେ ପଶିଥିବା କଣ୍ଟାଭଳି । ଅତିକଷ୍ଟରେ ତାକୁ ବାହାର କରିବାକୁ ପଡ଼େ । ଆଉ ମଧ୍ୟ ବେଶ୍ୟା ହାତୀ, କାୟସ୍ଥ, ଭିକ୍ଷୁକ, ଶଠ ଏବଂ ଗଧ, ଯେଉଁଠି ରହନ୍ତି, ସେଠାକୁ ଦୁଷ୍ଟ ଲୋକ ମଧ୍ୟ ଯାଏନାହିଁ ।

ଚାରୁ—ମିତ୍ର, ବର୍ତ୍ତମାନ ଏ ସବୁ ନିନ୍ଦାବାକ୍ୟ କହିବା କି ଦରକାର ? ଅବସ୍ଥା ତ ମୋତେ ନିବୃତ୍ତ କରିଛି । ଦେଖ—

ଅଶ୍ୱ ଅତିଶୀଘ୍ର ଯିବାପାଇଁ ଇଚ୍ଛା କରୁଥାଏ, କିନ୍ତୁ ବଳ କମି ଯାଇଥିଲେ ବେଗରେ ପାଦ ପକାଇ ପାରେ ନାହିଁ; ସେହିଭଳି ମଣିଷର ଚଞ୍ଚଳ ସ୍ୱଭାବ ସବୁ କଥାକୁ ଇଚ୍ଛା କରେ, ମାତ୍ର ପାଇ ନ ପାରିଲେ ହୃଦୟକୁ ଫେରି ଆସି ବିଲୀନ ହୋଇଯାଏ । ଆଉ ମଧ୍ୟ ମିତ୍ର !

ଯାହା ପାଖରେ ଧନ ଅଛି, ବସନ୍ତସେନା ତାହାର । କାରଣ, ଧନରେ ହିଁ ଗଣିକାଙ୍କୁ ବଶ କରାଯାଏ । ( ସ୍ୱଗତ ) ନା, ସେ ଗୁଣରେ ମଧ୍ୟ ବଶୀଭୂତ ହୋଇପାରେ (ପ୍ରକାଶ୍ୟରେ) ଆମର ତ ଧନ ନାହିଁ, ତେଣୁ ସେ ଆଗେ ଆଗେ ଆମକୁ ପରିତ୍ୟାଗ କରିଛି ।

ବିଦୂ—( ତଳକୁ ଚାହିଁ ସ୍ୱଗତ ) ଏ ଯେମିତି ଉପରକୁ ଚାହିଁ ଦୀର୍ଘଶ୍ୱାସ ଛାଡୁଛନ୍ତି, ଏଥିରୁ ମୁଁ ଜାଣୁଛି, ମୁଁ ବାରଣ କରିବା

ଏହାଙ୍କର ଉତ୍କଣ୍ଠା ଅଧିକ ବଢ଼ୁଛି । ତେଣୁ 'କନ୍ଦର୍ପ ହବଦା ପ୍ରତିକୂଳ' ଏ କଥାଟା ଠିକ୍ । ( ପ୍ରକାଶ୍ୟରେ ) ମିତ୍ର, ସେ କହିଛନ୍ତି, ସନ୍ଧ୍ୟାହେଲେ ଏଠିକି ଆସିବେ । ତେଣୁ ମୁଁ ଭାବୁଛି— ରତ୍ନାବଳୀରେ ସନ୍ତୁଷ୍ଟ ନ ହୋଇ ସେ ଆଉ କିଛି ନେବେ ।

ବିଦୂ—ମିତ୍ର, ଆସନ୍ତୁ, ସନ୍ତୁଷ୍ଟ ହୋଇ ଯିବେ ।

( ବସନ୍ତସେନାଙ୍କ ଭୃତ୍ୟ ପ୍ରବେଶ କଲା )

× × × ×

ଭୃତ୍ୟ—( ବାଟରେ ଯାଉଥିବା ଲୋକମାନଙ୍କୁ ) ହେ ମାନବଗଣ ! ବୁଝିଲ, ବୁଝିଲ ? ଯେତେ ଯେତେ ମେଘ ହେଉଛି, ସେତେ ସେତେ ମୋ ପିଠିରମ ତିନ୍ତୁଛି । ଯେତେ ଯେତେ ଥଣ୍ଡାପବନ ବହୁଛି, ସେତେ ସେତେ ମୋ ହୃଦୟ କମ୍ପୁଛି ।

ମୁଁ ସପ୍ତଛିଦ୍ର ବଂଶୀ ବଜାଏଁ, ସପ୍ତତନ୍ତ୍ରୀ ବୀଣା ବଜାଏଁ । ମୁଁ ଯହ୍ଵ ଗୀତଗାଏଁ, ଠିକ୍ ଗଧସ୍ଵର ! ତୁମ୍ବୁରୁ କି ନାରଦ ଗୀତ ଗାଇବାରେ କ'ଣ ମୋ ପାସଙ୍ଗରେ ପଡ଼ିବେ ? ( ସ୍ଵଗତ ) ଆର୍ଯ୍ୟା ବସନ୍ତସେନା ମୋତେ ଆଜ୍ଞା ଦେଇ କହିଛନ୍ତି—"କୁମ୍ଭୀଳକ! ଯା, ଆର୍ଯ୍ୟ ଚାରୁଦତ୍ତଙ୍କୁ ମୋ ଯିବାର ସୂଚନା ଦେ ।" ତେବେ ଯାଏଁ ଆର୍ଯ୍ୟ ଚାରୁଦତ୍ତଙ୍କ ଘରକୁ । ( କିଛିବାଟ ଯାଇ ଏବଂ କବାଟ ଫାଙ୍କରେ ଚାହିଁ ) ଏଇ ତ, ଆର୍ଯ୍ୟ ଚାରୁଦତ୍ତ ଉଦ୍ୟାନରେ ବସିଛନ୍ତି । ସେ ଦୁଷ୍ଟ ବ୍ରାହ୍ମଣ ବି ପାଖରେ ଅଛି । ତେବେ ପାଖକୁ ଯାଏଁ । ଆରେ ! ଉଦ୍ୟାନର ଦ୍ଵାର ବନ୍ଦ । ଆଚ୍ଛା, ସେ ଦୁଷ୍ଟ ବ୍ରାହ୍ମଣକୁ ସୂଚନା ଦେବି । ( ଛୋଟ ଛୋଟ ଢେଲା ଫିଙ୍ଗିଲା । )

ବିଦୂ – ଆରେ ! ମୋ ଗୃହପୃଷ୍ଠରେ ପାଦଚେଷ୍ଟା ଅଛି, ତଥାପି ମୋତେ କଇଁଥ ଭଳିଆ କିଏ ଢେକା ଫୋପାଡୁଛି ?

ଚେଟୀ – ଉପବନ-ଅଟ୍ଟାଳିକାର ପାରାଖଣ୍ଡରେ ପାରାମାନେ ଖେଳୁଥିବେ । ସେଇମାନେ ବୋଧହୁଏ ଝଡ଼ାଉଥିବେ ।

ବିଦୂ – ଆଃ ! ଦାସୀପୁତ୍ର ଦୁଷ୍ଟ ପାରା ! ରହ ରହ, ଏଇ କାଠ ଠେଙ୍ଗାରେ ପାଚିଲା ଆମ୍ବ ଭଳି ତୋତେ ଏ କୋଠା ଉପରୁ ତଳକୁ ପକାଇଦେବି । ( କାଠବାଡ଼ି ଟେକି ଧାଇଁଲେ )

ଚେଟୀ – ( ପଇତାଧରି ଅଟକାଇ ) ମିତ୍ର, ବସ ବସ । ସେଥିରୁ କଅଣ ମିଳିବ ? ବିଚରା କପୋତ ତା ପ୍ରିୟା ସହିତ ସୁଖରେ ଥାଉ ।

ଭୃତ୍ୟ—ଆରେ ! ପାରାକୁ ଦେଖିଲୁ, ମୋତେ ଦେଖିଲୁ ନାହିଁ ? ଆଚ୍ଛା, ଆଉ ଥରେ ପକାଏଁ । ( ପୁଣି ସାନ ସାନ ଢେଲା ଫିଙ୍ଗିଲା । )

ବିଦୂ—( ଚାରିଆଡ଼କୁ ଚାହିଁ ଓ ଦେଖି ) ଆରେ କୁମ୍ଭୀଲକ ! ଆଚ୍ଛା ଯାଉଛି, ଯାଉଛି । ( ନିକଟକୁ ଯାଇ ଦୁଆର ଫିଟେଇ ) ସ୍ୱାଗତ ! ଭିତରକୁ ଆ !

କୁମ୍ଭୀ – ( ପ୍ରବେଶ କରି ) ଆର୍ଯ୍ୟ, ନମସ୍କାର ।

ବିଦୁ – ଆରେ, ଏ ମେଘ ଅନ୍ଧାରରେ କୁଆଡ଼େ ?

କୁମ୍ଭୀ – ଆରେ ! ସେ, ସେ ଆସିଛନ୍ତି ।

ବିଦୁ – କେ କେ ?

କୁମ୍ଭୀ – ସେ ହେ ।

ବଦ୍ଧ — ଆରେ ଦାସୀପୁତ୍ର, ଦୁର୍ଭିକ୍ଷ ସମୟରେ ବୁଢ଼ା କୃପଣ ଭଳିଆ 'ସେ ସେ' କହି କହି ସଁ ସଁ କାହିଁକି ହେଉଛୁ ?

କୁମ୍ଭୀ — ଆରେ, ତୁ ଇନ୍ଦ୍ରଯଜ୍ଞର ହୋମ-ଲୋଭୀ କୁଆ ଭଳିଆ 'କେ କେ' କହି କହି କା କା କାହିଁକି ହେଉଛୁ ?

ବଦ୍ଧ — ଆଚ୍ଛା, କହ, କହ ।

କୁମ୍ଭୀ — ଆରେ, ତତେ ପ୍ରଶ୍ନ ଦେବି ।

ବଦ୍ଧ — ମୁଁ ତୋ ମୁଣ୍ଡରେ ପାଦ ଦେବି ।

କୁମ୍ଭୀ — ଆରେ ଜାଣିଛୁ, କେଉଁ ସମୟରେ ଆମ୍ବଗଛରେ ବଉଳ ଧରେ ?

ବଦ୍ଧ — ଆରେ ଦାସୀପୁତ୍ର, ଗ୍ରୀଷ୍ମ ସମୟରେ ।

କୁମ୍ଭୀ — ( ହସି ହସି ) ଆରେ ନା ନା ।

ବଦ୍ଧ — ( ସ୍ୱଗତ ) ଏହାର ଉତ୍ତର କଅଣ ହେବ ? ( ଚିନ୍ତାକରି ) ଆଚ୍ଛା, ଚାରୁଦତ୍ତଙ୍କୁ ପଚାରି ଆସେଁ । ( ପ୍ରକାଶ୍ୟରେ ) ଆରେ, ଟିକଏ ରହ । ( ଚାରୁଦତ୍ତଙ୍କ ନିକଟକୁ ଯାଇ ) ମିତ୍ର, ଆମ୍ବ ବଉଳ କେବେ ଧରେ ?

ଚାରୁ — ମୂର୍ଖ, ବସନ୍ତରେ ।

ବଦ୍ଧ — ( କୁମ୍ଭୀଳକ ନିକଟକୁ ଆସି ) ମୂର୍ଖ, ବସନ୍ତରେ ।

କୁମ୍ଭୀ — ଆଉ ଗୋଟିଏ ପ୍ରଶ୍ନ ପଚାରିବି । ସମୃଦ୍ଧିଶାଳୀ ନଗରକୁ କିଏ ରକ୍ଷାକରେ ?

ବଦ୍ଧ — ଆରେ, ଗଳୀ ।

କୁମ୍ଭୀ—( ହସି ହସି ) ନା, ନା ।

ବଦୁ—ଆଚ୍ଛା ସନ୍ଦେହରେ ପଡ଼ିଲି । ( ଚିନ୍ତାକରି ) ଆଚ୍ଛା, ଚାରୁଦତ୍ତଙ୍କୁ ପୁଣି ପଚାରିବି । ( ଯାଇ ଚାରୁଦତ୍ତଙ୍କୁ ତାହାହିଁ ପଚାରିଲି । )

ଚାରୁ—ମିତ୍ର, ସେନା ।

ବଦୁ—( କୁମ୍ଭୀଲଙ୍କ ନିକଟକୁ ଆସି ) ଆରେ ଦାସୀପୁତ୍ର, ସେନା ।

କୁମ୍ଭୀ—ଆଚ୍ଛା, ଦୁଇ ଉତ୍ତରକୁ ଏକାଠି କରି ଶୀଘ୍ର କହ ।

ବଦୂ—ସେନାବସନ୍ତରେ ।

କୁମ୍ଭୀ—ଆରେ, ବୁଲେଇ କହ ।

ବଦୂ—( ନିଜ ଦେହ ବୁଲାଇ ) ସେନା ବସନ୍ତରେ ।

କୁମ୍ଭୀ—ମୂର୍ଖ, ପଦ ପରିବର୍ତ୍ତନ କରି କହ ।

ବଦୂ—( ପାଦ ବୁଲାଇ ) ସେନା ବସନ୍ତରେ ।

କୁମ୍ଭୀ—ଆରେ ମୂର୍ଖ, ଅକ୍ଷର-ପଦ ପରିବର୍ତ୍ତନ କରି କହ ।

ବଦୂ—( ଚିନ୍ତାକରି ) ବସନ୍ତସେନା ।

କୁମ୍ଭୀ—ସେ ଆସିଛନ୍ତି ।

ବଦୂ—ତା' ହେଲେ ମିତ୍ରଙ୍କୁ ଜଣାଇଦିଏଁ । ( ନିକଟକୁ ଯାଇ ) ମିତ୍ର, ତୁମ ମହାଜନ ଚାଲି ଆସିଲେ ।

ଚାରୁ—ଆମ ଘରେ ମହାଜନ କାହାନ୍ତି ?

ବଦୂ—ଯଦି ଘରେ ନାହାନ୍ତି, ତା' ହେଲେ ଦୁଆର ମୁହଁରେ ଅଛନ୍ତି । ବସନ୍ତସେନା ଆସିଗଲେ ।

ଚାରୁ—ମିତ୍ର, କଅଣ ମୋତେ ପ୍ରତାରଣା କରୁଛ ?

ବିଦୂ—ମୋ କଥାରେ ଯଦି ବିଶ୍ୱାସ ନ ହେଉଛି, ତେବେ କୁମ୍ଭୀଲକକୁ ପଚାର । ଆରେ, ଦାସୀପୁତ୍ର କୁମ୍ଭୀଲକ, ଏଠିକି ଆ !

କୁମ୍ଭୀ—( ନିକଟକୁ ଆସି ) ଆର୍ଯ୍ୟ, ନମସ୍କାର ।

ଚାରୁ—ସ୍ୱାଗତ ଭଦ୍ର ! କଅଣ ପ୍ରକୃତରେ ବସନ୍ତସେନା ଆସିଛନ୍ତି ?

କୁମ୍ଭୀ—ହଁ, ଆସିଛନ୍ତି ।

ଚାରୁ—( ଆନନ୍ଦରେ ) ମୁଁ କାହାରିଠାରୁ ପ୍ରିୟବୃତ୍ତାନ୍ତ ଶୁଣି ତାକୁ ନିଷ୍ଫଳରେ ଯିବାକୁ ଦେଇନାହିଁ । ତେଣୁ ଏ ପୁରସ୍କାର ଗ୍ରହଣ କର୍ । ( ଉତ୍ତରୀୟ ଦେଲେ )

କୁମ୍ଭୀ—( ନେଇ, ନମସ୍କାର କରି ଆନନ୍ଦରେ ) ଯାଉଛି, ଆର୍ଯ୍ୟାଙ୍କୁ ଜଣାଇବି । ( ଚାଲିଗଲା )

ବିଦୂ—ଆହେ ଜାଣିଛ କି ସେ କାହିଁକି ଏ ବର୍ଷାବେଳେ ଆସିଛନ୍ତି ?

ଚାରୁ—ମିତ୍ର, ମୁଁ ଭଲ କରି ଜାଣିପାରୁନାହିଁ ।

ବିଦୂ—ମୁଁ ଜାଣିଛି, ରତ୍ନାବଳୀର ମୂଲ୍ୟ କମ୍, କିନ୍ତୁ ସୁନା-ଅଳଙ୍କାରର ମୂଲ୍ୟ ବେଶି । ତେଣୁ ସେ ସନ୍ତୁଷ୍ଟ ନ ହୋଇ ଆଉ କିଛି ନେବାକୁ ଆସିଛନ୍ତି ।

ଚାରୁ—( ସ୍ୱଗତ ) ହେଉ, ସନ୍ତୁଷ୍ଟ ହୋଇଯିବେ ।

× × ×

( ଶୁଭ୍ର ଅଭିସାରିକାବେଶରେ ଉତ୍କଣ୍ଠିତା ବସନ୍ତସେନା, ଛତ୍ରଧାରିଣୀ ଦାସୀ ଏବଂ ବିଟଙ୍କର ପ୍ରବେଶ )

ଚାରୁ — ( ବସନ୍ତସେନାଙ୍କୁ ଲକ୍ଷ୍ୟ କରି ) ଆହା ! [illegible] ଲଜ୍ଜାବତୀ ବସନ୍ତସେନା ପଦ୍ମସିନା ଧରିନାହିଁ; ତଥାପି ବର୍ଷାର ଲକ୍ଷ୍ମୀ । କନ୍ଦର୍ପର ଏ ସୁକୁମାର ଅସ୍ତ୍ର, କୁଳବଧୂମାନଙ୍କର ଶୋକ, ଆଉ କାମବୃକ୍ଷର ମନୋହର ପୁଷ୍ପ । ଏ ମୃଦୁ ପଦକ୍ଷେପରେ ସଂକେତସ୍ଥାନ-ରଙ୍ଗସ୍ଥଳୀକୁ ଯାଉଥିବାବେଳେ ପଥିକମାନେ ମୁଗଧ ହୋଇ ଏହାର ଅନୁଗମନ କରନ୍ତି ।

ବସନ୍ତସେନା, ଦେଖ ଦେଖ—

ବିରହିଣୀ ବନିତାମାନଙ୍କର ହୃଦୟ ପରି କୃଷ୍ଣବର୍ଣ୍ଣ ମେଘମାଳା ପର୍ବତଶୃଙ୍ଗରେ ଲଗିରହି ଗର୍ଜନ କରୁଛନ୍ତି । ଏହି ଗର୍ଜନ ଶୁଣି ମୟୂରମାନେ ସହସା ଉପରକୁ ଉଡ଼ି ଯାଉଛନ୍ତି ଏବଂ ମଣିମୟ ବିଞ୍ଚଣାଭଳି ପୁଚ୍ଛରେ ଆକାଶକୁ ବିଞ୍ଚି ଦେଉଛନ୍ତି ।

ପୁଣି ଦେଖ—ବେଙ୍ଗମାନଙ୍କ ମୁହଁରେ କାଦୁଅ ଲାଗିଛି । ସେମାନେ ବର୍ଷାଧାରାର ତାଡ଼ନା ସହି ଜଳପାନ କରୁଛନ୍ତି । ମୟୂର କାମାତୁର ହୋଇ ରବ କରିବାରେ ଲାଗିଛି । କଦମ୍ବ-ଗଛ ପ୍ରଦୀପ ଭଳି ଶୋଭା ପାଉଛି । କୁଳାଙ୍ଗାର ଲୋକଦ୍ୱାରା ସନ୍ନ୍ୟାସଧର୍ମ ଯେପରି ଦୂଷିତ ହୁଏ, ମେଘଦ୍ୱାରା ଚନ୍ଦ୍ର ସେହିପରି ଆଚ୍ଛନ୍ନ ହୋଇଛି । ନୀଚକୁଳର କୁଳଟା ଯୁବତୀ ପରି ବିଜୁଳି ଗୋଟିଏ ଜାଗାରେ ସ୍ଥିର ହୋଇ ରହୁନାହିଁ ।

ବସନ୍ତ — ଭଦ୍ରାନ୍, ଆପଣ ଠିକ୍ କହୁଛନ୍ତି ।

ରାତ୍ରି କୁପିତା ସପତ୍ନୀ ପରି ବାରମ୍ବାର ଗର୍ଜନ କରି ମୋତେ ବାରଣ କରୁଛି, ଆଉ ପଥରୋଧ ମଧ୍ୟ କରୁଛି । ମେ

ମୋତେ କହୁଛି—"ମୂଢ଼ା ! ମୁଁ ନବଘନ ପୟୋଧରବନ୍ତ, ମୋ କାନ୍ତ ସହିତ ମୁଁ ଯଦି ରମଣ କଲି, ତୋର କ'ଣ ଗଲା ?"

ବିଟ—ତା'ହେଲେ ଏ ରାତିକୁ ତିରସ୍କାର କର ।

ବସନ୍ତ—ତିରସ୍କାର କରି ଲାଭ କ'ଣ ? ଏ ରାତି ସ୍ତ୍ରୀ ପରି ଦୁଷ୍ଟଶୀଳା । ମେଘବରଷୁ, ଗରଜୁ, ବଜ୍ରପାତ କରୁ ; ଯେଉଁ କାମିନୀ ପ୍ରିୟତମ ନିକଟକୁ ଯାଉଥାଏ, ସେ ଶୀତ ଗ୍ରୀଷ୍ମ କିଛି ମାନେନାହିଁ ।

ବିଟ—ଦୁର୍ବଳ ଶତ୍ରୁର ପୁରରେ ପଶି ସବଳରାଜା ଯେପରି କର ଆଦାୟ କରେ, ମେଘ ସେପରି ଆକାଶରେ ଚନ୍ଦ୍ରର କିରଣକୁ ହରଣ କରି ନେଉଛି । ରାଜାର ଯେପରି ବର୍ଷାଧାରା ଭଳି ଅସଂଖ୍ୟ ଶର ଥାଏ, ଏହାର ସେପରି ବର୍ଷାଧାରା ରୂପକ ଶରମାନ ଅଛି । ରାଜାର ଯେପରି ଘଡ଼ଘଡ଼ି ଭଳି ବାଦ୍ୟ ବାଜୁଥାଏ, ଏହାର ସେହିପରି ଘଡ଼ଘଡ଼ି ରୂପକ ବାଦ୍ୟ ବାଜୁଅଛି । ରାଜାର ଯେପରି ବିଜୁଳିଭଳି ପତାକାମାନ ଥାଏ, ଏହାର ସେହିପରି ବିଜୁଳି ରୂପକ ପତାକା ଅଛି ।

ବସନ୍ତ—ଠିକ୍, ଏ ମେଘମାନେ ହସ୍ତୀସମ ନୀଳବର୍ଣ୍ଣ, ଉଦରରେ ଜଳପୂର୍ଣ୍ଣ ହୋଇଥିବାରୁ ଲମ୍ବିତ, ବିଜୁଳି ଆଉ ବକମାଳ ଦ୍ୱାରା ଚର୍ଚ୍ଚିତ, ପୁଣି ଗର୍ଜନଶୀଳ । ଏମାନଙ୍କ ଦ୍ୱାରା ସହଜେ ତ ହୃଦୟରେ କଣ୍ଟା ବିଦ୍ଧ ହୋଇ ଯାଉଛି; ସେଥିରେ ପୁଣି ଦୁଷ୍ଟ ବକ ଘା ଉପରେ ଲୁଣ ଲଗାଇଲା ପରି 'ବର୍ଷା ବର୍ଷା' ବୋଲି ଚିତ୍କାର କରିବାରେ ଲାଗିଛି ! ହାୟ ! ହାୟ ! ଏ ଚିତ୍କାର ବିଦେଶରେ ଥିବା ବିରହୀମାନଙ୍କର ମୃତ୍ୟୁବାଦ୍ୟ ସ୍ୱରୂପ !

ବିଟ—ବସନ୍ତସେନା, ଠିକ୍ କହିଲ । ଆହୁରି ଦେଖ—ଆକାଶ ବକମାଳାର ପଗଡ଼ି ବାନ୍ଧି, ବିଜୁଳିରୂପକ ଚପଳଶ୍ୱମର ଧରି ମତ୍ତଗଜ ସମାନ ହେବାକୁ ବୋଧହୁଏ ଇଚ୍ଛା କରୁଛି ।

ବସନ୍ତ—ବିଦ୍ୱାନ, ଦେଖ ଦେଖ —

ଆର୍ଦ୍ର ତମାଳପତ୍ର ପରି ନୀଳବର୍ଣ୍ଣର ମେଘମାଳା ଆକାଶରେ ଚନ୍ଦ୍ରକୁ ଆଚ୍ଛନ୍ନ କରିଦେଇଛି । ଶରବିଦ୍ଧ ହାଣ୍ଡାପରି ବର୍ଷା-ଆହତ ତାରାମାନେ ନଶିଯାଉଛନ୍ତି । ଅଟ୍ଟାଳିକାରେ ସୁବର୍ଣ୍ଣଧାର ପରି ବିଜୁଳି ଆକାଶରେ ବିଚରଣ କରିବାରେ ଲାଗିଛି । ଦୁର୍ବଳ ପୁରୁଷର ସ୍ତ୍ରୀକୁ ଯେପରି କେହି ବଳାତ୍କାରରେ ନେଇଯାଏ, ମେଘ ସେହିପରି ( ଚନ୍ଦ୍ରର ) ଜ୍ୟୋତ୍ସ୍ନାକୁ ହରଣ କରି ନେଉଛି ।

ବିଟ—ବସନ୍ତସେନା, ଦେଖ ଦେଖ—ଧାରାବର୍ଷୀ ମେଘମାନେ ହସ୍ତୀମାନଙ୍କ ପରି କଟିରେ ବିଜୁଳୀ-ଦଉଡ଼ି ବାନ୍ଧି ପରସ୍ପର ଆଗକୁ ଧାଇଁବାରେ ଲାଗିଛନ୍ତି । ଏମାନେ ସତେ ଯେପରି ଇନ୍ଦ୍ରଙ୍କ ଆଜ୍ଞାରେ ପୃଥିବୀକୁ ରୂପାଦଉଡ଼ିରେ ବାନ୍ଧି ଉପରକୁ ନେଇଯାଉଛନ୍ତି ।

ବସନ୍ତ—ବିଦ୍ୱାନ୍, ଦେଖ ଦେଖ —

ମୟୂରମାନେ ମେଘକୁ 'ଆସ ଆସ' ବୋଲି ଉଚ୍ଚସ୍ୱରରେ ଆହ୍ୱାନ କରୁଛନ୍ତି । ବକମାନେ ବେଗରେ ଉଡ଼ି ଉଡ଼ି ଉତ୍କଣ୍ଠାର ସହିତ ତାହାକୁ ଆଲିଙ୍ଗନ କରୁଛନ୍ତି । ହଂସମାନେ ପଦ୍ମବନ ପରିତ୍ୟାଗ କରି ଅତ୍ୟନ୍ତ ଉଦ୍‌ବେଗରେ ସ୍ୱଚ୍ଛନ୍ଦ ହେଇ, ଦିଗମାନଙ୍କୁ କଜ୍ଜଳପରି କଳା କରି ମେଘ ମାଡ଼ି ଆସୁଛି ।

ବିଟ — ଠିକ୍, ଠିକ୍ ।

ଜଗତର ପଦ୍ମରୂପୀ ଚକ୍ଷୁ ମୁଦ୍ରିତ ହୋଇଯାଇଛି । ରାତ୍ରି ଓ ଦିନ ଜଣାପଡ଼ୁ ନାହିଁ । ବିଜୁଳିରେ ଅନ୍ଧାର କ୍ଷଣେ ଲୋପ ପାଇ ଯାଉଛି ତ ପରକ୍ଷଣରେ ପୁଣି ମାଡ଼ି ଆସୁଛି । ଜଗତର ଦିଗରୂପକ ମୁଖ ଆଚ୍ଛାଦିତ ହୋଇଛି । ଜଣା ପଡ଼ୁଛି, ବର୍ତ୍ତମାନ ଜଗତ ଧାରା-ଗୃହ ଭିତରେ ଆକାଶବ୍ୟାପୀ ମେଘ-ଛତ୍ର ତଳେ ସତେ ଯେପରି ନିଶ୍ଚଳ ଭାବରେ ଶୋଇଛି ।

ବସନ୍ତ — ବିଦ୍ୱାନ୍, ଠିକ୍ । ଦେଖ —

ଅସାଧୁ ଲୋକର ଉପକାର କଲେ ସେହି ଉପକାର ଯେପରି ଲୋପ ପାଏ, ସେହିପରି ତାରାମାନେ ଅଦୃଶ୍ୟ ହୋଇ ଗଲେଣି । ସ୍ୱାମୀବିରହିଣୀ ସ୍ତ୍ରୀମାନଙ୍କ ଭଳି ଦିଗମାନେ ଆଉ ଶୋଭା ପାଉ-ନାହାନ୍ତି । ଇନ୍ଦ୍ରଙ୍କ ବଜ୍ରାଗ୍ନିରେ ଆକାଶ ତରଳି ଯାଇ ଜଳ-ରୂପରେ ପଡ଼ୁଛି ବୋଲି ମନେ ହେଉଛି । ପୁଣି ଦେଖ— ନୂଆ ଧନୀ ହୋଇଥିବା ଲୋକ ପରି ମେଘ ନାନା ପ୍ରକାର ରୂପ ଧାରଣ କରୁଛି । କେତେବେଳେ ଉପରକୁ ଉଠିଯାଉଛି, କେତେବେଳେ ତଳକୁ ନଇଁଆସୁଛି, କେତେବେଳେ ବର୍ଷୁଛି, କେତେବେଳେ ଗର୍ଜୁଛି । ପୁଣି କେତେବେଳେ ଅନ୍ଧାରକରି ଦେଉଛି ।

ବିଟ — ଠିକ୍, ଠିକ୍ ।

ଆକାଶ ସତେ ଯେପରି ବିଜୁଳିରେ ଜଳୁଛି, ବକମାଳାଦ୍ୱାରା ହସୁଛି, ଇନ୍ଦ୍ରଧନୁରୁ ଧାରା-ଶର ନିକ୍ଷେପକରି ଯୁଦ୍ଧକରୁଛି, ପ୍ରଚଣ୍ଡ ବଜ୍ରନିର୍ଘୋଷରେ ଗର୍ଜନ କରୁଛି,

ପବନରେ ଘୂରି ବୁଲୁଛି ଏବଂ ସର୍ପଭଳି ନୀଳ ମେଘମାଳା ଦ୍ୱାରା ଧୂମ୍ର ସେବନ କରୁଛି ।

ବସନ୍ତ—ରେ ମେଘ, ତୁ ବଡ଼ ନିର୍ଲଜ । ମୁଁ ପ୍ରିୟତମଙ୍କ ଘରକୁ ଯାଉଛି । ତୁ ମୋତେ ଗର୍ଜନରେ ଭୟଭୀତା କରି ଧାରା-ହସ୍ତରେ ସ୍ପର୍ଶ କରୁଛୁ ? ହେ ଇନ୍ଦ୍ର, ମୁଁ କଅଣ କେବେ ତୁମ ପ୍ରତି ଆସକ୍ତା ଥିଲି ଯେ ତୁମେ ମୋତେ ଅନ୍ୟ ନିକଟକୁ ଅଭିସାର କରୁଥିବାର ଦେଖି ଗର୍ଜନ କରୁଛ ? ମୁଁ ମୋ ପ୍ରିୟତମଙ୍କ ଅଭିଳାଷରେ ଯାଉଛି । ତୁମେ ବୃଷ୍ଟିପାତ କରି ମୋ ପଥରୋଧ କରିବା ଉଚିତ ହେଉନାହିଁ ।

ହେ ଇନ୍ଦ୍ର, ତୁମେ ତ ପୁଣି ଅହଲ୍ୟା ପ୍ରତି ଆସକ୍ତ ହୋଇ ମିଛରେ ନିଜକୁ ଗୌତମ ବୋଲି କହିଥିଲ ! ସେହିପରି ମୋର ବେଦନା ବୁଝି ଏ ମେଘକୁ ବାରଣ କର ।

ଅବା ତୁମେ ଗର୍ଜନ କର, କି ବୃଷ୍ଟିପାତ କର କିମ୍ବା ଶତବାର ବଜ୍ରପାତ କର । ପ୍ରିୟତମାଙ୍କ ଅଭିସାରିଣୀ ସ୍ତ୍ରୀମାନଙ୍କୁ ତୁମେ କଦାପି ବନ୍ଧ କରିପାରିବ ନାହିଁ । ଗୋ ବିଦ୍ୟୁତ୍, ମେଘ ଯଦି ଗର୍ଜନ କରୁଛି, କରୁ । ପୁରୁଷମାନେ ନିଷ୍ଠୁର, ଏହା ଜଣାଶୁଣା । କିନ୍ତୁ ତୁମେ କଅଣ କାମାତୁରା କାମିନୀମାନଙ୍କ ଦୁଃଖ ଜାଣନାହିଁ ?

ବିଟ — ବସନ୍ତସେନା, ବିଜୁଳିକୁ ତିରସ୍କାର କରିବା ଅନୁଚିତ । କାରଣ, ଏ ତ ଉପକାରିଣୀ ।

ଐରାବତର ବକ୍ଷ ଉପରେ ସ୍ଥିତ ଚପଳରଜ୍ଜୁ ସମାନ, ପର୍ବତ ଶିଖରରେ ସ୍ଥାପିତ ପତାକା ସମାନ, ଇନ୍ଦ୍ରଙ୍କ ଘରେ

ପ୍ରଜ୍ଜ୍ୱଳିତ ପ୍ରଦୀପ ସମାନ ଏ ବିଜୁଳି ତୁମକୁ ତୁମ ପ୍ରିୟତମଙ୍କ ଘର ଦେଖାଇ ଦେଉଛି ।

ବସନ୍ତ—ଠିକ ତ ! ହେଇ, ଆର୍ଯ୍ୟ ଚାରୁଦତ୍ତଙ୍କ ଘର ।

ବିଟ—ବସନ୍ତସେନା, ତୁମେ ସକଳକଳାରେ ପ୍ରବୀଣା । ତୁମକୁ କିଛି ଉପଦେଶ ଦେବା ଅନାବଶ୍ୟକ । ତଥାପି ମୁଁ ସ୍ନେହବଶତଃ କିଛି କହୁଛି । ଏଠାରେ ପ୍ରବେଶକରି ତୁମେ ଅଧିକ କୋପ କରିବ ନାହିଁ । ଯଦି କୋପ ଆଦୌ ନ କର ତା'ହେଲେ ବା ପ୍ରୀତି କାହୁଁ ଆସିବ ? ତେଣୁ ନିଜେ ପ୍ରସନ୍ନ ହୋଇଯିବ ଏବଂ ପ୍ରିୟତମଙ୍କୁ ପ୍ରସନ୍ନ କରିଦେବ ।

ଆଚ୍ଛା ! ଆହେ, କିଏ ଅଛ ? ଆର୍ଯ୍ୟ ଚାରୁଦତ୍ତଙ୍କୁ ଜଣାଅ, ବିକସିତ କଦମ୍ବ ପୁଷ୍ପର ସୁଗନ୍ଧରେ ସୁଗନ୍ଧିତ ଏହି ମେଘାଚ୍ଛନ୍ନ ସମୟରେ କାମବତୀ ବସନ୍ତସେନା ଆନନ୍ଦରେ ତାଙ୍କ ଘରକୁ ଆସିଛନ୍ତି । ତାଙ୍କର କେଶଗୁଚ୍ଛ ଜଳରେ ଓଦା ହୋଇଯାଇଛି । ବିଜୁଳି ଆଉ ମେଘ ଗର୍ଜନରେ ସେ ଚମକି ପଡ଼ୁଛନ୍ତି । ପ୍ରିୟତମଙ୍କ ଦର୍ଶନ ଆଶାରେ ଦୁଆରେ ଠିଆ ହୋଇ ସେ ନୂପୁରରେ ଲାଗିଥିବା କାଦୁଅ ଧୋଉଛନ୍ତି ।

ଚାରୁ—( ଶୁଣି ) ମିତ୍ର, ଏ କି ଶବ୍ଦ ଶୁଭୁଛି, ଦେଖି ଆସିଲ ।

ବିଦୁ—ଯାହା ତୁମ ଆଜ୍ଞା । ( ବସନ୍ତସେନାଙ୍କ ନିକଟକୁ ଯାଇ ଆଦରରେ ) ତୁମର ମଙ୍ଗଳ ହେଉ ।

ବସନ୍ତ—ଆର୍ଯ୍ୟ, ନମସ୍କାର । ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି । ( ବିଟ ପ୍ରତି ) ବିଦ୍ୱାନ୍, ଏ ଛତ୍ର ଧାରଣୀ ତୁମର ହେଉ ।

ବିଟ—( ସ୍ୱଗତ ) କୌଶଳରେ ମୋତେ ଘରକୁ ପଠାଇ ଦେଉଛନ୍ତି ! ( ପ୍ରକାଶ୍ୟରେ ) ଆଚ୍ଛା, ହେଉ । ବସନ୍ତସେନା,

ଯେଉଁ ବେଶ୍ୟାରୂପୀ ବଜାର ଦମ୍ଭ, କୁଟ, କପଟ ଏବଂ ମିଥ୍ୟାର ଜନ୍ମଭୂମି, ଧୂର୍ତ୍ତତା ଯାହାର ଆତ୍ମା, ରତିକେଳି ଯାହାର ଗୃହ, ପ୍ରୀତି ଆମୋଦ ଯାହାର ସଂପଦ, ସେହି ବେଶ୍ୟାରୂପୀ ବଜାରର ବିକାକଣା ପରସ୍ପର ଉଦାର ଗୁଣରେ ଭଲଭାବେ ସଂପନ୍ନ ହେଉ । ( ପ୍ରସ୍ଥାନ )

ବସନ୍ତ—ଆର୍ଯ୍ୟ ମୈତ୍ରେୟ, ଆପଣଙ୍କ ଜୁଆଖୋର କାହାନ୍ତି ?

ବିଦୂ—( ସ୍ୱଗତ ) ଆହା ହା·········! ଜୁଆଖୋର କହି ପ୍ରିୟମିତ୍ରଙ୍କୁ ମୋର ବିଭୂଷିତ କରିଦେଲେ ! ( ପ୍ରକାଶ୍ୟରେ ) ଶ୍ରୀମତୀ, ସେ ଶୁଷ୍କ ଉଦ୍ୟାନରେ ବସିଛନ୍ତି ।

ବସନ୍ତ—ଶୁଷ୍କ ଉଦ୍ୟାନ ମାନେ ?

ବିଦୂ—ଯେଉଁଠି ଖିଆପିଆ ହୁଏ ନାହିଁ ।

( ବସନ୍ତସେନା ସ୍ମିତହାସ୍ୟ କଲେ )

ବିଦୂ—ତା ହେଲେ ଶ୍ରୀମତୀ, ଆସନ୍ତୁ ।

ବସନ୍ତ—( ଧୀର ସ୍ୱରରେ ଦାସୀପ୍ରତି ) ସେଠାକୁ ଯାଇ ମୁଁ କଅଣ କହିବି ?

ଦାସୀ—କହିବେ, "ଜୁଆଖୋର, ଆପଣଙ୍କର ଏ ସନ୍ଧ୍ୟା ସମୟ ସୁଖମୟ ତ ?"

ବସନ୍ତ—କଅଣ ପାରିବି ?

ଦାସୀ—ସମୟ ଶକ୍ତି ଦେବ ଯେ ।

ବିଦୂ—ଆସ ଶ୍ରୀମତି ।

ବସନ୍ତ—( ପ୍ରବେଶକରି, ନିକଟକୁ ଯାଇ ଏବଂ ଫୁଲରେ ପ୍ରହାରକରି ) ଜୁଆଖୋର, ଏ ସନ୍ଧ୍ୟାସମୟ ସୁଖମୟ ତ ?

ଚାରୁ—ଆରେ ! ବସନ୍ତସେନା ଯେ ! ( ଆନନ୍ଦରେ ଉଠି ) ପ୍ରିୟେ, ମୋ ସନ୍ଧ୍ୟା ସମୟ ପ୍ରତିଦିନ ଭାବନାରେ ବିତିଯାଏ । ଦୀର୍ଘ ନିଃଶ୍ୱାସରେ ସାରା ରାତି ଚାଲିଯାଏ । କିନ୍ତୁ ଗୋ, ବିଶାଳାକ୍ଷି, ଆଜିର ସନ୍ଧ୍ୟାଟିକୁ ତୁମ ଆଗମନ ଦ୍ୱାରା ମୋର ସମସ୍ତ ଦୁଃଖ ଦୂର କରିଦେଇଛି । ତେଣୁ ମୁଁ ତୁମକୁ ସ୍ୱାଗତ ଜଣାଉଛି । ଏଇ, ଆସନରେ ବସ ।

ବିଦୂ—ଦେଇ ଆସନ, ଶ୍ରୀମତି ବସିବା ହୁଅନ୍ତୁ ।

( ବସନ୍ତସେନା ଓ ଅନ୍ୟମାନେ ବସିଲେ । )

ଚାରୁ—ମିତ୍ର, ବସନ୍ତସେନାଙ୍କର ଦୁଇଖଣ୍ଡ ଯାକ ଲୁଗା ଓଦା ହୋଇ ଯାଇଛି । ତେଣୁ ଆଉ ଦୁଇଖଣ୍ଡ ଭଲଲୁଗା ଆଣ ।

ବିଦୂ—ଯାହା ତୁମର ଆଜ୍ଞା ।

ଦାସୀ—ଆର୍ଯ୍ୟ ମୈତ୍ରେୟ, ଆପଣ ବସନ୍ତୁ । ମୁଁ ଆର୍ଯ୍ୟାଙ୍କର ସେବା କରୁଛି ।

( ଲୁଗା ଆଣି ଦେଲା, ବସନ୍ତସେନା ପିନ୍ଧିଲେ । )

ବିଦୂ—( ଧୀରସ୍ୱରରେ ଚାରୁଦତ୍ତଙ୍କୁ ) ମିତ୍ର, ବସନ୍ତସେନାଙ୍କୁ କିଛି ପଚାରିବି ।

ଚାରୁ—ପଚାର ।

ବିଦୂ—( ପ୍ରକାଶ୍ୟରେ ) ଏପରି ଜ୍ୟୋତ୍ସ୍ନାହୀନ ମେଘ ଅନ୍ଧାର ରାତିରେ ଶ୍ରୀମତୀଙ୍କର ଆଗମନର କାରଣ ?

ଦାସୀ—ଆର୍ଯ୍ୟା, ଏ ବ୍ରାହ୍ମଣ ଭାରି ସରଳ ।

ବସନ୍ତ—ନା, ନା, ଭାରି ଚତୁର ।

ଦାସୀ—( ବିଦୂଷକଙ୍କୁ ) ଆର୍ଯ୍ୟା ପଚାରିବାକୁ ଆସିଛନ୍ତି ଯେ ସେ ରତ୍ନାବଳୀର ମୂଲ୍ୟ କେତେ ?

ବିଦୂ—( ଧୀରସ୍ୱରରେ ଚାରୁଦତ୍ତଙ୍କୁ ) ଆହେ, ମୁଁ ପରା କହୁଥିଲି— ରତ୍ନାବଳୀର ମୂଲ୍ୟ କମ୍, ସୁନା ଅଳଙ୍କାରର ମୂଲ୍ୟ ବେଶୀ । ତେଣୁ ସେ ସନ୍ତୁଷ୍ଟ ହୋଇନାହାନ୍ତି । ଆହୁରି ନେବାକୁ ଆସିଛନ୍ତି ।

ଦାସୀ—ସେହି ରତ୍ନାବଳୀକୁ ଆର୍ଯ୍ୟା ନିଜର ବୋଲି ଭାବି ଜୁଆ-ଖେଳରେ ହରାଇ ଦେଇଛନ୍ତି । ସେ ଜୁଆମାଲିକ ରାଜାଙ୍କର ଜଣେ ଦୂତ । ସେ କୁଆଡ଼େ ଚାଲିଗଲା । ଜଣାପଡ଼ୁନାହିଁ ।

ବିଦୂ—ଆଗୋ, ମୁଁ ଯେମିତି କହିଥିଲି, ତୁମେ ତ ସେମିତି କହୁଛ ?

ଦାସୀ—ତାକୁ ଖୋଜି ପାଇଲା ପର୍ଯ୍ୟନ୍ତ ଏ ସୁନା ଅଳଙ୍କାରକୁ ରଖନ୍ତୁ ।

( ସୁନା ଅଳଙ୍କାର ଦେଖାଇଲା । )

ବିଦୂ—( ବିସ୍ମୟମଗ୍ନ ଭାବରେ ନିରୀକ୍ଷଣ କରିବାକୁ ଲାଗିଲେ । )

ଦାସୀ—ଆପଣତ ଖୁବ୍ ନିରୀକ୍ଷଣ କରୁଛନ୍ତି । ଆଗରୁ କେବେ ଏହାକୁ ଦେଖିଛନ୍ତି କି ?

ବିଦୂ—ନା ଗୋ, ଏହାର କାରୁକାର୍ଯ୍ୟ ମୋ ଆଖିକୁ ଟାଣି ନେଉଛି ।

ଦାସୀ—ଆର୍ଯ୍ୟ, ଆପଣଙ୍କ ଆଖି ଠକିଗଲା । ଏ ସେହି ସୁନା ଅଳଙ୍କାର ।

ବିଦୂ – ( ଆନନ୍ଦରେ ) ମିତ୍ର! ମିତ୍ର! ଆମଘରେ ଯେଉଁ ସୁନା ଅଳଙ୍କାର ଚୋରି ହୋଇ ଯାଇଥିଲା, ଏ ସେହି ଅଳଙ୍କାର !

ଚାରୁ – ମିତ୍ର, ଆମେ ତାଙ୍କ ଧନ ପରିଶୋଧ କରିବା ପାଇଁ ଯେପରି ଛଳନା କରିଥିଲେ, ସେ ମଧ୍ୟ ଆମ ରତ୍ନାବଳୀର ପରିଶୋଧ ପାଇଁ ସେହିପରି ଛଳନା କରୁଛନ୍ତି । ମାତ୍ର ଏହା ସେହି ଅଳଙ୍କାର ନୁହେଁ, ଏକଥା ସତ୍ୟ ।

ବିଦୂ – ମିତ୍ର, ମୁଁ ମୋର ବ୍ରାହ୍ମଣତ୍ୱର ରାଣ ପକାଇ କହୁଛି – ଏ ସେହି ଅଳଙ୍କାର ।

ଚାରୁ – ତା'ହେଲେ ଆମର ମଙ୍ଗଳ ।

ବିଦୂ – ( ଧୀରେ ଧୀରେ ) ମିତ୍ର, ପଚାରିବ ଏହାକୁ କେଉଁଠୁ ପାଇଲେ ?

ଚାରୁ – ଆପତ୍ତି କଅଣ ?

ବିଦୂ – ( ଦାସୀର କାନରେ କିଛି କହିସାରି ) ଏଇଆ କି ?

ଦାସୀ – ( ବିଦୂଷକ କାନରେ କହିସାରି ) ଏଇଆ ।

ଚାରୁ – କାନରେ କଅଣ କୁହାକୁହି ହେଉଛ ? ଆମେ କଅଣ ବାହାର ଲୋକ ?

ବିଦୂ – ( ଚାରୁଦତ୍ତଙ୍କ କାନରେ କହି ) ଏଇ କଥା ।

ଚାରୁ – କଲ୍ୟାଣି, ପ୍ରକୃତରେ କଅଣ ଏ ସେହି ସ୍ୱର୍ଣ୍ଣ ଅଳଙ୍କାର ?

ଦାସୀ – ହଁ, ପ୍ରକୃତରେ ସେହି !

ଚାରୁ – ମୁଁ କାହାରଠାରୁ ଶୁଭସମ୍ବାଦ ଶୁଣି ତାକୁ କେବେ ନିଷ୍ଫଳରେ ଯିବାକୁ ଦେଇନାହିଁ । ତେଣୁ ଏଇ ମୁଦି ଗ୍ରହଣ କର ।
( ହାତରେ ମୁଦି ନଥିବାର ଦେଖି ଲଜ୍ଜିତ ହେଲେ । )

ବସନ୍ତ—( ସ୍ୱଗତ ) ଏଇଥି ପାଇଁ ତ ମୁଁ ତୁମକୁ ଚାହୁଁଛି ।

ଚାରୁ—( ଧୀର ସ୍ୱରରେ ) ଓଃ ! କି ଦୁର୍ଭାଗ୍ୟ !

ଦରିଦ୍ରଲୋକ ରାଗିଲେ କାହାର ଅନିଷ୍ଟ କରିପାରେ ନାହିଁ କି କାହା ଉପରେ ସନ୍ତୁଷ୍ଟ ହେଲେ ତାକୁ କିଛି ଦେଇ ପାରେ ନାହିଁ । ତେଣୁ ଦରିଦ୍ରର ଜନ୍ମ ନିରର୍ଥକ । ସେ ସଂସାରରେ ପକ୍ଷହୀନ ପକ୍ଷୀପରି, ଜଳହୀନ ସରୋବର ପରି, ପତ୍ରହୀନ ବୃକ୍ଷପରି, ବିଷଦାନ୍ତହୀନ ସର୍ପପରି ଜୀବନ ଧରିଥାଏ ମାତ୍ର ।

ବିଦୂ—ଆହେ, ଅଧିକ ଦୁଃଖିତ ହେବା ଅନୁଚିତ । ( ପ୍ରକାଶ୍ୟରେ ଚେଟିହାସର ସହ ) ଆଟିଗୋ, ଆମ ସ୍ନାନଶାଢ଼ୀ* ଖଣ୍ଡିକ ଫେରାଇ ଦିଅ ।

ବସନ୍ତ—ଆର୍ଯ୍ୟ ଚାରୁଦତ୍ତ, ସୁବର୍ଣ୍ଣ ଅଳଙ୍କାର ବଦଳରେ ଏ ରତ୍ନାବଳୀକୁ ପଠାଇବା କଅଣ ଉଚିତ ଥିଲା ? ଆପଣ ମୋତେ ଏତେ ହୀନ ବୋଲି ଭାବିଲେ କାହିଁକି ?

ଚାରୁ—( ଲଜ୍ଜା ଓ ହାସ୍ୟର ସହିତ ) ବସନ୍ତସେନା, ପ୍ରକୃତ କଥାକୁ କେହି ବିଶ୍ୱାସ ନ କରି ମୋତେ ହୀନ ବୋଲି ଭାବି ଥାଆନ୍ତେ । କାରଣ ଜଗତରେ ଧନହୀନ ଲୋକ ଦୁର୍ବଳ । ଲୋକେ ତାକୁ ହିଁ ଆଗେ ଆଶଙ୍କା କରନ୍ତି ।

ବିଦୂ—ପ୍ରିୟ ସଖୀ କଅଣ ଆଜି ଏଇ ଘରେ ଶୟନ କରିବେ ?

---

*ଯେଉଁ ଶାଢ଼ୀରେ ବସନ୍ତସେନାଙ୍କ ଅଳଙ୍କାର ବାନ୍ଧି ବିଦୂଷକ ରଖିଥିଲେ ।

ଦାସୀ—( ହସି ହସି ) ଆର୍ଯ୍ୟ ମୈତ୍ରେୟ, ଆପଣ ତ ଅତି ଅଜ୍ଞ ହୋଇଯାଉଛନ୍ତି ?

ବିଦୂ—ମିତ୍ର, ଦେଖିଲଣି ? ଆମେ ଏଠି ସୁଖରେ ବସିଥାଇଁ ବୋଲି ଆମକୁ ତଡ଼ିବା ନିମିତ୍ତ ମେଘ ଘୋର ବୃଷ୍ଟି କରି ଆସିଲାଣି ।

ଚାରୁ—ସତେ ତ ! ମୃଣାଳ-କଣ୍ଟା ପଙ୍କ ଭେଦ କଲାପରି ଜଳଧାରା ମେଘ ଭେଦକରି ପଡ଼ିଲଣି । ଚନ୍ଦ୍ରକୁ ବିପଦ ପଡ଼ିଛି ବୋଲି ଆକାଶ ସତେ ଯେମିତି ଅଶ୍ରୁଧାର ଝରାଇ କାନ୍ଦୁଛି ।

ପ୍ରିୟେ, ଦେଖ, ଦେଖ—

ତମାଲପତ୍ରର ରସ ସମାନ ନୀଳବର୍ଣ୍ଣ ମେଘଦ୍ୱାରା ଆକାଶ ଲିପ୍ତ ହୋଇଛି । ଘନୀଭୂତ, ସୁଗନ୍ଧ, ଶୀତଳ ସାନ୍ଧ୍ୟପବନ ତାକୁ ବିଞ୍ଚି ଦେଉଛି । ପ୍ରିୟତମା କାନ୍ତକୁ ଆଲିଙ୍ଗନ କଲାପରି ବିଜୁଳି ମେଘ ଆଗମନରେ ପ୍ରେମବଶ ହୋଇ ଆପେ ଆପେ ଆକାଶକୁ ଆଲିଙ୍ଗନ କରୁଛି । ( ବସନ୍ତସେନା ପ୍ରେମାକୁଳା ହୋଇ ଚାରୁଦତ୍ତଙ୍କୁ ଆଲିଙ୍ଗନ କଲେ । )

ଚାରୁ—( ସ୍ପର୍ଶସୁଖ ଅନୁଭବ କରି ଓ ଆଲିଙ୍ଗନ କରି ) ମେଘ, ତୁମେ ଆହୁରି ଅଧିକ ଗର୍ଜନ କର । କାରଣ ତୁମରି ଅନୁଗ୍ରହରୁ ମୋର କାମ-ପୀଡ଼ିତ ଶରୀର ପ୍ରିୟତମାର ସ୍ପର୍ଶରେ ରୋମାଞ୍ଚିତ ହୋଇ କଦମ୍ବପୁଷ୍ପର ଆକାର ଧାରଣ କରୁଛି ।

ବିଦୂ—ଦାସୀପୁତ୍ର ମେଘ ! ତୋର ଟିକିଏ ଭଦ୍ରାମି ନାହିଁ ? ତୁ ଶ୍ରୀମତୀଙ୍କୁ ବିଜୁଳିରେ ଭୟ ଦେଖାଉଛୁ ?

ଗୃହୁ—ମିତ୍ର, ତାଙ୍କୁ ଭର୍ତ୍ସନା କରନାହିଁ ।

ମେଘ ଶତହୋ ବର୍ଷ ଅବିରତ ବର୍ଷା କରୁଥାଉ, ବିଜୁଳି ମାରୁଥାଉ । ବସନ୍ତସେନା ମୋ ଭଳି ନିର୍ଦ୍ଧନ ପକ୍ଷରେ ଦୁର୍ଲଭ; ସେ ଯେ ମୋତେ ଆଲିଙ୍ଗନ କରୁଛନ୍ତି ! ଆଉ ମଧ୍ୟ ମିତ୍ର— ବଳେ ବଳେ ଆଗତ କାମିନୀମାନଙ୍କର ବାରସିକ୍ତ ଶୀତଳ ତନୁକୁ ଯେଉଁମାନେ ଆଲିଙ୍ଗନ କରନ୍ତି, ସେମାନଙ୍କର ଜୀବନ ଧନ୍ୟ ।

ପ୍ରିୟେ ବସନ୍ତସେନା, ବେଦ ଉପରେ ଗୃନ୍ଦୁଆ ଦୋହଲି-ବାକୁ ଲଗିଲଣି । ପୁରୁଣା ଖମ୍ବଗୁଡ଼ିକ ଗୃନ୍ଦୁଆକୁ ସମ୍ଭାଳି ରଖିପାରୁ ନାହିଁ । ହେଇ, ଚିତ୍ରିତ କାନ୍ଥରୁ ଚୂନ ଝଡ଼ିବା ଫଳରେ ପାଣି ଭେଦ ଯାଉଛି । ଆସ, ଭିତରକୁ ଯିବା ।

( ଉଠି ଯିବାକୁ ଲଗିଲେ )

[ ସମସ୍ତଙ୍କର ପ୍ରସ୍ଥାନ ]

# ଷଷ୍ଠ ଅଙ୍କ

( ବସନ୍ତସେନାଙ୍କ ଦାସୀର ପ୍ରବେଶ )

ଦାସୀ – କଅଣ ! ଏ ପର୍ଯ୍ୟନ୍ତ ଆର୍ଯ୍ୟା ଉଠି ନାହାନ୍ତି ? ଆଚ୍ଛା, ମୁଁ ଯାଇ ଉଠାଇବ । ( ଯିବାକୁ ଲଗିଲା । )

( ବସନ୍ତସେନା ଢୋଙ୍କେଇ ହୋଇ ଶୋଇଥିବାର ଦେଖାଗଲେ । )

ଦାସୀ – ( ନିକଟକୁ ଯାଇ ) ଆର୍ଯ୍ୟା, ଉଠନ୍ତୁ, ଉଠନ୍ତୁ । ସକାଳ ହେଲଣି ।

ବସନ୍ତ – ( ଉଠି ) ସକାଳ ହୋଇଗଲଣି ?

ଦାସୀ – ଆମପାଇଁ ସିନା ସକାଳ ହେଲଣି, କିନ୍ତୁ ଆପଣଙ୍କ ପାଇଁ ରାତି ।

ବସନ୍ତ – ତୁମ ଜୁଆଖେଳାଳି ( ଚାରୁଦତ୍ତ ) କୁଆଡ଼େ ଗଲେ ?

ଦାସୀ – ଅର୍ଯ୍ୟା, ବର୍ଦ୍ଧମାନକକୁ କହିଦେଇ ପୁରୁଣା "ପୁଷ୍ପକରଣ୍ଡକ" ଉପବନକୁ ଗଲେ ।

ବସନ୍ତ – କ'ଣ କହି ?

ଦାସୀ – "ରାତ୍ର ଥାଉଁ ଥାଉଁ ଶଗଡ଼ ଠିକ୍ କର । ବସନ୍ତସେନା ସେଥିରେ ଯିବେ ।"

ବସନ୍ତ – ସଖି, ମୋତେ କୁଆଡ଼େ ଯିବାକୁ ହେବ ?

ଦାସୀ – ଯେଉଁଠାକୁ ଆର୍ଯ୍ୟ ଚାରୁଦତ୍ତ ଯାଇଛନ୍ତି ।

ବସନ୍ତ – ( ଦାସୀକୁ ଆଲିଙ୍ଗନ କରି ) ସଖି, ରାତିରେ ମୁଁ ତାଙ୍କୁ ଭଲକରି ଦେଖି ପାରିନାହିଁ । ଆଜି ଭଲକରି ଦେଖିବି । ସଖି, ମୁଁ କଅଣ ବର୍ତ୍ତମାନ ତାଙ୍କ ଅନ୍ତଃପୁରରେ ଅଛି ?

ଦାସୀ – ଆପଣ କେବଳ ଅନ୍ତଃପୁରରେ ନାହାନ୍ତି, ସମସ୍ତଙ୍କ ଅନ୍ତରରେ ଅଛନ୍ତି ।

ବସନ୍ତ – ଆର୍ଯ୍ୟ ଚାରୁଦତ୍ତଙ୍କ ପରିବାର କ'ଣ ମୋ ଆସିବାରେ ଦୁଃଖିତ ?

ଦାସୀ – ଦୁଃଖିତ ହେବେ ।

ବସନ୍ତ – କେବେ ?

ଦାସୀ – ଯେତେବେଳେ ଆପଣ ଚାଲିଯିବେ ।

ବସନ୍ତ – ସେତେବେଳେ ମୁଁ ତ ଆଗେ ଦୁଃଖିତ ହେବି । ( ଅନୁରୋଧ କରି ) ସଖି, ଏ ରତ୍ନାବଳୀକୁ ନେଇ ଯା । ଭଉଣୀ ଆର୍ଯ୍ୟା ଧୂତାଙ୍କୁ ଦେବୁ । କହିବୁ – ଦାସୀ ବସନ୍ତସେନା ଆର୍ଯ୍ୟ ଚାରୁଦତ୍ତଙ୍କ ଗୁଣରେ ଆଉ ଆପଣଙ୍କ ଗୁଣରେ ବଶୀଭୂତା । ତେଣୁ ଆପଣଙ୍କ ଅଳଙ୍କାର ଆପଣଙ୍କ କଣ୍ଠରେ ଥାଉ ।

ଦାସୀ – ଆର୍ଯ୍ୟା, ଆର୍ଯ୍ୟ ଚାରୁଦତ୍ତ ତାଙ୍କ ଉପରେ ରାଗିଯାଇବେ ।

ବସନ୍ତ – ନା, ରଗିବେ ନାହିଁ । ତୁ ଯା ।

ଦାସୀ – ଆପଣଙ୍କ ଆଜ୍ଞା । ( ଯାଇ କିଛିକ୍ଷଣ ପରେ ଫେରିଆସି ) ଆର୍ଯ୍ୟା, ଧୂତା କହିଲେ – "ଆର୍ଯ୍ୟପୁତ୍ର ଖୁସିରେ ତୁମକୁ ଏହା ଦେଇଛନ୍ତି । ତେଣୁ ମୋର ନେବା ଉଚିତ ହେବନାହିଁ । ଆର୍ଯ୍ୟପୁତ୍ରହିଁ ମୋର ଶ୍ରେଷ୍ଠ ଅଳଙ୍କାର ।"

× × ×

( ଚାରୁଦତ୍ତଙ୍କ ଛୋଟପୁଅକୁ ଧେନି ରଦନିକାର ପ୍ରବେଶ )

ରଦ – ଆ ବାପା, ଏଇ ଗାଡ଼ିରେ ଖେଳିବୁ ।

ପୁଅ – ( ବିକଳରେ କାନ୍ଦି ) ରଦନିକା, ଏ ମାଟିଗାଡ଼ି ନେବିନାହିଁ । ସେଇ ସୁନାଗାଡ଼ି ଦେ ।

ରଦ – ( ଦୁଃଖରେ ଦୀର୍ଘଶ୍ୱାସ ପକାଇ ) ଧନ, ଆମର ସୁନା କାହିଁ ? ବାପାଙ୍କର ପୁଣି ସମ୍ପତ୍ତି ହେଲେ ତୁ ସୁନାଗାଡ଼ିରେ ଖେଳିବୁ । ଓଃ ! ବଡ଼ ଅଡ଼ୁଟିଆଟା ! ନେଇଯାଏଁ ଏହାକୁ ।

( ବହଲେଇ ବହଲେଇ ନେଇ ବସନ୍ତସେନାଙ୍କ ନିକଟରେ ପହଞ୍ଚିଲା )

ବସନ୍ତ—ରଦନିକା, ସ୍ୱାଗତ । ଏ ପୁଅଟି କାହାର ? ବେଶଭୂଷା ନ ଥିଲେ ବି ଚନ୍ଦ୍ରମୁଖଟି ମୋତେ ଭାରି ଆନନ୍ଦ ଦେଉଛି ।

ରଦ – ଏ ପରା ଆର୍ଯ୍ୟ ଚାରୁଦତ୍ତଙ୍କ ପୁଅ । ଏହା ନାମ ରୋହସେନ ।

ବସନ୍ତ—( ହାତ ବଢ଼େଇ ) ଆ ମୋ ପୁଅ, ଆ, କୋଳକୁ ଆ । ( ଆଣି କୋଳରେ ବସାଇ ) ଠିକ୍ ବାପ ରୂପ ଆଣିଛି ।

ରଦ – ଖାଲି ରୂପ ନୁହେଁ, ଗୁଣ ମଧ୍ୟ । ଆର୍ଯ୍ୟ ଚାରୁଦତ୍ତ ଏଇଆକୁ ଦେଖି ଦୁଃଖକଷ୍ଟ ଭୁଲିଯାଆନ୍ତି ।

ବସନ୍ତ—ଏ କାନ୍ଦୁଛି କାହିଁକି ?

ରଦ—ଏ ଏଇଲଗେ ପଡ଼ୋଶୀ ଧନୀଘରର ପୁଅ ସହିତ ସୁନା-ଗାଡ଼ିଦେଇ ଖେଳୁଥିଲା । ସେ ତା ଗାଡ଼ି ନେଇଗଲା । ଏ ମୋତେ ଗାଡ଼ି ମାଗିବାରୁ ମୁଁ ଗୋଟିଏ ମାଟିର ଗାଡ଼ି କରିଦେଲି । କିନ୍ତୁ ତାକୁ ନ ନେଇ କହୁଛି—'ସୁନାଗାଡ଼ି ଦେ ।'

ବସନ୍ତ—ଆହା ! ଅନ୍ୟର ସମ୍ପତ୍ତି ଦେଖି ଏ ପୁଣି କାନ୍ଦିଲା ! ହାୟ ଦୈବ ! ମନୁଷ୍ୟର ଭାଗ୍ୟ ପଦ୍ମପତ୍ରରେ ଜଳବିନ୍ଦୁ ପରି ଅସ୍ଥିର; ତା ସହିତ ତୁମେ ଖେଳୁଛ ? ( ଆଖିରୁ ଅଶ୍ରୁ ଝରି ଆସିଲା ) ବାପା, କାନ୍ଦ ନା । ତୁ ସୁନାଗାଡ଼ିରେ ଖେଳିବୁ ।

ପୁଅ—ରଦନିକା, ଏ କିଏ ?

ବସନ୍ତ—ମୁଁ ତୋ ବାପାଙ୍କ ଦାସୀ ।

ରଦ—ବାପ, ଏ ତୋ ମା ।

ପୁଅ—ରଦନିକା, ମିଛ କହୁଛୁ । ଏ ଯଦି ମୋ ମା, ତେବେ ଅଳଙ୍କାର ପିନ୍ଧିଛନ୍ତି କାହିଁକି ?

ବସନ୍ତ—ପୁଅ, ସୁନ୍ଦର ମୁହଁରେ ସୁନ୍ଦର କଥା କହିଲୁ । ( ଅଶ୍ରୁପୂର୍ଣ୍ଣ ଚକ୍ଷୁରେ ଅଳଙ୍କାରମାନ ଦେହରୁ ଖୋଲି ହାର କରି ) ହେଉ, ବର୍ତ୍ତମାନ ତୋ ମା ହୋଇଗଲା । ନେ, ଏ ଅଳଙ୍କାରରେ ସୁନାଗାଡ଼ି ହେବ ।

ପୁଅ—ଯା, ମୁଁ ନେବିନାହିଁ । ତୁମେ କାନ୍ଦୁଛ ?

ବସନ୍ତ—( ଲୁହପୋଛି ) ବାପା, ଆଉ କାନ୍ଦିବ ନାହିଁ । ଯା, ଖେଳିବୁ । ( ମାଟିଗାଡ଼ିରେ ଅଳଙ୍କାରଗୁଡ଼ିକ ପୂରେଇ ) ପୁଅ, ଏଥିରେ ସୁନାଗାଡ଼ି ତିଆରି ହୋଇଯିବ ।

( ଗାଡ଼ି ସହିତ ପୁଅକୁ ନେଇ ରଦନିକାର ପ୍ରସ୍ଥାନ )

× × ×

( ବଳଦଗାଡ଼ି ଘେନି ଭୃତ୍ୟ ବର୍ଦ୍ଧମାନକର ପ୍ରବେଶ )

ବର୍ଦ୍ଧ—ରଦନିକା, ରଦନିକା, ଶଗଡ଼ ପାର୍ଶ୍ୱଦ୍ୱାରରେ ପ୍ରସ୍ତୁତ ରହିଛି ।

ରଦ—( ପ୍ରବେଶକରି ) ଆର୍ଯ୍ୟା, ବର୍ଦ୍ଧମାନକ କହୁଛି—ପାର୍ଶ୍ୱ-ଦ୍ୱାରରେ ଶଗଡ଼ ପ୍ରସ୍ତୁତ ଅଛି ।

ବସନ୍ତ—ସଖି, ଟିକିଏ ରହ । ମୁଁ ଲୁଗାପଟା ପିନ୍ଧିନିଏଁ ।

ରଦ—( ବାହାରକୁ ଆସି ) ବର୍ଦ୍ଧମାନକ, ଟିକିଏ ଅପେକ୍ଷା କର । ଆର୍ଯ୍ୟା ସାଜ ହେଉଛନ୍ତି ।

ବର୍ଦ୍ଧ—ଆରେ ରେ ! ମୁଁ ତ ଗାଡ଼ିରେ ବିଛେଇବା ଲୁଗା ଭୁଲି ଆସିଲି ! ଯାଉଛି, ଘେନି ଆସେଁ । ନାକରେ ଦଉଡ଼ି ଲଗିବାରୁ ବଳଦଗୁଡ଼ାକ ଚଞ୍ଚଳ ହୋଇ ଉଠିଲେଣି । ଆଚ୍ଛା, ଗାଡ଼ି ଗୁଲିଲା ମାନେ ଯିବାକୁ ଦଉଡ଼େଇବ । ( ଗୁଲିଗଲା )

ବସନ୍ତ—ସଖି, ମୋ ସାଜ ସବୁ ଘେନି ଆ ।

( ବେଶପୋଷାକ ହେବାକୁ ଲଗିଲେ )

× × ×

( ବଳଦଗାଡ଼ିରେ ଚଢ଼ି ଶକାରର ଭୃତ୍ୟ ସ୍ଥାବରକ ପ୍ରବେଶ କଲା )

ସ୍ଥାବ—ରାଜାଙ୍କ ଶଳା ମୋତେ ଆଦେଶ ଦେଇଛନ୍ତି—"ସ୍ଥାବରକ, ଶୀଘ୍ର ବଳଦଗାଡ଼ି ନେଇ 'ପୁଷ୍ପକରଣ୍ଡକ' ଉଦ୍ୟାନକୁ ଆ।" ଆଚ୍ଛା, ସେଇଠିକି ଯିବ । ଚାଲ୍, ବଳଦ, ଚାଲ୍ । ( କିଛିବାଟ ଯାଇ ଏବଂ ଦେଖି ) କଅଣ ! ଗାଆଁ-ଗାଡ଼ି ଗୁଡ଼ାକରେ ବାଟ ବନ୍ଦ ହୋଇଛି ! ( ଗର୍ବର ସହିତ ) ଆରେ ରେ, ହଟି ଯା, ହଟି ଯା । ( ଶୁଣି ) କଅଣ କହୁଛୁ ? ପଚାରୁଛୁ ଏ କାହାର ଗାଡ଼ି ? ଏ ରାଜାଙ୍କ ଶଳା ସଂସ୍ଥାନକଙ୍କ ଗାଡ଼ି । ତେଣୁ ଶୀଘ୍ର ହଟିଯା ।(ଚାହିଁ)ଆରେ ବାଃ ! ଜୁଆମାଲିକକୁ ଦେଖି ଜୁଆଖୋର ଖେଳରୁ ଉଠି ପଳେଇଲା ପରି ଏ ମୋତେ ଦେଖି ଅନ୍ୟଆଡ଼କୁ ଚାଲିଗଲା । ଆରେ ! ଏ ପୁଣି କିଏ ? ଅବା ମୋର ଏହା ସହିତ କି ଦରକାର ? ଶୀଘ୍ର ଶୀଘ୍ର ଯିବ । ଆବେ ଗାଉଁଲି, ହଟିଯା । କ'ଣ କହୁଛୁ ? କହୁଛୁ "ଟିକିଏ ରୁହ, ଗାଡ଼ି ବୁଲେଇ ନିଏଁ ?" ଆବେ, ରଜାଙ୍କ ଶଳାଙ୍କର ମୁଁ ବୀର, ତୋତେ ଗାଡ଼ି ନେଇ ଚାଲିଯିବାକୁ ଦେବ ? ( ନରମିଯାଇ ) ନା, ନା, ବିଚରା ଏକାକୀ । ତା'ହେଲେ ମୋ ଗାଡ଼ିକୁ ଆର୍ଯ୍ୟ ଚାରୁଦତ୍ତଙ୍କ ଉଦ୍ୟାନର ପାର୍ଶ୍ୱଦ୍ୱାର ପାଖରେ ରଖେଁ । ( ଗାଡ଼ି ଅଟକାଇ ) ଯାଉଛି, ଆସେଁ । ( ଚାଲିଗଲା )

× × ×

ଦାସୀ—ଆର୍ଯ୍ୟା, ଚକଶବ୍ଦ ଶୁଭୁଛି । ଗାଡ଼ି ଆସିଗଲାଣି ।

ବସନ୍ତ—( ଯାଇ ) ସଖି, ତୁ ଯା' ବିଶ୍ରାମ ନେବୁ ।

ଦାସୀ—ଆପଣଙ୍କର ଆଜ୍ଞା । ( ଚାଲିଗଲା )

ବସନ୍ତ — ( ଦକ୍ଷିଣ ଆଖି ସ୍ଫୁରିବାର ଅନୁଭବ କରି ଗାଡ଼ିରେ ବସିଲେ ) ଡାହାଣ ଆଖିଟା କାହିଁକି ତେଉଁଛି ? ହେଉ, ଚାରୁଦତ୍ତଙ୍କ ଦର୍ଶନରେ ସବୁ ଅଶୁଭ ଦୂର ହୋଇଯିବ ।

ସ୍ଥାବରକ — ( ପ୍ରବେଶ କରି ) ବାଟରୁ ଗାଡ଼ିଗୁଡ଼ାକ ହଟେଇ ଦେଇ ଆସିଲି । ତେବେ ଯାଏଁ । ( ଗାଡ଼ିରେ ଚଢ଼ି ଏବଂ ଚଳାଇ ସ୍ୱଗତ ) ଗାଡ଼ିଟା କ'ଣ ଭାରି ଲାଗୁଛି । ମୁଁ ଗାଡ଼ିଗୁଡ଼ାକ ହଟେଇ ହଟେଇ ଥକା ଯାଇଛି ବୋଲି ବୋଧହୁଏ ଏମିତି ଜଣାପଡ଼ୁଛି । ଅଚ୍ଛା; ଚାଲ, ଚାଲରେ ବଳଦ ଦ'ଟା ଚାଲ ।

ନେପଥ୍ୟେ —

ହେ ହେ ପ୍ରହରୀଗଣ, ନିଜ ନିଜ ପହରା ସ୍ଥାନରେ ସାବଧାନ ହୋଇ ରହ । ସେ ଗୋପାଳପୁତ୍ର ଆର୍ଯ୍ୟକ ବନ୍ଦୀ ଘରକୁ ଭାଙ୍ଗି, ବନ୍ଦୀଘର ରକ୍ଷକକୁ ମାରି ବାହାରି ପଳାଇଛି । ତାକୁ ଧର, ଧର ।

( ତା ପରେ ପରଦା ପତନ ବିନା ତ୍ରସ୍ତ ଆର୍ଯ୍ୟକଙ୍କର ପ୍ରବେଶ । ତାଙ୍କର ଦେହ ବସ୍ତ୍ରାବୃତ । ଗୋଟିଏ ଗୋଡ଼ରେ ଛିଣ୍ଡା ଶିକୁଳି )

ସ୍ଥାବ— ( ସ୍ୱଗତ ) ଏ ନଗରୀରେ ବଡ଼ ଆତଙ୍କ ପଡ଼ିଗଲାଣି । ତେଣୁ ଶୀଘ୍ର ଶୀଘ୍ର ଯିବ । ( ଗାଡ଼ି ନେଇ ଚାଲିଗଲା )

× × ×

ଆର୍ଯ୍ୟକ — ଓଃ ! କି ଦୁଃଖ ! ଆର୍ଯ୍ୟକ ରାଜା ହେବ, ଏକଥା କେଉଁ ସିଦ୍ଧପୁରୁଷ କହିଲା; ସେଥିରେ ରାଜା ପାଳକ ଛାନିଆଁ ହୋଇ-

ଗଲେ ! ଆଜ ମୋତେ ଘରୁ ଆଣି କଠୋର କାରାଗାରରେ ବାନ୍ଧି ପକାଇଲେ ! ପ୍ରିୟବନ୍ଧୁ ଶର୍ବିଲକର ଅନୁଗ୍ରହରୁ ମୁକ୍ତ ହୋଇ ଆସିଲି ସିନା ! ( ଲୁହପୋଛି ) ଯଦି ମୋ ଭାଗ୍ୟରେ ଲେଖାଅଛି ମୁଁ ରାଜା ହେବି, ତେବେ ଏଥିରେ ମୋର ଅପରାଧ କଅଣ ? ସେଥିପାଇଁ ମୋତେ ବଣୁଆ ହାତୀ ଭଳି ବାନ୍ଧି ପକାଇଲେ ? ଦୈବୀଶକ୍ତିକୁ କେହି ଲଙ୍ଘନ କରି ପାରିବେ ନାହିଁ । ମୁଁ କିନ୍ତୁ ରାଜାଙ୍କ ସହିତ ମିତ୍ରତା ରଖିବି । କାରଣ, ବଳାଢ୍ୟମାନଙ୍କ ସହିତ ଶତ୍ରୁତା ଭଲ ନୁହେଁ ।

ତେବେ ମୁଁ ଅଭାଗା; ବର୍ତ୍ତମାନ କୁଆଡ଼େ ଯିବି ? ( ବୁଲିକି ) ଏ ବୋଧହୁଏ କୌଣସି ସଜ୍ଜନଙ୍କର ଘର । ଏହାର ପାର୍ଶ୍ୱଦ୍ୱାର ଖୋଲାଅଛି । ( ନିରୀକ୍ଷଣ କରି )

ଏ ଘର ଭାଙ୍ଗିରୁଜି ପଡ଼ିଲାଣି । ଏହାର ବଡ଼ କବାଟର ଯୋଡ଼ଜାଗାମାନ ଫାଙ୍କ ହୋଇଗଲାଣି । କବାଟରେ ଆଉ ଅର୍ଗଳ ଦିଆଯାଉ ନାହିଁ । ଜଣାଯାଉଛି, ଏହି ଘରର ମାଲିକ ମୋ'ରି ପରି ଦୁର୍ଦ୍ଦଶାଗ୍ରସ୍ତ ହୋଇ ପଡ଼ିଛନ୍ତି !

ଯାଉଛି, ଏଇ ଘର ଭିତରେ ପଶି ଟିକିଏ ରହିଯିବି ।

ନେପଥ୍ୟ—ଚାଲ୍, ଚାଲରେ ଦଶାହିଆ ବଳଦ ହଁଟା ।

ଆର୍ଯ୍ୟକ—( ଶୁଣି ) ଆରେ ! ଗୋଟାଏ ଶଗଡ଼ ଏଣେ ଆସୁଛି ! ଏ ଗାଡ଼ି କୌଣସି ସାମାଜିକ ଉତ୍ସବକୁ ଦୁଷ୍ଟରସ ଲୋକମାନଙ୍କୁ ନେଇ ଯାଉ ନ ଥିବ, କାରଣ ଏହା ଶାନ୍ତ, ନୀରବ ଅଛି । କାହାରି ବୋହୂ ନେବାପାଇଁ ବୋଧହୁଏ ଏ ଗାଡ଼ି ଆସୁଛି ।

ସେ ଯାହା ହେଉ, ଏ ହା ଖାଲି ଥିବାରୁ ମୁଁ ଭାବୁଛି, ମୋତେ ବାହାରକୁ ନେଇଯିବା ପାଇଁ ଦୈବ ବୋଧହୁଏ ପଠାଇଛି ।

( ବର୍ଦ୍ଧମାନକ ଶଗଡ଼ ସହିତ ପହଞ୍ଚିଲା । )

ବର୍ଦ୍ଧ—ଓଃ ! କି ଭୁଲାମନ ! ଗାଡ଼ିରେ ବିଛେଇବା ଲୁଗା ଆଣିଲି । ରଦନିକା, ଆର୍ଯ୍ୟା ବସନ୍ତସେନାଙ୍କୁ ଜଣାଅ—ଗାଡ଼ି ପ୍ରସ୍ତୁତ । ଏଥିରେ ବସି ଆର୍ଯ୍ୟା 'ପୁଷ୍ପକରଣ୍ଡକ' ଉଦ୍ୟାନକୁ ଚାଲନ୍ତୁ ।

ଆର୍ଯ୍ୟକ—(ଶୁଣି) ଏ କୌଣସି ଗଣିକାର ଗାଡ଼ି, ବାହାରକୁ ଯିବ । ଆଚ୍ଛା, ଏଥିରେ ଚଢ଼ିବି । ( ଧୀରେ ଧୀରେ ଚଢ଼ିଲେ )

ବର୍ଦ୍ଧ—( ଶୁଣି ) ନୂପୁର ଶବ୍ଦ ଶୁଭୁଛି । ତା' ହେଲେ ଆର୍ଯ୍ୟା ଆସି-ଗଲେଣି । ଆର୍ଯ୍ୟା, ନାକରେ ଦଉଡ଼ି ଲାଗିଥିବାରୁ ଏ ବଳଦ ଦାଇଟା ଖର ଖର ଅଛନ୍ତି । ତେଣୁ ଆପଣ ପଛପଟରୁ ଚଢ଼ନ୍ତୁ ।

( ଆର୍ଯ୍ୟକ ସେହିପରି ଚଢ଼ିଲେ )

ବର୍ଦ୍ଧ—ଚଢ଼ିଲା ବେଳେ ନୂପୁର ଶବ୍ଦ ଶୁଭୁଥିଲା । ଶବ୍ଦ ବନ୍ଦ ହୋଇ ଗଲାଣି । ଗାଡ଼ି ଓଜନିଆ ଜଣାଗଲାଣି । ତେବେ ଆର୍ଯ୍ୟା ଭଲଭାବେ ଗାଡ଼ିରେ ବସିଗଲେଣି । ଚାଲ, ଚାଲ, ହେଃ, ବଳଦ ଦା'ଟା ଚାଲ । ( ଗାଡ଼ି ଚଳାଇ ଯିବାରେ ଲାଗିଲା । )

× × × ×

ବୀରକ—( ପ୍ରବେଶ କରି ) ଆରେ ରେ ଜୟ, ଜୟମାନ, ଚନ୍ଦନକ, ମଙ୍ଗଳ, ପୁଷ୍ପଭଦ୍ର ପ୍ରଭୃତି ରାଜପୁରୁଷଗଣ !

ଯେଉଁ ଗୋପାଳପୁତ୍ର ଆର୍ଯ୍ୟକ କାରାଗାରରେ ଆବଦ୍ଧ ହୋଇଥିଲା, ସେ କାରାଗାର ଭାଙ୍ଗିବା ସଙ୍ଗେ ସଙ୍ଗେ ରାଜାଙ୍କର

ସାହସ ଭାଙ୍ଗି ପଳାଇ ଯାଉଛି । ତୁମ୍ଭେମାନେ କପରି ନିଶ୍ଚିନ୍ତ ରହିଛ ?

ଆରେ, ତୁମେ ପୂର୍ବଦିଗ ଗଳି ମୁଣ୍ଡରେ ରୁହ, ତୁମେ ପଶ୍ଚିମ ଦିଗରେ, ତୁମେ ଦକ୍ଷିଣରେ, ତୁମେ ଉତ୍ତରରେ ରୁହ । ଏଇ ଯେଉଁ ଭଙ୍ଗା ପାଚେରୀ, ମୁଁ ଚନ୍ଦନକ ସହିତ ତା ଉପରକୁ ଯାଇ ନିରୀକ୍ଷଣ କରିବି । ( ଡାକି ) ଆ ଚନ୍ଦନକ, ଏଣେ ଆ !

ଚନ୍ଦନକ—( ଅସ୍ତବ୍ୟସ୍ତ ଭାବରେ ପ୍ରବେଶ କରି ) ଆରେ ରେ ବୀରକ, ବିଶଲ୍ୟ, ଭୀମାଙ୍ଗଦ, ଦଣ୍ଡକାଳ, ଦଣ୍ଡଶୂର ପ୍ରଭୃତି ବୀରଗଣ !

ଆସ, ଆସ, ବିଶ୍ୱସ୍ତଭାବରେ ଶୀଘ୍ର ଆସ । ଶୀଘ୍ର ଚେଷ୍ଟା କର । ଯେପରି ରାଜଲକ୍ଷ୍ମୀ ଆର୍ଯ୍ୟକ ନିକଟକୁ ଚାଲି ନ ଯାଆନ୍ତି ।

ଶ୍ଲୋକ—ଉଦ୍ୟାନ, ସଭା, ପଥ, ବଜାର, ଗୋପାଳବସତି, ଯେଉଁଠି ସନ୍ଦେହ ହେବ, ସେଠି ଅତି ଶୀଘ୍ର ତାକୁ ଖୋଜ । ହୋ ବୀରକ, ତୁମେ ଆର୍ଯ୍ୟକର କି କି ଚିହ୍ନ ଦେଖିଛ ? କେଉଁ ବିଶ୍ୱାସୀ ଲୋକଙ୍କୁ କଅଣ କହୁଛ ? କିଏ କାରାଗାର ଭାଙ୍ଗି ସେ ଗୋପାଳପୁତ୍ରକୁ ନେଇଗଲା ?

( ଦର୍ପର ସହିତ ) ଆରେ ! କାହାର ଅଷ୍ଟମ ରାଶିରେ ସୂର୍ଯ୍ୟ, କାହାର ଚତୁର୍ଥ ରାଶିରେ ଚନ୍ଦ୍ର ? କାହାର ଷଷ୍ଠ ରାଶିରେ ଶୁକ୍ର,ପଞ୍ଚମ ରାଶିରେ ମଙ୍ଗଳ, ଜନ୍ମରାଶିର ଷଷ୍ଠସ୍ଥାନରେ ବୃହସ୍ପତି, ନବମ ରାଶିରେ ଶନି ? ଚନ୍ଦନକ ଥାଉଁ ଥାଉଁ ସେ ଗୋପାଳପୁତ୍ର ଆର୍ଯ୍ୟକକୁ ନେଇ ଯାଉଛି !

ବୀରକ—ବୀର ଚନ୍ଦନକ; ମୁଁ ତୁମ ରାଣ ପକାଇ କହୁଛି— କେହି ଜଣେ ସେ ଗୋପାଳପୁତ୍ରକୁ ନେଇ ଶୀଘ୍ର ଶୀଘ୍ର ପଳାଉଛି । ଏଇ, ସୂର୍ଯ୍ୟ ଅଧା ଉଇଁଥିଲାବେଳେ କାରାଗାର ଭଙ୍ଗାଯାଇଛି ।

ବର୍ଦ୍ଧ—ଚାଲରେ ଦଳଦେ, ଚାଲ ଚାଲ ।

ଚନ୍ଦନକ—( ଦେଖି ) ଦେଖ ଦେଖ, ଏ ଆବୃତ ଶଗଡ଼ ରାଜପଥରେ ଯାଉଛି । ଭଲକରି ଦେଖ, ଏ କାହା ଗାଡ଼ି, କୁଆଡ଼େ ଯାଉଛି ?

ବୀରକ—( ଦେଖି ) ଆରେ ଗାଡ଼ିବାଲା, ଗାଡ଼ି ରଖ । ଏ ଗାଡ଼ି କାହାର ? ଏଥିରେ କିଏ ବସିଛି ? କୁଆଡ଼େ ଯାଉଛି ? ।

ବର୍ଦ୍ଧ—ଏ ଗାଡ଼ି ଆର୍ଯ୍ୟ ଚାରୁଦତ୍ତଙ୍କର । ଏଥିରେ ଆର୍ଯ୍ୟା ବସନ୍ତ-ସେନା ବସିଛନ୍ତି । ଚାରୁଦତ୍ତଙ୍କ ବିହାର ନିମନ୍ତେ ପୁଷ୍ପକରଣ୍ଡକ ଉଦ୍ୟାନକୁ ଯାଉଛନ୍ତି ।

ବୀରକ—( ଚନ୍ଦନକ ନିକଟକୁ ଆସି ) ସେ ଗାଡ଼ିବାଲା କହୁଛି— ଗାଡ଼ି ଆର୍ଯ୍ୟ ଚାରୁଦତ୍ତଙ୍କର । ସେଥିରେ ବସନ୍ତସେନା ବସିଛି । ପୁଷ୍ପକରଣ୍ଡକ ଉଦ୍ୟାନକୁ ଯାଉଛି ।

ଚନ୍ଦନକ—ତେବେ ଯାଉ ।

ବୀରକ—ବିନା ଯାଞ୍ଚରେ ?

ଚନ୍ଦ—ହଁ ।

ବୀର—କେଉଁ ବିଶ୍ୱାସରେ ?

ଚନ୍ଦ—ଆର୍ଯ୍ୟ ଚାରୁଦତ୍ତଙ୍କ ଗାଡ଼ି, ଏଇ ବିଶ୍ୱାସରେ ।

ବୀର — ଆର୍ଯ୍ୟ ଚାରୁଦତ୍ତ କଏ? ବସନ୍ତସେନା ବା କଏ ? ବିନା ଯାଞ୍ଚ୍ ରେ ଗାଡ଼ି ଚାଲିଯିବ ?

ଚନ୍ଦ — ଆରେ ! ଆର୍ଯ୍ୟ ଚାରୁଦତ୍ତଙ୍କୁ ଜାଣିନାହିଁ, ଆଉ ବସନ୍ତ-ସେନାଙ୍କୁ ବି ଜାଣିନାହିଁ ? ଯଦି ତୁମେ ଏମାନଙ୍କୁ ନ ଜାଣ, ତେବେ ଆକାଶରେ ଜ୍ୟୋସ୍ନା ସହିତ ଚନ୍ଦ୍ରଙ୍କୁ ମଧ୍ୟ ଜାଣି ନାହିଁ ।

ଆର୍ଯ୍ୟ ଚାରୁଦତ୍ତ ଗୁଣରେ ପଦ୍ମ, ସ୍ୱଭାବରେ ଚନ୍ଦ୍ର, ବିପଦଗ୍ରସ୍ତ ଲୋକମାନଙ୍କର ରକ୍ଷକ ଆଉ ସର୍ବଶ୍ରେଷ୍ଠ ରତ୍ନ । ତାଙ୍କୁ ନ ଜାଣେ କଏ ?

ଏହି ନଗରୀରେ ଦୁଇଜଣ ଶ୍ରେଷ୍ଠ ବ୍ୟକ୍ତି ପୂଜନୀୟ ଅଛନ୍ତି । ଜଣେ ହେଉଛନ୍ତି ଧାର୍ମିକ ଚାରୁଦତ୍ତ, ଅନ୍ୟ ଜଣକ ଆର୍ଯ୍ୟା ବସନ୍ତସେନା ।

ବୀର — ଆରେ ଚନ୍ଦନକ, ମୁଁ ଚାରୁଦତ୍ତଙ୍କୁ ଜାଣେ, ବସନ୍ତସେନାଙ୍କୁ ବି ଜାଣେ । ମାତ୍ର ରାଜକାର୍ଯ୍ୟ ବେଳେ ବାପକୁ ମଧ୍ୟ ଜାଣେ-ନାହିଁ ।

ଆର୍ଯ୍ୟକ — ( ସ୍ୱଗତ ) ବୋଧହୁଏ ଏ ବୀରକ ମୋର ପୂର୍ବଶତ୍ରୁ । ଏ ଚନ୍ଦନକ ମୋର ପୂର୍ବମିତ୍ର । କାରଣ—ବିବାହ ଅଗ୍ନି ଓ ଚିତାଗ୍ନି ମଧ୍ୟରେ ଯେପରି ପ୍ରଭେଦ, ଏକ କାର୍ଯ୍ୟରେ ନିଯୁକ୍ତ ଥିଲେ ମଧ୍ୟ ଏ ଦୁହିଁଙ୍କ ମଧ୍ୟରେ ସେହିପରି ପ୍ରଭେଦ ।

ଚନ୍ଦ — ତୁମେ ରାଜାଙ୍କର ବିଶ୍ୱସ୍ତ ପ୍ରଧାନ ସେନାପତି । ତେଣୁ ମୁଁ ବଳଦଙ୍କୁ ଧରୁଛି । ତୁମେ ଦେଖ ।

ବୀର—ତୁମେ ମଧ୍ୟ ରାଜାଙ୍କର ବିଶ୍ୱସ୍ତ ସେନାପତି । ଏଣୁ ତୁମେ ଦେଖ ।

ଚନ୍ଦ—କଅଣ ମୁଁ ଦେଖିନେଲେ ତୁମ ଦେଖିବା ହୋଇଯିବ ?

ବୀର—ତୁମେ ଦେଖିବା ଅର୍ଥ ରାଜା ନିଜେ ଦେଖିବା ।

ଚନ୍ଦ—( ବର୍ଦ୍ଧମାନକକୁ ) ଆରେ, ଗାଡ଼ି ଉଠା ।

( ବର୍ଦ୍ଧମାନକ ଗାଡ଼ିର ଗୋଟାଏ ପାଖ ଟେକି ଅନ୍ୟ-ପାଖ ତଳକୁ କଲା । )

ଆର୍ଯ୍ୟକ—( ସ୍ୱଗତ ) କ'ଣ ରକ୍ଷୀମାନେ ମୋତେ ନିରୀକ୍ଷଣ କରୁଛନ୍ତି ! ହାୟ ! ହାୟ ! ଦୁର୍ଭାଗ୍ୟକୁ ମୋ ହାତରେ ଅସ୍ତ୍ର ନାହିଁ ।

ତେବେ କଅଣ ଭୀମ ପରି ବାହୁ-ଅସ୍ତ୍ରରେ ଯୁଦ୍ଧ କରିବି ? ଯୁଦ୍ଧ କରୁ କରୁ ମରିଯିବା ଭଲ, କିନ୍ତୁ କାରାଗାରରେ ଆବଦ୍ଧ ହୋଇ ରହିବା ଭଲ ନୁହେଁ ।

ନା, ଏଭଳି ସାହସର ଏ ସମୟ ନୁହେଁ ।

ଚନ୍ଦ—( ଗାଡ଼ିରେ ଚଢ଼ି ଭିତରକୁ ଚାହିଁଲା )

ଆର୍ଯ୍ୟ—ଆପଣଙ୍କର ମୁଁ ଶରଣାଗତ ।

ଚନ୍ଦ—ଶରଣାଗତର ଭୟ ନାହିଁ ।

ଆର୍ଯ୍ୟ—ଯେ ଶରଣାଗତକୁ ପରିତ୍ୟାଗ କରେ, ତାହାକୁ ବିଜୟ-ଲକ୍ଷ୍ମୀ ପରିତ୍ୟାଗ କରନ୍ତି । ତାକୁ ତାର ମିତ୍ର ଏବଂ ଜ୍ଞାତିମାନେ ମଧ୍ୟ ପରିତ୍ୟାଗ କରନ୍ତି, ସେ ସର୍ବଦା ଉପହାସର ପାତ୍ର ହୁଏ ।

ଚନ୍ଦନକ—ଆରେ ! ଏ ଯେ ଗୋପାଳପୁତ୍ର ଆର୍ଯ୍ୟକ ! ଛଞ୍ଚାଣ ଭୟରେ ଛାନିଆ ପକ୍ଷୀ ବ୍ୟାଧହାତରେ ପଡ଼ିଲାପରି ଏହାଙ୍କ ଅବସ୍ଥା ! ( ଚିନ୍ତାକରି ) ଏ ନିର୍ଦ୍ଦୋଷ ଶରଣାଗତ; ଆର୍ଯ୍ୟ ଚାରୁଦତ୍ତଙ୍କ ଗାଡ଼ିରେ ଚଢ଼ିଛନ୍ତି । ଏ ପୁଣି ମୋର ପ୍ରାଣରକ୍ଷକ ଆର୍ଯ୍ୟ ଶର୍ବିଳକଙ୍କ ମିତ୍ର । କିନ୍ତୁ ଅନ୍ୟପକ୍ଷରେ ରାଜକାର୍ଯ୍ୟ । ତେବେ ମୋର ବର୍ତ୍ତମାନ କର୍ତ୍ତବ୍ୟ କଅଣ ? ନା, ଯାହା ହେବାର ହେଉ, ମୁଁ ପ୍ରଥମରୁ ଏହାଙ୍କୁ ଅଭୟ ଦାନ କରିଛି ।

ଭୀତ ବ୍ୟକ୍ତିକୁ ଯେଉଁ ପରୋପକାରୀ ଅଭୟ ଦାନ କରେ, ସେ ମୃତ୍ୟୁମୁଖରେ ପଡ଼ିଲେ ମଧ୍ୟ ସଂସାରରେ ପ୍ରଶଂସିତ ହୁଏ ।

( ଭୟରେ ଓହ୍ଲାଇଆସି ) ମୁଁ ଆର୍ଯ୍ୟ······( କହୁଁ କହୁଁ ଅଟକି ଯାଇ ) ନା, ନା, ଆର୍ଯ୍ୟା ବସନ୍ତସେନାଙ୍କୁ ଦେଖିଲି । ସେ କହିଲେ, "ମୁଁ ଆର୍ଯ୍ୟ ଚାରୁଦତ୍ତଙ୍କ ନିକଟକୁ ଅଭିସାର କରି ଯାଉଛି । ରାଜପଥରେ ମୋତେ ଏପରି ଅଟକାଇବା ଉଚିତ ହୋଇନାହିଁ ।"

ବୀର—ଚନ୍ଦନକ, ମୋର ସନ୍ଦେହ ହେଉଛି ।

ଚନ୍ଦନକ—କାହିଁକି ?

ବୀରକ—ତୁମେ ବ୍ୟସ୍ତ ହେଲାପରି ଜଣା ପଡ଼ୁଛ । ତୁମ କଣ୍ଠ ଘର୍ ଘର୍ ଶବ୍ଦ କରୁଛି । ଆଉ ତୁମେ ପ୍ରଥମେ କହିଲ ଯେ ଆର୍ଯ୍ୟ··· ······ । ପୁଣି ତା ପରେ କହିଲ, ଆର୍ଯ୍ୟା ବସନ୍ତସେନାଙ୍କୁ ଦେଖିଛି । ତେଣୁ ମୋର ଅବିଶ୍ୱାସ ହେଉଛି ।

ଚନ୍ଦନକ—ଆରେ ! ଅବିଶ୍ୱାସ କାହିଁକି ହେଲା ? ଆମେ ଦାକ୍ଷିଣାତ୍ୟର ଲୋକ । ଆମ କଥା ଠିକଏ ଅସ୍ପଷ୍ଟ, ଅଶୁଦ୍ଧ । ଆମେ ଖସ, ଖତ୍ତି, ଖଡ୍ଡା, ଖଡ୍ଡଚୋ, ବିଲପୂ, କର୍ଣ୍ଣାଟ, କର୍ଣ୍ଣ, ପ୍ରାବରଣ, ଦ୍ରାବିଡ଼, ଚୋଳ, ଚୀନ, ବର୍ବର, ଖେର, ଖାନ, ମୁଖ, ମଧୁଘାତ ପ୍ରଭୃତି ମ୍ଲେଚ୍ଛ ଜାତିର ଲୋକମାନଙ୍କ ଭାଷା ଜାଣିଥାଉଁ । ତେଣୁ ଆର୍ଯ୍ୟ ଆର୍ଯ୍ୟା ପ୍ରଭୃତିରେ ଭେଦ ନ ରଖି ମନଇଚ୍ଛା କଥାଭାଷା କରୁଁ ।

ବୀରକ—ନା, ମୁଁ ନିଜେ ଦେଖିବି । ରାଜାଙ୍କ ଆଜ୍ଞା । ମୁଁ ରାଜାଙ୍କର ବିଶ୍ୱାସୀ ।

ଚନ୍ଦନକ—ତା'ହେଲେ ମୁଁ କଅଣ ଅବିଶ୍ୱାସୀ ?

ବୀର—ନା, ନା, ଏହା ରାଜକାର୍ଯ୍ୟ ।

ଚନ୍ଦ—( ସ୍ୱଗତ ) ଗୋପାଳପୁତ୍ର ଆର୍ଯ୍ୟକ ଆର୍ଯ୍ୟ ଚାରୁଦତ୍ତଙ୍କ ଗାଡ଼ିରେ ବସି ପଳାଇ ଯାଉଛି, ଏ କଥା ଯଦି ଏ ଯାଇ କହିଦେବ, ତେବେ ଆର୍ଯ୍ୟ ଚାରୁଦତ୍ତ ରାଜାଙ୍କଠାରୁ ଶାସ୍ତି ପାଇବେ । ବର୍ତ୍ତମାନ କରିବି କଅଣ ? ( ପ୍ରକାଶ୍ୟରେ ) ହେ ବୀରକ, ମୁଁ ଦେଖି ସାରିଲା ପରେ ତୁମେ ପୁଣି କିଏ ଦେଖିବ ?

ବୀର—ତୁମେ କିଏ ?

ଚନ୍ଦ—( ଅଛାରେ ) ହେ, ପୂଜ୍ୟ ! ମାନନୀୟ ! ନିଜ ଜାତି କଅଣ, ମନେ ରଖିଛ ?

ବୀର—( ରାଗିଯାଇ ) ଆରେ ! କଅଣ ମୋ ଜାତି ?

ଚନ୍ଦନ – ତୋ ଜାତିର ନାଁ କଏ ତୁଣ୍ଡରେ ଧରିବ ?

ବୀର—କହ କହ ।

ଚନ୍ଦନ—ନା, କହିବ ନାହିଁ । ମୁଁ ଭଦ୍ରଲୋକ । ତୋ ଜାତି ଜାଣିଥିଲେ ବି ମୁଁ କହିବ ନାହିଁ । ମୋ ମନରେ ଥାଉ । କଇଁଥକୁ ଭାଙ୍ଗିଲେ ଲାଭ କଅଣ ?

ବୀର—ଆବେ, କହ କହ ।

ଚନ୍ଦନ —( ବାରିକ ଯେପରି ଖୁର ଚଳାନ୍ତି, ସେହିପରି ଇଙ୍ଗିତ କଲା । )

ବୀର—ଆବେ, ଏ କଅଣ ?

ଚନ୍ଦନକ—ଆବେ, ବାଁ ହାତରେ ଖୁର ଧାର କରିବାକୁ ଯେ ଶାଣ ପଥର ଧରନ୍ତି, ଡାହାଣ ହାତରେ ଖୁର ଧରି ପୁରୁଷମାନଙ୍କର ନଖ ଦାଢ଼ି ସଫାକରନ୍ତି, ତୁ ସେହି ଜାତିର ଲୋକ । ତୁ ପୁଣି ସେନାପତି ହୋଇଗଲୁଣି ?

ବୀର—( ଅଟ୍ଟରେ ) ହୋ ମାନମାପୁ ! ତୋ ନିଜ ଜାତି ମନେ ପକେଇଲୁ ।

ଚନ୍ଦ—ଆରେ, ଚନ୍ଦ୍ର ଭଳି ମୋ ଜାତି ନିର୍ମଳ । କହିଲୁ ମୋର କି ଜାତି ?

ବୀର – ତୋ ଜାତିର ନାଁ କଏ ତୁଣ୍ଡରେ ଧରିବ ।

ଚନ୍ଦ—ନା, କହ ।

ବୀର – ( ଢୋଲ ମହୁରି ବଜାଇବାର ଇଙ୍ଗିତ କଲା । )

ଚନ୍ଦ—ଆରେ ଏ କଅଣ ?

ସ୍ଥାର—ଶୁଣ୍, ଶୁଣ୍ ।

ମହୁସୀ ତୋ ମା, ଢୋଲ ତୋ ବାପ, ନାଗରା ତୋ ଭାଇ, ତୁ ସେହି ଜାତିର ଲୋକ । ତୁ ପୁଣି ସେନାପତି ହୋଇଗଲୁଣି ? ମୂର୍ଖ !

ଚନ୍ଦ—( ରାଗରେ ) କଅଣ କହିଲୁ ? ଚନ୍ଦନକ ଚମାର ? ( ଧମକେଇ ) ଅଚ୍ଛା, ଗାଡ଼ି ଦେଖିଲୁ ?

ସ୍ଥାର—ଏ ଗାଡ଼ିବାଲା, ଗାଡ଼ି ଫେରା । ମୁଁ ଦେଖିବି ।

(ବର୍ଦ୍ଧମାନକ ଗାଡ଼ି ଫେରାଇଲା )

( ସ୍ଥାରକ ଗାଡିରେ ଚଢ଼ିବାକୁ ବାହାରିଲା ବେଳେ ଚନ୍ଦନକ ହଠାତ୍ ଯାଇ ତା କେଶ ଧରି ତଳେ ପକାଇଦେଲା ଏବଂ ପାଦରେ ପ୍ରହାର କଲା । )

ସ୍ଥାର—( କ୍ରୋଧରେ ଉଠି ) ଅବେ, ମୁଁ ରାଜାଙ୍କ ବିଶ୍ୱାସୀ; ରାଜାଙ୍କ କାମ କରୁଥିଲି । ତୁ ମୋ ବାଳ ଧରି ଗୋଇଠା ମାରିଲୁ ? ତେବେ ଶୁଣ୍, ରାଜବାଟୀରେ ଯଦି ମୁଁ ତୋତେ—ମୁଣ୍ଡଲଣ୍ଡା, ବେତରେ ପିଟା, ଜୋରିମାନା ଆଉ ଚଢ଼ିଦେବା, ଏଇ ଚତୁରଙ୍ଗ ଦଣ୍ଡ ନ ଦିଆଇଛି, ତା' ହେଲେ ମୁଁ ସ୍ଥାରକ ନୁହେଁ ।

ଚନ୍ଦନକ—ଆରେ ଯା ବେ । ରାଜବାଟୀକି ଯାଆ କି ନ୍ୟାୟବାଟୀକି ଯା । ତୁ କୁକୁର ମୋର କଅଣ କରିବୁ ?

ସ୍ଥାର—ଅଚ୍ଛା । ( ରାଗରେ ଗର ଗର ହୋଇ ଚାଲିଗଲା )

ଚନ୍ଦ—( ବୃଦ୍ଧଆଡ଼କୁ ଚାହିଁ ) ଏ ଗାଡ଼ିବାଲା, ଗାଡ଼ିନେଇ ଚାଲ୍ ଯା । ଯଦି କେହି ପଚାରିବ, ତେବେ କହିବୁ—"ଚନ୍ଦନକ ଏବଂ ବୀରକ ଏ ଗାଡ଼ିକୁ ଦେଖିଛନ୍ତି ।" ଆର୍ଯ୍ୟା ବସନ୍ତସେନା, ମୁଁ ତୁମକୁ ଏଇ ସଙ୍କେତ ଦେଲି । ( ଖଣ୍ଡା ଦେଲା )

ଆର୍ଯ୍ୟକ—( ଖଣ୍ଡାଧରି ଆନନ୍ଦରେ ସ୍ୱଗତ ) ବେଶ୍ ! ମୋତେ ଶସ୍ତ୍ର ମିଳିଗଲା । ମୋ ଦକ୍ଷିଣ ବାହୁ ସ୍ଫୁରୁଛି । ସମସ୍ତ ଅନୁକୂଳ ହୋଇ ଯାଉଛି । ବର୍ତ୍ତମାନ ମୁଁ ନିରାପଦ ।

ଚନ୍ଦ— ଆର୍ଯ୍ୟା, ମୁଁ ନିବେଦନ କରୁଛି ଯେ ତୁମେ ବିଶ୍ୱାସୀ ଚନ୍ଦନକୁ ମନେ ରଖିଥିବ । କୌଣସି ଲୋଭରେ ମୁଁ ଏହା କହୁନାହିଁ । ବରଂ ବନ୍ଧୁତାର ସହିତ କହୁଛି ।

ଆର୍ଯ୍ୟକ—( ଧୀରସ୍ୱରରେ ) ହେ ଚନ୍ଦ୍ରତୁଲ୍ୟ ଗୁଣବାନ୍ ଚନ୍ଦନକ, ଆଜି ଦୈବଯୋଗରୁ ତୁମେ ମୋର ମିତ୍ର ହେଲ । ଯଦି ସିଦ୍ଧ-ବାକ୍ୟ ସତ୍ୟ ହୁଏ, ତେବେ ମୁଁ ତୁମକୁ ଭଲ ଭାବେ ମନେ ରଖିବି ।

ଚନ୍ଦନକ—ଶୁମ୍ଭ ନିଶୁମ୍ଭକୁ ମାରି ଦୁର୍ଗା ଯେପରି ଦେବତାମାନଙ୍କୁ ଅଭୟ ଦେଇଥିଲେ, ସେହିପରି ଶିବ, ବିଷ୍ଣୁ, ବ୍ରହ୍ମା ଆଉ ସୂର୍ଯ୍ୟ ତୁମକୁ ଅଭୟ ଦାନ କରନ୍ତୁ । ( ବର୍ଦ୍ଧମାନକ ଗାଡ଼ି ଘେନି ଚାଲିଗଲା । )

ଚନ୍ଦ—( ନେପଥ୍ୟକୁ ଚାହିଁ ) ଆରେ ! ମୋର ପ୍ରିୟବନ୍ଧୁ ଶର୍ବିଳକ ତ ଆର୍ଯ୍ୟକଙ୍କ ପଛେ ପଛେ ଚାଲିଲେଣି ! ଆଚ୍ଛା, ରାଜାଙ୍କ ବିଶ୍ୱାସୀ ପ୍ରଧାନ ସେନାପତି ବୀରକର ମୁଁ ବିରୋଧୀ ହେଲି । ତା' ହେଲେ ମୁଁ ମୋର ପରିବାର ସହିତ ଆର୍ଯ୍ୟକଙ୍କର ଅନୁସରଣ କରିବି । ( ପ୍ରସ୍ଥାନ )

# ସପ୍ତମ ଅଙ୍କ

( ଚାରୁଦତ୍ତ ଓ ବିଦୂଷକଙ୍କର ପ୍ରବେଶ )

ବିଦୂ— ମିତ୍ର, ପୁରୁଣା ପୁଷ୍ପକରଣ୍ଡକ ଉଦ୍ୟାନର ଶୋଭା ଦେଖ ।

ଚାରୁ— ମିତ୍ର, ବୃକ୍ଷମାନେ ବ୍ୟବସାୟୀଙ୍କ ପରି ଦେଖାଯାଉଛନ୍ତି । ଫୁଲ ପଣ୍ୟଦ୍ରବ୍ୟ ପରି ପ୍ରସ୍ତୁତ ରହିଛି । ଭ୍ରମରମାନେ ରାଜ-କର୍ମଚାରୀମାନଙ୍କ ପରି ଶୁଳ୍କ ଆଦାୟ କରି ବୁଲୁଛନ୍ତି ।

ବିଦୂ— ମିତ୍ର, ପରିଷ୍କାର ନ ହେଲେ ବି ଏ ପଥରଖଣ୍ଡିକ ବଡ଼ ସୁନ୍ଦର ହୋଇଛି । ଏହା ଉପରେ ବସ ।

ଚାରୁ— ( ବସି ) ମିତ୍ର, ବର୍ଦ୍ଧମାନକ କାହିଁକି ଏତେ ଡେରି କଲାଣି ?

ବିଦୂ— ମୁଁ ତ ତାକୁ କହିଥିଲି— "ବସନ୍ତସେନାଙ୍କୁ ନେଇ ଶୀଘ୍ର ଆ ।"

ଚାରୁ— ତେବେ କାହିଁକି ଡେରି କରୁଛି ?

କଅଣ ତା ଗାଡ଼ିର ଆଗରେ ଆଉ କୌଣସି ଗାଡ଼ି ଯାଉଛି, ଯାହା ଫଳରେ ସେ ଆଗକୁ ଯିବାକୁ ବାଟ ଖୋଜୁଛି ? କିମ୍ବା ଚକ ଭାଙ୍ଗିଯିବାରୁ ଚକ ବଦଳାଉଛି, ନା

ବଳଦବନ୍ଧା ଦଉଡ଼ି ଛିଣ୍ଡି ଯାଇଛି ? କମ୍ବା କେହି କାଠ କାଟି ନେଇ କଚ୍ଛ ଛାଡ଼ି ଯାଇଥିବା ଯୋଗୁ ତାହା ପଥରୋଧ କରିଛି, ଫଳରେ ସେ ଅନ୍ୟବାଟରେ ଆସିବାକୁ ଚେଷ୍ଟା କରୁଛି ? କମ୍ବା ବଳଦ ଦୁହିଁଙ୍କୁ ଧୀରେ ଧୀରେ ଅଡ଼ାଇ ସେ ମନ ଖୁସିରେ ଆସୁଛି ?

( ବର୍ଦ୍ଧମାନକର ଗାଡ଼ି ଘେନି ପ୍ରବେଶ, ଗାଡ଼ି ଭିତରେ ଆର୍ଯ୍ୟକ ଲୁଚି ବସିଥିଲେ । )

ବର୍ଦ୍ଧ—ଚାଲ ଚାଲ ବଳଦେ, ଚାଲ ।

ଆର୍ଯ୍ୟକ—( ସ୍ୱଗତ ) ଓଃ ! ରାଜପୁରୁଷମାନଙ୍କୁ ଦେଖି ମୁଁ ଭୀତ ହୋଇ ଯାଇଥିଲି ! ପାଦରେ ଶୃଙ୍ଖଳ ଲାଗିଥିବାରୁ ମୁଁ ଦଉଡ଼ି ପଳାଇ ପାରୁନଥିଲି । ଯାହାହେଉ, କୁଆ ବସାରେ କୋଇଲିଛୁଆ ରକ୍ଷିତ ହେଲଭଳି ମୁଁ ସଜ୍ଜନ ଚାରୁଦତ୍ତଙ୍କ ଗାଡ଼ିରେ ବସି ନଗରପଥରେ ଯାଉଛି ।

ଭାଗ୍ୟକୁ ନଗରରୁ ବହୁତ ଦୂରକୁ ଆସିଗଲିଣି । ତେବେ ଏଠାରେ ଗାଡ଼ିରୁ ଓହ୍ଲାଇ ଗଛଗହଳ ଭିତରକୁ ପଶିଯିବି ? ଅବା ଗାଡ଼ିର ମାଲିକଙ୍କୁ ଦେଖା କରିବି ? ନା, ଗଛ ଗହଳକୁ ପଳିଯିବି ନାହିଁ । ଶୁଣାଯାଏ, ଆର୍ଯ୍ୟ ଚାରୁଦତ୍ତ ଶରଣବତ୍ସଳ । ତେଣୁ ତାଙ୍କୁ ଦର୍ଶନ କରି ଯିବି ।

ସେ ମୋତେ ବିପଦସାଗର ପାରି ହୋଇଥିବାର ଦେଖି ନିଶ୍ଚୟ ଖୁବ୍ ଖୁସି ହେବେ । ସେହି ସଜ୍ଜନଙ୍କର ଗୁଣରାଶିହିଁ ଏ ଦୁର୍ଦ୍ଦଶାରେ ମୋତେ ବଞ୍ଚାଇ ରଖିଛି ।

ବର୍ଦ୍ଧ—( ନିକଟକୁ ଯାଇ , ଏଇ ତ ସେ ଉଦ୍ୟାନ । ( ଡାକିଲା ) ଆର୍ଯ୍ୟ ମୈତ୍ରେୟ !

ବିଦୂ—ମିତ୍ର ! ମିତ୍ର ! ଶୁଭ ସମ୍ବାଦ ! ବର୍ଦ୍ଧମାନକ ଡାକୁଛି ! ବସନ୍ତ-ସେନା ଆସିଗଲେଣି ।

ଚାରୁ—ଶୁଭ ସମ୍ବାଦ ।

ବିଦୂ—ଦାସୀପୁତ୍ର, ଏତେ ଡେରି କାହିଁକି କଲୁ ?

ବର୍ଦ୍ଧ—ଆର୍ଯ୍ୟ ମୈତ୍ରେୟ, ରାଗନ୍ତୁ ନାହିଁ । ଗାଡ଼ି-ବିଛଣା ଆଣିବାକୁ ଭୁଲି ଯାଇଥିଲି । ପୁଣି ଅନେକ ଗାଡ଼ି ଯିବା ଆସିବା କରୁଥିଲା । ଏଣୁ ଡେରି ହୋଇଗଲା ।

ଚାରୁ—ବର୍ଦ୍ଧମାନକ, ଗାଡ଼ି ବୁଲାଅ । ମିତ୍ର, ବସନ୍ତସେନାଙ୍କୁ ଓହ୍ଲାଇ ଦିଅ ।

ବିଦୂ—( ଅନ୍ତରାରେ ) କଅଣ ତାଙ୍କ ଗୋଡ଼ ବନ୍ଧା ହୋଇଛି ଯେ ନିଜେ ଓହ୍ଲାଇ ଆସି ପାରୁନାହାନ୍ତି ? ( ଉଠି, ଗାଡ଼ିର ଆବରଣ ଟେକି ) ମିତ୍ର ! ଏ କଅଣ ବସନ୍ତସେନା ନୁହନ୍ତି, ବସନ୍ତସେନ !

ଚାରୁ—ମିତ୍ର, ପରିହାସ କରନା । ସ୍ନେହ ବିଳମ୍ବ ସହିପାରେ ନାହିଁ । ଆଚ୍ଛା, ମୁଁ ନିଜେ ଓହ୍ଲାଇ ଆଣୁଛି । ( ଉଠିଲେ )

ଆର୍ଯ୍ୟକ—( ଦେଖି ) ଆରେ ! ଏଇ କଅଣ ଗାଡ଼ିମାଲିକ ? ଏହାଙ୍କର ଗୁଣ ଖାଲି ସୁନ୍ଦର ନୁହେଁ, ରୂପ ମଧ୍ୟ ସୁନ୍ଦର । କି ସୌଭାଗ୍ୟ ! ରକ୍ଷା ପାଇଲି ।

ଚାରୁ—( ଗାଡ଼ିରେ ଚଢ଼ି ) ଆରେ ! ଏ କିଏ ?

ଏହାଙ୍କର ବାହୁ ହସ୍ତୀଶୁଣ୍ଢ ସମାନ, ସ୍କନ୍ଧ ସିଂହ-ସ୍କନ୍ଧ ପରି ଉଚ୍ଚ ଆଉ ବିଶାଳ, ବକ୍ଷ ବିସ୍ତୃତ, ଆଖି ତାମ୍ରବର୍ଣ୍ଣ ପୁଣି ବୃହତ୍ । ଏଭଳି ମହାତ୍ମା କିଏ ଏଠାରେ ଉପସ୍ଥିତ ! ଆରେ ! ଏହାଙ୍କ ପାଦରେ ଯେ ଶୃଙ୍ଖଳ ! ଆପଣ କିଏ ?

ଆର୍ଯ୍ୟ—ମୁଁ ଆପଣଙ୍କର ଶରଣାଗତ ଆର୍ଯ୍ୟକ । ଜାତିରେ ଗୋପାଳ ।

ଚାରୁ—ରାଜାପାଳକ ଆପଣଙ୍କୁ ଘରୁ ଆଣି ବନ୍ଦୀ କରିଥିଲେ ?

ଆର୍ଯ୍ୟ—ହଁ ।

ଚାରୁ—ଆର୍ଯ୍ୟକ, ବିଧାତା ହିଁ ଆପଣଙ୍କୁ ଆଣି ମୋତେ ଦେଖାଇଛନ୍ତି । ମୁଁ ପ୍ରାଣତ୍ୟାଗ କରିବି ପଛେ, ଆପଣଙ୍କୁ ତ୍ୟାଗ କରିବି ନାହିଁ ।

ଆର୍ଯ୍ୟକ—( ଆନନ୍ଦିତ ହେଲେ )

ଚାରୁ—ବର୍ଦ୍ଧମାନକ, ଗୋଡ଼ରୁ ଶିକୁଳି ଫିଟାଇ ଦିଅ ।

( ବର୍ଦ୍ଧମାନକ ଶିକୁଳି ଫିଟାଇଦେଲା )

ଆର୍ଯ୍ୟକ—ଆପଣ ମୋତେ ସ୍ନେହବନ୍ଧନରେ ବାନ୍ଧିଦେଲେ ।

ବିଦୂ—( ଅନ୍ଥାରେ ଚାରୁଦତ୍ତଙ୍କୁ ଲକ୍ଷ୍ୟ କରି ) ବର୍ଦ୍ଧମାନକ, ଏହାଙ୍କ ଗୋଡ଼ରେ ବେଡ଼ୀ ଲଗାଇ ଦେ । ଏ ( ଆର୍ଯ୍ୟକ ) ତ ମୁକ୍ତ । ବର୍ତ୍ତମାନ ଆମେ ସମସ୍ତେ ଚାଲିଯିବା ।

ଚାରୁ—ଯାଃ ! ଆଉ ।

ଆର୍ଯ୍ୟ—ମିତ୍ର ଚାରୁଦତ୍ତ, ମୁଁ ସ୍ନେହବଶତଃ ଏ ଗାଡ଼ିରେ ଚଢ଼ି ଚାଲିଆସିଲି । କ୍ଷମା କରିବେ ।

ଚାରୁ—ଆପଣ ନିଜେ ନିଜେ ଯେ ଏଥିରେ ବସି ଆସିଛନ୍ତି, ଏଥି ପାଇଁ ମୁଁ ଧନ୍ୟ ।

ଆର୍ଯ୍ୟ—ଆଜ୍ଞା ମିଳିଲେ ଯିବି ।

ଚାରୁ—ଯାଆନ୍ତୁ ।

ଆର୍ଯ୍ୟ—ଆଜ୍ଞା, ଓହ୍ଲାଉଛି ।

ଚାରୁ—ବନ୍ଧୁ, ଓହ୍ଲାଇବା ଅନୁଚିତ । ଏଇଲ୍'ଗେ ଆପଣଙ୍କ ଗୋଡ଼ରୁ ଶିକୁଳି ଫିଟିଛି । ଆପଣ ଶୀଘ୍ର ଶୀଘ୍ର ଚାଲି ପାରିବେ ନାହିଁ । ଏ ରାସ୍ତାରେ ରାଜପୁରୁଷମାନେ ଅଧିକ ଭ୍ରମଣ କରୁଛନ୍ତି । ଆପଣ ଗାଡ଼ିରେ ଗଲେ କାହାର ସନ୍ଦେହ ହେବନାହିଁ । ତେଣୁ ଗାଡ଼ିରେ ଯାଆନ୍ତୁ ।

ଆର୍ଯ୍ୟ—ଆପଣଙ୍କର ଯାହା ଆଜ୍ଞା !

ଚାରୁ—ମଙ୍ଗଳରେ ବନ୍ଧୁବାନ୍ଧବଙ୍କ ନିକଟକୁ ଯାଆନ୍ତୁ—

ଆର୍ଯ୍ୟ—ଆର୍ଯ୍ୟ ! ମୁଁ ତ ଆପଣଙ୍କୁ ପରମବନ୍ଧୁ ରୂପେ ପାଇଲି ।

ଚାରୁ—ଅବସର ସମୟରେ ମୋତେ ମନେ ପକାଉଥିବେ—

ଆର୍ଯ୍ୟ—ନିଜର ଆତ୍ମାକୁ କେହି ଭୁଲିପାରେ ?

ଚାରୁ—ଆପଣଙ୍କୁ ପଥରେ ଦେବତା ମାନେ ରକ୍ଷାକରନ୍ତୁ—

ଆର୍ଯ୍ୟ—ଆପଣ ତ ମୋତେ ରକ୍ଷା କରି ସାରିଛନ୍ତି ।

ଚାରୁ—ଆପଣଙ୍କ ଭାଗ୍ୟ ଆପଣଙ୍କୁ ରକ୍ଷା କରିଛି ।

ଆର୍ଯ୍ୟ—ମିତ୍ର, ମୋ ଭାଗ୍ୟର ଆପଣହିଁ ହେତୁ ।

ଚାରୁ—ରାଜାପାଳକ ଆପଣଙ୍କୁ ଧରିବା ପାଇଁ ଖୁବ୍ ଜପୁର । ବର୍ତ୍ତମାନ ଆପଣ ସୁରକ୍ଷିତ ନୁହନ୍ତି । ତେଣୁ ଶୀଘ୍ର ପଳାନ୍ତୁ ।

ଆର୍ଯ୍ୟ—ପୁଣି ଆପଣଙ୍କ ଦର୍ଶନ ପାଇବ, ଏ ଆଶା ରହିଲା ।
( ଚାଲିଗଲେ )

ଚାରୁ—ମୈତ୍ରେୟ, ରାଜାପାଳକଙ୍କର ଅହିତ କରି ଏଠାରେ କ୍ଷଣେ-ମାତ୍ର ରହିବା ଆମ ପକ୍ଷରେ ଉଚିତ ନୁହେଁ । ଏ ଶୃଙ୍ଖଳକୁ ପୁରୁଣା କୂଅ ଭିତରକୁ ଫିଙ୍ଗିଦିଅ । ରାଜା ଦୂତ-ଚକ୍ଷୁରେ ଯେପରି ଏହାକୁ ନ ଦେଖନ୍ତି ।

( ବାମ ଆଖି ସ୍ଫୁରିବାର ଅନୁଭବ କରି ) ମିତ୍ର, ମୁଁ ବସନ୍ତସେନାଙ୍କୁ ଦେଖିବାପାଇଁ ଅତ୍ୟନ୍ତ ବ୍ୟଗ୍ର । ଦେଖ—ତାଙ୍କୁ ନ ଦେଖିବା ଫଳରେ ମୋର ବାମ ଚକ୍ଷୁ କିପରି ସ୍ଫୁରିବାରେ ଲାଗିଛି । ବିନା କାରଣରେ ହୃଦୟ ଭୟଭୀତ ହୋଇ ବ୍ୟଥା ପାଉଛି । ଆସ ଯିବା । ( କିଛି ବାଟ ଯାଇ । ) କଅଣ ! ଆଗରେ ଏକ ଅମାଙ୍ଗଳିକ ଭିକ୍ଷୁର ଦେଖାହେଲା । ( ବିଚାର କରି ) ଆଚ୍ଛା, ସେ ଏ ବାଟରେ ଆସୁ, ଆମେ ସେ ବାଟରେ ଯିବା । ( ପ୍ରସ୍ଥାନ )

# ଅଷ୍ଟମ ଅଙ୍କ

( ଓଦା କୌପୀନ ଧରି ଏକ ଭିକ୍ଷୁର ପ୍ରବେଶ )

**ଭିକ୍ଷୁ**—ରେ ମୂଢ଼ଜନ, ଧରମ ପଥେ ଦିଅ ମନ ରେ,
ବୁଦ୍ଧ ଚରଣେ ଲଗା ଧ୍ୟାନ ରେ । ୦ ।
ଉଦର ସଂଯମ କର ପ୍ରକୃତି ସଂଯମ,
ନୋହିଲେ ହରିବେ ପୁଣ୍ୟ ସେ ଚୋର ଅଧମ;
ମାରେ ଯେ ପାଞ୍ଚଜଣ*, ମାରେ ଚଣ୍ଡାଳ ପୁଣି
ସ୍ତ୍ରୀ ମାରଣ ଯେତୁ କରେ ଗ୍ରାମ ରକ୍ଷଣ,
ସରଗେ ଲଭଇ ସେ ଥାନରେ । ୧ ।

---

*ଯେ ପାଞ୍ଚଜଣଙ୍କୁ ମାରେ, ଚଣ୍ଡାଳକୁ ମାରେ ଏବଂ ସ୍ତ୍ରୀକୁ ମାରି ଗ୍ରାମ ରକ୍ଷାକରେ, ସେ ସ୍ୱର୍ଗଲାଭ କରେ । ଏହାର ଗୂଢ଼ ଅର୍ଥ ହେଉଛି—ଯେ ପଞ୍ଚ-ଜ୍ଞାନେନ୍ଦ୍ରିୟଙ୍କୁ ଦମନ କରେ, ଅହଙ୍କାରରୂପୀ ଚଣ୍ଡାଳକୁ ମାରେ, ଅବିଦ୍ୟା ରୂପକ ସ୍ତ୍ରୀକୁ ମାରି ଆତ୍ମାରୂପକ ଗ୍ରାମକୁ ରକ୍ଷା କରେ, ସେ ସ୍ୱର୍ଗଲାଭ କରେ ।

ଏହିପରି, ଧର୍ମତତ୍ତ୍ୱକୁ ଗୂଢ଼ଭାଷାରେ ପ୍ରକାଶ କରିବାର ପଦ୍ଧତି ବହୁ ପୂର୍ବକାଳରୁ ଚାଲିଆସୁଅଛି ।

ମୁଣ୍ଡ ମୁଣ୍ଡନ କଲୁ     ତୁଣ୍ଡ ମୁଣ୍ଡନ କଲୁ
ମନ ମୁଁଣ୍ଡନ ବିନା     କସ ମୁଣ୍ଡନ କଲୁ
ମନ ମୁଣ୍ଡିତ ଯାର     ସବୁ ମୁଣ୍ଡିତ ତାର
କର ଏ ତତ୍ତ୍ୱ ଦରଶନ ରେ । ୨ ।

ଏ କୌପୀନ ଖଣ୍ଡିକ ମଇଳା ପାଣିରେ ଭିଜିଯାଇଛି । ଯାଏଁ, ରାଜାଙ୍କ ଶଳାଙ୍କର ଏହି ଉଦ୍ୟାନରେ ଯେଉଁ ପୋଖରୀ ଅଛି, ସେଥିରେ ଏହାକୁ ଧୋଇ ଶୀଘ୍ର ଶୀଘ୍ର ପଳାଇ ଆସିବି ।

( ଯାଇ କୌପୀନ ଧୋଇଲା )

ନେପଥ୍ୟେ—ରହ ରେ ଦୁଷ୍ଟ ଭିକ୍ଷୁ, ରହ ।

ଭିକ୍ଷୁ—( ଦେଖି ଭୀତ ହୋଇ ) ବାପ୍‌ରେ ! ହେଇ, ସେ ରାଜାଙ୍କ ଶଳା ଶକାର ଆସିଲାଣି ! କେହି ଭିକ୍ଷୁ ଯଦି କ'ଣ ଟିକିଏ ଦୋଷ କଲା, ଏଠା ଯେଉଁଠି ଯେତେ ଭିକ୍ଷୁ ଦେଖିବ, ସମସ୍ତଙ୍କୁ ଗୋରୁ ଭଳି ନାକରେ ଫିଟି ଫିଟି ତଡ଼ିଦେବ । ଓଃ ! ମୁଁ ଅସହାୟ, କେଉଁଠି ଶରଣ ପଶିବି ? ହେଉ, ଭଗବାନ୍ ବୁଦ୍ଧହିଁ ମୋର ଶରଣ ।

( ଶକାରର ପ୍ରବେଶ, ତା' ସହିତ ତରବାରିଧାରୀ ବିଟ )

ଶକାର—ରହ ରେ ଦୁଷ୍ଟଭିକ୍ଷୁ, ରହ । ମଦଖାନାରେ ମୂଳା ଚୋବାଇଲା ଭଳି ତୋ ମୁଣ୍ଡକୁ ମଡ଼ ମଡ଼ କରି ଭାଙ୍ଗିବି ।

ବିଟ—କାଣେଲୀପୁତ୍ର, ଏ ବୈରାଗୀ ଭିକ୍ଷୁ ଗେରୁଆଲୁଗା ପିନ୍ଧିଛି । ଏହାକୁ ମାଡ଼ ଦେବା ଉଚିତ ନୁହେଁ । ମାଡ଼ ଦେଇ ଲାଭ ବା କଅଣ ?

ଭିକ୍ଷୁ—( ଶକାରକୁ ) ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି । ବୁଦ୍ଧସେବକ, ପ୍ରସନ୍ନ ହୁଅନ୍ତୁ ।

ଶକାର—କୋଦ୍ଦବେ, ଦେଖ, ଦେଖ, ଏ ମୋତେ ଗାଳି ଦେଉଛି ।

ଚେଟ—କଅଣ କହୁଛି ?

ଶକାର—ମୋତେ କହୁଛି 'ସେବକ' । କଅଣ ମୁଁ ବାରିକ ?

ଚେଟ—ନା, ନା, ସେ ତୁମକୁ ବୁଦ୍ଧସେବକ ବୋଲି କହି ସ୍ତୁତି କରୁଛି ।

ଶକାର—ଶୁଣ୍ ରେ ଶ୍ରମଣକ, ଶୁଣ୍ ।

ଭିକ୍ଷୁ—ଆପଣ ଧନ୍ୟ, ଆପଣ ପୁଣ୍ୟବାନ୍ !

ଶକାର—କୋଦ୍ଦବେ, ଏ କଅଣ ମୋତେ 'ଆପଣ ଧନ୍ୟ, ଆପଣ ପୁଣ୍ୟବାନ୍' କହୁଛି ? ମୁଁ କଅଣ ଘଟ, ଜୁଆଟେର ନା କୁମ୍ଭାର ?

ଚେଟ—କାଣେଲୀପୁତ୍ର, ଏ ତୁମକୁ ଧନ୍ୟ, ପୁଣ୍ୟବାନ୍ ବୋଲି କହି ସ୍ତୁତି କରୁଛି ।

ଶକାର—ଆରେ, କାହିଁକି ଏଠାକୁ ଆସିଛୁ ?

ଭିକ୍ଷୁ—ଏଇ କୌପୀନ ଖଣ୍ଡିକ ଧୋଇବା ପାଇଁ ।

ଶକାର—ଆରେ ଦୁଷ୍ଟ ଭିକ୍ଷୁ, ମୋ ଭିଣେଇ ସବୁ ଉଦ୍ୟାନ ମଧ୍ୟରେ ଶ୍ରେଷ୍ଠ ଏଇ ପୁଷ୍ପକରଣ୍ଡକ ପୁରୁଣା ଉଦ୍ୟାନଟି ମୋତେ ଦେଇଛନ୍ତି । ଏ ପୋଖରୀର ପାଣି କୁଆ ଆଉ ବିଲୁଆ ପିଅନ୍ତି । ମୁଁ ଜଣେ ଶ୍ରେଷ୍ଠପୁରୁଷ ହେଲେ ମଧ୍ୟ ଏଥିରେ ସ୍ନାନ କରେ ନାହିଁ । ତୋ କୌପୀନ ପୁରୁଣା କୋଳଥ-ଚୂନାରେ ରଙ୍ଗା ହୋଇଛି, ତୁ ଏଇ ଦୁର୍ଗନ୍ଧ କୌପୀନକୁ ପୁଣି ଏ ପୋଖରୀରେ ଧୋଉଛୁ ? ତୋତେ ଏକ ପାହାରରେ ଶେଷ କରିଦେବି ।

ବିଟ—କାଣେଲୀପୁଅ, ମୁଁ ଅନୁମାନ କରୁଛି, ଏ ଅଳ୍ପଦିନ ହେଲା ବୌଦ୍ଧସନ୍ନ୍ୟାସୀ ହୋଇଛି ।

ଶକାର—କୋଷ୍ଟବେ, କମିତି ଜାଣିଲ ?

ବିଟ – ଏଥିରେ ଜାଣିବାର କଅଣ ଅଛି ? ଦେଖ—

ଏହାର ଲଣ୍ଡାମୁଣ୍ଡ ଧଳା ଦେଖା ଯାଉଛି । ଅଳ୍ପଦିନ ହେଲା ଝୁଲି ଝୁଲାଉ ଥିବାରୁ କାନ୍ଧରେ ଚିହ୍ନ ବସିନାହିଁ । ଗେରୁଆ ଲୁଗା ରଙ୍ଗାଇବାରେ ଏହାର ଅଭ୍ୟାସ ହୋଇନାହିଁ । ଦେହର ମଧ୍ୟଭାଗକୁ ଭଲଭାବେ ଲୁଚେଇ ଲୁଗା ପିନ୍ଧିଛି । ଆଉ ମଧ୍ୟ ଲୁଗା ବଡ଼ ଥିବାରୁ ବାରମ୍ବାର କାନ୍ଧରୁ ଖସି ପଡୁଛି ।

ଭିକ୍ଷୁ – ଉପାସକ, ଆପଣ ଠିକ୍ କହୁଛନ୍ତି । ମୁଁ ଅଳ୍ପଦିନ ହେଲା ଭିକ୍ଷୁ ହୋଇଛି ।

ଶକାର—ତୁ ଜନ୍ମହେଲା ମାନେ କାହିଁକି ଭିକ୍ଷୁ ନ ହେଲୁ ?
( ବାଡେଇଲା )

ଭିକ୍ଷୁ – ବୁଦ୍ଧଙ୍କୁ ନମସ୍କାର ।

ବିଟ – ଆହେ, ଏ ବିଚରାକୁ ମାରି ଲାଭ କଅଣ ? ଛାଡ଼ିଦିଅ, ଯାଉ ।

ଶକାର—ଆରେ ! ରହ । ମୁଁ ଟିକିଏ ପରାମର୍ଶ କରେଁ ।

ବିଟ – କାହା ସହିତ ?

ଶକାର—ମୋ ମନ ସହିତ ।

ବିଟ—ଆଃ ! ଛାଡ଼ି ଦେଉନା ?

ଶକାର—( ନିଜକୁ ନିଜେ ପଚାରି ) ବାପ ମନ, ମୋ ମାଲିକ ପୁଅରେ, କ'ଣ ଏ ଭିକ୍ଷୁ ଯିବ ? ( ଆପେ ଆପେ ) ନା, ଯିବ-

ନାହିଁ, ନା, ରହିବନାହିଁ । ( ପ୍ରକାଶ୍ୟରେ ) କୋଢଦେ, ପରାମର୍ଶ କରନେଲି । ମୋ ମନ ଏଇଆ କହିଲା—

ବିଟ — କଅଣ ?

ଶକାର—ନ ଯାଉ, ନ ରହୁ, ନିଃଶ୍ୱାସ ନ ନେଉ, ପ୍ରଶ୍ୱାସ ନ ନେଉ । ଏଇଠି ହଠାତ୍ ପଡ଼ି ମରିଯାଉ ।

ଭିକ୍ଷୁ — ବୁଦ୍ଧଙ୍କୁ ନମସ୍କାର । ମୁଁ ଶରଣାଗତ ।

ବିଟ—( ଭିକ୍ଷୁକୁ ) ଯା ।

ଶକାର — ଯିବ ଏକ ସର୍ତ୍ତରେ ।

ବିଟ — କି ସର୍ତ୍ତ ?

ଶକାର — ଏ କାଦୁଅ ପକାଉ, କିନ୍ତୁ ପାଣି ଗୋଳିଆ ହେବନାହିଁ କିମ୍ବା ପାଣିକୁ ଏକାଠି କରି କାଦୁଅରେ ପକାଉ ।

ବିଟ — କି ମୂର୍ଖତା !

ଭିକ୍ଷୁ — ( ଯାଉଁ ଯାଉଁ ଶକାରକୁ ଗାଳିଦେବାର ଅଙ୍ଗଭଙ୍ଗୀ କଲା । )

ଶକାର — ଆବେ ! କଅଣ କହୁଛୁ ?

ବିଟ — ତୁମକୁ ସ୍ତୁତି କରୁଛି ।

ଶକାର — ଆରେ, ଶୁଣ୍ ଶୁଣ୍ ।

( ଭିକ୍ଷୁ ସେହିପରି କରି କରି ଚାଲିଗଲା । )

ବିଟ — କାଣେଲୀପୁତ୍ର, ଉଦ୍ୟାନର ଶୋଭା ଦେଖ— ରାଜାଙ୍କ ଆଜ୍ଞାରେ ରକ୍ଷକମାନଙ୍କ ଦ୍ୱାରା ଲାଳିତପାଳିତ ହୋଇ ଏ ବୃକ୍ଷମାନେ ଫଳ-ପୁଷ୍ପରେ ମଣ୍ଡିତ ହୋଇଛନ୍ତି । ଏମାନଙ୍କୁ ନିଶ୍ଚଳ ଲତାଗୁଡ଼ିକ ଦୃଢ଼ଭାବରେ ବେଷ୍ଟନ କରିଛନ୍ତି ।

ଜଣାପଡ଼ୁଛି, ସ୍ତ୍ରୀ ସହିତ ପୁରୁଷ ସୁଖଲାଭ କଲାପରି ଏମାନେ ସୁଖଲାଭ କରୁଛନ୍ତି ।

ଶକାର — କୋଦଦେ, ଠିକ୍, ଠିକ୍ । ହେଇ, ନାନାରକମ ଫୁଲରେ ଭୂମି ଚକଚକ ହୋଇଛି । ଗଛମାନେ ଫୁଲଭାରରେ ନଇଁ ପଡ଼ିଛନ୍ତି । ଗଛଅଗରୁ ଲତା ଓହଳି ଆସିଛି । ହେଇ, ମାଙ୍କଡ଼ଗୁଡ଼ାକ ପଣସ ଭଳିଆ ଓହଳିଛନ୍ତି ।

ବିଟ — କାଣେଲୀପୁତ୍ର, ଏଇ ପଥର ଉପରେ ବସ ।

ଶକାର — ଆଜ୍ଞା । ( ଉଭୟେ ବସିଲେ ) କୋଦଦେ, ଆଜି ପର୍ଯ୍ୟନ୍ତ ସେ ବସନ୍ତସେନା ମୋର ମନେ ପଡ଼ୁଛି । ଦୁଷ୍ଟବାକ୍ୟ ଭଳି ମୋ ହୃଦୟରୁ କେବେ ଭୁଲି ହେଉନାହିଁ ।

ବିଟ — ( ସ୍ୱଗତ ) ଆରେ ! ସେ ଏହାକୁ ଅନାଦର କଲେ ମଧ୍ୟ ଏ ପୁଣି ତାକୁ ସ୍ମରଣ କରୁଛି ! ଠିକ୍—

ସ୍ତ୍ରୀ ଠାରୁ ଅପମାନ ପାଇଲେ ମଧ୍ୟ କୁପୁରୁଷମାନେ ଅଧିକ କାମାତୁର ହୁଅନ୍ତି । କିନ୍ତୁ ସୁପୁରୁଷମାନଙ୍କର ସେପରି ଅବସ୍ଥାରେ କାମଭାବ କମିଯାଏ କିମ୍ବା ସେ ସ୍ତ୍ରୀ ପ୍ରତି କାମଭାବ ସମୂଳେ ଲୋପପାଏ ।

ଶକାର—କୋଦଦେ, ମୁଁ ଗୃହକର ସ୍ଥାବରକକୁ କହିଥିଲି ଯେ— ଶୀଘ୍ର ଶୀଘ୍ର ଗାଡ଼ି ଘେନି ଆ । କେତେ ଡେରି କଲାଣି ସେଇଟା ! ଭୋକରେ ମୋ ପେଟ ଜଳିଲାଣି । ଏ ଖରାରେ କିଅଣ ପାଦରେ ଯାଇ ହେବ ? ଦେଖିଲ—

ରାଗୀ ମାଙ୍କଡ଼କୁ ଯେମିତି ଚାହିଁ ହୁଏ ନାହିଁ, ମୁଣ୍ଡ ଉପରେ ସୂର୍ଯ୍ୟଙ୍କୁ ସେହିପରି ଚାହିଁ ହେଉନାହିଁ । ଶହେପଇ

ମରିବା ଫଳରେ ଗାଛଗୁଡ଼ିକର ଅବସ୍ଥା ଯେମିତି ହୋଇଥିଲା, ମାଟି ହେମିତି ଖ୍ରାପଣ ଭାବରେ ତାତିଗଲାଣି ।

ଚେଟ—ଠିକ୍, ଠିକ୍ ! ଗୋରୁମାନେ ଘାସ ଚରିବା ଛାଡ଼ି ଛାଇରେ ଶୋଇଲେଣି । ତୃଷାର୍ତ୍ତ ମୃଗମାନେ ପୋଖରୀର ଗରମ ଜଳ ପିଉଛନ୍ତି । ଲୋକମାନେ ଖରାକୁ ଭୟକରି ନଗରୀ-ପଥରେ ଚାଲୁନାହାନ୍ତି । ଏପରି ସମୟରେ ଗାଡ଼ି ଗରମସ୍ଥାନ ଛାଡ଼ି ବୋଧହୁଏ କୌଣସି ଛାଇ ସ୍ଥାନରେ ରହିଛି ।

ଶକାର—ଆଚ୍ଛା, ବର୍ତ୍ତମାନ ମନଖୁସି ପାଇଁ ଗୀତ ଗାଇବି । ( ଗାଇଲା ) କୋଉଦେ ମୋ ଗୀତ ଶୁଣିଲ ?

ଚେଟ—କହିବାକୁ ଅଛି ? ତୁମେ ତ ଓସ୍ତାଦ୍ । ବଢ଼ିଆ ଗାୟକ ।

ଶକାର—କାହିଁକି ଓସ୍ତାଦ୍ ନ ହେବି ? ମୁଁ ହିଙ୍ଗୁ ଗୋଳା ଜିରା, ମୁଥା, ବଚ, ପୁଣି ଗୁଡ଼ଗୋଳା ଶୁଣ୍ଠି, ଏ ସବୁ ସୁଗନ୍ଧ ପଦାର୍ଥକୁ ମିଶେଇ ଖାଉଛି । ମୋ ସ୍ୱର ମଧୁର ହେବନାହିଁ ?

କୋଉଦେ, ପୁଣି ଗାଇବି । ( ଗାଇଲା ) କୋଉଦେ, ଶୁଣିଲ ମୋ ଗୀତ ?

ଚେଟ—କହିବାକୁ ଅଛି ? ତୁମେ ପକ୍କା ଓସ୍ତାଦ୍ ।

ଶକାର—କାହିଁକି ଓସ୍ତାଦ୍ ନ ହେବି ? ମୁଁ ହିଙ୍ଗୁ ପକେଇ, ମରିଚ-ଚୂନା ଗୋଳେଇ, ତେଲ ଆଉ ଘିଅରେ ବଘାରି, କୋଇଲି ମାଂସ ଖାଉଛି । ମୋ ସ୍ୱର ମଧୁର ହେବନାହିଁ ? କୋଉଦେ, ତଥାପି ସେ ଗାଡ଼ିକର ଆସିଲା ନାହିଁ !

ଚେଟ—ଧୈର୍ଯ୍ୟଧର, ବର୍ତ୍ତମାନ ଆସିଯିବ ।

× × ×

( ବଳଦଗାଡ଼ି ଘେନି ସ୍ଥାବରକର ପ୍ରବେଶ । ଗାଡ଼ି ଭିତରେ ବସନ୍ତସେନା । )

ସ୍ଥାବ—ମୋତେ ବଡ଼ ଭୟ ଲାଗୁଛି । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେଣି । ରାଜାଙ୍କ ଶଳା ଯଦି ମୋ ଉପରେ ରାଗିଥିବ......।

ବସନ୍ତ—ଆରେ ! ଏ କଅଣ ବର୍ଦ୍ଧମାନକର ସ୍ୱରଭଳି ଜଣା ପଡ଼ୁନାହିଁ ! କଥା କ'ଣ ? ବର୍ଦ୍ଧମାନକ କ'ଣ ଗାଡ଼ି ଚଳେଇ ଚଳେଇ ଥକି ଯାଇଥିଲା ? ସେଥିପାଇଁ ଆର୍ଯ୍ୟ ଚାରୁଦତ୍ତ ଅନ୍ୟ ଗାଡ଼ି ଆଉ ଅନ୍ୟ ଗାଡ଼ିବାଲା ପଠାଇଛନ୍ତି ? ମୋ ଡାହାଣ ଆଖି ଡେଇଁଛି, ହୃଦୟ ଥରି ଉଠୁଛି, ଦଶଦିଗ ଶୂନ୍ୟ ଦେଖାଯାଉଛି ! ଏ କଅଣ ! ମୁଁ ସବୁ ବିପରୀତ ଦେଖୁଛି !

ଶକାର—( ଚକ ଶବ୍ଦ ଶୁଣି ) କୋଇଦେ, ଗାଡ଼ି ଆସିଗଲା ।

ବିଟ—କିପରି ଜାଣିଲ ?

ଶକାର—ତୁମେ କ'ଣ ଜାଣି ପାରୁନାହଁ ? ବୁଢ଼ା ଘୁଷୁରି ଭଳି ଘର୍‌ଘର୍‌ ହେଉଛି ।

ବିଟ—( ଦେଖି ) ଠିକ୍ ! ଆସିଗଲା ।

ଶକାର—ବାପ, ସ୍ଥାବରକ, ଚାକର ରନ୍ତ, କଅଣ ଆସିଗଲୁ ?

ସ୍ଥାବ—ହଁ, ଆଜ୍ଞା ।

ଶକାର—ଗାଡ଼ି ଆସିଛି ?

ସ୍ଥାବ—ହଁ ଆଜ୍ଞା ।

ଶକାର—ବଳଦ ଆସିଛନ୍ତି ?

ସ୍ଥାବ—ହଁ ଆଜ୍ଞା ।

ଶକାର — ତୁ ଆସିଛୁ ?

ସ୍ଥାବ — ( ହସି ହସି ) ଆଜ୍ଞା, ମୁଁ ମଧ୍ୟ ଆସିଛି ।

ଶକାର — ତା' ହେଲେ ଗାଡ଼ି ନେଇ ଆ ।

ସ୍ଥାବ — କେଉଁବାଟରେ ?

ଶକାର — ଏଇ ଭଙ୍ଗା ପାଚେରି ବାଟରେ ।

ସ୍ଥାବ — ହଜୁର, ବଳଦ ମରିଯିବେ, ଗାଡ଼ି ଭାଙ୍ଗିଯିବ, ମୁଁ ଚାକର ବିଚରା ମରିଯିବ ।

ଶକାର — ଆରେ ମୁଁ ରଜାଙ୍କ ଶଳା । ବଳଦ ମରନ୍ତୁ, ଆଉ ଯୋଡ଼ାଏ ବଳଦ କିଣିବି । ଗାଡ଼ି ଭାଙ୍ଗିଯାଉ, ଆଉ ଗୋଟାଏ ଗାଡ଼ି ତିଆରି କରାଇବି । ତୁ ମର, ଆଉ ଗୋଟାଏ ଗାଡ଼ିବାଲା ରଖାଇବି ।

ସ୍ଥାବ — ସବୁ ମିଳିବ, କିନ୍ତୁ ମୋ ଭଳି ବିଶ୍ୱାସୀ ଚାକର ମିଳିବେ ନାହିଁ ।

ଶକାର — ଯା ବେ, ସବୁ ନଷ୍ଟ ହେଉ ପଛେ, ତୁ ସେଇବାଟେ ଗାଡ଼ି ଆଣ୍ ।

ସ୍ଥାବ — ( ଯାଇ ) ଭାଙ୍ଗ୍‌ରେ ଗାଡ଼ି ଭାଙ୍ଗ୍ । ରଜାଙ୍କ ଶଳା ସହିତ ଭାଙ୍ଗ୍ । ମୁଁ ତାଙ୍କୁ ଅନୁରୋଧ କରିବି, ଆଉ ଗୋଟାଏ ଗାଡ଼ି ହୋଇଯିବ । ( ପ୍ରବେଶ କରି ) ଯାଃ, ଏ ଗାଡ଼ିଟା ଭାଙ୍ଗିଲା ନାହିଁ । ( ନିକଟକୁ ଯାଇ ) ହଜୁର, ଗାଡ଼ି ଆସିଗଲା ।

ଶକାର — କଅଣ ବଳଦ ଛିଣ୍ଡି ନାହାନ୍ତି ? ଦଉଡ଼ି ମରିନାହିଁ ? ଆଉ ତୁ ବି ମରିନାହୁଁ ?

ସ୍ଥାବ — ନା ।

ଶକାର—କୋବଦେ, ଆସ, ଗାଡ଼ି ଦେଖିବା । କୋବଦେ, ମୁଁ ତ ତୁମକୁ ଗୁରୁ ପୁଣି ପରମଗୁରୁ ପରି ଦେଖେଁ । ତୁମେ ମୋ ଅନ୍ତରଙ୍ଗ ବନ୍ଧୁ । ମୁଁ ତୁମକୁ ଭାରି ଆଦର କରେଁ । ତେଣୁ ତୁମେ ଆଗେ ଗାଡ଼ିରେ ଚଢ଼ ।

ବିଟ—ଆଜ୍ଞା । ( ଚଢ଼ିବାକୁ ଗଲା । )

ଶକାର ଏ, ରହ ରହ । ଏ କଅଣ ତୋ ବାପ ଗାଡ଼ି, ଯେ ଆଗରେ ଚଢ଼ିବୁ ? ମୁଁ ଗାଡ଼ିମାଲିକ, ଆଗେ ଚଢ଼ିବି ।

ବିଟ — ତମେ ପରା କହିଲ ?

ଶକାର — ଆରେ ! ମୁଁ ଯଦି କହିଲି, ତୁମର ଆଦରରେ କହିବାର କଥା—"ଆପଣ ମାଲିକ, ଆଗେ ଚଢ଼ନ୍ତୁ ।"

ବିଟ — ତେବେ ତୁମେ ଚଢ଼ ।

ଶକାର — ଆଚ୍ଛା ବାପ ସ୍ଥାବରକ, ଗାଡ଼ି ବୁଲେଇ ଆଣ ।

ସ୍ଥାବ — ( ଗାଡ଼ି ବୁଲେଇ ) ଆଜ୍ଞା, ଚଢ଼ନ୍ତୁ ।

ଶକାର — ( ଗାଡ଼ିରେ ଚଢ଼ି ହାନିଆଁ ହୋଇଗଲା ଏବଂ ଓହ୍ଲାଇ ବିଟକୁ କୁଣ୍ଢାଇଲା । ) କୋବଦେ ! କୋବଦେ ! ମରିଗଲି ! ମରିଗଲି ! ଗାଡ଼ିରେ କିଏ ଗୋଟାଏ ରାକ୍ଷସୀ କି ଚୋର ଚଢ଼ିଛି ! ଯଦି ରାକ୍ଷସୀ ହୋଇଥିବ, ତେବେ ଆମ ଦୁଇଜଣଙ୍କୁ ଚୋରି କରି ନେଇଯିବ ! ଯଦି ଚୋର ହୋଇଥିବ, ତେବେ ଖାଇଦେବ ।

ବିଟ — ଭୟ କରନାହିଁ, ଭୟ କରନାହିଁ । ଏ ବଳଦଗାଡ଼ିରେ ରାକ୍ଷସୀ କାହୁଁ ଆସିବ ? ଦ୍ୱିପହର ଟାଣ ଖରାରେ ତମ

ଆଖି ଝଲସି ଗଲାଣି । ସ୍ଥାବରକ ପଗଡ଼ି ବାନ୍ଧିଛି । ତା' ଛାଇ ଦେଖି ତୁମର ଭ୍ରମ ହୋଇଛି ।

ଶକାର – ବାପ ସ୍ଥାବରକ, ଚେଟକ, ବଞ୍ଚିଛୁଟି ?

ସ୍ଥାବ – ହଁ ଆଜ୍ଞା ।

ଶକାର – କୋବଦେ, ଗାଡ଼ିରେ ଗୋଟାଏ ସ୍ତ୍ରୀ ବସିଛି, ଦେଖ ।

ବିଟ – କଅଣ ! ସ୍ତ୍ରୀ !

ବୃଷଭ ଯେପରି ବର୍ଷାବେଳେ ମୁହଁ ମାଡ଼ି ମାଡ଼ି ଯାଉଥାଏ, ମୁଁ ସେହିପରି ତଳକୁ ମୁହଁ ପୋତି ଶୀଘ୍ର ଶୀଘ୍ର ଚାଲେଁ । ଭଦ୍ର-ସମାଜରେ ମୁଁ ଗୌରବର ସହିତ ଚଳିବାକୁ ଚାହେଁ । କୁଳ-ସ୍ତ୍ରୀମାନଙ୍କୁ ଦେଖିଲେ ମୋ ଆଖି ତଳକୁ ହୋଇଯାଏ ।

ବସନ୍ତସେନା – ( ଆଶ୍ଚର୍ଯ୍ୟରେ ସ୍ୱଗତ ) ମୋ ଦୃଷ୍ଟି କଣ୍ଟକ ଶକାର କ'ଣ ଏଠି ? ମୁଁ ଅଭାଗିନୀ ମଲି ! କଅଣ କରିବି ?

ଶକାର – କୋବଦେ, ଏ ବୁଢ଼ା ଚେଟକ ଦେଖିବାକୁ ଭୟ କରୁଛି । ତୁମେ ଟିକିଏ ଦେଖ ।

ବିଟ – ଆପତ୍ତି ନାହିଁ । ଦେଖିବି ।

ଶକାର – କଅଣ ବିଲୁଆ ଉଡ଼ୁଛନ୍ତି ! କୁଆଗୁଡ଼ାକ ଯାଉଛନ୍ତି ! କୋବଦେ, ତମକୁ ସେ ଆଖିରେ ଖାଇବା ପୂର୍ବରୁ, ଦାନ୍ତରେ ଦେଖିବା ପୂର୍ବରୁ ଯାଉଛି ପଳାଇବି ।

ବିଟ – ( ବସନ୍ତସେନାଙ୍କୁ ଦେଖି ବିଷାଦରେ ସ୍ୱଗତ ) ଏ କଅଣ ! ହରିଣୀ ଯେ ବାଘର ଅନୁସରଣ କରୁଛି ! ହାୟ ! ହାୟ !

ଶରଚ୍ଚନ୍ଦ୍ର ପରି ସୁନ୍ଦର ନଦୀପୁଳିନବିହାରୀ ହଂସକୁ ଛାଡ଼ି ହଂସୀ କ'ଣ କୁଆପାଖକୁ ଆସିଛି !

( ଧୀରସ୍ୱରରେ ) ବସନ୍ତସେନା, ତୁମେ ଉଚିତ କାର୍ଯ୍ୟ କଲ ନାହିଁ । ପ୍ରଥମେ ଶକାରକୁ ଅବଜ୍ଞା କରି ପୁଣି ମା' କଥାରେ

ବସନ୍ତ — ନା । ( ମୁଣ୍ଡ ହଲାଇଲେ )

ବିଟ — ବେଶ୍ୟାଯୋଗ୍ୟ ସ୍ୱଭାବରୁ ତା'ର ପାଖକୁ ଆସିଲ ? ମୁଁ ଏଇଥିପାଇଁ କହିଥିଲି — "ପ୍ରିୟ, ଅପ୍ରିୟ, ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କର ।"

ବସନ୍ତ — ଗାଡ଼ି ବଦଳ ହୋଇଯିବାରୁ ମୁଁ ଚାଲିଆସିଛି । ମୁଁ ତୁମ ଶରଣ ପଶୁଛି । ମୋତେ ରକ୍ଷାକର ।

ବିଟ — ଆଚ୍ଛା, ଭୟ ନାହିଁ । ( ଶକାର ନିକଟକୁ ଯାଇ ) କାଣେଲୀ-ପୁତ୍ର, ପ୍ରକୃତରେ ଗୋଟାଏ ରାକ୍ଷସୀ ବସିଛି ।

ଶକାର — କୋଉଠି, ଯଦି ରାକ୍ଷସୀ, ତେବେ ତୁମକୁ ଚୋରି କରି ନେଲା ନାହିଁ ତ ? ଯଦି ଚୋର, ତୁମକୁ ଖାଇଗଲା ନାହିଁ ତ ?

ବିଟ — କାହିଁକି ନ ଖାଇଲା, ସେ କଥା ଅନୁମାନ କରିବା ବୃଥା । ଆମେ ଯଦି ଉଦ୍ୟାନେ ଉଦ୍ୟାନେ ଯାଇ ଉଜ୍ଜୟିନୀରେ ପଶିଯିବା, ତେବେ କ୍ଷତି କଅଣ ?

ଶକାର — ଲାଭ କଅଣ ?

ବିଟ — ଲାଭ ? ଆମର ବ୍ୟାୟାମ ହୋଇଯିବ, ବଳଦମାନଙ୍କର ଥକା ମେଣ୍ଟିଯିବ ।

ଶକାର — ଆଚ୍ଛା, ହେଉ ହେଉ । ବାପ ସ୍ଥାବରକ, ଗାଡ଼ି ନେଇଯା । ନା ନା ରହ ରହ । ଦେବତା ବ୍ରାହ୍ମଣଙ୍କ ଆଗରେ ମୁଁ ପାଦରେ ଚାଲିବି ? କଦାପି ନୁହେଁ, ଗାଡ଼ିରେ

ଚଢ଼ି ଯିବ । ତା'ହେଲେ ମୋତେ ଦୂରରୁ ଦେଖି କହିବେ—ହେଇ, ରଜାଙ୍କ ଶଳା ଆସୁଛନ୍ତି, ମାଲିକ ଆସୁଛନ୍ତି ।

ବିଟ—( ସ୍ୱଗତ ) ବିଷକୁ ଔଷଧ କରିବା ବଡ଼ କଠିନ । ଆଚ୍ଛା ( ପ୍ରକାଶ୍ୟରେ ) କାଣେଲୀପୁତ୍ର, ବସନ୍ତସେନା ତୁମ ପାଖକୁ ଅଭିସାର କରି ଆସିଛି ।

ବସନ୍ତ—ଓଃ ! କି ପାପ କଥା !

ଶକାର—( ଆନନ୍ଦରେ ) କୋଉଠେ ! କୋଉଠେ ! କଅଣ ମୋ ଭଳି ନରନାରାୟଣଙ୍କ ପାଖକୁ ?

ବିଟ—ହଁ ।

ଶକାର—ତେବେ ତ ଅପୂର୍ବ ସମ୍ପତ୍ତି ମିଳିଗଲା ! ସେତେବେଳେ ମୁଁ ତାକୁ ଟିକିଏ ରଗେଇ ଦେଇଥିଲି; ବର୍ତ୍ତମାନ ପାଦତଳେ ପଡ଼ି ଖୁସି କରେଇଦେବି ।

ବିଟ—ଉତ୍ତମ କଥା ।

ଶକାର—( ବସନ୍ତସେନା ନିକଟକୁ ଯାଇ ) ଗୋ ମା ଦୁର୍ଗା, ଚଣ୍ଡୀ, ମୋ ଗୁହାରି ଶୁଣିବା ହେଉ ।

ହେଇ, ମୁଁ ତୁମ ପାଦତଳେ ପଡ଼ୁଛି, ହାତ ଯୋଡ଼ୁଛି । ମୁଁ ତୁମ ଚାକର । ସେତେବେଳେ ଯିନା କାମାତୁର ହୋଇ ତୁମକୁ ଅପମାନ ଦେଇଥିଲି । ଗୋ ବଡ଼ବଡ଼ନେଣି, ଦଶନଖି, ଧଳାଦାନ୍ତ, ମତେ କ୍ଷମାକର ।

ବସନ୍ତ—( ରାଗରେ ) ଦୂର୍ ହ ! ଅଭଦ୍ର ! ( ପାଦପ୍ରହାର କଲେ )

ଶକାର—( ରାଗିଯାଇ ) କଅଣ ! ଯେଉଁ ମୁଣ୍ଡକୁ ମୋ ମା ଚୁମ୍ବନ କରିଛି, ଯେଉଁ ମୁଣ୍ଡ ଦେବତାମାନଙ୍କ ପାଖରେ ବି ନଇଁ

ନାହିଁ, ତୁ ସେହି ମୁଣ୍ଡକୁ ପଦାଘାତରେ ଗଡ଼େଇ ଦେଲୁ ? ଯେମିତି ବଣରେ ବିଲୁଆ ଶବକୁ ଗଡ଼ାଏ !

ଆବେ ସ୍ଥାବରକ, ଚ୍ୟାଟକରା, ତୁ ଏହାକୁ କେଉଁଠୁ ଆଣିଲୁ ?

ସ୍ଥାବ—ହଜୁର, ଗାଁ ଗାଡ଼ିଗୁଡ଼ାକ ରାସ୍ତା ବନ୍ଦ କରି ଦେଇଥିଲା । ତେଣୁ ଚାରୁଦତ୍ତଙ୍କ ଉଦ୍ୟାନରେ କିଛିକ୍ଷଣ ଗାଡ଼ି ରଖିଥିଲି । ଗାଡ଼ିରୁ ଓହ୍ଲେଇ ମୁଁ ଆଉ ସବୁ ଗାଡ଼ି ଆଡ଼େଇବାକୁ ଯାଇଥିଲି । ବୋଧହୁଏ ସେତିକିବେଳେ ଏ ଅନ୍ୟ ଗାଡ଼ିବୋଲି ଭାବି ଏଥିରେ ଚଢ଼ି ଆସିଛନ୍ତି ।

ଶକାର—କଅଣ ! ଗାଡ଼ି ବଦଳାଇ ଆସିଛୁ ? ମୋ ପାଖକୁ ଅଭିସାର କରି ଆସିନାହିଁ ? (ବସନ୍ତସେନାକୁ) ଓହ୍ଲା ଓହ୍ଲା ମୋ ଗାଡ଼ିରୁ ତୁ ସେ ଦରିଦ୍ର ଚାରୁଦତ୍ତ ପାଖକୁ ଅଭିସାର କରିଯିବୁ, ଆଉ ମୋ ଗାଡ଼ିରେ ଚଢ଼ିବୁ ? ଓହ୍ଲା, ଓହ୍ଲା, ଜନ୍ମଦାସୀ, ଓହ୍ଲା, ଓହ୍ଲା ।

ବସନ୍ତ—ଆର୍ଯ୍ୟ ଚାରୁଦତ୍ତଙ୍କ ପାଖକୁ ମୁଁ ଅଭିସାର କରୁଛି ବୋଲି ଯାହା କହିଲ, ସେଥିରେ ମୁଁ ଧନ୍ୟ ହେଲି । ଏଣିକି ମୋର ଯାହା ହେଉ ।

ଶକାର—କଅଣ କହିଲୁ ? ଆଚ୍ଛା । ଜଟାୟୁ ଯିମିତି ବାଳୀର ସ୍ତ୍ରୀକୁ ଟାଣିଥିଲା, ମୁଁ ସେମିତି ଏଇ ଦି' ହାତରେ ତୋ ବାଳ ଧରି ମୋ ଗାଡ଼ିରୁ ଟାଣି ଆଣିବି ।

ବିଟ—ଥାଉ, ଥାଉ । ଗୁଣବତୀ ସ୍ତ୍ରୀ ମାନଙ୍କୁ କେଶ ଧରି ଟାଣିବା ଉଚିତ ନୁହେଁ । ଉପବନ ଲତାରୁ ନବପଲ୍ଲବ ଛିଣ୍ଡାଇବା କଅଣ ଉଚିତ ?

( ବସନ୍ତସେନା ଗାଡ଼ିରୁ ଓହ୍ଲାଇ ଗୋଟିଏ ପାଖକୁ ଠିଆ ହେଲେ )

ଶକାର—( ସ୍ୱଗତ ) ସେତେବେଳେ ଏହାର ଅପମାନଆ କଥାରେ ମୋ କ୍ରୋଧାଗ୍ନି ଧପ୍ ଧପ୍ ହେଉଥିଲା, ବର୍ତ୍ତମାନ ପଦାଘାତରେ ଜଳି ଉଠିଲାଣି । ତେଣୁ ବର୍ତ୍ତମାନ ଏହାକୁ ମାରଦେବ । ଆଚ୍ଛା ( ପ୍ରକାଶ୍ୟରେ )

କୋଦ୍ଦଦେ, କୋଦ୍ଦଦେ, ଯଦି ଭଲ ଲମ୍ବ ଲୁଗା ପାଇବାକୁ ଚାହଁ, ଯଦି ମନ ଖୁସିରେ ସୁଡ଼୍ ସୁଡ଼୍ ଚକୁ ଚକୁ ମାଂସ ଖାଇବାକୁ ଚାହଁ—

ବିଟ—ତା' ହେଲେ ?

ଶକାର—ତା' ହେଲେ ମୋର ପ୍ରିୟ କାର୍ଯ୍ୟ କର ।

ବିଟ—ନିଶ୍ଚୟ କରିବି, କିନ୍ତୁ ଅକାର୍ଯ୍ୟକୁ ଛାଡ଼ି ।

ଶକାର—ଏଥିରେ ଅକାର୍ଯ୍ୟର ଗନ୍ଧ ନାହିଁ । ଏ କ'ଣ ରାକ୍ଷସୀ ହୋଇଛୁ କି ?

ବିଟ—ତେବେ କୁହ ।

ଶକାର—ବସନ୍ତସେନାକୁ ମାରଦିଅ ।

ବିଟ—( କାନରେ ହାତ ଦେଇ ) ରାମ୍ ରାମ୍ । ମୁଁ ଯଦି ଏ ବାଳାକୁ, ଉଜ୍ଜୟିନୀର ଭୂଷଣକୁ, ବେଶ୍ୟା ହେଲେ ମଧ୍ୟ କୁଳାଙ୍ଗନାଙ୍କ ପରି ପ୍ରେମବତୀ ଏବଂ ନିର୍ଦ୍ଦୋଷ ରମଣୀକୁ ମାରିବି, ତେବେ ପରଲୋକ-ନଦୀକୁ କେଉଁ ଭେଳାରେ ପାରି ହେବି ?

ଶକାର—ମୁଁ ତୁମକୁ ଭେଳା ଦେବି। ଆଉ ମଧ୍ୟ ଏ ନିର୍ଜନ ଉଦ୍ୟାନରେ ଏହାକୁ ମାରିଲେ ତୁମକୁ କିଏ ଦେଖିବ ?

ବିଟ—ମୋତେ ଦଶ ଦିଗ ଦେଖିବେ । ପୁଣି ବନଦେବତା, ଚନ୍ଦ୍ର, ସୂର୍ଯ୍ୟ, ଧର୍ମ, ବାୟୁ, ଆକାଶ, ଅନ୍ତରାତ୍ମା ଏବଂ ଭୂମି, ଏମାନେ ହେଉଛନ୍ତି ସୁକର୍ମ ଦୁଷ୍କର୍ମର ସାକ୍ଷୀ ।

ଶକାର—ତା' ହେଲେ ଏହାକୁ ଲୁଗା ଘୋଡ଼ାଇ ମାର ।

ବିଟ—ମୂର୍ଖ, ଧ୍ୱଂସ ହୋଇଯିବୁ ।

ଶକାର—( ସ୍ୱଗତ ) ବୁଢ଼ା ଧୁଷୁରି ଅଧର୍ମକୁ ଡରୁଛି । ଆଚ୍ଛା; ସ୍ଥାବରକକୁ ଅନୁରୋଧ କରିବି । ( ସ୍ଥାବରକକୁ ) ବାପ ସ୍ଥାବରକ, ତୋତେ ସୁନା କଙ୍କଣ ଦେବି ।

ସ୍ଥାବ—ମୁଁ ପିନ୍ଧିବି ।

ଶକାର—ତୋତେ ସୁନାର ଆସନ ଦେବି ।

ସ୍ଥାବ—ମୁଁ ସେଥିରେ ବସିବି ।

ଶକାର—ତୋତେ ସବୁଯାକ ଅଇଁଠା ଦେବି ।

ସ୍ଥାବ—ମୁଁ ବି ଖାଇବି ।

ଶକାର—ତୋତେ ସବୁ ଚାକରଙ୍କ ଉପରେ ପ୍ରଧାନ କରିଦେବି ।

ସ୍ଥାବ—ମୁଁ ବି ପ୍ରଧାନ ହେବି ।

ଶକାର—ତେବେ ମୋ କଥା ମାନିବୁ ?

ସ୍ଥାବ—ମାଲିକ, ମାନିବି । ଅକାର୍ଯ୍ୟକୁ ଛାଡ଼ି ।

ଶକାର—ଅକାର୍ଯ୍ୟର ଗନ୍ଧନାହିଁ ।

ସ୍ଥାବ—ତା'ହେଲେ କହନ୍ତୁ ।

ଶକାର—ଏ ବସନ୍ତସେନାକୁ ମାର୍ ।

ସ୍ଥାବ—କ୍ଷମା କରନ୍ତୁ ମାଲିକ । ମୁଁ ଅଧମ ଏହାଙ୍କୁ ଶଗଡ଼ରେ ନେଇ ଆସିଛି ।

ଶକାର—ଆରେ ଗୃକର, ତୋ ଦ୍ୱାରା କି ଏ କାମ କରାଇ ପାରିବି ନାହିଁ ?

ସ୍ଥାବ—ଆପଣ ମୋ ଦେହ ଉପରେ ମାଲିକ । ମୋ ଚରିତ୍ର ଉପରେ ନୁହନ୍ତି । ପ୍ରସନ୍ନ ହୁଅନ୍ତୁ ହଜୁର । ମୋତେ ବଡ଼ ଭୟ ଲାଗୁଛି ।

ଶକାର—ଆରେ, ମୋ ଗୃକର ହୋଇ ତୋର ଭୟ କାହାକୁ ?

ସ୍ଥାବ—ମାଲିକ, ପରଲୋକକୁ ।

ଶକାର—ପରଲୋକ କଏ ?

ସ୍ଥାବ—ପାପ ଆଉ ପୁଣ୍ୟର ଫଳ ।

ଶକାର—ପୁଣ୍ୟର ଫଳ କଅଣ ?

ସ୍ଥାବ—ଆପଣ ଯେ ଏତେ ସୁନା ଅଳଙ୍କାର ପିନ୍ଧିଛନ୍ତି, ତାହାରି ଯୋଗୁ ।

ଶକାର—ପାପର ଫଳ କଅଣ ?

ସ୍ଥାବ—ମୁଁ ଯେ ଗୃକର ହୋଇ ଦିନ କଟାଉଛି, ତାହାରି ଯୋଗୁ । ତେଣୁ ମୁଁ କେବେ ଅକାର୍ଯ୍ୟ କରିବି ନାହିଁ ।

ଶକାର—ଆବେ, ମାରିବୁ ନାହିଁ ? ( ପିଟିଲା )

ସ୍ଥାବ—ଯେତେ ପିଟନ୍ତୁ, ମାରି ଦିଅନ୍ତୁ ପଛକେ, ଅକାର୍ଯ୍ୟ କରିବି ନାହିଁ ।

ମୁଁ ପୂର୍ବଜନ୍ମରେ ଅକାର୍ଯ୍ୟ କରି ଏ ଜନ୍ମରେ ଆଜନ୍ମ ଗୃକର ହୋଇଛି । ଆହୁରି ଅକାର୍ଯ୍ୟ କରି ପାପ ଅର୍ଜନ କରିବି ? ନା, କେବେ ନୁହେଁ ।

ବସନ୍ତ — ବିଦ୍ୱାନ୍, ମୁଁ ତୁମର ଶରଣ ପଶିଛି ।

ବିଟ — କାଣେଲୀପୁତ୍ର, କ୍ଷାନ୍ତହୁଅ । ଧନ୍ୟ ସ୍ଥାବରକ !

ଏ ଦରିଦ୍ର ଭୃତ୍ୟର ସମସ୍ତଙ୍କ ଠାରୁ ଅପମାନ ପାଏ । ତଥାପି ଏ ପରଲୋକର ଫଳ ଇଚ୍ଛା କରୁଛି । କିନ୍ତୁ ଏହାର ମାଲିକ ସେକଥା ଭାବୁନାହିଁ ! ତେବେ ଯେଉଁମାନେ ସୁକାର୍ଯ୍ୟ ଛାଡ଼ି କୁକାର୍ଯ୍ୟ କରନ୍ତି, ସେମାନେ ତାହିଁକି ଶୀଘ୍ର ଧ୍ୱଂସ ହୋଇ ନ ଯାନ୍ତି ?

ଦୈବ ବଡ଼ ବିପରୀତ । କାରଣ ( ସ୍ଥାବରକକୁ ଲକ୍ଷ୍ୟକରି ) ଏହାକୁ ଭୃତ୍ୟ, ଆଉ ( ଶକାରକୁ ) ତୁମକୁ ଯାହା ମାଲିକ କରିଛି ! ଏ ଯାହା ତୁମର ସମ୍ପତ୍ତି ଭୋଗ ନ କରୁଛି, ଆଉ ତୁମେ ଏହାର ଆଜ୍ଞା ପାଳନ ନକରୁଛ !

ଶକାର — ( ସ୍ୱଗତ ) ଏ ବୁଢ଼ା ବିଲୁଆର ଅଧର୍ମକୁ ଭୟ, ଏ ଜନ୍ମଦାସର ପରଲୋକକୁ ଭୟ । ମୁଁ ରାଜାଙ୍କ ଶଳା, ମୋର କାହାକୁ ଭୟ ? ( ପ୍ରକାଶ୍ୟରେ ) ଆରେ ଜନ୍ମଦାସ, ଯା, କେଉଁଠି ନିଛାଟିଆ ଜାଗାରେ ଲୁଚି ବସି ଥକା ମେଣ୍ଟେଇବୁ ।

ସ୍ଥାବ — ହଜୁରଙ୍କ ଆଜ୍ଞା । ( ବସନ୍ତସେନାଙ୍କ ନିକଟକୁ ଯାଇ ) ଆର୍ଯ୍ୟା, ମୋ ଶକ୍ତି ଏତିକି । ( ଚାଲିଗଲା )

ଶକାର — ( ଅଣ୍ଟାରେ ଲୁଗାଭିଡ଼ି ) ରହ ବସନ୍ତସେନା, ରହ, ମୁଁ ମାରିବି ।

ବିଟ — ଆରେ ! ମୋ ଆଗରେ ମାରିବୁ ? ( ବେକ ଭିଡ଼ି ନେଲା )

ଶକାର — ( ତଳେ ପଡ଼ିଯାଇ ) କୋବଦେ, ମାଲିକକୁ ମାରୁଛ ? ( ମୂର୍ଚ୍ଛିତ ହୋଇଗଲା । ଚେତନା ପାଇ ) ମୁଁ ତୁମକୁ ବହୁ କାଳ

ହେଲି ମାଂସରେ ଘିଅରେ ମୋଟା କରି ଆସୁଛି । ଆଜି କାମ ବେଳେ ମୋର ଶତ୍ରୁ ହେଲ ? ( ଚିନ୍ତାକରି ) ଆଚ୍ଛା, ଉପାୟ ପାଇଲି । ( ପ୍ରକାଶ୍ୟରେ ) କୋଳଦେ, ମୁଁ ତୁମକୁ ସେମିତି କହୁଥିଲି ନା……ମୁଁ ଉଚ୍ଚକୁଳରୁ ଜନ୍ମ ହୋଇ ଏପରି ଅକାର୍ଯ୍ୟ କରିବି ? ତୁମେ ମାନୁଛ କି ନାହିଁ, ଏହା ଜାଣିବା ପାଇଁ କହୁଥିଲି ମାତ୍ର ।

ବିଟ—କେବଳ ଉଚ୍ଚ କୁଳରୁ ଜନ୍ମହେଲେ ମନୁଷ୍ୟ ମହାନ୍ ହୁଏ-ନାହିଁ । ଚରିତ୍ର ହିଁ ମହତ୍ତ୍ୱର କାରଣ । ଉର୍ବର କ୍ଷେତ୍ରରେ ତ କଣ୍ଟାଗଛ ବେଶୀ ବଢ଼େ ।

ଶକାର—କୋଳଦେ, ବସନ୍ତସେନା ତୁମ ଆଗରେ ଲଜ୍ଜା କରୁଛି । ମୋତେ ବରଣ କରୁନାହିଁ । ତେଣୁ ତୁମେ ଯାଅ । ଆଉ ମଧ୍ୟ ସେ ଗୃହକରଟା ମାଡ଼ ଖାଇ କୁଆଡ଼େ ଗଲାଣି । ତାକୁ ଶୀଘ୍ର ଘେନିଆସ ।

ବିଟ—( ସ୍ୱଗତ ) ବସନ୍ତସେନା ହୁଏତ ମୋ ଆଗରେ ଏ ମୂର୍ଖକୁ ଇଚ୍ଛା କରୁନାହିଁ । ତେଣୁ ମୁଁ ଏ ସ୍ଥାନରୁ ଚାଲିଯିବି । କାରଣ, ନିର୍ଜନତା ଓ ବିଶ୍ୱାସ ମିଳିଲେ କାମ ଉଦ୍ରେକ ହୁଏ । ( ପ୍ରକାଶ୍ୟରେ ) ଆଚ୍ଛା, ହେଉ । ମୁଁ ଯାଉଛି ।

ବସନ୍ତ—( ବିଟର ପଣତ ଧରି ) ଆର୍ଯ୍ୟ, ମୁଁ ଆପଣଙ୍କ ଶରଣ ପଶିଛି ।

ବିଟ—ବସନ୍ତସେନା, ଭୟ କରନାହିଁ, ଭୟ କରନାହିଁ । କାଣେଲୀ-ପୁତ୍ର ! ବସନ୍ତସେନାଙ୍କୁ ତୁମ ପାଖରେ 'ଜମା' ରଖି ଯାଉଛି ।

ଶକାର—ହେଉ, ମୋ ପାଖରେ ଏ 'ଜମା' ଥାଆନ୍ତୁ ।

ବିଟ—ସତ୍ୟ ?

ଶକାର—ସତ୍ୟ ।

ବିଟ—( କିଛିବାଟ ଯାଇ ) ମୁଁ ଚାଲିଗଲେ ଏ ନୃଶଂସ ଯଦି ତାକୁ ମାରିଦେବ ? ତେଣୁ ଲୁଚିରହି ଏହାର କାର୍ଯ୍ୟ ଦେଖିବି । ( ଲୁଚିରହିଲା )

ଶକାର—ବେଶ୍, ମାରିବି । କିନ୍ତୁ ସେ କପଟୀ ବୁଢ଼ା ବଳୁଆ ବ୍ରାହ୍ମଣ ଯଦି କେଉଁଠି ଲୁଚି ବସିଥିବ········। ତେଣୁ ତାକୁ ଆଗ ଠକେଇବି । ( ଫୁଲତୋଳି ନିଜେ ସଜାଇ ହେଲା ) ଗୋ ବାଳା, ବସନ୍ତସେନା, ଆସ ଆସ ।

ବିଟ—ଆରେ ବାଃ ! ଏ କାମୁକ ହୋଇଗଲାଣି । ନିଶ୍ଚିନ୍ତ ହେଲି । ଯାଉଛି । ( ଚାଲିଗଲା )

ଶକାର—ଗୋ ବାଳା, ଧଳାଦାନ୍ତ, ମୁଁ ତୋତେ ସୁନା-ଅଳଙ୍କାର ଦେଉଛି, ମିଠାକଥା କହୁଛି, ପଗଡ଼ିବନ୍ଧା ମୁଣ୍ଡକୁ ତୋ ପାଦତଳେ ରଖୁଛି, ତଥାପି ତୁ ମୋତେ ଇଚ୍ଛା କରୁନାହୁଁ ? କେହି କଅଣ ସେବକପ୍ରତି ଏମିତି ନିଷ୍ଠୁର ହୁଏ ?

ବସନ୍ତ—ଦୁଷ୍ଟ ! ଦୁଷ୍ଟଚରିତ ! ମୂର୍ଖ ! କଅଣ ମୋତେ ଧନ ଲୋଭ ଦେଖାଉଛୁ ? ଭ୍ରମରୀମାନେ ସୁଶୀଳ ସୁନ୍ଦର ପଦ୍ମପୁଷ୍ପକୁ ଛାଡ଼ନ୍ତିନାହିଁ ।

କୁଳବାନ୍, ଚରିତ୍ରବାନ୍ ପୁରୁଷ ଦରିଦ୍ର ହେଲେ ( ତା'ର ସେବା କରିବା ଉଚିତ । ଯୋଗ୍ୟପୁରୁଷ ) ତେଣୁ ହିଁ ଗଣିକାର ପ୍ରଣୟ ଶୋଭାପାଏ ।

ମୁଁ ଚୂତବୃକ୍ଷର ସେବା କରି କ'ଣ ପଳାଶ ବୃକ୍ଷର ସେବା କରିବି ?

ଶକାର—ଦାସୀପୁତ୍ରି ! ଅଭାଗା ଚାରୁଦତ୍ତ ଚୂତବୃକ୍ଷ, ଆଉ ମୁଁ ରାଜାଙ୍କ ଶଳା ପଳାଶ ବୃକ୍ଷ ! ତୁ ବର୍ତ୍ତମାନ ବି ତାକୁ ମନେ ପକାଇ ମୋତେ ଗାଳି ଦେଉଛୁ ?

ବସନ୍ତ—ଯେ ମୋ ହୃଦୟରେ ରହିଛନ୍ତି, ତାଙ୍କୁ କପରି ଭୁଲିଯିବି ?

ଶକାର—ସେ ଏବେ ବି ତୋ ହୃଦୟରେ ରହିଛି ? ଆଚ୍ଛା, ତାକୁ ଆଉ ତୋ ହୃଦୟକୁ ଏକା ସାଙ୍ଗରେ ଚୂନା କରିଦେବି । ଗରିବ ଚାରୁଦତ୍ତ-କାମୁକ, ରହ, ରହ ।

ବସନ୍ତ—କହ କହ, ପୁଣି ତାହାହିଁ କହ । ତୋର ଏହି କଥାଗୁଡ଼ିକ ବଡ଼ ସୁନ୍ଦର ।

ଶକାର—ଦରିଦ୍ର ଅଭାଗା ଦାସୀପୁତ୍ର ଚାରୁଦତ୍ତ ତୋତେ ରକ୍ଷା କରିବ ?

ବସନ୍ତ—ରକ୍ଷା କରନ୍ତେ, ଯଦି ମୋତେ ଦେଖି ପାରନ୍ତେ ।

ଶକାର—ସେ ଚାରୁଦତ୍ତ କଅଣ ଇନ୍ଦ୍ର, ନା ବାଳିପୁତ୍ର ମହେନ୍ଦ୍ର ? ନା ରମ୍ଭାପୁତ୍ର କାଳନେମି ? ନା ସୁବନ୍ଧୁ ? ସେ କଅଣ ରାଜା ରୁଦ୍ର, ଦ୍ରୋଣପୁତ୍ର ଜଟାୟୁ, ଚାଣକ୍ୟ, ଧୁନ୍ଧୁମାର ନା ତ୍ରିଶଙ୍କୁ ?

ଏମାନେ କେହି ତୋତେ ରକ୍ଷା କରିପାରିବେ ନାହିଁ । ଭାରତ ଯୁଦ୍ଧରେ ଚାଣକ୍ୟ ଯେପରି ସୀତାଙ୍କୁ ମାରିଥିଲା, ଜଟାୟୁ ଯେପରି ଦ୍ରୌପଦୀକୁ ମାରିଥିଲା, ମୁଁ ସେହିପରି ତୋତେ ମାରିଦେବି । ( ମାରିବାକୁ ବାହାରିଲା )

ବସନ୍ତ—ହା ମା, ତୁ କେଉଁଠି ଅଛୁ ? ହା ଆର୍ଯ୍ୟ ଚାରୁଦତ୍ତ, ମୋ ଆଶା ଅପୂର୍ଣ୍ଣ ରହିଲା । ଯାଉଛି, ଖୁବ୍ ଚିତ୍କାର କରି କାନ୍ଦିବି । ନା, ବସନ୍ତସେନା ଚିତ୍କାର କରି କାନ୍ଦିବ ! ଲଜ୍ଜାର କଥା । ଆର୍ଯ୍ୟ ଚାରୁଦତ୍ତଙ୍କୁ ନମସ୍କାର ।

ଶକାର—ଜନ୍ମଦାସୀ ! ବର୍ତ୍ତମାନ ବି ସେ ପାପୀର ନାମ ନେଉଛୁ ? ସ୍ମରଣ କର, ଜନ୍ମଦାସୀ, ସ୍ମରଣ କର ।

ବସନ୍ତ—ଆର୍ଯ୍ୟ ଚାରୁଦତ୍ତଙ୍କୁ ନମସ୍କାର ।

ଶକାର—ମର୍, ଜନ୍ମଦାସୀ, ମର୍ । ( ତଣ୍ଟି ଚପିଲା )

(ବସନ୍ତସେନା କରୁଣସ୍ୱରରେ ଚିତ୍କାର କରି ମୂର୍ଚ୍ଛିତା ହୋଇ ପଡ଼ିଲେ । )

ଶକାର—ପାପିଷ୍ଠା ଦୁର୍ବିନୀତା ଚାରୁଦତ୍ତ-କାମୁକୀ ବସନ୍ତସେନାକୁ ମାରିବାପାଇଁ ମୁଁ କଅଣ ବାହୁର ଶକ୍ତି ଦେଖାଇବି ? ନା, ଭାରତ ଯୁଗରେ ଯେମିତି ମା ସୀତା ମରିଥିଲା, ଏ ସେମିତି ମୋ ନିଶ୍ୱାସରେ ହିଁ ମରିଗଲା ।

ଯାଃ ! ମୋ ଭଉଣୀର, ମୋ ବାପର, ମୋ ମା'ର ଜୀବନ ବୃଥା । ବସନ୍ତସେନାକୁ ମୁଁ ଇଚ୍ଛା କରିଥିଲି, କିନ୍ତୁ ସେ ମୋତେ ଇଚ୍ଛା କଲାନାହିଁ । ସେଥିପାଇଁ ମୁଁ ଯେ ତାକୁ ବାହୁପାଶରେ ନିର୍ଜନ ଉଦ୍ୟାନ ଭିତରେ ଓଟାରି ଓଟାରି ଏକାଥରକେ ମାରିଦେଲି, ମୋ ଭଲଆ ପୁଅର ଏ କାରଣ୍ଡ ସେମାନେ ଯାହା ଦେଖି ନ ପାରିଲେ !

ଆଚ୍ଛା, ବର୍ତ୍ତମାନ ବୁଢ଼ା ବଳଦଆ ଆସିଯିବ । ତେଣୁ ଦୂରରେ ଯାଇ ବସିବି । ( ଦୂରରେ ଯାଇ ବସିଲା । )

ବିଟ—( ସ୍ଥାବରକ ସହିତ ପ୍ରବେଶ କରି ) କୁଆଡ଼େ ହୋ କାଣେଲୀପୁତ୍ର ? ( କିଛିବାଟ ଯାଇ ଏବଂ ବସନ୍ତସେନାକୁ ପଡ଼ିଥିବାର ଦେଖି ) ଆରେ ! କଅଣ ରାସ୍ତାଉପରେ ପାଦତଳେ ପଡ଼ିଛି ? ଓଃ ! ସେ ନୃଶଂସ ତାକୁ ମାରିଦେଲା କି ? ଆରେ ପାପୀ, ତୁ କେଡ଼େ ଅକାର୍ଯ୍ୟ କଲୁ ! ତୋ ଭଳି ପାପୀର ପାପରେ ସ୍ତ୍ରୀ ବଧ ଦର୍ଶନ କରି ଆମେ ବି ପତିତ ହୋଇ-ଯିବୁଁ । ଉଃ ! ଅଶୁଭ ଲକ୍ଷଣ ଦେଖି ମୋ ମନଟା ଶଙ୍କିତ ହୋଇ ଉଠୁଛି ! ହେଉ, ଦେବତାମାନେ ମଙ୍ଗଳ କରିବେ । ( ଶକାର ନିକଟକୁ ଯାଇ ) କାଣେଲୀପୁତ୍ର, ସ୍ଥାବରକକୁ ଅନୁନୟ କରି ଘେନିଆସିଲି ।

ଶକାର—ସ୍ୱାଗତ କୋଳବଦେ ! ବାପ ସ୍ଥାବରକ, ଚୃକର, ତୋତେ ମଧ୍ୟ ସ୍ୱାଗତ ।

ବିଟ—ମୁଁ ଯେଉଁ ଜମା ରଖି ଯାଇଥିଲି, ଦିଅ ।

ଶକାର—କି 'ଜମା' ?

ବିଟ—ବସନ୍ତସେନା ।

ଶକାର—ଗଲାଣି ।

ବିଟ—କୁଆଡ଼େ ?

ଶକାର—ତୁମ ପଛେ ପଛେ ।

ବିଟ—( ଚିନ୍ତାପୂର୍ବକ ) ନା, ସେ ତ ସେ ଦିଗରେ ଯାଇନାହିଁ ।

ଶକାର—ତୁମେ କେଉଁଦିଗରେ ଗଲ ?

ବିଟ—ପୂର୍ବ ଦିଗରେ ।

ଶକାର—ସେ ଦକ୍ଷିଣ ଦିଗରେ ଗଲା ।

ବିଟ—ମୁଁ ତ ଦକ୍ଷିଣ ଦିଗରେ ଯାଇଥିଲି ।

ଶକାର—ସେ ଉତ୍ତର ଦିଗରେ ଗଲା ।

ବିଟ—ଖରା ଚଞ୍ଚଳ କଥା କହୁଛ ? ତୁମ ଅନ୍ତରାତ୍ମା ଶୁଦ୍ଧ ନାହିଁ । ତେଣୁ ସତକଥା କହୁନାହିଁ ।

ଶକାର—ମୁଁ ମୋ ଗୋଡ଼ରେ ତୁମ ମୁଣ୍ଡଛୁଇଁ କହୁଛି—ହୃଦୟ ସ୍ଥିର କର, ମୁଁ ତାକୁ ମାରି ଦେଇଛି ।

ବିଟ—( ବିଷାଦରେ ) ପ୍ରକୃତରେ ମାରି ଦେଇଛ ?

ଶକାର—ଯଦି ମୋ କଥାରେ ବିଶ୍ୱାସ ନ କରୁଛ, ତେବେ ରଜାଙ୍କ ଶଳା ସଂସ୍ଥାନକର ବୀରତ୍ୱ ଆଖିରେ ଦେଖ । ( ବସନ୍ତସେନାକୁ ଦେଖାଇଦେଲା )

ବିଟ—ଓଃ ! ହାୟ ମନ୍ଦଭାଗ୍ୟ ! ( ମୂର୍ଚ୍ଛିତ ହୋଇ ପଡ଼ିଲା )

ଶକାର—ବେଶ, ବେଶ୍, କୋବଦେ ବି ଚାଲିଗଲେ ।

ସ୍ଥାବ—( ବିଟକୁ ) ଧୈର୍ଯ୍ୟ ଧରନ୍ତୁ, ଧୈର୍ଯ୍ୟ ଧରନ୍ତୁ । ବିନା ବିଚାରରେ ଗାଡ଼ିରେ ନେଇ ଆସି ମୁଁ ହିଁ ତାଙ୍କୁ ପ୍ରଥମରୁ ମାରି ଦେଇଛି ।

ବିଟ—( ଚେତନା ପାଇ ) ହାୟ ବସନ୍ତସେନା ! ସୁବଦନା ! ପ୍ରେମମୟୀ ! ହାସ୍ୟମୟୀ ! ସୁଚରିତା ! ମୋ ଭଳି ଲୋକଙ୍କର ଆଶ୍ରୟସ୍ଥଳ ! ଗଲା ! ଉଦାରତାର ନଦୀ ଲୋପ ପାଇଗଲା ! ରତି ସ୍ୱଦେଶକୁ ଚାଲିଗଲା ! ମଦନର ବଜାର ଲୁଣ୍ଠିତ ହେଲା ! ସୌଭାଗ୍ୟ ପଦାର୍ଥର ନିଧି ନଷ୍ଟ ହୋଇଗଲା ! ( ଅଶ୍ରୁଭରା ଚକ୍ଷୁରେ ) ଓଃ ! କି ଦୁଃଖ !

( ଶକାରକୁ ) ଆରେ, ଉଜ୍ଜୟିନୀର ଲକ୍ଷ୍ମୀକୁ ମାରି ତୁ କେଉଁ ଲାଭ ପାଇଲୁ ? ତୋର କେଉଁ ପ୍ରୟୋଜନ ସିଦ୍ଧ ହେଲା ? ( ସ୍ୱଗତ ) ଏ ପାପୀ ପାପକୁ ମୋ ମୁଣ୍ଡରେ ଲଦି ଦେଇପାରେ । ତେଣୁ ଏଠାରୁ ପଳାଇବା ଦରକାର । ( ଯିବାକୁ ଲାଗିଲେ )

ଶକାର—( ବିଟକୁ ଯାଇ ଧରିଲା )

ବିଟ—ଛୁଅଁ ନା, ଛୁଅଁ ନା, ପାପୀ । ତୋ ସହିତ ମୋର ଆଉ କୌଣସି ସମ୍ପର୍କ ନାହିଁ । ମୁଁ ଯାଉଛି ।

ଶକାର—ଆରେ, ବସନ୍ତସେନାଙ୍କୁ ନିଜେ ମାରି ମୋତେ ଦୋଷୀ କରି କୁଆଡ଼େ ପଳାଉଛ ? ବର୍ତ୍ତମାନ ମୁଁ ଅସହାୟ ହୋଇଗଲି ଯେ !

ବିଟ—ଧ୍ୱଂସ ହୋଇ ଯା !

ଶକାର—ଆରେ, ମୁଁ ତୁମକୁ ପ୍ରଚୁର ଧନ ଦେବି, ବୋଝ ବୋଝ ସ୍ୱର୍ଣ୍ଣମୁଦ୍ରା ଦେବି । ମୋର ଏ ହତ୍ୟା-ଦୋଷକୁ ଅନ୍ୟ କାହାରି ଉପରେ ଲଦି ଦେବା ।

ବିଟ—ଧିକ୍ ! ତୋ ଦୋଷ ତୋ'ରି ।

ସ୍ଥାବ—ଭଗବାନ୍ ! ଭଗବାନ୍ !

ଶକାର—( ହସିଲା )

ବିଟ—ହସ ଛାଡ଼ି ଦେ । ତୋ ସହିତ ମୋର ଆଉ ସଦ୍‌ଭାବ ନାହିଁ । ଯେଉଁ ମିତ୍ରତାରୁ ଦୁର୍ଜନତା ଆଉ ନିନ୍ଦା ମିଳେ, ସେ ଭଳି ମିତ୍ରତାକୁ ଧିକ୍ । ତୋ ସହିତ ମୋର ସମ୍ପର୍କ ଆଉ କେବେ ହେବ ନାହିଁ । ତୋତେ ମୁଁ ଗୁଣଛିଣ୍ଡା ଧନୁ ପରି ବର୍ଜନ କରି ଯାଉଛି ।

ଶକାର — କୋବଦେ, ପ୍ରସନ୍ନ ହୁଅ, ପ୍ରସନ୍ନ ହୁଅ । ଆସ, ପଦ୍ମ ପୋଖରୀରେ ପଶି ଖେଳିବା ।

ବିଟ — ଆରେ, ମୁଁ ପଣ୍ଡିତ ନ ହେଲେ ବି ତୋ ସହିତ ରହିଲେ ଲୋକେ ମୋତେ ପଣ୍ଡିତ ବୋଲି କହିବେ । ତୁ ସ୍ତ୍ରୀ-ହନ୍ତା ! ନଗରର ସ୍ତ୍ରୀମାନେ ଶଙ୍କିତ ଅର୍ଦ୍ଧଚକ୍ଷୁରେ ତୋତେ ଚୁହିଁବେ । ମୁଁ ଆଉ କପରି ତୋର ସାଥି ହେବି ?

( କରୁଣ ସ୍ୱରରେ ) ବସନ୍ତସେନା, ଗୋ ସୁଶୀଳା ବସନ୍ତସେନା, ପରଜନ୍ମରେ ତୁମେ ବେଶ୍ୟା ହେବନାହିଁ ; କୌଣସି ନିର୍ମଳ କୁଳରେ ଜନ୍ମଗ୍ରହଣ କରିବ ।

ଶକାର — ଆରେ ! ମୋ ପୁଷ୍ପ କରଣ୍ଡକ ଉଦ୍ୟାନରେ ବସନ୍ତସେନାକୁ ମାରି ପଳାଉଛୁ ? ଆ, ଆ, ମୋ ଭିଣେଇଙ୍କ ଆଗରେ ଉତ୍ତର ଦେବୁ ।

ବିଟ — ଆରେ ପାପିଷ୍ଠ, କଅଣ କହିଲୁ ? ( ଖଣ୍ଡା ବାହାର କଲା )

ଶକାର — ( ଭୟରେ ଦୂରକୁ ପଳାଇ ) ଆରେ ! କଅଣ ଭୟ କରି ପଳାଉଛୁ ? ଆଚ୍ଛା, ଯା ଯା ।

ବିଟ — ( ସ୍ୱଗତ ) ଏଠାରେ ରହିବା ଉଚିତ ନୁହେଁ । ଯେଉଁଠାରେ ଆର୍ଯ୍ୟ ଶର୍ବିଳକ, ଚନ୍ଦନକ ପ୍ରଭୃତି ଅଛନ୍ତି, ସେଠାକୁ ଚାଲିଯିବି । ( ଚାଲିଗଲା )

ଶକାର — ଯା, ମରିବୁ ଯା । ଆରେ ସ୍ଥାବରକ, ବାପ, ମୁଁ କପରି କାର୍ଯ୍ୟ କଲି ?

ସ୍ଥାବ — ହଜୁର, ବଡ଼ ଅକାର୍ଯ୍ୟ କଲେ ।

ଶକାର – ଅକାର୍ଯ୍ୟ କଲି ବୋଲି କହୁଛୁ କାହିଁକି ? ଆଚ୍ଛା, ଆଚ୍ଛା । ( ଦେହରୁ ଅଳଙ୍କାର ବାହାର କରି ) ନେ, ଏ ଅଳଙ୍କାର ସବୁ ନେ । ମୁଁ ଦେଇଦେଲି । ଏ ଅଳଙ୍କାରକୁ ମୁଁ ଯେତେବେଳେ ପିନ୍ଧିବ, ସେତେବେଳେ ମୋର; ଯେତେବେଳେ ପେଡ଼ିରେ ରହିବ, ତୋର ।

ସ୍ଥାବ—ଏ ଅଳଙ୍କାର ମାଲିକଙ୍କୁ ହିଁ ଶୋଭାପାଏ, ମୋର କଅଣ ହେବ ?

ଶକାର—ତେବେ ଯା, ଏ ବଳଦଙ୍କୁ ନେଇ ମୋ କୋଠାର ଉପର ଦଲଣରେ ଥା । ମୁଁ ହେଇ ଯାଉଛି ।

ସ୍ଥାବ—ମାଲିକଙ୍କ ଆଜ୍ଞା । ( ଚାଲିଗଲା )

ଶକାର—ଆତ୍ମରକ୍ଷା ପାଇଁ କୋଉଠ ଚାଲିଗଲା । ସ୍ଥାବରକକୁ ମଧ୍ୟ କୋଠା ଦଲଣରେ ବାନ୍ଧିରଖିବ । ତା' ହେଲେ ବସନ୍ତସେନାଙ୍କୁ ମାରିବା କଥା ଗୁପ୍ତ ରହିବ । ଯାଉଛି, ଫିଟିବ । ନା, ତାକୁ ଥରେ ଦେଖିଆସେଁ । ମରିଛି ନା ଭଲକରି ମାରିବାକୁ ହେବ । ( ଦେଖି ) ବାଃ ! ଭଲଭାବେ ମରିଯାଇଛି । ତା' ହେଲେ ଏଇ ଲୁଗାରେ ଘୋଡ଼େଇ ଦିଏଁ । ନା, ନା, ଏଥିରେ ନାମ ଲେଖାହୋଇଛି । କୌଣସି ଶିକ୍ଷିତ ଲୋକ ପଢ଼ି ଜାଣି ଦେବ । ଆଚ୍ଛା, ଏଇ ଯେଉଁ ଶୁଖିଲପତ୍ର ପବନରେ ଆସି ଗଦା ହୋଇଛି, ସେଇଥିରେ ଆଣି ଢାଙ୍କିଦେବ । ( ତାହାକରି ) ବେଶ୍, ହେଲା । ( ଚିନ୍ତାକରି ) ଆଚ୍ଛା, ବର୍ତ୍ତମାନ ବିଚାର-ଗୃହକୁ ଯାଇ ଅଭିଯୋଗ କରିବ ଯେ ଚାରୁଦତ୍ତ ଧନଲୋଭରେ ବସନ୍ତସେନାକୁ ମୋ ପୁଷ୍ପକରଣ୍ଡକ ଉଦ୍ୟାନକୁ ଆଣି ହତ୍ୟା

କରୁଛି । ଆଚ୍ଛା, ଯାଉଛି । ( କିଛିଦୂର ଯାଇ ଆଗକୁ ଚାହିଁ ଭୟରେ ) ଆରେ ବାପ୍‌ରେ ! କି ଭୟଙ୍କର ! ମୁଁ ଯେଉଁ ବାଟେ ଯାଉଛି, ଏ ଦୁଷ୍ଟ ଭିକ୍ଷୁ ସେଇବାଟେ ଓଦା ଗେରୁଆ ଲୁଗା ଧରି ଆସୁଛି ! ଏହାକୁ ମୁଁ ନାକରେ ମାଡ଼ ଦେଇ ବାହାର କରିଦେଇଥିଲି । ଏ ଶତ୍ରୁ ଯଦି ମୋତେ ଦେଖିବ, ତେବେ ମୁଁ ବସନ୍ତସେନାକୁ ମାରିଛି ବୋଲି ପ୍ରକାଶ କରିଦେବ । ତେବେ କେଉଁବାଟେ ଯିବି ? ( ଚାହିଁ ) ଆଚ୍ଛା, ଏଇ ଭଙ୍ଗା ପାଚେରି ଡେଇଁ ପଳାଇବି ।

( ସେହିପରି ଭାବରେ ପଳାଇଲା )

( ବନା ଧରଦା ପତନରେ ସଂବାହକ ଭିକ୍ଷୁର ପ୍ରବେଶ । )

ଭିକ୍ଷୁ—ବେଶ୍, କୌପୀନ ଧୋଇନେଲି । କଅଣ ଗଛଡାଳରେ ଶୁଖାଇବି ? ନା, ଡାଳରେ ମାଙ୍କଡ଼ ଚରି ପକାଇବେ । ତଳେ ଶୁଖାଇଲେ ଧୂଳି ଲାଗିଯିବ । ( ଦେଖି ) ଆଚ୍ଛା, ଏ ପବନରେ ଜମା ହୋଇଥିବା ଶୁଖିଲା ପତରଦା ଉପରେ ଶୁଖାଇବି । ( ସେପରିଆ କରି ) ଜୟ ବୁଦ୍ଧ ଭଗବାନ୍ ! ଆଚ୍ଛା, ଧର୍ମବାକ୍ୟ-ମାନ ଉଚ୍ଚାରଣ କରିବି । ( ପୂର୍ବୋକ୍ତ ଗୀତ ଗାନ କଲା ) ଅବା ମୋର ସ୍ୱର୍ଗରେ କି ପ୍ରୟୋଜନ ? ଦଶସୁବର୍ଣ୍ଣ ଦେଇ ମୋତେ ଯେ ଜୁଆଖୋରଙ୍କଠାରୁ ମୁକ୍ତ କରିଥିଲେ, ସେହି ବସନ୍ତ-ସେନାଙ୍କର ମୁଁ ଯେ ପର୍ଯ୍ୟନ୍ତ ପ୍ରତ୍ୟୁପକାର ନ କରିଛି, ସେ ପର୍ଯ୍ୟନ୍ତ ମୁଁ ନିଜକୁ ମୁକ୍ତ ବୋଲି ଭାବିବେ ନାହିଁ । ( ଦେଖି ) ଆରେ ! ପତ୍ର ଭିତରୁ କ'ଣ ନିଶ୍ୱାସ ଉଠୁଛି !

ଅବା ସୂର୍ଯ୍ୟ କିରଣରେ ଶୁଖିଲା ପତ୍ର ମୋ କୌପୀନ-ଜଳରେ ଓଦା ହୋଇ ପକ୍ଷୀମାନଙ୍କ ଭଳି ଫୁର୍ ଫୁର୍ ହେଉଛି ?

( ବସନ୍ତସେନା ସଂଜ୍ଞାଲାଭକର ହାତ ଦେଖାଇଲେ । )

ଭିକ୍ଷୁ—ଆରେ ! ଏ କଅଣ ! ସୁନ୍ଦର ଅଳଙ୍କାରରେ ଭୂଷିତ ସ୍ତ୍ରୀ-ହାତ ଯେ ! ଏଁ ! ଆଉ ଗୋଟିଏ ହାତ ! ( ଭଲଭାବେ ନିରୀକ୍ଷଣ କରି ) ଏ ହାତକୁ ମୁଁ ତ ଚିହ୍ନିଲା ପରି ଜଣାପଡ଼ୁଛି ! ଯେଉଁ ହାତ ମୋତେ ଅଭୟ ଦେଇଥିଲା, ଏ ବୋଧହୁଏ ସେଇ ହାତ ! ଆଚ୍ଛା, ଦେଖେଁ ! ( ପଣ ଆଡ଼େଇ ଦେଖିଲା ଏବଂ ଚିହ୍ନିପାରି ) ଏଁ ! ବସନ୍ତସେନା !

( ବସନ୍ତସେନା ପାଣି ପିଇବାକୁ ଠାରିଲେ )

ଭିକ୍ଷୁ—କଅଣ ଜଳ ମାଗୁଛନ୍ତି ? ପୋଖରୀ ତ ବହୁ ଦୂରରେ ! କଅଣ କରିବି ? ଆଚ୍ଛା, ଆଚ୍ଛା, ଏଇ କୌପୀନକୁ ପାଟିରେ ଚପୁଡ଼ିବି । ( ସେହିପରି କଲା )

( ବସନ୍ତସେନା ସଂଜ୍ଞା ଲାଭକରି ଉଠିଲେ । ଭିକ୍ଷୁ ପଣତରେ ବାୟୁଦେଲା । )

ବସନ୍ତ—ଆର୍ଯ୍ୟ, କିଏ ଆପଣ ?

ଭିକ୍ଷୁ—ବୁଦ୍ଧସେବିକା, କଅଣ ସ୍ମରଣ କରି ପାରୁ ନାହାନ୍ତି ? ଆପଣ ଦଶ ସ୍ୱର୍ଣ୍ଣମୁଦ୍ରା ଦେଇ ମୋତେ କିଣିନେଇଛନ୍ତି ।

ବସନ୍ତ—ହଁ, ସ୍ମରଣ କରୁଛି । କିନ୍ତୁ ଆପଣ ଯେପରି କହୁଛନ୍ତି, ସେପରି ନୁହେଁ । ଉପହାସ କରନ୍ତୁ ନାହିଁ ।

ଭିକ୍ଷୁ—ବୁଦ୍ଧସେବିକା, ଏ କି ଅବସ୍ଥା ?

ବସନ୍ତ—ବେଶ୍ୟା ପକ୍ଷରେ ଯାହା ସୁଲଭ ।

ଭିକ୍ଷୁ—ଉଠନ୍ତୁ, ଏଇ ଗଛପାଖ ଲତାକୁ ଧରି ଉଠନ୍ତୁ ।

( ଭିକ୍ଷୁ ଲତାକୁ ନୁଆଇଁ ଧରିଲା, ବସନ୍ତସେନା ତାକୁ ଧରି ଉଠିଲେ । )

ଭିକ୍ଷୁ—ଏଇ ନିକଟ ବିହାରରେ ( ବୌଦ୍ଧମଠ ) ମୋର ଧର୍ମ-ଭଉଣୀ ଅଛନ୍ତି । ଆପଣ ଧୈର୍ଯ୍ୟ ଧରି ସେଠାକୁ ଚାଲନ୍ତୁ । ବୁଦ୍ଧସେବକା, ଧୀରେ ଧୀରେ ଚାଲନ୍ତୁ । ( ଦୁହେଁ ଯିବାରେ ଲାଗିଲେ ) ଆର୍ଯ୍ୟଗଣ ! ଆଡ଼େଇ ଯାଆନ୍ତୁ, ଆଡ଼େଇ ଯାଆନ୍ତୁ । ଏ ଯୁବତୀ ସ୍ତ୍ରୀ, ମୁଁ ଭିକ୍ଷୁ । ଯାହାର ହସ୍ତ ସଂଯତ, ମୁଖ ସଂଯତ, ଇନ୍ଦ୍ରିୟ ସଂଯତ, ତା'ର ରାଜକୁଳ କଅଣ କରିବ ? ତା' ହାତରେ ହିଁ ପରଲୋକ ସ୍ଥିର ।

( ପ୍ରସ୍ଥାନ )

# ନବମ ଅଙ୍କ

( ଶୋଧନକର ପ୍ରବେଶ )

ଶୋଧନକ— ବିଚାରାଳୟର କର୍ମଚାରୀମାନେ ମୋତେ ଆଜ୍ଞା ଦେଲେ "ଶୋଧନକ, ଯାଅ, ବିଚାର-ମଣ୍ଡପରେ ଆସନ ସଜାଇ ଦିଅ ।" ତେବେ ଯାଉଛି ଆସନ ସଜାଇଦେବି । ( କିଛିଦୂର ଯାଇ ବିଚାର-ମଣ୍ଡପରେ ଘର ପରିଷ୍କାର କରି ଆସନ ସଜାଇଲା । ) ପରିଷ୍କାର ହୋଇଗଲା, ଆସନ ସଜାଇଦେଲି । ଯାଉଛି, ବିଚାରକମାନଙ୍କୁ ଜଣାଇବି । ( କିଛିଦୂର ଯାଇ ଏବଂ ଦେଖି ) ଆରେ ! ଏ ଦୁଷ୍ଟ ଶକାର ଏ ଆଡ଼କୁ ଆସୁଛି ! ଏହାର ଦୃଷ୍ଟି ଏଡ଼ାଇ ଯିବି ।

( ଏକାନ୍ତ ସ୍ଥାନରେ ଠିଆ ହୋଇ ରହିଲା )

( ଧବଳ ପରିଚ୍ଛଦରେ ଶକାରର ପ୍ରବେଶ )

ଶକାର— ମୁଁ ଆଜି ଉଦ୍ୟାନରେ ଯୁବତୀମାନଙ୍କ ସହିତ ପାଣିରେ ସର୍ବାଙ୍ଗ ବୁଡ଼େଇ ଗନ୍ଧର୍ବପରି ଗାଉଥାଇଛି ।

ମୁଁ ରାଜାଙ୍କ ଶଳାଟି ! କେତେବେଳେ ବାଳକୁ ଗଣ୍ଠି ପକେଇଦିଏଁ, କେତେବେଳେ ଲମ୍ବେଇ ଦିଏଁ, କେତେବେଳେ

ଛୋଟ କରିଦିଏଁ, କେତେବେଳେ ମୁକୁଳା କରିଦିଏଁ, କେତେବେଳେ ବା ବେଣୀ ବାନ୍ଧିଦିଏଁ । ଏଇଭଳି ମୁଁ ନାନାପ୍ରକାର ବେଶ ହୁଏଁ ।

ହଁ...... । ଚନ୍ଦନାଡ଼ି ଭିତରେ କୀଟପରି ମୁଁ ବହୁତ ଭିତରକୁ ପଶି ଖୋଜି ଖୋଜି ଛିଦ୍ର ପାଇଛି । ( ମନେପକାଇ ) ଠିକ୍ ମନେ ପଡ଼ିଲା ! ହତ୍ୟା-ଦୋଷକୁ ଦରିଦ୍ର ଚାରୁଦତ୍ତ ଉପରେ ଲଦିବି । ତା'ଉପରେ ଲଦିବାର ଆହୁରି ଗୋଟାଏ କାରଣ ହେଉଛି ସେ ଦରିଦ୍ର । ଦରିଦ୍ର ଉପରେ ସବୁ କିଛି ଲାଗୁ ହୋଇଯିବା ସମ୍ଭବ । ଅଚ୍ଛା, ପ୍ରଥମେ ବିଚାର-ମଣ୍ଡପକୁ ଯାଇ ଅଭିଯୋଗ ଲେଖାଇବି ଯେ ଚାରୁଦତ୍ତ ତଣ୍ଟିଚିପି ବସନ୍ତ-ସେନାକୁ ମାରି ଦେଇଛି । ( କିଛିଦୂର ଯାଇ ବିଚାର-ମଣ୍ଡପରେ ପହଞ୍ଚି ) ଆସନ ତ ସଜା ହୋଇଗଲାଣି । ବେଶ୍, ବିଚାରାଳୟର କର୍ମଚାରୀମାନେ ଆସିବା ପର୍ଯ୍ୟନ୍ତ ଏଇ ଦୁବଘାସ-ପଡ଼ିଆରେ ଅପେକ୍ଷା କରି ବସିବି ।

( ତା'ପରେ *ଶ୍ରେଷ୍ଠୀ, କାୟସ୍ଥ ପ୍ରଭୃତି କର୍ମଚାରୀଙ୍କ ଗହଣରେ ବିଚାରପତିଙ୍କର ପ୍ରବେଶ । )

ବିଚାରକ — କର୍ମଚାରୀଗଣ !

କର୍ମଚାରୀଗଣ — ମହାଭାଗ !

ବିଚାରକ—ବିଚାରକ ଆଇନ୍‌ର ଅଧୀନ । ତା'ପଛରେ ବାଦୀ, ପ୍ରତିବାଦୀ [illegible] ବାଦୀଙ୍କ ମନୋଭାବ ଜାଣିବା ବଡ଼ କଠିନ ।

---

* ଶ୍ରେଷ୍ଠୀ ପଦାର୍ଥ ପରୀକ୍ଷା କରନ୍ତି, କାୟସ୍ଥ ବିଚାର ବିଷୟକୁ ଲେଖନ୍ତି ।

ବାଦୀ, ପ୍ରତିବାଦୀମାନେ ଅସତ୍ୟ କଥାକୁ ସତ୍ୟରୂପେ ଉପସ୍ଥାପିତ କରନ୍ତି । କ୍ରୋଧାନ୍ଧ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ବିଚାରାଳୟରେ ନିଜ ଦୋଷକୁ କେବେ ମାନନ୍ତି ନାହିଁ । ପକ୍ଷ ଓ ଅପରପକ୍ଷଙ୍କ ଦ୍ୱାରା କ୍ରମେ କ୍ରମେ ପାପ ବଢ଼ିଯାଏ ଏବଂ ତାହା ଶେଷରେ ରାଜାଙ୍କ ମୁଣ୍ଡକୁ ଯାଏ । ସଂକ୍ଷେପରେ କହିଲେ ବିଚାରକର ଅପବାଦ ହିଁ ସୁଲଭ, ପ୍ରଶଂସା ଦୁର୍ଲଭ ।

ଏଣୁ ବିଚାରକ ଶାସ୍ତ୍ରଜ୍ଞ, ବାଦୀ-ପ୍ରତିବାଦୀଙ୍କ କପଟକୁ ବୁଝିବାରେ ଦକ୍ଷ, ସୁବକ୍ତା ତଥା ଅକ୍ରୋଧୀ ହୋଇଥିବା ଆବଶ୍ୟକ । ସେ ଶତ୍ରୁ, ମିତ୍ର, ନିଜ, ପର—ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ; ପ୍ରକୃତ ତଥ୍ୟ ଅବଗତ ହୋଇ ନିଷ୍ପତ୍ତି ଦେବା ଉଚିତ । ଆଉ ମଧ୍ୟ ସେ ଦୁର୍ବଳ ପ୍ରତି ସଦୟ, ଶଠ ପ୍ରତି କଠୋର, ପରମ ଧାର୍ମିକ, ଲୋଭଶୂନ୍ୟ ଲୋକ ବାଦୀ-ପ୍ରତିବାଦୀଙ୍କ ହୃଦୟ ଜାଣିବାକୁ ତତ୍ପର ଏବଂ ରାଜାଙ୍କ କ୍ରୋଧ ଶାନ୍ତ କରିବାରେ ପ୍ରବୀଣ ହୋଇଥିବା ଆବଶ୍ୟକ ।

କର୍ମଚାରୀଗଣ—ଆର୍ଯ୍ୟ, ଆପଣଙ୍କ ଗୁଣରେ ଯଦି ଦୋଷ ଅଛି ବୋଲି କୁହାଯିବ, ତେବେ ଚନ୍ଦ୍ର-ଆଲୋକରେ ବି ଅନ୍ଧାର ଅଛି ବୋଲି କୁହାଯିବ ।

ବିଚା—ଭଦ୍ର ଶୋଧନକ, ବିଚାରମଣ୍ଡପକୁ ଚାଲ ।

ଶୋଧ—ଆସନ୍ତୁ ମହାଭାଗ ! ( ସମସ୍ତେ ଯିବାକୁ ଲାଗିଲେ )

ଶୋଧ—ହେଇ, ବିଚାରମଣ୍ଡପ, ପ୍ରବେଶ କରିବା ହୁଅନ୍ତୁ ।

( ସମସ୍ତେ ପ୍ରବେଶ କଲେ )

ବିଚା—ଭଦ୍ର ଶୋଧନକ, ବାହାରକୁ ଯାଇ ଦେଖିଲ, କିଏ କିଏ ବିଚାରପ୍ରାର୍ଥୀ ଅଛନ୍ତି ?

ଶୋଧ—ଆଜ୍ଞା ! ( ବାହାରକୁ ଯାଇ ) ଭଦ୍ରଗଣ, ବିଚାରପତି ମହୋଦୟ ପଚାରୁଛନ୍ତି, କିଏ କିଏ ବିଚାରପ୍ରାର୍ଥୀ ଅଛନ୍ତି ?

ଶକାର—( ଆନନ୍ଦରେ ) ବିଚାରପତି ଆସିଗଲେଣି ! ( ସଦର୍ପରେ ପାଦପକାଇ ) ମୁଁ, ମୁଁ ଶ୍ରେଷ୍ଠମାନବ, ରାଜାଙ୍କ ଶଳା ବିଚାରପ୍ରାର୍ଥୀ ।

ଶୋଧ—( ଭୟଭୀତ ହୋଇ ) କଅଣ ! ପ୍ରଥମରୁ ରାଜାଙ୍କ ଶଳା ବିଚାରପ୍ରାର୍ଥୀ ! ଆଚ୍ଛା, ହେଉ । ଆର୍ଯ୍ୟ, ଟିକିଏ ରହନ୍ତୁ । ମୁଁ ବିଚାରପତିଙ୍କୁ ଜଣାଇ ଆସେଁ । ( ନିକଟକୁ ଯାଇ ) ମହାଭାଗ, ରାଜାଙ୍କ ଶଳା ବିଚାରପ୍ରାର୍ଥୀ ।

ବିଚା—କଅଣ ! ପ୍ରଥମରୁ ରାଜାଙ୍କ ଶଳା ବିଚାରପ୍ରାର୍ଥୀ ? ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟପରାଗ ହେଲେ ତାହା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ମୃତ୍ୟୁର ସୂଚନା ଦିଏ ଯେ ! ଶୋଧନକ, ଆଜି ବିଚାରାଳୟରେ ବିଷାଦର ଛାୟା ଖେଳିଯିବ । ଭଦ୍ର, ତାଙ୍କୁ ଯାଇ କହ, "ଯାଆନ୍ତୁ, ଆଜି ଆପଣଙ୍କ ଅଭିଯୋଗର ବିଚାର ହେବନାହିଁ ।"

ଶୋଧନକ—ଆପଣଙ୍କ ଆଜ୍ଞା । ( ବାହାରକୁ ଯାଇ ) ଆର୍ଯ୍ୟ, ବିଚାରକ କହୁଛନ୍ତି—"ଯାଆନ୍ତୁ, ଆଜି ଆପଣଙ୍କ ଅଭିଯୋଗର ବିଚାର ହେବ ନାହିଁ ।"

ଶକାର—( ରାଗରେ ) କାହିଁକି ? ମୋ ଅଭିଯୋଗର ବିଚାର ହେବନାହିଁ ? ଯଦି ବିଚାର ନ ହେବ, ତେବେ ମୋ ଭଉଣୀ

ରାଜା ପାଳକଙ୍କୁ, ଭଉଣୀଙ୍କି, ପୁଣି ମାଆଙ୍କୁ କହ ଏ ବିଚାର-ପତିଙ୍କୁ ବାହାର କରିଦେବ ଏବଂ ଅନ୍ୟ ବିଚାରପତି ରଖାଇବ ।

( ଚାଲିଯିବାକୁ ବାହାରିଲା )

ଶୋଧ—ଆର୍ଯ୍ୟ, ମୁହୂର୍ତ୍ତେ ରହନ୍ତୁ । ମୁଁ ବିଚାରପତିଙ୍କୁ ଜଣାଇ ଆସେଁ । ( ବିଚାରକଙ୍କ ନିକଟକୁ ଯାଇ ) ମହାଭାଗ, ସେ ରାଜାଙ୍କ ଶଳା ରାଗିଯାଇ କହୁଛି— ( ଶକାରର କଥା ଜଣାଇଲା )

ବିଚା—ସେ ମୂର୍ଖ ସବୁ କିଛି କରିପାରେ । ଭଦ୍ର, ତାକୁ କୁହ— "ଆସନ୍ତୁ, ଆଜି ଆପଣଙ୍କ ଅଭିଯୋଗର ବିଚାର ହେବ ।"

ଶୋଧ—( ଶକାର ନିକଟକୁ ଯାଇ ) ଆର୍ଯ୍ୟ, ବିଚାରପତି କହୁଛନ୍ତି—" ଆସନ୍ତୁ, ଆଜି ଆପଣଙ୍କ ଅଭିଯୋଗର ବିଚାର ହେବ ।"

ଶକାର—ପ୍ରଥମେ କହୁଥିଲେ—ହେବନାହିଁ । ବର୍ତ୍ତମାନ କହିଲେ—ହେବ । ତେବେ ବିଚାରପତି ଡରିଗଲେଣି । ମୁଁ ଯାହା କହିବ, ତାହା ବିଶ୍ୱାସ କରାଇନେବି । ( ପ୍ରବେଶ କରି ନିକଟକୁ ଯାଇ ) ଆମ୍ଭକୁ ସୁଖ ମିଳୁ, ତୁମ୍ଭକୁ ବି ସୁଖ ଦିଆଯିବ । ନ ହେଲେ ନ ଦିଆଯିବ ।

ବିଚା—( ସ୍ୱଗତ ) ଆରେ ! ବିଚାରପ୍ରାର୍ଥୀ ହୋଇ ମଧ୍ୟ ଏ କି ବେଖାତିର୍ ! ( ପ୍ରକାଶ୍ୟରେ ) ବସନ୍ତୁ ।

ଶକାର—ଏ ତ ମୋ ନିଜ ଜାଗା । ତେଣୁ ଯେଉଁଠି ଭଲ ଲାଗିବ, ସେଠି ବସିବି । ( ଶ୍ରେଷ୍ଠୀପ୍ରତି ) ଏଠି ବସିପାରେଁ । ( ଶୋଧନକ

ପ୍ରତି ) ଏଠି ବସିପାରେଁ । ( ବିଚାରକଙ୍କ ମୁଣ୍ଡରେ ହାତ ଦେଇ ) ଏଠି ବସିପାରେଁ । ଆଚ୍ଛା, ବସିଲି । ( ତଳେ ବସିଲା )

ବିଚା — ଆପଣ ବିଚାରପ୍ରାର୍ଥୀ ?

ଶକାର — ହଁ ।

ବିଚା — ତେବେ ଅଭିଯୋଗ କଅଣ, କହନ୍ତୁ ।

ଶକାର — କାନରେ କହିବି । ମୁଁ କେଉଁ କମ୍ କୁଳରୁ ଜନ୍ମ ହୋଇନାହିଁ । ମୋ ବାପ ରାଜାଙ୍କ ଶ୍ୱଶୁର, ରାଜା ମୋ ବାପାଙ୍କ ଜ୍ୱାଇଁ, ମୁଁ ରାଜାଙ୍କର ଶଳା, ରାଜା ମୋ ଭଉଣୀର ସ୍ୱାମୀ ।

ବିଚା — ସବୁ ଜଣାଅଛି । ଆପଣଙ୍କ ଅଭିଯୋଗ କଅଣ, କହନ୍ତୁ ।

ଶକାର — ଆଚ୍ଛା, କହୁଛି । ମୁଁ ଅପରାଧୀ ହେଲେ ମଧ୍ୟ ରାଜା ମୋର କିଛି କରିବେ ନାହିଁ । ମୋ ଭଉଣୀର ସ୍ୱାମୀ ରାଜା ମୋ ଉପରେ ଖୁସିହୋଇ ବିହାର କରିବା ପାଇଁ, ଆଉ ରକ୍ଷା କରିବା ପାଇଁ ସବୁ ଉଦ୍ୟାନ ମଧ୍ୟରେ ଶ୍ରେଷ୍ଠ ପୁଷ୍ପକରଣ୍ଡକ ଉଦ୍ୟାନ ମତେ ଦେଇଛନ୍ତି । ମୁଁ ପ୍ରତିଦିନ ସେ ଉଦ୍ୟାନରେ ଓଦା ଜାଗା ଶୁଖାଇବାକୁ, ଅଦରକାରୀ ଗଛ ଉପାଡ଼ିବାକୁ, ଦରକାରୀ ଗଛ ବଢ଼ାଇବାକୁ ଆଉ ଗଛ ଲତାରୁ ଫୁଲଫଳ ଛିଣ୍ଡାଇବାକୁ ଯାଏଁ । ଦୈବଯୋଗକୁ ସେଠି ଏକ ସ୍ତ୍ରୀର ଦେହ ପଡ଼ିଥିବାର ଦେଖିଲି ।

ବିଚା — କେଉଁ ସ୍ତ୍ରୀ, ଜାଣିଛ ?

ଶକାର — ବାଃ ! ବେଶ୍ ବିଚାରକ ! ଯେଉଁ ସ୍ତ୍ରୀ ଉଜ୍ଜୟିନୀର ଅଳଙ୍କାର, ଆଉ ସୁବର୍ଣ୍ଣ-ଅଳଙ୍କାରରେ ମଣ୍ଡି ହୋଇଥାଏ, ମୁଁ ପୁଣି ତାକୁ ଜାଣେ ନାହିଁ ? କୌଣସି ଦୁଷ୍ଟ ସାମାନ୍ୟ ଅର୍ଥଲୋଭରେ ନିର୍ଜନ

ପୁଷ୍ପକରଣ୍ଡକ ଉଦ୍ୟାନକୁ ନେଇ ବାହୁପାଶରେ ଚିପି ବସନ୍ତସେନାକୁ ମାରିଛି, ମୁଁ ନୁହେଁ । ( 'ମୁଁ ନୁହେଁ' ବୋଲି କହି ମୁହଁ ଢାଙ୍କିନେଲା )

ବିଚା—ଓଃ ! ନଗରରକ୍ଷୀମାନେ କି ଅସାବଧାନ ! କାୟସ୍ଥ, "ମୁଁ ନୁହେଁ"—ଏହି ପଦକୁ ଲେଖିନିଅ ।

କାୟସ୍ଥ—ଆପଣଙ୍କ ଆଜ୍ଞା । ( ଲେଖି ) ଆର୍ଯ୍ୟ, ଲେଖିଲି ।

ଶକାର—( ସ୍ୱଗତ ) ଓଃ ! ଝିଣ୍ଟିଲେଖା ମଣିଷଭଳି ମୁଁ ତରତର ହୋଇ ନିଜକୁ ନିଜେ ନଷ୍ଟ କଲି ! ଆଚ୍ଛା, ହେଉ । ( ପ୍ରକାଶ୍ୟରେ ) ହେ ଧର୍ମଗୃହୀଗଣ, ମୁଁ କହିଲି ଯେ—"ମୁଁ ଦେଖିଲି ।" ତୁମ୍ଭେମାନେ କାହିଁକି କୋଳାହଳ ଲଗାଇଛ ?

ବିଚା—ଧନଲୋଭରେ କେହି ବାହୁପାଶରେ ଚିପି ମାରି ଦେଇଛି ବୋଲି ତୁମେ କିପରି ଜାଣିଲ ?

ଶକାର—ବେକ ଖାଲି ଅଛି, ସେଥିରେ କୌଣସି ହାର ନାହିଁ, ପୁଣି ଅଳଙ୍କାର ପିନ୍ଧା ସ୍ଥାନମାନଙ୍କରେ ଅଳଙ୍କାର ନାହିଁ । ତେଣୁ ମୁଁ ଅନୁମାନ କରୁଛି ।

ଶ୍ରେଷ୍ଠୀକାୟସ୍ଥ – ହୋଇପାରେ ।

ଶକାର –( ସ୍ୱଗତ ) ବାଃ ! ଭାଗ୍ୟକୁ ବଞ୍ଚିଗଲି ।

ଶ୍ରେଷ୍ଠୀକାୟସ୍ଥ – ମହାଭାଗ, ଏ ବିଚାରର କାହାକୁ ଅପେକ୍ଷା ରଖୁଛି ?

ବିଚା—ବିଚାର ଦୁଇପ୍ରକାର । ବାକ୍ୟ ଅନୁସାରେ ଏବଂ ଅର୍ଥ ଅନୁସାରେ । ବାକ୍ୟ ଅନୁସାରେ ଯେଉଁ ବିଚାର ହୁଏ, ସେଥିରେ ବାଦୀପ୍ରତିବାଦୀଙ୍କ ବାକ୍ୟ ଅନୁସାରେ ନିଷ୍ପତ୍ତି ଦିଆଯାଏ ।

ଆଉ ଯେଉଁ ବସ୍ତୁର ଅର୍ଥ ଅନୁସାରେ ହୁଏ, ସେଥିରେ ବସ୍ତୁର-ପତି ନିଜ ବୁଦ୍ଧିରେ ନିଷ୍ପତ୍ତି ଦିଅନ୍ତି ।

ଶ୍ରେଷ୍ଠୀକାୟସ୍ଥ—ତା’ହେଲେ ଏ ବସ୍ତୁରକୁ ବସନ୍ତସେନାଙ୍କ ମା ଆସିବା ଆବଶ୍ୟକ ।

ବସ୍ତୁ—ହଁ, ଭଦ୍ର ଶୋଧନକ ! ବସନ୍ତସେନାଙ୍କ ମାଆଙ୍କୁ କୌଣସି ଭୟ ନ ଦେଖାଇ ଏଠାକୁ ନେଇଆସ ।

ଶୋଧ—ଆଜ୍ଞା । ( ଚାଲିଗଲା )

× × × ×

( ବସନ୍ତସେନାଙ୍କ ମା’ ସହିତ ଶୋଧନକର ପ୍ରବେଶ )

ଶୋଧ—ଆସନ୍ତୁ, ଆସନ୍ତୁ ଆର୍ଯ୍ୟା !

ବୃଦ୍ଧା—ଝିଅ ମୋର ତା’ ମିତ୍ର ଚାରୁଦତ୍ତଙ୍କ ଘରକୁ ଯୌବନ-ସୁଖ ଅନୁଭବ କରିବା ପାଇଁ ଯାଇଛି । ଏ ପୁଅଟି ଯାଇ କହିଲା—“ଆସ, ବସ୍ତୁରପତି ଡାକୁଛନ୍ତି ।” ମୋ ଦେହଟା କଅଣ ହୋଇ ଯାଉଛି ! ଛାତି ଥରୁଛି । ବାପ, ବସ୍ତୁରମଣ୍ଡପ ପାଖକୁ ମତେ ନେଇଚାଲ ।

ଶୋଧ—ଆସନ୍ତୁ, ଆସନ୍ତୁ ଆର୍ଯ୍ୟା । ( ଦୁହେଁ ଯିବାକୁ ଲାଗିଲେ । )

ଶୋଧ—ହେଇ, ବସ୍ତୁରଗୃହ । ଆପଣ ଭିତରକୁ ଚାଲନ୍ତୁ ।

( ଉଭୟେ ପଶିଲେ )

ବୃଦ୍ଧା—ମହୋଦୟଗଣ, ଆପଣମାନଙ୍କର ମଙ୍ଗଳ ହେଉ ।

ବସ୍ତୁ—ସ୍ୱାଗତ ଭଦ୍ରା ! ବସ ।

ବୃଦ୍ଧା—( ବସିବା )

ଶକାର – ( ଆକ୍ଷେପ କରି ) ଆସିଲା ବୁଢ଼ୀକୁଟ୍ଟିମା ।

ବିଚାରପତି— ଆର୍ଯ୍ୟା, ତୁମେ ବସନ୍ତସେନାଙ୍କ ମା ?

ବୁଢ଼ୀ — ହଁ ।

ବିଚାରପତି – ବସନ୍ତସେନା ବର୍ତ୍ତମାନ କେଉଁଠାକୁ ଗଲେ ?

ବୁଢ଼ୀ—ତା' ମିତ୍ର ଘରକୁ ।

ବିଚାରପତି—ତାଙ୍କ ମିତ୍ରଙ୍କ ନାମ କଅଣ ?

ବୁଢ଼ୀ—( ସ୍ୱଗତ ) ହାୟ ! ହାୟ ! ବଡ଼ ଲଜ୍ଜାର କଥା ! ( ପ୍ରକାଶ୍ୟରେ ) ଏ କଥା ସାଧାରଣ ଲୋକେ ପଚାରିପାରନ୍ତି, କିନ୍ତୁ ବିଚାରପତିଙ୍କ ପକ୍ଷରେ ସୁନ୍ଦର ନୁହେଁ ।

ବିଚାରପତି – ଲଜ୍ଜା କର ନାହିଁ । ନ୍ୟାୟ ବିଚାର ନିମନ୍ତେ ପଚରା ଯାଉଛି ।

ଶ୍ରେଷ୍ଠୀକାୟସ୍ଥ – ନ୍ୟାୟହିଁ ପଚାରୁଛି । ଦୋଷ ନାହିଁ । କୁହ ।

ବୁଢ଼ୀ – ନ୍ୟାୟ କଅଣ ! ତା'ହେଲେ ଆପଣମାନେ ଶୁଣନ୍ତୁ । ବଣିକ ବିନୟଦତ୍ତଙ୍କ ନାତି, ସାଗରଦତ୍ତଙ୍କ ପୁତ୍ର, ସୁନାମଧନ୍ୟ ଚାରୁଦତ୍ତ ବଣିକ ସାହିରେ ବାସକରନ୍ତି । ସେଠାକୁ ମୋ ଝିଅ ଯୌବନ-ସୁଖ ଅନୁଭବ କରିବା ପାଇଁ ଯାଇଛି ।

ଶକାର – ଶୁଣିଲେ ଆପଣମାନେ ? ଏ କଥାଗୁଡ଼ିକ ଲେଖିନିଅନ୍ତୁ । ଚାରୁଦତ୍ତ ସହିତ ମୋର ବିବାଦ ।

କାୟସ୍ଥ – ଚାରୁଦତ୍ତ ମିତ୍ର, ତେଣୁ ଏଥିରେ କୌଣସି ଦୋଷ ନାହିଁ ।

ବିଚାରପତି – ତା' ହେଲେ ଏ ବିଚାରର ଚାରୁଦତ୍ତଙ୍କ ଅପେକ୍ଷା ରଖୁଛି ।

ଶ୍ରେଷ୍ଠୀକାୟସ୍ଥ – ହଁ ଆଜ୍ଞା ।

ବିଚାରପତି – ଧନଦତ୍ତ, ବିଚାରର ପ୍ରଥମ ସୋପାନରେ ଲେଖ ଯେ— "ବସନ୍ତସେନା ଚାରୁଦତ୍ତଙ୍କ ଘରକୁ ଯାଇଥିଲା ।" ତେବେ ଆମେ

ଚାରୁଦତ୍ତଙ୍କୁ ମଧ୍ୟ ଡକାଇବା ? ଅବା ଆମେ କ'ଣ କରୁଥାଉଁ ? ନ୍ୟାୟ ହିଁ ଡକାଉଛି । ଭଦ୍ର ଶୋଧନକ ! ଯାଅ, ଆର୍ଯ୍ୟ ଚାରୁଦତ୍ତଙ୍କୁ ଉଦ୍‌ଭ୍ରାନ୍ତ ନ କର, ଉଦ୍‌ବିଗ୍ନ ନ କର, ଧୀରେ ଧୀରେ ଆଦରର ସହିତ ଡାକି ଆଣ । କହିବ — "ପ୍ରସଙ୍ଗକ୍ରମେ ବିଚାରପତି ଆପଣଙ୍କୁ ଡାକୁଛନ୍ତି ।"

ଶୋଧ — ଆପଣଙ୍କ ଆଜ୍ଞା । ( ଚାଲିଗଲା )

× × × ×

( ଚାରୁଦତ୍ତଙ୍କ ସହିତ ଶୋଧନକର ପ୍ରବେଶ )

ଶୋଧ — ଆସନ୍ତୁ, ଆସନ୍ତୁ ଆର୍ଯ୍ୟ ।

ଚାରୁ — ( ଚିନ୍ତାକରି ) ରାଜା ମୋର କୁଳ,ଶୀଳ ଜାଣନ୍ତି । ତଥାପି ତାଙ୍କର ଆହ୍ୱାନ ମୋତେ ଶଙ୍କିତ କରୁଛି । କାରଣ, ମୁଁ ଦରିଦ୍ର ।

( ବିଚାର ପୂର୍ବକ ସ୍ୱଗତ ) ଆର୍ଯ୍ୟକ କାରାଗାରରୁ ବାହାରି ପଳାଇଲାବେଳେ ମୁଁ ତାଙ୍କୁ ଗାଡ଼ିରେ ଦୂରକୁ ପଠାଇଦେଲି, ଏ କଥା କ'ଣ ରାଜା ଜାଣିପାରିଛନ୍ତି ? ତେଣୁ ମୁଁ ଅଭିଯୁକ୍ତ ହୋଇଛି ?

ଅବା ଶୋଚନାକରି ଲାଭ କଅଣ ? ବିଚାର-ମଣ୍ଡପକୁ ଯିବି । ଭଦ୍ର, ଚାଲ ।

ଶୋଧ — ଆସନ୍ତୁ, ଆସନ୍ତୁ ଆର୍ଯ୍ୟ ! ( ଦୁହେଁ ଯିବାରେ ଲାଗିଲେ )

ଚାରୁ — ( ଶଙ୍କିତ ହୋଇ ) ଏ କଅଣ ! ରୁକ୍ଷ ସ୍ୱରରେ କୁଆଟା ରବୁଛି ! ହଠାତ୍ ମୋ ବାମଚକ୍ଷୁ କାହିଁକି ଫୁରିଲା ? ଏ ଅଶୁଭ ଲକ୍ଷଣ ମୋତେ ବଡ଼ ବିଚଳିତ କରୁଛି ।

ଶୋଧ — ଆସନ୍ତୁ, ଆସନ୍ତୁ ଆର୍ଯ୍ୟ !

ଚାରୁ — ( କିଛିଦୂର ଯାଇ ଏବଂ ଆଗକୁ ଚାହିଁ ) ପୁଣି ଶୁଖିଲାଗଛ ଉପରେ କୁଆଟାଏ ବସି ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ମୋତେ ବାମଚକ୍ଷୁରେ ଚାହୁଁଛି ! ( ଅନ୍ୟ ଆଡ଼କୁ ଚାହିଁ ) ଆରେ ! ବାଟରେ ଗୋଟାଏ ସାପ ! ଭୂମି ଓଦା ନ ଥିଲେ ମଧ୍ୟ ଗୋଡ଼ ଖସିଯାଉଛି, ବାମଚକ୍ଷୁ ଓ ବାମବାହୁ ଘନଘନ ସ୍ଫୁରିବାରେ ଲାଗିଛି ! କୁଆ ବାରମ୍ବାର ରାବୁଛି । ଏହା ସବୁ ମୃତ୍ୟୁର ସୂଚନା, ଏଥିରେ ସନ୍ଦେହ ନାହିଁ ।

ହେଉ, ଦେବତାମାନେ ମଙ୍ଗଳ କରିବେ ।

ଶୋଧ — ଆସନ୍ତୁ, ଆସନ୍ତୁ ଆର୍ଯ୍ୟ ! ବିଚାର-ମଣ୍ଡପରେ ପ୍ରବେଶ କରନ୍ତୁ ।

ଚାରୁ — ( ପ୍ରବେଶ କରି ଚାରିଆଡ଼କୁ ଚାହିଁ ) କି ସୁନ୍ଦର ବିଚାର-ମଣ୍ଡପ ! ( ପ୍ରବେଶ କଲାବେଳେ ମୁଣ୍ଡ ବାଜିଲା ) ଓହୋ ! ଏ ବି ଆହୁରି ଏକ ଅଶୁଭ ଲକ୍ଷଣ !

ବିଚାରକ — ଏହି ଚାରୁଦତ୍ତ ? ଏହାଙ୍କର ଉଚ୍ଚ ନାସିକା, ଆକର୍ଣ୍ଣ-ବିସ୍ତୃତ ଚକ୍ଷୁ, ସୁନ୍ଦର ମୁଖ ଅକାରଣ ଦୋଷାବହରେ ସ୍ଥାନ ହୋଇ ନ ପାରେ । କାରଣ ହସ୍ତୀ, ଗୋରୁ, ଅଶ୍ୱ ଏବଂ ମନୁଷ୍ୟ, ଏମାନଙ୍କଠାରେ ରୂପ କେବେ ଗୁଣକୁ ଛାଡ଼ି ନ ଥାଏ ।

ଚାରୁ — ବିଚାରକମାନଙ୍କର ମଙ୍ଗଳ ହେଉ । ମହୋଦୟଗଣ, ଆପଣମାନଙ୍କର କୁଶଳ ତ ?

ବୀରୁ — ( ସମ୍ଭ୍ରମର ସହିତ ) ସ୍ୱାଗତ ଆର୍ଯ୍ୟ ! ଭଦ୍ର ଶୋଧନକ ! ଆର୍ଯ୍ୟଙ୍କୁ ଆସନ ଦିଅ ।

ଶୋଧ — ( ଆସନ ଦେଇ ) ହେଇ ଆସନ, ଆର୍ଯ୍ୟ ବସିବା ହୁଅନ୍ତୁ ।

( ଚାରୁଦତ୍ତ ବସିଲେ )

ଶକାର — ( କ୍ରୋଧରେ ) ଆସିଗଲ ସ୍ତ୍ରୀଘାତକ ? ବାଃ ! ସ୍ତ୍ରୀ-ଘାତକକୁ ଆସନ ଦିଆହେଉଛି ! ଏହା ନ୍ୟାୟର ନଷ୍ଟତ୍ତି ନା ଧର୍ମର ନଷ୍ଟତ୍ତି ? ( ଗର୍ବର ସହିତ ) ଆଚ୍ଛା, ଦିଅ ।

ବୀରୁ — ଆର୍ଯ୍ୟ ଚାରୁଦତ୍ତ ! ଆପଣଙ୍କର ଏହାଙ୍କ ଝିଅ ସହିତ, କୌଣସି ସମ୍ପର୍କ, ପ୍ରଣୟ କିମ୍ବା ପ୍ରୀତି ଅଛି କି ?

ଚାରୁ — କାହା ଝିଅ ?

ବୀରୁ — ଏହାଙ୍କର ( ବସନ୍ତସେନାଙ୍କ ମା'ଙ୍କୁ ଦେଖାଇଦେଲେ )

ଚାରୁ — ( ଉଠି ) ଆର୍ଯ୍ୟା, ନମସ୍କାର ।

ବୃଦ୍ଧା — ପୁଅ, ଚିରଜୀବୀ ହୁଅ । ( ସ୍ୱଗତ ) ଏଇ ସେ ଚାରୁଦତ୍ତ ? ତା' ହେଲେ ଝିଅ ମୋର ଯୋଗ୍ୟପୁରୁଷଠାରେ ଯୌବନ ଅର୍ପଣ କରିଛି ।

ବୀରୁ — ଆର୍ଯ୍ୟ, ଗଣିକା ଆପଣଙ୍କର ମିତ୍ର ?

ଚାରୁ — ( ଲଜ୍ଜିତ ହେଲେ )

ଶକାର — ମିଥ୍ୟାବାଦୀ ! ଲାଜରେ ଅବା ଭୟରେ ଚରିତ୍ର ରକ୍ଷାକରିବାକୁ ଚାହୁଁଛ ? ଧନ ଲୋଭରେ ନିଜେ ମାରି ବର୍ତ୍ତମାନ ଲୁଚାଉଛ? ଏ ଭଳି ବ୍ୟବହାର ଭଦ୍ରଲୋକ ପକ୍ଷରେ ଉଚିତ ନୁହେଁ ।

କାୟସ୍ଥ — ଆର୍ଯ୍ୟ ଚାରୁଦତ୍ତ, ଲଜ୍ଜା କରିବା ଅନୁଚିତ । ଏ ହେଉଛି ନ୍ୟାୟର ସ୍ଥାନଟି।

ଚାରୁ — ( ଲଜ୍ଜିତ ଭାବରେ ) ବିଚାରପତି ମହୋଦୟ, ମୁଁ କପରି କହିବି ଯେ ଗଣିକା ମୋର ମିତ୍ର ? ଅବା ଯୌବନହିଁ ଏଥିରେ ଅପରାଧୀ । ଚରିତ୍ର ନୁହେଁ ।

ବିଚା — ନ୍ୟାୟ ବିଚାର ବଡ଼ ବିଘ୍ନପୂର୍ଣ୍ଣ । ହୃଦୟରୁ ଲଜ୍ଜା ଦୂର କରନ୍ତୁ । ସତ୍ୟ କହନ୍ତୁ, ଧୈର୍ଯ୍ୟ ଧରି ଚୁପ୍ ରହିଯିବା ଅନୁଚିତ । ଏଠାରେ କପଟ କଥା ଗୃହୀତ ହୁଏ ନାହିଁ ।

ଲଜ୍ଜା କରିବା ଅନାବଶ୍ୟକ । ଆପଣଙ୍କୁ ନ୍ୟାୟହିଁ ପଚାରୁଛି ।

ଚାରୁ—ମାନ୍ୟବର, କାହା ସହିତ ମୋର ନ୍ୟାୟ ?

ଶକାର — ( ଗର୍ବର ସହିତ ) ଆରେ, ମୋ ସହିତ ।

ଚାରୁ—ତୁମ ସହିତ ମୋର ନ୍ୟାୟ କଅଣ ?

ଶକାର — ଆରେ ସ୍ତ୍ରୀଘାତକ, ସେ ବସନ୍ତସେନାଟି ପ୍ରଚୁର ଅଳଙ୍କାର ପିନ୍ଧିଥିଲା ବୋଲି ତୁ ତାକୁ ମାରି ପକାଇଲୁ; ଆଉ ବର୍ତ୍ତମାନ କପଟ କରି ଲୁଚୁଅଛୁ ?

ଚାରୁ—କଅଣ ଗୁଡ଼ାଏ ଏଣୁ ତେଣୁ ବକୁଛ ?

ବିଚା—ଆର୍ଯ୍ୟ ଚାରୁଦତ୍ତ, ତା' ସହିତ କଥା କହିବା ଅନାବଶ୍ୟକ । ସତ କହନ୍ତୁ, ସେ ଗଣିକା ଆପଣଙ୍କ ମିତ୍ର ?

ଚାରୁ—ହଁ ।

ବିଚା—ଆର୍ଯ୍ୟ, ବସନ୍ତସେନା କେଉଁଠି ?

ବୃଦ୍ଧ—ଘରକୁ ଗଲେ ।

ଶ୍ରେଷ୍ଠୀ—କିପରି ଗଲେ ? କେତେବେଳେ ଗଲେ ? ତାଙ୍କ ସଙ୍ଗରେ ଆଉ କିଏ ଗଲେ ?

ବୃଦ୍ଧ—( ସ୍ୱଗତ ) ଗୋପନରେ ଗଲେ ବୋଲି କହିବି ?

ଶ୍ରେଷ୍ଠୀକାପୃଷ୍ଠ—ଆର୍ଯ୍ୟ, କହନ୍ତୁ, କହନ୍ତୁ ।

ବୃଦ୍ଧ—ଘରକୁ ଗଲେ । ଆଉ କଅଣ କହିବି ?

ଶକାର—ମୋ ପୁଷ୍ପକରଣ୍ଡକ ଉଦ୍ୟାନକୁ ନେଇ ଧନପାଇଁ ବାହୁପାଶରେ ଚିପି ମାରିଲା । ବର୍ତ୍ତମାନ କହୁଛି—ଘରକୁ ଗଲେ ।

ବୃଦ୍ଧ—ହେ ଅନର୍ଗଳ ବାବଦୂକ,

ଆକାଶରେ ଚଷା ପକ୍ଷୀର ପକ୍ଷ ମେଘଜଳରେ ଓଦା ହୋଇ ମଳିନ ପଡ଼ିଯାଏ । ତୁମେ ତ ସେପରି ମେଘଜଳରେ ଓଦା ହୋଇନାହିଁ । ତେବେ ତୁମର ମୁଖ କାହିଁକି ହେମନ୍ତ ପଦ୍ମପରି ମଳିନ ଦେଖାଯାଉଛି ? ତେଣୁ ତୁମେ ମିଥ୍ୟା କହୁଛ ।

ବିଚା—( ଧୀର ସ୍ୱରରେ ) ଚାରୁଦତ୍ତଙ୍କ ପ୍ରତି ଏହି ଦୋଷାରୋପ ଯଦି ସତ୍ୟହୁଏ, ତେବେ ହିମାଳୟକୁ ଉଠାଇବା, ସମୁଦ୍ରକୁ ହାତରେ ପାରିହେବା ଏବଂ ପବନକୁ ଧରି ରଖିବା ମଧ୍ୟ ସତ୍ୟ ହୋଇଯିବ ।

( ପ୍ରକାଶ୍ୟରେ ) ଆର୍ଯ୍ୟ ଚାରୁଦତ୍ତ କଅଣ ଏପରି ଅକାର୍ଯ୍ୟ କରିପାରିବେ ?

ଶକାର—ବିଚାରପତି, ପକ୍ଷପାତ ବିଚାର କାହିଁକି କରୁଛ ?

ବିଚା—ମୂର୍ଖ, ତୁମେ ସାଧାରଣ ମନୁଷ୍ୟ ହୋଇ ବେଦବାକ୍ୟ ଉଚ୍ଚାରଣ କରୁଛ, ତୁମର ଜିହ୍ୱା ଛିଣ୍ଡି ଯାଉନାହିଁ ? ମଧ୍ୟାହ୍ନରେ

ସୂର୍ଯ୍ୟଙ୍କୁ ନିରୀକ୍ଷଣ କରୁଛ, ତୁମରଆଖି ଝଲସି ଯାଉନାହିଁ ? ପ୍ରଜ୍ୱଳିତ ଅଗ୍ନିରେ ହାତ ପୂରାଉଛ, ତୁମ ହାତ ପୋଡ଼ି ଯାଉ-ନାହିଁ ? ଚାରୁଦତ୍ତଙ୍କ ଚରିତ୍ରକୁ ଦୂଷିତ କରୁଛ, ତୁମର ଦେହକୁ ପୃଥ୍ୱୀ ହରଣ କରି ନେଉନାହିଁ ? ଆର୍ଯ୍ୟ ଚାରୁଦତ୍ତ ଅକାର୍ଯ୍ୟ କରିବେ ?

ଯେ ନିଜର ଅମାପ ଧନରାଶି ଅକୁଣ୍ଠିତ ଚିତ୍ତରେ ଦାନ କରିଦେଲେ, ମଙ୍ଗଳର ଏକମାତ୍ର ଆଧାର ସେହି ମହାତ୍ମା ଚାରୁଦତ୍ତ ଧନ ପାଇଁ ପାପ କରିବେ ? ପୁଣି ସ୍ତ୍ରୀ-ଦେହର ଅଳଙ୍କାର ପାଇଁ ? ଯାହା କି ଶତ୍ରୁ ମଧ୍ୟ ସ୍ପର୍ଶ କରିବ ନାହିଁ !

ଶକାର—ପକ୍ଷପାତରେ କଅଣ ନ୍ୟାୟ କରାଯାଏ ?

ବୃଦ୍ଧା—ହାୟ ! ହାୟ ! ସୁନାଅଳଙ୍କାର ଚୋରି ହୋଇଗଲା ବୋଲି ଯେ ଏତେ ମୂଲ୍ୟବାନ୍ ରତ୍ନାବଳୀ ଦେଇଦେଲେ, ସେ ପୁଣି ଏ ଅକାର୍ଯ୍ୟ କରିବେ ? ହା ମୋ ଝିଅ ! ( କାନ୍ଦିଲା )

ବିଚା—ଆର୍ଯ୍ୟ ଚାରୁଦତ୍ତ, ବସନ୍ତସେନା ପାଦରେ ଗଲେ ନା ଗାଡ଼ିରେ ?

ଚାରୁ—ସେ ମୋ ପ୍ରତ୍ୟକ୍ଷରେ ଯାଇ ନାହାନ୍ତି । ତେଣୁ ମୁଁ ଜାଣେ ନା ସେ ପାଦରେ ଗଲେ କି ଗାଡ଼ିରେ ଗଲେ ।

( କ୍ରୁଦ୍ଧ ବୀରକର ପ୍ରବେଶ )

ବୀରକ—ଚନ୍ଦନକ ମୋତେ ପଦାଘାତ କରି ଅପମାନ ଦେଇଛି । ତେଣୁ ମୁଁ ତାର ପ୍ରଧାନ ଶତ୍ରୁ । କିପରି ତାର ପ୍ରତିଶୋଧ ନେବି, ଏହାହିଁ ଭାବୁ ଭାବୁ ରାତି ପାହିଗଲା ।

ଯାଉଛୁ ନ୍ୟାୟ-ମଣ୍ଡପକୁ । ( କେବଳ ଡାହାଣ ହାତରେ ନମସ୍କାର କର ) ମହୋଦୟଗଣ, ସୁଖରେ ଅଛନ୍ତି ତ ?

ବଣ୍ଟୁ – କିଏ ! ନଗରରକ୍ଷକ ବୀରକ ! ବୀରକ, ଆଗମନର କାରଣ ?

ବୀର – ଆର୍ଯ୍ୟକ ବନ୍ଧନ ଛିଣ୍ଡାଇ ପଳାଇ ଯାଉଥିଲାବେଳେ ମୁଁ ତାକୁ ଖୋଜୁଥିଲି । ଗୋଟାଏ ଆବୃତ ଶଗଡ଼ ଯାଉଥିଲା । ମୁଁ ତାକୁ ଯାଞ୍ଚ କରିବାକୁ ବାହାରିଲି । ମୁଁ ଚନ୍ଦନକକୁ କହିଲି— "ତୁମେ ଦେଖିଥିଲେ ମଧ୍ୟ ମୁଁ ଦେଖିବି ।" ଏତିକିରେ ସେ ମୋତେ ପଦାଘାତ କଲା । ଆପଣ ଶୁଣିଲେ । ଏଣିକି ଯାହା କରନ୍ତୁ ।

ବଣ୍ଟୁ – ଭଦ୍ର, ସେ କାହା ଗାଡ଼ି, ଜାଣ ?

ବୀରକ – ଏହି ଚାରୁଦତ୍ତଙ୍କର । "ବସନ୍ତସେନା ବସିଛନ୍ତି, ପୁଷ୍ପ-କରଣ୍ଡକ ଉଦ୍ୟାନକୁ କ୍ରୀଡ଼ା କରିବା ପାଇଁ ଯାଉଛନ୍ତି ।" ଏ କଥା ଗାଡ଼ିବାଲା କହିଲା ।

ଶକାର – ଶୁଣିଲେ ତ ଭଦ୍ରମହୋଦୟ ଗଣ ?

ବଣ୍ଟୁ – ହଁ, ନିର୍ମଳଚନ୍ଦ୍ରକୁ ରାହୁ ଗ୍ରାସ କରୁଛି ! କୂଳ ଭୁଷୁଡ଼ିବାରୁ ନିର୍ମଳ ଜଳ ଗୋଳିଆ ହେଉଛି !

ଆଚ୍ଛା ବୀରକ, ତୁମ ଅଭିଯୋଗର ପଛେ ବିଚାର ହେବ । ବିଚାରଗୃହ ଦ୍ୱାରରେ ଯେଉଁ ଅଶ୍ୱ ବନ୍ଧା ହୋଇଛି, ତା' ପୃଷ୍ଠରେ ପୁଷ୍ପକରଣ୍ଡକ ଉଦ୍ୟାନକୁ ଯାଇ ଦେଖିଆସ, ସେଠାରେ କୌଣସି ମୃତ ସ୍ତ୍ରୀ ପଡ଼ିଛି କି ନା ।

ବୀରକ—ଆପଣଙ୍କ ଆଜ୍ଞା ।

( ଯାଇ କିଛିକ୍ଷଣ ପରେ ପୁଣି ପ୍ରବେଶ କଲା । )

ଶୋଧନକ—ଆର୍ଯ୍ୟ, ମୁଁ ସେଠାକୁ ଯାଇଥିଲି । ଦେଖିଲି, ଏକ ସ୍ତ୍ରୀ ଦେହକୁ ହିଂସ୍ର ଜନ୍ତୁମାନେ ଖାଉଥିଲେ ।

ଶ୍ରେଷ୍ଠୀ—ତାହା ସ୍ତ୍ରୀ ଦେହ ବୋଲି ଆପଣ କପରି ଜାଣିଲେ ?

ଶୋଧନକ—ଅବଶିଷ୍ଟ ଥିବା କେଶ, ହାତ ଏବଂ ଗୋଡ଼ରୁ ଜାଣିଲି ।

ବିଚାରକ—ଓହୋ ! ନ୍ୟାୟର ବିଷମତାକୁ ଧିକ୍ ।

ଯେତେ ଯେତେ ସୂକ୍ଷ୍ମଭାବରେ ବିଚାର କରାଯାଉଛି, ସେତେ ଏହା ସଙ୍କଟପୂର୍ଣ୍ଣ ବୋଲି ଜଣାପଡ଼ୁଛି । ବାଦୀର ଅଭିଯୋଗ ସୁସଙ୍ଗତ ହେବାରେ ଲାଗିଛି ! ପଙ୍କରେ ଲାଗିଥିବା ଗୋରୁପରି ମୋ ବୁଦ୍ଧି ବିଚାରବିମୂଢ଼ ହୋଇଗଲାଣି ।

ଚାରୁ—( ସ୍ୱଗତ ) ପୁଷ୍ପର ପ୍ରଥମ ବିକାଶରେ ଭ୍ରମରମାନେ ଯେପରି ମଧୁପାନ କରିବା ପାଇଁ ଏକାବେଳକେ ଆସି ଜମା ହୁଅନ୍ତି, ସେହିପରି ମନୁଷ୍ୟର ଦୁର୍ଦ୍ଦିନବେଳେ ନାନା ବିପଦ ଛିଦ୍ର ପାଇ ଆସି ଜମା ହୁଅନ୍ତି ।

ବିଚାର—ଆର୍ଯ୍ୟ ଚାରୁଦତ୍ତ, ସତ୍ୟ କଥା କହନ୍ତୁ ।

ଚାରୁ—ଏ ଜଗତରେ ପରଗୁଣ-ଦ୍ୱେଷୀ, ପ୍ରବୃତ୍ତି-ବଶବର୍ତ୍ତୀ, ଅନ୍ୟର କ୍ଷତି କରିବାକୁ ତତ୍ପର ଦୁଷ୍ଟବ୍ୟକ୍ତି ତା' ସ୍ୱଭାବ ଦୋଷରୁ ଯାହା କହେ, ତାହାକୁ କ'ଣ ବିନା ବିଚାରରେ ଗ୍ରହଣ କରିନେବା ଉଚିତ ?

ଆଉ ମଧ ଦେଖନ୍ତୁ— ମୁଁ ପୁଷ୍ପିତା ଲତାକୁ ଟାଣି ସେଥିରୁ ଫୁଲ ତୋଳେ ନାହିଁ । ଭ୍ରମରଶ୍ରେଣୀ ସମ ନୀଳକୁନ୍ତଳକୁ ଟାଣି ମୁଁ କାନ୍ଦୁଥିବା ଯୁବତୀକୁ ହତ୍ୟା କରିବି ?

ଶକାର—ହେ ବିଚାରପତି, ତୁମେ କାହିଁକି ପକ୍ଷପାତ କରୁଛ ? ଏ ପର୍ଯ୍ୟନ୍ତ ମଧ୍ୟ ଦୁରାତ୍ମା ଚାରୁଦତ୍ତଙ୍କୁ ଆସନରେ ବସାଇଛ ?

ବିଚା—ଭଦ୍ର ଶୋଧନକ, ଚାରୁଦତ୍ତଙ୍କୁ ଆସନରୁ ଉଠାଇ ଦିଅ ।

ଚାରୁ—ବିଚାର କରନ୍ତୁ, ବିଚାରକ, ବିଚାର କରନ୍ତୁ ( ଉଠିଯାଇ ତଳେ ବସିଲେ ) ।

ଶକାର—( ଆନନ୍ଦରେ ସ୍ୱଗତ ) ବାଃ ! ବାଃ ! ନିଜ ଦୋଷ ପରମୁଣ୍ଡରେ ଲଦି ଦେଲି । ତେବେ ଯେଉଁଠାରେ ଚାରୁଦତ୍ତ ବସିଥିଲା, ମୁଁ ସେଇଠି ବସିବି । ( ତାହା କରି ) ଚାରୁଦତ୍ତ, ମତେ ଦେଖି ଆଉ କହ—"ବସନ୍ତସେନାକୁ ମୁଁ ମାରିଛି ।"

ଚାରୁ—ମାନ୍ୟବର ବିଚାରପତି, ( "ଯେ ପରଗୁଣଦ୍ୱେଷୀ, ପ୍ରବୃତ୍ତି-ବଶବର୍ତ୍ତୀ" ଇତ୍ୟାଦି ପୂର୍ବୋକ୍ତ କଥାକୁ ଆଉ ଥରେ କହିଲେ । ) ( ସ୍ୱଗତ ) ହାୟ ମୈତ୍ରେୟ ! ଆଜି ମୋର ଏ କି ଅକାଳ ବିନାଶ ଉପସ୍ଥିତ ହେଲା ? ହାୟ ଧୂତା ! ତୁମେ କେତେ ନିର୍ମଳ ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲ । ହାୟ ପୁତ୍ର ରୋହସେନ ! ମୋ ଉପରେ କି ବିପଦ ପଡ଼ିଲାଣି, ତୁ ଦେଖୁନାହୁଁ ; ଖାଲି ଖେଳନା ନେଇ ଖେଳିବାରେ ଲାଗିଛୁ ?

ବସନ୍ତସେନାଙ୍କ ଖବର ଆଣିବା ପାଇଁ ମୁଁ ମୈତ୍ରେୟଙ୍କୁ ପଠାଇଥିଲି । ରୋହସେନର ଗାଡ଼ି ତିଆରି ପାଇଁ ସେ ଯେଉଁ ଅଳଙ୍କାର ଦେଇଥିଲେ, ତାହା ମଧ୍ୟ ଫେରାଇ ଦେବାପାଇଁ ଦେଇଛି । କାହିଁକି ସେ ?

× × ×

( ଅଳଙ୍କାର ହସ୍ତେ ବିଦୂଷକଙ୍କର ପ୍ରବେଶ )

ବିଦୂ—ଚାରୁଦତ୍ତ ମୋତେ ଏ ଅଳଙ୍କାର ଦେଇ ବସନ୍ତସେନାଙ୍କ ନିକଟକୁ ପଠାଇଲେ । କହିଲେ—"ମୈତ୍ରେୟ, ବସନ୍ତସେନା ରୋହସେନକୁ ନିଜ ଅଳଙ୍କାରରେ ସଜାଇ ତା ମା' ପାଖକୁ ପଠାଇ ଦେଇଥିଲେ । ତାଙ୍କ ଅଳଙ୍କାର ତାଙ୍କୁ ଦେଇଆସିବ, କଦାପି ଆଣିବ ନାହିଁ ।" ତେବେ ଯାଏଁ, ବସନ୍ତସେନାଙ୍କ ପାଖକୁ । ( କିଛିଦୂର ଯାଇ ଏବଂ କାହା ସହିତ କଥାବାର୍ତ୍ତା କଲାପରି ) କିଏ ? ଗାୟକ ରେଭିଲ ! ରେଭିଲ, ତୁମେ କାହିଁକି ଉଦ୍‌ବିଗ୍ନ ହେଲା ଭଳି ଦିଶୁଛ ? ( କାନ ଡେରି ) କଅଣ କହୁଛ ? ପ୍ରିୟମିତ୍ର ଚାରୁଦତ୍ତ ବିଚାରମଣ୍ଡପକୁ ଡକା-ହୋଇ ଯାଇଛନ୍ତି ? ( ଚିନ୍ତାକରି ) ତା' ହେଲେ କିଛି ସାମାନ୍ୟ କଥା ହୋଇ ନଥିବ । ( ଚିନ୍ତାକରି ) ପରେ ବସନ୍ତ-ସେନାଙ୍କ ପାଖକୁ ଯିବି । ଆଗେ ବିଚାରମଣ୍ଡପକୁ ଯାଏଁ ।

( କିଛିଦୂର ଯାଇ ଏବଂ ଦେଖି ) ଏଇ ତ ବିଚାରମଣ୍ଡପ । ( ପ୍ରବେଶ କରି ) ବିଚାରକମାନଙ୍କର କୁଶଳ ତ ? ମୋର ପ୍ରିୟ ମିତ୍ର ଚାରୁଦତ୍ତ କାହାନ୍ତି ?

ଚାରୁ—ଏଇଠାରେ ।

ବିଦୂ—ମିତ୍ର, ତୁମର ମଙ୍ଗଳ ହେଉ ।

ଚାରୁ—ହେବ ।

ବିଦୂ—ତୁମର କଲ୍ୟାଣ ହେଉ ।

ଚାରୁ—ହେବ ।

ବିଦୂ – ମିତ୍ର, କାହିଁକି ଉଦ୍‌ବିଗ୍ନ ହେଲପରି ଦେଖାଯାଉଛ ? ଏଠାକୁ ତୁମେ ଡକା ହୋଇଛ କାହିଁକି ?

ଚାରୁ – ମିତ୍ର, ମୁଁ କୁଆଡ଼େ ପରଲୋକକୁ ଭ୍ରୂକ୍ଷେପ ନ କରି ନୃଶଂସ ଭାବରେ ଏକ ସ୍ତ୍ରୀକୁ, ନା ନା, ସାକ୍ଷାତ୍ ରତିକୁ...... । ଅବଶିଷ୍ଟ ଏ ( ଶକାର ) କହିବ ।

ବିଦୂ – କଅଣ ? କଥା କଅଣ ?

ଚାରୁ – ( କାନରେ କହିଲେ )

ବିଦୂ – କିଏ ଏହା କହୁଛି ?

ଚାରୁ – ( ଶକାରକୁ ନିର୍ଦ୍ଦେଶ କରି ) ଏ ମାତ୍ର ନିମିତ୍ତମାତ୍ର । ଦୈବହିଁ କହୁଛି ।

ବିଦୂ – କହି ଦେଉନାହଁ ଘରକୁ ଗଲି ବୋଲି ?

ଚାରୁ – କହିଲିଣି । କିନ୍ତୁ ପରିସ୍ଥିତି ଯୋଗୁ କିଏ ଶୁଣୁଛି ?

ବିଦୂ –ହେ ହେ ଭଦ୍ରଗଣ, ଯେ ଗୃହ, ବୌଦ୍ଧବିହାର, ଉପବନ, ମନ୍ଦିର, ପୁଷ୍କରିଣୀ, କୂପ, ଯଜ୍ଞସ୍ତମ୍ଭ ପ୍ରଭୃତି ନିର୍ମାଣ କରାଇ ଉଜ୍ଜୟିନୀ ନଗରୀକୁ ଭୂଷିତ କରିଛନ୍ତି, ସେ ଦରିଦ୍ର ହୋଇଗଲେ ବୋଲି କଅଣ ସାମାନ୍ୟ ଅର୍ଥଲୋଭରେ ଏପରି ଅକାର୍ଯ୍ୟ କରିବେ ? ( କ୍ରୋଧରେ ) ଆରେ ରେ କାଣେଲୀପୁତ୍ର, ରାଜାଙ୍କ ଶଳା ସଂସ୍ଥାନକ, ଉଚ୍ଛୃଙ୍ଖଳ, ଅନିଷ୍ଟକାରୀ, ପ୍ରତାରକ, ବହୁସ୍ୱର୍ଣ୍ଣ-ମଣ୍ଡିତ-ମର୍କଟ, କହ କହ, ମୋ ଆଗରେ କହ । ମୋ ପ୍ରିୟବନ୍ଧୁ ଲତାରେ ଫୁଲ ଫୁଟିଥିଲେ ବି ପତ୍ର ଛିଣ୍ଡିଯିବ ବୋଲି ତାକୁ ଟାଣି ଫୁଲଟିଏ ତୋଳନ୍ତି ନାହିଁ, ସେ ପୁଣି ଏପରି ଇହଲୋକ ପରଲୋକର ବିରୁଦ୍ଧ ଅକାର୍ଯ୍ୟ କଲେ ?

ରହ, ରହରେ କୁଣ୍ଡିମାପୁଅ, ତୋ ହୃଦୟ ଭଳି ବଙ୍କା ଏଇ କାଠବାଡ଼ରେ ତୋ ମୁଣ୍ଡକୁ ଶହେଖଣ୍ଡ କରିଦେବ ।

ଶକାର—( ରାଗରେ ) ଦେଖନ୍ତୁ ଦେଖନ୍ତୁ ଭଦ୍ରମହୋଦୟ, ଚାରୁଦତ୍ତ ସହିତ ମୋର ବିବାଦ, ଏ କୁଆମୁଣ୍ଡିଆ ବ୍ରାହ୍ମଣ କାହିଁକି ମୋ ମୁଣ୍ଡକୁ ଶହେ ଖଣ୍ଡ କରିବ ?

( ବିଦୂଷକ ପୂର୍ବୋକ୍ତ କଥାମାନ ପୁଣି କହି କହି ବାଡ଼ି ଉଠାଇଲେ । ଶକାର କ୍ରୋଧରେ ଉଠି ତାଙ୍କୁ ମାରିଲା । ବିଦୂଷକ ମଧ୍ୟ ଶକାରକୁ ମାରିଲେ । ଏହିଭଳି ପରସ୍ପର ପରସ୍ପରକୁ ମାରିବାରେ ଲାଗିଲେ । ଏତିକିବେଳେ ବିଦୂଷକଙ୍କ କାଖରୁ ଅଳଙ୍କାରଗୁଡ଼ିକ ଖସିପଡ଼ିଲା । )

ଶକାର—( ସେ ଗୁଡ଼ିକ ଉଠାଇ ନେଇ ଉତ୍ସୁକ ସହିତ ) ଦେଖନ୍ତୁ, ଦେଖନ୍ତୁ ଆର୍ଯ୍ୟଗଣ, ଏ ସେହି ବିଚାରୀର ଅଳଙ୍କାର । ଏଇ ସାମାନ୍ୟ ଅଳଙ୍କାର ପାଇଁ ଏ ତାକୁ ମାରିଦେଇଛନ୍ତି ।

( ବିଚାରପତି ଓ କର୍ମଚାରୀମାନେ ତଳକୁ ମୁହଁ ପୋତି ଦେଲେ । )

ଚାରୁ—( ଧୀର ସ୍ୱରରେ ) ମିତ୍ର, ଏ ଅଳଙ୍କାର ଦୁର୍ଦୈବରୁ ଏତିକିବେଳେ ପଡ଼ିଲା, ମୋତେ ବି ଅଧିକ ବିପଦରେ ପକାଇଲା !

ବିଦୂ—ମିତ୍ର, ସତକଥା କାହିଁକି କହି ଦେଉନାହିଁ ?

ଚାରୁ—ମିତ୍ର, ଏ ବିଚାରକମାନଙ୍କର ଚକ୍ଷୁ ଦୁର୍ବଳ, ଫଳରେ ଏମାନେ ପ୍ରକୃତ ବିଷୟ ଦେଖି ପାରୁନାହାନ୍ତି । ମୋର

ଅପରାଧ ନାହିଁ ବୋଲି ଖାଲି କହିବାଲାଗିବା ବ୍ୟର୍ଥ ପ୍ରୟାସ ମାତ୍ର । ତେଣୁ ନନ୍ଦମାସ୍ତ ମୃତ୍ୟୁ ହିଁ ସମ୍ଭବ ।

ବିଗୃ—ଉଃ ! ବଡ଼ ବିଷମ ପରିସ୍ଥିତି !

ମଙ୍ଗଳଗ୍ରହର ବିରୋଧୀ ବୃହସ୍ପତିଙ୍କ ପାଖରେ ଧୂମକେତୁ ଉଠିଲେ ବୃହସ୍ପତିଙ୍କର ଯେଉଁ ଅବସ୍ଥା ହୁଏ, ଏ ଅଳଙ୍କାର ଚାରୁଦତ୍ତଙ୍କୁ ସେହିଭଳି ଅବସ୍ଥାରେ ପକାଇଲା !

ଶ୍ରେଷ୍ଠୀ—( ଅଳଙ୍କାରକୁ ଦେଖି, ବସନ୍ତସେନାଙ୍କ ମା'କୁ ) ଆର୍ଯ୍ୟା, ଏ ଅଳଙ୍କାରକୁ ଭଲ କରି ଦେଖିଲ, ଏହା ତୁମର କି ନୁହେଁ ?

ବୃଦ୍ଧା—( ଦେଖି ) ଏହା ତାହାରି ପରି, କିନ୍ତୁ ତାହା ନୁହେଁ ।

ଶକାର—ଯାଃ ବୁଢ଼ୀ କୁଟ୍ଟିନୀ ! ଆଖିରେ କହୁଛି, କଥାରେ ଲୁଚାଉଛି !

ବୃଦ୍ଧା—ବନ୍ଦ କର ।

ଶ୍ରେଷ୍ଠୀ—ସାବଧାନ ହୋଇ କୁହ, ଏ ସେଇ ଅଳଙ୍କାର କି ନୁହେଁ ।

ବୃଦ୍ଧା—କାରୁକାର୍ଯ୍ୟ ହୋଇଥିବାରୁ ଆଖିକୁ ଟାଣି ନେଉଛି । ମାତ୍ର ସେହି ଅଳଙ୍କାର ନୁହେଁ ।

ବିଚା—ଭଦ୍ରା, ଏ ଅଳଙ୍କାରକୁ ଜାଣିଛ ?

ବୃଦ୍ଧା—ମୁଁ ପରା କହୁଛି, ଏ ଅଳଙ୍କାର ଅଜଣା ନୁହେଁ । ତେବେ କୌଣସି ଶିଳ୍ପୀ ଠିକ୍ ସେହି ଅଳଙ୍କାର ପରି ଏହାକୁ ଗଢ଼ିଛି ।

ବିଚା—ଦେଖ ଶ୍ରେଷ୍ଠୀ, କେହି ଜଣେ ସୁନ୍ଦର ଅଳଙ୍କାର ଗଢ଼ିଲେ ଅନ୍ୟମାନେ ସେହିଭଳି ସୁନ୍ଦର ଅଳଙ୍କାର ଦେଖାଯାଏ । କାରଣ

ଶିଳ୍ପୀମାନେ ଶିଳ୍ପଦକ୍ଷତା ଯୋଗୁଁ ଅନୁକରଣ କରନ୍ତି । ଆମ୍ଭେମାନେ ଏଭଳି ଦେଖିଥାଉଁ ।

ଶ୍ରେଷ୍ଠୀ—ଆର୍ଯ୍ୟ ଚାରୁଦତ୍ତଙ୍କର ଏ ଅଳଙ୍କାର ?

ଚାରୁ—ନା, ନା ।

ଶ୍ରେଷ୍ଠୀ—ତେବେ ଏ କାହାର ?

ଚାରୁ—ଆମ୍ଭଙ୍କର ଝିଅଙ୍କର ।

ଶ୍ରେଷ୍ଠୀ – ତାଙ୍କ ଦେହରୁ ଏ ଅଳଙ୍କାର କିପରି ଅଲଗା ହେଲା ?

ଚାରୁ—ଏହିଭଳି ହେଲା । ଓଃ ! ଏହିଭଳି ।

କାୟସ୍ଥ – ଆର୍ଯ୍ୟ ଚାରୁଦତ୍ତ, ଏଠାରେ ସତ୍ୟକଥା କହନ୍ତୁ । ଦେଖନ୍ତୁ, ସତ୍ୟରେ ସୁଖମିଳେ, ସତ୍ୟବାଦୀ କେବେ ପାପୀ ହୁଏ-ନାହିଁ । 'ସତ୍ୟ' ଏହି ଦୁଇଟି ଅକ୍ଷର ସଂସାରରେ ସାର । ତେଣୁ ସତ୍ୟକୁ ଅସତ୍ୟରେ ଲୁଚାନ୍ତୁ ନାହିଁ ।

ଚାରୁ—ଏ ଯେ ନୂଆ ଅଳଙ୍କାର, ଏହା ମୁଁ ଜାଣେ ନାହିଁ । କିନ୍ତୁ ଏ ଅଳଙ୍କାର ମୋ ଘରୁ ଆସିଛି, ଏହା ମୁଁ ଜାଣେ ।

ଶକାର—ଉଦ୍ୟାନକୁ ନେଇ ମାରିଲୁ । ଆଉ ବର୍ତ୍ତମାନ ଲୁଚାଉଛୁ ?

ବିଚା—ଆର୍ଯ୍ୟ ଚାରୁଦତ୍ତ, ସତ କହନ୍ତୁ । ନ ହେଲେ ଆପଣଙ୍କ ସୁକୋମଳ ଦେହରେ ଆମ୍ଭେ ମନଇଚ୍ଛା କଠୋର କଶାଘାତ ଦେବୁଁ ।

ଚାରୁ—ମୁଁ ନିଷ୍ପାପ କୁଳରୁ ଜନ୍ମଲାଭ କରିଛି, ଆଉ ମୁଁ ନିଜେ ନିଷ୍ପାପ । ଯଦି ମୋ ଠାରେ ପାପର ସମ୍ଭାବନା କରାଯାଏ, ତେବେ ମୋର ପାପୀ ହୋଇ ବଞ୍ଚିବାରେ କି ପ୍ରୟୋଜନ ?

( ସ୍ୱଗତ ) ବସନ୍ତସେନା ବିନା ମୁଁ ଜୀବନ ଧରି କଅଣ କରିବି ? ( ପ୍ରକାଶ୍ୟରେ ) ଆର୍ଯ୍ୟ, ଅଧିକ କ'ଣ କହିବି ?

ମୁଁ ପର ଲୋକକୁ ଭ୍ରୂକ୍ଷେପ ନ କରି ନୃଶଂସ ଭାବରେ ସ୍ତ୍ରୀକୁ, ନା, ନା, ରତ୍ନକୁ······! ଅବଶିଷ୍ଟ ଏ କହିବ ।

ଶକାର — "ମାରିଛି" । ଆରେ, ତୁ ନିଜେ କହ — "ମୁଁ ମାରିଛି ।"

ଚାରୁ — ତୁମେ ତ କହିଲ !

ଶକାର — ଶୁଣ ଶୁଣ ବିଚାରପତି, ଏ ମାରିଛି । ନିଜେ ନିଜେ ବି ସନ୍ଦେହ ଦୂର କରି ଦେଇଛି । ତେଣୁ ଏ ଦରିଦ୍ର ଚାରୁଦତ୍ତକୁ ଶାରୀରିକ ଦଣ୍ଡ ଦିଅ ।

ବିଚା — ଶୋଧନକ, ରାଜାଙ୍କ ଶଳା ଯାହା କହିଲେ — ରାଜପୁରୁଷଗଣ, ଚାରୁଦତ୍ତଙ୍କୁ ଧର ।

( ରାଜପୁରୁଷମାନେ ଧରିଲେ । )

ବୃଦ୍ଧା—ପ୍ରସନ୍ନ ହୁଅ, ପ୍ରସନ୍ନ ହୁଅ ଆର୍ଯ୍ୟ ! ମୋ ଝିଅ ମରିଛି ତ ମରିଛି । ଏ ଚିରଞ୍ଜୀବୀ ଜୀବିତ ରହନ୍ତୁ । ଆଉ ମଧ୍ୟ, ବାଦୀ-ପ୍ରତିବାଦୀଙ୍କ ମଧ୍ୟରେ ନ୍ୟାୟ ହୁଏ । ମୁଁ ତ ବାଦୀ, ତେଣୁ ଚାରୁଦତ୍ତଙ୍କୁ ଛାଡ଼ିଦିଅ ।

ଶକାର — ଦୂର୍ ହ ଜନ୍ମଦାସୀ ! ଯା, ତୋର ଏଥିରେ କଅଣ ଅଛି ?

ବିଚା—ଆର୍ଯ୍ୟା, ଯାଅ । ରାଜପୁରୁଷଗଣ, ନେଇଚାଲ ଏହାଙ୍କୁ ।

ବୃଦ୍ଧା -- ହା ମୋ ପୁଅ, ହା ମୋ ପୁଅ । ( କାନ୍ଦି କାନ୍ଦି ଚାଲିଗଲା ) ।

ଶକା—( ସ୍ୱଗତ ) ମୁଁ ମୋ ଯୋଗ୍ୟକର୍ମ କରିଦେଲି । ଏବେ ଯାଉଛି । ( ଚାଲିଗଲା । ).

ବିଚା—ଆର୍ଯ୍ୟ ଚାରୁଦତ୍ତ, ନିଷ୍ପତ୍ତି ଦେବାରେ ଆମେ 'ଅଧିକାରୀ' । ଆମ ପରେ ରାଜା ମଧ୍ୟ ନିଷ୍ପତ୍ତି ଦେଇ ପାରନ୍ତି । ତେଣୁ ଶୋଧନକ, ରାଜା ପାଳକଙ୍କୁ ଜଣାଅ—

ମନୁଶାସ୍ତ୍ର ଅନୁସାରେ ଏହି ପାପୀ ବ୍ରାହ୍ମଣକୁ ବଧ କରିବା ଉଚିତ ନୁହେଁ । ତେଣୁ ଏହାକୁ ଏହାର ଧନ ସହିତ ରାଜ୍ୟରୁ ନିର୍ବାସିତ କରାଯାଉ ।

ଶୋଧ—ଆପଣଙ୍କ ଆଜ୍ଞା । ( ଯାଇ ଏବଂ ଅଶ୍ରୁପୂର୍ଣ୍ଣ ନେତ୍ରରେ ପୁଣି ପ୍ରବେଶ କରି ) ଆର୍ଯ୍ୟ, ରାଜାପାଳକ କହିଲେ—"ଯେଉଁ ସାମାନ୍ୟ ଅଳଙ୍କାର ପାଇଁ ସେ ବସନ୍ତସେନାକୁ ମାରିଲା, ସେହି ଅଳଙ୍କାର ତା' ବେକରେ ବାନ୍ଧି ନାଗରା ବଜାଇ, ଦକ୍ଷିଣ ଶ୍ମଶାନକୁ ନେଇ, ଶୂଳରେ ଚଢ଼ାଅ । ଅନ୍ୟ କେହି ଯଦି ଏପରି ଅପରାଧ କରିବ, ସେ ଏହିପରି ଦଣ୍ଡ ପାଇବ ।"

ଚାରୁ—ଓଃ ! କି ଅବିଚାରୀ ରାଜା !

ରାଜାମାନେ ମନ୍ତ୍ରୀମାନଙ୍କ ଦ୍ୱାରା ଅନ୍ୟାୟ-ଅଗ୍ନିରେ ନିକ୍ଷିପ୍ତ ହୋଇ ଶେଷରେ ଶୋଚନୀୟ ଦଶା ପ୍ରାପ୍ତ ହୁଅନ୍ତି । ଏହିପରି ରାଜାଙ୍କର ବକତୁଲ୍ୟ କର୍ମଚାରୀମାନେ ଶାସନକୁ ଦୂଷିତ କରି ହଜାର ହଜାର ନିଷ୍ପାପ ପ୍ରାଣୀଙ୍କୁ ମାରୁଛନ୍ତି; ନିଜେ ବି ମରୁଛନ୍ତି ।

ମୈତ୍ରେୟ, ଯାଅ, ମା'ଙ୍କୁ ମୋର ଶେଷ ପ୍ରଣାମ ଜଣାଇଦିଅ । ଆଉ ମୋ ପୁଅ ରୋହସେନକୁ ପାଳନକର ।

ବିଦୂ—ହାୟ ! ହାୟ ! ମୂଳ ଛିଣ୍ଡିବା ପରେ ଡାଳର ରକ୍ଷା କିପରି ହେବ ?

ଚାରୁ – ନା, ତାହା କୁହନାହିଁ ।

ମନୁଷ୍ୟ ପରଲୋକକୁ ଗଲେ ମଧ୍ୟ ପୁଣି ତା' ଦେହର ପ୍ରତିକୃତି ରୂପେ ରହେ । ମୋ ଠାରେ ତୁମର ଯେଉଁ ସ୍ନେହ, ତାହା ରୋହସେନଠାରେ ଅର୍ପଣ କର ।

ବିଦୂ – ମିତ୍ର, ମୁଁ ତୁମ୍ଭ ପ୍ରିୟବନ୍ଧୁ ହୋଇ ତୁମ ବିନା ଜୀବନଧାରଣ କରିବି ?

ଚାରୁ – ତେବେ ରୋହସେନକୁ ଟିକିଏ ଆଣି ଦେଖାଅ ।

ବିଦୂ – ହଁ, ତାହା କରିବି ।

ବିଚା – ଭଦ୍ର ଶୋଧନକ, ଏ ବ୍ରାହ୍ମଣଙ୍କୁ ( ବିଦୂଷକଙ୍କୁ ) ଏଠାରୁ ନେଇଯାଅ ।

( ଶୋଧନକ ବିଦୂଷକଙ୍କୁ ନେଇଗଲା । )

ବିଚା — କିଏ, କିଏ ଏଠାରେ ଅଛି ? ଚଣ୍ଡାଳମାନଙ୍କୁ ଆଦେଶ ଦିଅ ।

( ଚାରୁଦତ୍ତଙ୍କୁ ଛାଡ଼ିଦେଇ ସମସ୍ତ ରାଜପୁରୁଷ ଚାଲିଗଲେ । )

ଶୋଧ – ଏଣେ, ଏଣେ ଆସନ୍ତୁ ଆର୍ଯ୍ୟ !

ଚାରୁ – ( କରୁଣ ଭାବରେ, "ମୈତ୍ରେୟ ! ମୋର ଏ କି ଅକାଳ ବିନାଶ ଉପସ୍ଥିତ ହେଲା !" ଇତ୍ୟାଦି କହିବାକୁ ଲାଗିଲେ । )

ରାଜା ! ତୁମେ ବିଷ, ଜଳ, ନିକତି କିମ୍ବା ଅଗ୍ନିରେ ମୋତେ ପ୍ରଥମେ ପରୀକ୍ଷା କରିଥାଆନ୍ତ; ମୁଁ ଦୋଷୀ ବୋଲି ପ୍ରମାଣିତ ହୋଇଥିଲେ ମୋ ଦେହରେ କରତ ଚଳାଇବା ଦଣ୍ଡ ଦେଇଥାଆନ୍ତ । କିନ୍ତୁ ମୋ ଶତ୍ରୁର କଥା ଅନୁସାରେ ହିଁ ମୁଁ ବ୍ରାହ୍ମଣ ହେଲେ ମଧ୍ୟ ମୋତେ ନିହତ କରାଉଛ ? ତେଣୁ ତୁମେ ପୁତ୍ରପୌତ୍ର ସହିତ ନରକରେ ପଡ଼ିବ ।

ଆଚ୍ଛା ଚାଲ ।　　( ପ୍ରସ୍ଥାନ )

# ଦଶମ ଅଙ୍କ

( ଚାରୁଦତ୍ତଙ୍କୁ ନେଇ ଦୁଇ ଜଣ ଚଣ୍ଡାଳଙ୍କର ପ୍ରବେଶ )

୧ମ ଚଣ୍ଡାଳ—( କାହାସହିତ କଥାବାର୍ତ୍ତା କଲା ଭଳି ) କାରଣ କଅଣ ଜାଣି ପାରୁନାହିଁ ? ପ୍ରତିଦିନ ସେହି ନୂଆ ନୂଆ ଅପରାଧୀମାନଙ୍କ ପ୍ରାଣଦଣ୍ଡ ଆଦେଶ ଦିଆଯାଉଛି, ସେମାନଙ୍କୁ ବାନ୍ଧି ବଧ୍ୟଭୂମିକୁ ଆଣିବାରେ ଆମେ ଦକ୍ଷ । ଆଉ ମଧ୍ୟ, ମୁଣ୍ଡ କାଟିବା, ଶୂଳରେ ଚଢ଼ାଇବା, ଏ କାମରେ ଆମେ ସିଦ୍ଧହସ୍ତ ।

ଆର୍ଯ୍ୟଗଣ, ଦୂରେଇ ଯାଅ, ଦୂରେଇ ଯାଅ । ଆମେ ଏହି ଚାରୁଦତ୍ତଙ୍କ ଗଳାରେ କରବୀର-ମାଳା ଲମ୍ବାଇ ବଧ୍ୟ-ସ୍ଥାନକୁ ନେଉଛୁ । ତେଲ ନ ଥିଲେ ଦୀପ ଯେମିତି ଅସ୍ତେ ଆସ୍ତେ ଲିଭି ଆସେ, ଏହାଙ୍କ ଜୀବନ ସେହିପରି କ୍ଷୀଣ ହୋଇ ଆସିଲାଣି ।

ଚାରୁ—( ଗମ୍ଭୀର ବିଷାଦରେ ) ବଧପଟରେ ମୋର ଏ ଦେହ ଯେତେବେଳେ ଅଶ୍ରୁଜଳରେ ସିକ୍ତ, ଧୂଳିରେ ଧୂସରିତ, ଶ୍ମଶାନଫୁଲରେ ବେଷ୍ଟିତ, ପୁଣି ଲାଲଚନ୍ଦନରେ ଲିପ୍ତ ହୋଇ

ତଳେ ପଡ଼ିଥିବ, ସେତେବେଳେ ତାକୁ ଖାଇବା ପାଇଁ ଏହି କର୍କଶରାବୀ କୁଆମାନେ ବିଚାର କରୁଛନ୍ତି ।

୨ୟ ଚଣ୍ଡାଳ—ଦୂରେଇ ଯାଅ, ଦୂରେଇ ଯାଅ, ଭଦ୍ରଗଣ ! ଏ ସଜ୍ଜନରୂପୀ ବୃକ୍ଷ ସଜ୍ଜନରୂପୀ ପକ୍ଷୀମାନଙ୍କର ଆଶ୍ରୟସ୍ଥଳ । କିନ୍ତୁ ଏ ବୃକ୍ଷ କାଳ-କୁଠାରରେ ହଣା ହେଉଛି । ତୁମ୍ଭେମାନେ କାହିଁକି ଦେଖୁଛ ? ଆରେ, ଚାରୁଦତ୍ତ ଆ ।

ଚାରୁ—ଭାଗ୍ୟରେ କେତେବେଳେ କଅଣ ଘଟିବ, ତାହା ମନୁଷ୍ୟର ଜ୍ଞାନର ବାହାରେ । ମୋର ପୁଣି ଏଭଳି ଦଶା ହେଲା ! ମୋ ଦେହସାରା ଚାପିଚାପିକିଆ ରକ୍ତଚନ୍ଦନ ଲଗା ହୋଇଛି ! ନାନାପ୍ରକାର ଚୂନା ବୋଳା ହୋଇଛି । ମୁଁ ମନୁଷ୍ୟ ହେଲେ ମଧ୍ୟ ବର୍ତ୍ତମାନ ମୋତେ ପଶୁ କରି ଦିଆଯାଉଛି ! ( ଆଗକୁ ଚାହିଁ ) ମନୁଷ୍ୟ ମନୁଷ୍ୟ ମଧ୍ୟରେ କି ପାର୍ଥକ୍ୟ ! ମୁଁ ଏଭଳି ଦଣ୍ଡ ପାଉଥିବାର ଦେଖି ଏ ପୁରବାସୀମାନେ ମନୁଷ୍ୟ ଜାତିକୁ ଧିକ୍‌କାର କରି କାନ୍ଦୁଛନ୍ତି । ଏମାନେ ମୋତେ ରକ୍ଷା କରିବାକୁ ସମର୍ଥ ନ ହୋଇ କହୁଛନ୍ତି – "ସ୍ୱର୍ଗ ଲାଭ କର ।"

୨ୟ– ଦୂରେଇଯାଅ, ଦୂରେଇଯାଅ ଆର୍ଯ୍ୟଗଣ ! କାହିଁକି ଚାହୁଁଛ ? ବିସର୍ଜନ ପାଇଁ ଯାଉଥିବା ଇନ୍ଦ୍ରକଳସ, ଗାଈର ପ୍ରସବ, ନକ୍ଷତ୍ରପତନ ଏବଂ ସଜ୍ଜନର ପ୍ରାଣବିନାଶ, ଏ ଚାରି ଦୃଶ୍ୟକୁ ଦେଖିବା ଅନୁଚିତ ।

୧ମ – ଆରେ ଆହ୍ନନ୍ତ, ଦେଖ ଦେଖ—

ଉଜ୍ଜୟିନୀର ଏହି ପ୍ରଧାନ ଲୋକ ଦୈବଯୋଗରୁ ମରୁଛି । ତେବେ ଆକାଶ କାହିଁକି କାନ୍ଦୁଛି ? କଅଣ ବିନା ମେଘରେ ବଜ୍ର ପଡ଼ୁଛି କରେ ?

୨ୟ—ଆରେ ଗୋହ ! ଆକାଶ କାନ୍ଦୁନାହିଁ, କି ବିନା ମେଘରେ ବଜ୍ର ପଡ଼ୁନାହିଁ । କିନ୍ତୁ କୋଠା ଉପରେ ଥିବା ସ୍ତ୍ରୀମାନଙ୍କ ଆଖିରୁ ଲୁହ ଝର ଝର ପଡ଼ୁଛି ।

ଆଉ ମଧ ଦେଖ—ଏ ଚାରୁଦତ୍ତ ବଧ୍ୟସ୍ଥାନକୁ ନିଆ ହେଉଥିବାର ଦେଖି ନଗରର ସବୁଲୋକ କାନ୍ଦୁଛନ୍ତି । ସେମାନଙ୍କ ଲୁହରେ ଓଦା ହୋଇ ରାସ୍ତାରେ ଆଉ ଧୂଳି ବି ଉଡ଼ୁନାହିଁ ।

ଚାରୁ—( ଦେଖି କରୁଣ ଭାବରେ ) ଆହା ! ଏଠାରେ ସ୍ତ୍ରୀମାନେ ପ୍ରାସାଦରେ ଥାଇ ଝରକା ବାଟେ ମୁହଁ ବାହାର କରି କାନ୍ଦୁଛନ୍ତି । ସେମାନଙ୍କ ଆଖିରୁ ଧାରା ସମାନ ଅଶ୍ରୁ ତଳେ ପଡ଼ୁଛି ।

୧ମ ଚଣ୍ଡାଳ—ଆରେ ଚାରୁଦତ୍ତ, ଆ । ଏଇଟି ଘୋଷଣା-ସ୍ଥାନ । ( ୨ୟ ଚଣ୍ଡାଳକୁ ) ନାଗରା ବଜା । ରାଜାଙ୍କ ଆଦେଶ ଘୋଷଣା କର ।

୨ୟ—( ଢୋଲ ବଜାଇ ) ଶୁଣ ଶୁଣ ଆର୍ଯ୍ୟଗଣ, ଶୁଣ ! ଏ ହେଉଛି ବଣିକ ବିନୟ ଦତ୍ତର ନାତି, ସାଗର ଦତ୍ତର ପୁଅ ଆର୍ଯ୍ୟ ଚାରୁଦତ୍ତ । ଏ ପାପୀ ସାମାନ୍ୟ ଧନ ଲୋଭରେ ବସନ୍ତ-ସେନାକୁ ନିର୍ଜନ ପୁଷ୍ପକରଣ୍ଡକ ଉଦ୍ୟାନକୁ ନେଇ ବାହୁପାଶରେ ବଳାତ୍କାରରେ ମାରିଥିଲା । ଅଳଙ୍କାର ସହିତ ଏ ଧରା ପଡ଼ିଲା ଏବଂ ନିଜେ ବି ମାନିଗଲା । ତେଣୁ ରାଜା ପାଳକ ଏହାକୁ ମାରିବା ପାଇଁ ଆମକୁ ଆଦେଶ ଦେଇଛନ୍ତି । ଯଦି ଆଉ କିଏ ଏପରି ଅକାର୍ଯ୍ୟ କରେ, ତେବେ ରାଜା ତାକୁ ଏହିପରି ଶାସ୍ତି ଦେବେ ।

ଚାରୁ — ( ଦୁଃଖରେ ସ୍ୱଗତ ) ହାୟ ! ହାୟ ! ମୋର ଯେଉଁ କୁଳ ଅନେକ ଯଜ୍ଞାନୁଷ୍ଠାନ ଦ୍ୱାରା ପବିତ୍ର ହୋଇଛି, ଜନାକୀର୍ଣ୍ଣ ସଭାରେ ତଥା ଦେବାଳୟରେ ବ୍ରାହ୍ମଣମାନଙ୍କ ଦ୍ୱାରା ଯେଉଁ କୁଳର ନାମଧାମ ଉଚ୍ଚାରଣ କରାଯାଇଛି, ଆଜି ମୋର ମରଣ ସମୟରେ ଅଧମ ଚଣ୍ଡାଳମାନେ ଶ୍ମଶାନରେ ସେ କୁଳକୁ ଘୋଷଣା କଲେ !

( ଉପରକୁ ଚାହିଁ ଏବଂ କାନବୁଜି )

ହା ପ୍ରିୟା ବସନ୍ତସେନା ! ମୁଁ ତୁମର ଅଧରସୁଧା ପାନକରି ବର୍ତ୍ତମାନ ଏ ନିନ୍ଦା-ବିଷ କିପରି ପାନ କରୁଛି ?

ଉଭୟ ଚଣ୍ଡାଳ — ଘୁଞ୍ଚିଯାଅ ଆର୍ଯ୍ୟଗଣ ! ସକଳ ଗୁଣର ଭଣ୍ଡାର ସଜ୍ଜନମାନଙ୍କ ଦୁଃଖ ସମୁଦ୍ରର ସେତୁ ଚାରୁଦତ୍ତଙ୍କୁ ଭୂଷଣହୀନ କରି ଆମେ ନଗରୀରୁ ବାହାର କରି ନେଉଛୁଁ । ବୁଝିଲ ? ସଂସାରରେ ପ୍ରାୟ ସବୁଲୋକ ଧନୀ ଆଉ ସୁଖୀ ଲୋକଙ୍କର ଶୁଭ କାମନା କରନ୍ତି । କିନ୍ତୁ ବିପଦରେ ପଡ଼ିଥିବା ଲୋକର ହିତ ବାଞ୍ଛା କେହି କରନ୍ତି ନାହିଁ ।

ଚାରୁ — ( ଚାରିଆଡ଼କୁ ଚାହିଁ ) ହେଇ, ମୋର ବନ୍ଧୁମାନେ ଲୁଗାରେ ମୁହଁଢାଙ୍କି ଦୂରେଇ ଯାଉଛନ୍ତି । ମନୁଷ୍ୟର ସୁଖବେଳେ ପର-ମାନେ ଆତ୍ମୀୟ ପରି ହୋଇଯାଆନ୍ତି । କିନ୍ତୁ ବିପଦବେଳେ ମିତ୍ରମାନେ ମଧ୍ୟ ତାର୍ କେହି ନୁହନ୍ତି ।

୨ୟ — ଲୋକମାନେ ବାହାରି ଗଲେ । ରାସ୍ତା ଖାଲି ହୋଇଗଲା । ଏହାଙ୍କୁ ତ ବଧ ବେଶ ପିନ୍ଧାଇ ଦିଆସରିଛି । ତେବେ ନେଇ ଆସ ।

ଚାରୁ—( ଦୀର୍ଘ ଶ୍ୱାସ ପୂର୍ବକ, "ମୈତ୍ରେୟ ! ମୋର ଏ କ ଅକାଳ ବିନାଶ ଉପସ୍ଥିତ ହେଲା ।" ଇତ୍ୟାଦି କହିବାରେ ଲାଗିଲେ । )

ନେପଥ୍ୟ—( ହା ବାପା ! ହା ମିତ୍ର ! ଇତ୍ୟାଦି ଶୁଭିଲା । )

ଚାରୁ—( କାନ ଡେର କରୁଣ ଭାବରେ ) ହେ ଚଣ୍ଡାଳଶ୍ରେଷ୍ଠ, ମୁଁ ଆପଣଙ୍କ ପାଖରୁ କିଛି ଦାନ ନେବାକୁ ଚାହୁଁଛି ।

୧ମ—କ'ଣ ଆମ ହାତରୁ ଦାନ ଗ୍ରହଣ କରିବ ?

ଚାରୁ—ଏଭଳି କୁହ ନାହିଁ । ତୁମ୍ଭେମାନେ ଅବିଚାରୀ ରଜା ପାଳକ ପରି ଚଣ୍ଡାଳ ନୁହଁ । ମୁଁ ପରଲୋକରେ ଟିକିଏ ସୁଖୀ ହେବାକୁ ପୁତ୍ର-ମୁଖ ଦେଖିବା ପାଇଁ ପ୍ରାର୍ଥନା କରୁଛି ।

ଦୁଇ ଚଣ୍ଡାଳ—ଆଚ୍ଛା, ଆଚ୍ଛା ।

ନେପଥ୍ୟ—ବାପା ! ବାପା !

ଚାରୁ—( ଶୁଣି କରୁଣ ଭାବରେ "ହେ ଚଣ୍ଡାଳଶ୍ରେଷ୍ଠ ! ମୁଁ ତୁମକୁ କିଛି ଦାନ ମାଗୁଛି" ଇତ୍ୟାଦି ପୂର୍ବକଥାମାନ କହି ଲାଗିଲେ । )

ଚଣ୍ଡାଳ—ହୋ ଲୋକମାନେ, ବାଟ ଛାଡ଼, ବାଟ ଛାଡ଼ । ଆର୍ଯ୍ୟ ଚାରୁଦତ୍ତ ତାଙ୍କ ପୁଅକୁ ଦେଖିବେ । ( ନେପଥ୍ୟକୁ ଚାହିଁ ) ଆ, ଆରେ ବାଳକ ! ଏଣେ ଆ ।

( ରୋହସେନକୁ ନେଇ ବିଦୂଷକଙ୍କର ପ୍ରବେଶ )

ବିଦୂ—ଶୀଘ୍ର ଆସ, ଶୀଘ୍ର ଆସ ବାପ ! ତୁମ ବାପାଙ୍କୁ ମାରିବାକୁ ନେଇ ଯାଉଛନ୍ତି ।

ବାଳକ—ବାପା ! ବାପା !

ବିଦୂ—ହାୟ ମୋ ପ୍ରିୟ ମିତ୍ର ! କେଉଁଠି ତୁମେ ? ( ଚାରୁଦତ୍ତଙ୍କ ନିକଟରେ ପହଞ୍ଚିଲେ )

ଚାରୁ—( ପୁଅକୁ ଛାତିକୁ ନେଇ ) ମୋ ଧନ !

ହାୟ ମୈତ୍ରେୟ ! ( ଅତି କରୁଣ ଭାବରେ ) ଓଃ ! କି ଦୁଃଖ ! ପରଲୋକରେ ମୋତେ ବହୁକାଳ ତୃଷାର୍ତ୍ତ ହୋଇ ରହିବାକୁ ପଡ଼ିବ; କାରଣ ଏ ଶିଶୁପୁତ୍ର ଯେଉଁ ଜଳ-ଅଞ୍ଜଳି ଦେବ, ତାହା ମୋର ତୃଷା ନିବାରଣ ପାଇଁ ଅତି ଅଳ୍ପ ହେବ ।

ପୁଅକୁ ମୋର କଅଣ ଦେବି ? ( ନିଜ ଦେହକୁ ଚାହିଁ, ଯଜ୍ଞୋପବୀତକୁ ଦେଖି ) ଏତିକି, ଏତିକି ମାତ୍ର ଅଛି ।

ଏହା ମୁକ୍ତା ନୁହେଁ କି ସୁନା ନୁହେଁ; ତଥାପି ବ୍ରାହ୍ମଣ-ମାନଙ୍କର ପରମ ଅଳଙ୍କାର । ଏହାର ଦ୍ୱାରହିଁ ଦେବଗଣଙ୍କୁ ଆଉ ପିତୃଗଣଙ୍କୁ ତର୍ପଣ ଦିଆଯାଏ ।

( ପୁତ୍ରକୁ ଯଜ୍ଞୋପବୀତ ଦେଲେ )

୧ମ ଚଣ୍ଡାଳ—ଆରେ ଚାରୁଦତ୍ତ, ଆ ।

ବାଳକ—ଚଣ୍ଡାଳ, ମୋ ପିତାଙ୍କୁ କେଉଁଠିକି ନେଉଛ ?

ଚାରୁ—ବାପ, ମୁଁ ଗଳାରେ କରବୀର ମାଳା, କାନ୍ଧରେ ଶୂଳ, ହୃଦୟରେ ଶୋକ ବହନ କରି, ନିହତ ହେବା ପାଇଁ ଯଜ୍ଞ-ଛାଗ ପରି ବଧ୍ୟ-ସ୍ଥାନକୁ ନିଆ ହେଉଛି ।

ଚଣ୍ଡାଳ—ବାଳକ, ଆମେ ଚଣ୍ଡାଳ କୁଳରେ ଜନ୍ମ ହୋଇଛୁଁ ବୋଲି ଚଣ୍ଡାଳ ନୋହୁଁ । ଯେଉଁମାନେ ସାଧୁ ଲୋକଙ୍କୁ ଦୁଃଖ ଦିଅନ୍ତି, ସେହିମାନେ ହିଁ ପାପୀ, ସେହିମାନେ ହିଁ ଚଣ୍ଡାଳ ।

ବାଳକ—ତେବେ ମୋ ବାପାଙ୍କୁ କାହିଁକି ମାରୁଛ ?

ଚଣ୍ଡାଳ—ରାଜାଙ୍କ ଆଦେଶ ହିଁ ଅପରାଧୀ, ଆମେ ନୋହୁଁ ।

ବାଳକ—ମୋତେ ମାର, ବାପାଙ୍କୁ ଛାଡ଼ିଦିଅ ।

ଚଣ୍ଡାଳ—ଆୟୁଷ୍ମାନ୍, ତୁମେ ଦୀର୍ଘଜୀବୀ ହୁଅ ।

ଚାରୁ—( ଅଶ୍ରୁପୂର୍ଣ୍ଣ ନେତ୍ରରେ ପୁଅକୁ ଛାତିରେ ଲଗାଇ ) କି ଧନୀ, କି ଦରିଦ୍ର, ଏହି ପୁତ୍ର-ସ୍ନେହ ହିଁ ସମସ୍ତଙ୍କର ସର୍ବସ୍ୱ ।

ବନ୍ଧୁ—ଭଦ୍ର, ମୋ ପ୍ରିୟ ମିତ୍ର ଚାରୁଦତ୍ତଙ୍କୁ ଛାଡ଼ିଦିଅ । ମୋତେ ବଧ କର ।

ଚାରୁ—ନା, ନା, ତାହା ହେବନାହିଁ । ( ସ୍ୱଗତ ) ବର୍ତ୍ତମାନ ଜାଣିଲି, ବିପଦ ସମୟରେ ପ୍ରାଣ ଦେବା ପାଇଁ ମଧ୍ୟ ମିତ୍ର ଥାଆନ୍ତି ।

ଚଣ୍ଡାଳ—ଦୂରକୁ ଯାଅ, ଦୂରକୁ ଯାଅ ଆର୍ଯ୍ୟଗଣ ! ଦେଖ—ଦଉଡ଼ି ଛିଣ୍ଡିଗଲେ ସୁନାକଳସ ଯେପରି କୂଅରେ ବୁଡ଼ିଯାଏ, ସେହିପରି ଏ ସଜ୍ଜନ ବିପତ୍ତି ଯୋଗୁ ମୃତ୍ୟୁ-ମୁଖକୁ ଯାଉଛନ୍ତି । ତେଣୁ ତୁମେମାନେ ଏହାଙ୍କୁ କାହିଁକି ଘେରି ରହିଛ ?

ଚାରୁ—( କରୁଣ ସ୍ୱରରେ ) ହାୟ ! ବସନ୍ତସେନା ! ତୁମର ଅଧର-ସୁଧା ପାନ କରି ମୁଁ ପୁଣି କିପରି ଏ ଅଯଶ-ବିଷ ପାନ କଲି ?

୨ୟ ଚଣ୍ଡାଳ—ଅରେ, ପୁଣି ଥରେ ଘୋଷଣା କର ।

୧ମ ଚଣ୍ଡାଳ—( ପୁଣି ଥରେ ପୂର୍ବପ୍ରକାର ଘୋଷଣା କଲା । )

ଚାରୁ—ବିପତ୍ତି ମୋତେ ଆଜି ଏ ହୀନ ଦଶାରେ ପହଞ୍ଚାଇଛି, ଯାହାର

ଶେଷ ଫଳ ପ୍ରାଣ-ଦାନ । ମୁଁ ଏଥିରେ ଦୁଃଖିତ ନୁହେଁ । କିନ୍ତୁ ମୁଁ ବସନ୍ତସେନାଙ୍କୁ ମାରିଛି, ଏ ଘୋଷଣା ଯେ ମୋତେ ଶୁଣିବାକୁ ପଡ଼ିଲା, ଏହାହିଁ ମୋତେ ଗଭୀର ଦୁଃଖ ଦେଉଛି ।

× × × ×

( କୋଠା ଭିତରେ ଆବଦ୍ଧ ସ୍ଥାବରକ ଦେଖାଗଲା )

ସ୍ଥାବରକ—( ଘୋଷଣା ଶୁଣି ବ୍ୟାକୁଳ ହୋଇ ) କଅଣ ! ନିର୍ଦ୍ଦୋଷ ଚାରୁଦତ୍ତଙ୍କୁ ବଧ କରାଯାଉଛି ? ଓଃ ! ମୋତେ ମାଲିକ ଯେ ବାନ୍ଧି ପକାଇଛି ! ଆଚ୍ଛା, ଚିତ୍କାର କରିବି । ଶୁଣ ଶୁଣ ଆର୍ଯ୍ୟଗଣ ! ମୁଁ ପାପିଷ୍ଠ ହିଁ ଗାଡ଼ି ବଦଳ ଯୋଗୁଁ ବସନ୍ତ-ସେନାଙ୍କୁ ପୁଷ୍ପକରଣ୍ଡକ ଉପବନକୁ ନେଇ ଯାଇଥିଲି । ସେଠାରେ ସେ ଶକାରଙ୍କୁ ଇଚ୍ଛା ନ କରିବାରୁ ଶକାର ତାଙ୍କୁ ବାହୁପାଶରେ ଚିପି ମାରିଦେଲେ । ଆର୍ଯ୍ୟ ଚାରୁଦତ୍ତ ତାଙ୍କୁ ମାରିନାହାନ୍ତି । ନା, ଅତି ଦୂରରେ ଥିବାରୁ ମୋ କଥା କେହି ଶୁଣି ପାରୁନାହାନ୍ତି । ତେବେ କଅଣ କରିବି ? ତଳକୁ ଡେଇଁ ପଡ଼ିବି ? ( ଚିନ୍ତାକରି ) ଯଦି ଏହା କରେଁ, ତେବେ ଆର୍ଯ୍ୟ ଚାରୁଦତ୍ତ ରକ୍ଷା ପାଇଯିବେ । ଆଚ୍ଛା, ଏ ଦଲଣର ଭଙ୍ଗା ଝରକାରୁ ଡେଇଁବି । ମୁଁ ପଛେ ମରିବି, କିନ୍ତୁ ସଜ୍ଜନମାନଙ୍କ ଆଶ୍ରୟସ୍ଥଳ ଆର୍ଯ୍ୟ ଚାରୁଦତ୍ତ ନ ମରନ୍ତୁ । ଯଦି ମରେଁ, ତେବେ ସ୍ୱର୍ଗଲାଭ କରିବି । ( ଡେଇଁଲା ) ହା ! ହା ! ହା ! ମଲିନାହିଁ, ଗୋଡ଼ର ଟିକିଲି ଛୁଟିଗଲା । ଶୀଘ୍ର ଘୋଷଣା ସ୍ଥାନକୁ ଯିବି । ( କିଛିଦୂର ଯାଇ ଏବଂ ଦେଖି ) ହୋ ହୋ ଚଣ୍ଡାଳ, ବାଟ ଛାଡ଼, ବାଟ ଛାଡ଼ ।

ଚଣ୍ଡାଳ — ଆରେ, କଏ ବାଟ ଖୋଜୁଛୁ ?

ସ୍ଥାବ — ଶୁଣ, ଶୁଣ । ( ପୂର୍ବକଥାମାନ କହିଲା । )

ଚାରୁ — ଆରେ ! ଏ କଏ ? ଅନାବୃଷ୍ଟିରେ ଶସ୍ୟ ଶୁଖି ଯାଉଥିବା ବେଳେ ଦ୍ରୋଣମେଘ ଆସିଲା ଭଳି ମୁଁ ମୃତ୍ୟୁମୁଖରେ ପଡ଼ିଥିବାବେଳେ ଏ ଆସି ଦେଖିଲେ ?

ଆର୍ଯ୍ୟଗଣ, ଆପଣମାନେ ଶୁଣିଲେ ?

ମୁଁ ମରଣକୁ ଭୟ କରେନାହିଁ । ମୋ ଯଶ ଦୂଷିତ ହେଉଛି, ଏହାହିଁ ମୋର ଦୁଃଖ । ମୋର ଯଦି ନିଷ୍କଳଙ୍କ ମୃତ୍ୟୁ ହୁଅନ୍ତା, ତେବେ ମୋତେ ପୁତ୍ରଜନ୍ମର ଆନନ୍ଦ ମିଳନ୍ତା । ସେହି ହୀନ, ଦୁର୍ବୁଦ୍ଧି ଶକାର ଅକାରଣ ଶତ୍ରୁତା କରି ମୋର ଯଶ କଳଙ୍କିତ କରିଛି ।

ଚଣ୍ଡାଳ — ସ୍ଥାବରକ, ସତ କହୁଛି ?

ସ୍ଥାବ — ସତ କହୁଛି । ମୁଁ କାଳେ କାହାକୁ କହିଦେବି, ଏଥିପାଇଁ ମୋତେ ପାଦରେ ଶିକୁଳି ଦେଇ କୋଠା ଭିତରେ ବନ୍ଧ କରି ରଖିଥିଲେ ।

× × × ×

( ଆନନ୍ଦରେ ଶକାରର ପ୍ରବେଶ )

ଶକାର — କି ମଜା ! ଆଜି ମୁଁ ଘରେ ମାଂସ, ଖଟାପିଠା ଶାଗ, ଡାଲି, ମାଛ ପୁଣି ପାୟସ ସହିତ ଶାଳୀଅନ୍ନ ପେଟେ ଖାଇଛି ।

( କାନଡେରି ) ଭଙ୍ଗାକଂସା ଝନ୍ ଝନ୍ ହେଲା ଭଳି ଚଣ୍ଡାଳଙ୍କ ପାଟି ଶୁଭୁଛି । ଏଇ, ବଧ-ସମୟର ଢୋଲ, ନାଗରା ବାଜୁଛି । ବୋଧହୁଏ ଦରିଦ୍ର ଚାରୁଦତ୍ତ ବଧ୍ୟଭୂମିକୁ ନିଆ ହେଉଛି । ତା' ହେଲେ ଯାଉଛି, ଦେଖିବ । ଆଜ ମୋର ପରମ ସନ୍ତୋଷ । ଶୁଣିଛି, ଯେ ଶତ୍ରୁକୁ ମରାହେଉଥିବାର ଦେଖେ, ତାର କାଲେ ଆରଜନ୍ମରେ ଆଖିରୋଗ ହୁଏନାହିଁ । ଯାହାହେଉ, ପଦ୍ମନାଡ଼ ଭିତରେ ପଶିଥିବା କୀଟ ଭଳି ବାଟ ଖୋଜି ଖୋଜି ଶେଷରେ ଚାରୁଦତ୍ତ ମରଣ ଉପାୟଟା ପାଇଗଲି । ବର୍ତ୍ତମାନ ମୋ ଉପର ମହଲରେ ରହି ନିଜର ପରାକ୍ରମ ଦେଖିବ । ( ଉପର ମହଲକୁ ଯାଇ ଏବଂ ଦେଖି ) ଆରେ ! ଏ ଦରିଦ୍ର ଚାରୁଦତ୍ତ ବଧ୍ୟଭୂମିକୁ ନିଆଯାଉଛି, ସେଥିପାଇଁ ଏତେ ଲୋକ କୋଳାହଳ ! ଯେତେବେଳେ ମୋ ଭଳି ଶ୍ରେଷ୍ଠ ମନୁଷ୍ୟ ବଧ୍ୟଭୂମିକୁ ନିଆହେବ, ସେତେବେଳେ କେତେବଡ଼ କୋଳାହଳ ନ ହେବ ? ( ନିରୀକ୍ଷଣ କରି ) ବାଃ ! ତାକୁ କମିତି ନୂଆ ବଳଦ ପରି ବେଶ କରି ଦକ୍ଷିଣ ଶ୍ମଶାନକୁ ନେଉଛନ୍ତି ! ଏ କଅଣ ? ମୋର ମହଲ ପାଖରେ ଘୋଷଣା ଦିଆହେଲା, ପୁଣି ବନ୍ଦ ହୋଇଗଲା ? ( ଦେଖି ) ଆରେ ! ଏଠି କଅଣ ଚାକର ସ୍ଥାବରକ ନାହିଁ ? ସେଠା ଯଦି ଗୁପ୍ତଭେଦ ଖୋଲିଦେବ............ ।

ଯାଏଁ, ତାକୁ ଖୋଜେଁ । ( ଓହ୍ଲାଇ ନିକଟକୁ ଗଲା )

ସ୍ଥାବ—( ଦେଖି ) ହେଇ, ଆସିଗଲା ! ଆସିଗଲା !

ଚଣ୍ଡାଳ—ଘୁଞ୍ଚିଯାଅ, ରାସ୍ତା ଛାଡ଼, କବାଟ କିଳିଦିଅ, ନୀରବରେ ରୁହ । ହେଇ, ମାରଣା ବଳଦ ଆସିଗଲା । ଉଚ୍ଚତ ତା' ଶିଙ୍ଗ ।

ଶକାର—ଆରେ ଆରେ, ବାଟ ଛାଡ଼, ବାଟ ଛାଡ଼ । ( ନିକଟକୁ ଯାଇ ) ବାପ ସ୍ଥାବରକ, ଆ, ଆ, ଯିବା ଆ ।

ସ୍ଥାବ—ଆରେ ଅନାର୍ଯ୍ୟ, ବସନ୍ତସେନାଙ୍କୁ ମାରି ସନ୍ତୁଷ୍ଟ ହୋଇ ନାହୁଁ ? ବର୍ତ୍ତମାନ ପୁଣି ଆଶ୍ରିତମାନଙ୍କର କଳ୍ପବୃକ୍ଷ ଆର୍ଯ୍ୟ ଚାରୁଦତ୍ତଙ୍କୁ ମାରିବାକୁ ଚେଷ୍ଟା କରୁଛୁ ?

ଶକାର—ଆରେ ନା ରେ ! ମୁଁ ରତ୍ନକଳସ ସମାନ । ମୁଁ ପୁଣି ସ୍ତ୍ରୀ ହତ୍ୟା କରିବି ?

ଲୋକମାନେ—କଅଣ ! ବସନ୍ତସେନାକୁ ଶକାର ମାରିଛି, ଚାରୁଦତ୍ତ ନୁହନ୍ତି ?

ଶକାର—କିଏ କହୁଛି ?

ଲୋକମାନେ—( ସ୍ଥାବରକକୁ ଲକ୍ଷ୍ୟ କରି ) ଏଇ ସାଧୁ ।

ଶକାର—( ଭୟରେ ସ୍ୱଗତ ) ହାୟ ! ମୁଁ ଏ ଚାକରଟାକୁ ଭଲ କରି ବାନ୍ଧି ନ ରଖିଲି କାହିଁକି ! ଏ ତ ମୋ ଅକାର୍ଯ୍ୟର ସାକ୍ଷୀ ! ( ଚିନ୍ତାକରି ) ଆଚ୍ଛା, ଅଚ୍ଛା । ( ପ୍ରକାଶ୍ୟରେ ) ମିଛ, ମିଛ, ଆର୍ଯ୍ୟଗଣ, ପୂରା ମିଛ । ଏ ଚାକର ସୁନା ଚୋରି କରି ଥିଲା ବୋଲି ମୁଁ ତାକୁ ଧରି, ବାଡ଼େଇ, ବାନ୍ଧି ପକେଇଥିଲି । ତେଣୁ ଏ ଶତ୍ରୁଭାବରେ ଏପରି କହୁଛି । ଏନା ! କଅଣ ସତ ? ( ଲୁଚେଇ ଲୁଚେଇ ସ୍ଥାବରକକୁ ସୁନା କଙ୍କଣଟି ଦେଇ ଧୀରସ୍ୱରରେ ) ବାପ ସ୍ଥାବରକ, ନେ, ଧୁନ୍ନ ନେଇ କହ ଯେ—ମୁଁ ନଦୋଷୀ ।

ସ୍ଥାବ—( କଙ୍କଣ ନେଇ ) ଦେଖ, ଦେଖ, ଭଦ୍ରଗଣ ! ମୋତେ ସୁନା ଦେଇ ଲୋଭ ଦେଖାଉଛି !

ଶକାର—( କଙ୍କଣକୁ ଛଡ଼ାଇନେଇ ) ହେଇ, ହେଇ ସେ ସୁନା । ଯେଉଁଥିପାଇଁ ମୁଁ ଏହାକୁ ବାନ୍ଧିଥିଲି । ( ରାଗରେ ) ମୁଁ ଏହାକୁ ସୁବର୍ଣ୍ଣଭଣ୍ଡାର ଜଗିବାକୁ ନିଯୁକ୍ତ କରିଥିଲି । ଏ ସେଠି ସୁନା ଚୋରି କରିବାରୁ ମାଡ଼ ଖାଇ ବନ୍ଧା ହୋଇଥିଲା । ତଥାପି ଯଦି ବିଶ୍ୱାସ କରୁନାହଁ, ତେବେ ଏହା ପିଠି ଦେଖ ।

ଚଣ୍ଡାଳ—( ପିଠି ଦେଖି ) ଆପଣ ଠିକ୍ କହୁଛନ୍ତି । ଏ ଚାକର ମାଡ଼ ଖାଇବାରୁ ମିଛ କହୁଛି ।

ସ୍ଥାବ - ହାୟ ! ହାୟ ! ଚାକର ହେବା ଏଇଆ ? ସତ କଥାକୁ ବି କେହି ବିଶ୍ୱାସ କରୁନାହାନ୍ତି ? ( କରୁଣ ଭାବରେ ) ଆର୍ଯ୍ୟ ଚାରୁଦତ୍ତ, ମୋ ଶକ୍ତି ଏତିକି । ( ପାଦତଳେ ପଡ଼ିଲା )

ଚାରୁ—( କରୁଣ ଭାବରେ ) ଉଠ, ଉଠ ସ୍ଥାବରକ ! ତୁମେ ବିପଦ-ଗ୍ରସ୍ତ ସଜ୍ଜନର ସହାୟ, ତୁମେ ଅଯାଚିତ ଭାବରେ ଉପସ୍ଥିତ ବନ୍ଧୁ । ହେ ଧର୍ମାତ୍ମା, ତୁମେ ମୋର ରକ୍ଷା ନିମନ୍ତେ ଯଥେଷ୍ଟ ଚେଷ୍ଟାକଲ । ଦୈବ ଯଦି ଅନୁକୂଳ ନ ହେଲା, ସେଥିପାଇଁ ତୁମେ ଚେଷ୍ଟା କରିନାହଁ ନା କଅଣ ?

ଚଣ୍ଡାଳ—ମାଲିକ, ଏ ଚାକରକୁ ବାଡ଼େଇ ବାହାର କରିଦିଅ ।

ଶକାର—ବାହାରି ଯା ପାଜି ! ( ବାହାର କରିଦେଲା ) ଆରେ ଚାଣ୍ଡାଳ, କାହିଁକି ଡେରି କରୁଛ ? ମାରିଦିଅ ଏହାକୁ ।

ଚଣ୍ଡାଳ—ଯଦି ଏତେ ତରତର ହେଉଛ, ତେବେ ନିଜେ ମାରି ଦେଉନାହଁ ?

ରୋହସେନ—ଚଣ୍ଡାଳ, ମୋତେ ମାର, ମୋ ବାପାଙ୍କୁ ଛାଡ଼ିଦିଅ ।

ଶକାର—ଏ ପୁଅକୁ ମଧ୍ୟ ମାରିଦିଅ ।

ଚାରୁ—ଏ ମୂର୍ଖ ସବୁ କିଛି କରିପାରେ । ( ପୁଅକୁ ) ଧନରେ, ମାଆଙ୍କ ପାଖକୁ ଯା ।

ରୋହ—ମୁଁ ଯାଇ କଅଣ କରିବି ?

ଚାରୁ—ବାପ, ଆଜିହିଁ ମାଆଙ୍କୁ ନେଇ ଆଶ୍ରମକୁ ଚାଲିଯିବୁ । ପିତୃ ଦୋଷରେ ତୁ ଯେପରି ଏ ଭଳି ଅବସ୍ଥା ନ ପାଉ । ମିତ୍ର, ଏହାକୁ ଘେନିଯାଅ ।

ବିଦୂ—ମିତ୍ର, ତୁମେ କଅଣ ଜାଣ ନା, ତୁମ ବିନା ମୁଁ ବଞ୍ଚିପାରିବି ନାହିଁ ?

ଚାରୁ—ମିତ୍ର, ତୁମେ ସ୍ୱାଧୀନ । ଏପରି ଭାବରେ ପ୍ରାଣତ୍ୟାଗ କରିବା ଉଚିତ ନୁହେଁ ।

ବିଦୂ—( ସ୍ୱଗତ ) ଅବଶ୍ୟ ଏହା ଉଚିତ ନୁହେଁ । ତଥାପି ପ୍ରିୟମିତ୍ରଙ୍କ ଅଭାବରେ ମୁଁ ବଞ୍ଚିପାରିବି ନାହିଁ । ତେଣୁ ମିତ୍ରପତ୍ନୀଙ୍କ ପାଖରେ ଏ ପୁଅଟିକୁ ସମର୍ପି ଦେଇ ମୁଁ ମୋ ପ୍ରାଣମିତ୍ରଙ୍କ ପଛେ ପଛେ ଚାଲିଯିବି । ( ପ୍ରକାଶ୍ୟରେ ) ମିତ୍ର, ମୁଁ ଏହାକୁ ଶୀଘ୍ର ନେଇ ଯାଉଛି ।

ଶକାର—ଆରେ, କହିଲି ପରା ଚାରୁଦତ୍ତକୁ ପୁତ୍ର ସହିତ ମାର ।

ଚାରୁ—( ଭୟଭୀତ ହୋଇଗଲେ । )

ଚଣ୍ଡାଳ—ଆମକୁ ରାଜା ଆଦେଶ ଦେଇନାହାନ୍ତି ପୁତ୍ର ସହିତ ମାରିବା ପାଇଁ । ଏ ବାଳକ, ଚାଲି ଯା । ( ବାଳକକୁ ବାହାର କରିଦେଲେ । )

ଏ ଭୂଖଣ୍ଡ ଘୋଷଣା ସ୍ଥାନ । ନାଗରା ବଜା । ( ପୁଣି ନାଗରା ପିଟିଲେ )

ଶକାର—( ସ୍ୱଗତ ) ତଥାପି ଏ ପୁରବାସୀମାନେ ବିଶ୍ୱାସ କରୁନାହାନ୍ତି ? ( ପ୍ରକାଶ୍ୟରେ ) ଆରେ ବ୍ରାହ୍ମଣ ଚାରୁଦତ୍ତ, ପୁରବାସୀମାନେ ବିଶ୍ୱାସ କରୁନାହାନ୍ତି । ତେଣୁ ତୁ ନିଜ ପାଟିରେ କହ—ମୁଁ ବସନ୍ତସେନାକୁ ମାରିଛି ।

ଚାରୁ—( ନୀରବ )

ଶକାର—ଆରେ ଚଣ୍ଡାଳ, ଗୋହ । ଏ ବ୍ରାହ୍ମଣ କହୁନାହିଁ । ତେଣୁ ତାକୁ ବାଉଁଶ ଠେଙ୍ଗାରେ ପିଟି କୁହାଅ ।

ଚଣ୍ଡାଳ—( ବାଡ଼ି ଉଞ୍ଚେଇ ) ଆରେ ଚାରୁଦତ୍ତ, କହ କହ ।

ଚାରୁ—( କରୁଣଭାବରେ ) ଓଃ ! ଏ ଘୋର ବିପଦ-ସାଗରରେ ମଧ୍ୟ ମୋର ଭୟ ନାହିଁ, କି ଦୁଃଖ ନାହିଁ । ମୁଁ ଯେ ମୋ'ର ମୁହଁରେ ବସନ୍ତସେନାକୁ ମାରିଛି ବୋଲି କହିବି, ଏହାହିଁ ମୋତେ ତୀବ୍ର ଦୁଃଖ ଦେଉଛି ।

ଶକାର—( ପୁଣି ସେଇଆ କହିଲା )

ଚାରୁ—ହେ ହେ ପୁରବାସୀଗଣ, ମୁଁ ପରଲୋକକୁ ଭ୍ରୂକ୍ଷେପ ନ କରି ବସନ୍ତସେନାକୁ, ନା ନା, ରତ୍ନକୁ······

ଶକାର—ମାରିଛି ।

ଚାରୁ—ହଁ ।

୧ମ ଚଣ୍ଡାଳ—ଆରେ, ଆଜି ତୋର ମାରିବା ପାଳି ।

୨ୟ ଚଣ୍ଡାଳ—ନା ନା, ତୋର ।

୧ମ ଚଣ୍ଡାଳ — ଅଚ୍ଛା, ହିସାବ କରେଁ । (ନାନା ପ୍ରକାର ଗଣନା କରି) ଆରେ, ଆଜ ଯଦି ମୋର ମାରିବା ପାଳି, ତେବେ କ୍ଷଣେ ଅପେକ୍ଷା କର ।

୨ୟ—କାହିଁକି ?

୧ମ—କେତେବେଳେ କେହି ସଜ୍ଜନ ରାଜାଙ୍କୁ ପ୍ରଭୂତ ଧନ ଦେଇ ବଧ୍ୟଙ୍କୁ ମୁକ୍ତ କରିନିଅନ୍ତି । କେତେବେଳେ ବା ରାଜାଙ୍କର ପୁଅ ହୁଏ । ତେଣୁ ଯେଉଁ ମହୋତ୍ସବ ଲାଗେ, ସେଥିରେ ସବୁ ବଧ୍ୟ ମୁକ୍ତ ପାଇଯାଆନ୍ତି । କେତେବେଳେ ବା ହାତୀ ଶିକୁଳି ଛିଣ୍ଡେଇ ଉତ୍ପାତ ଆରମ୍ଭ କରିଦିଏ । ସେ କୋଳାହଳ ଭିତରେ ବଧ୍ୟ ଖସି ପଳାଏ । କେତେବେଳେ ବା ଅନ୍ୟ କେହି ରାଜା ହୁଅନ୍ତି, ଫଳରେ ସବୁ ବଧ୍ୟ ମୁକ୍ତ ପାଇଯାଆନ୍ତି ।

ଶକାର – କଅଣ ? କଅଣ ? ଅନ୍ୟ କେହି ରାଜା ହେଉଛି ?

ଚଣ୍ଡାଳ – ନା ନା, ଆମେ ହିସାବ କରୁଛୁଁ, କାହାର ମାରିବା ପାଳି ।

ଶକାର – ଆରେ, ଶୀଘ୍ର ମାର, ଶୀଘ୍ର ।

( ସ୍ଥାବରକଙ୍କୁ ଧରି ନିଭୃତ ସ୍ଥାନରେ ରହିଲ । )

ଚଣ୍ଡାଳ – ଆର୍ଯ୍ୟ ଚାରୁଦତ୍ତ, ରାଜାଙ୍କ ଆଦେଶ ହିଁ ଅପରାଧୀ, ଆମେ ଚଣ୍ଡାଳମାନେ ନୁହଁ । ତେଣୁ ଯାହା ସ୍ମରଣ କରିବାର କର ।

ଚାରୁ – ସବଳ ଲୋକମାନଙ୍କ କଥାରେ, ଆଉ ମୋ ଭାଗ୍ୟଦୋଷରେ ମୁଁ ଆଜ କଳଙ୍କିତ । ତଥାପି ମୋ ଧର୍ମର ଯଦି କିଛି ପ୍ରଭାବ ଥାଏ, ତା'ହେଲେ ବସନ୍ତସେନା ଇନ୍ଦ୍ରପୁରରେ ଥାଆନ୍ତୁ

କମ୍ପା ଯେଉଁଠି ଥାଆନ୍ତୁ, ସେ ନିଜ ସ୍ୱଭାବ ଗୁଣରେ ଏ କଳଙ୍କ ଦୂର କରିବେ । ଆହେ, ମୋତେ କେଉଁଠିକି ଯିବାକୁ ହେବ ?

ଚଣ୍ଡାଳ—( ଆଗକୁ ଦେଖାଇ ) ହେଇ, ଆଗରେ ଦକ୍ଷିଣ ଶ୍ମଶାନ ଦିଶୁଛି, ତାକୁ ଦେଖିଲେ ବଧ୍ୟମାନଙ୍କର ହଠାତ୍ ପ୍ରାଣ ଛାଡ଼ିଯାଏ । ଦେଖ ଦେଖ—ଶୂଳତଳକୁ ଝୁଲୁଥିବା ଅଧା ଦେହକୁ ବଡ଼ ବଡ଼ ବିଲୁଆମାନେ ଟାଣିବାରେ ଲାଗିଛନ୍ତି ! ଆଉ ଶୂଳ ଉପରେ ଥିବା ଅଧା ଦେହ କପରି ଦାନ୍ତ ନିକିଟି ହସିଲା ପରି ଦେଖାଯାଉଛି ।

ଚାରୁ—ଓଃ ! ମୁଁ ଅଭାଗା ମଲି । ( ଅବସନ୍ନ ହୋଇ ବସି ପଡ଼ିଲେ )

ଶକାର—ମୁଁ ବର୍ତ୍ତମାନ ଯିବିନାହିଁ । ଚାରୁଦତ୍ତଙ୍କୁ ମରାହେବାର ଦେଖିବି । ( କିଛି ପାଦ ଯାଇ ଏବଂ ଚାହିଁ ) ଆରେ ! କଅଣ ବସିଗଲାଣି !

ଚଣ୍ଡାଳ—ଚାରୁଦତ୍ତ, କଅଣ ଡରିଗଲ କି ?

ଚାରୁ—( ସହସା ଉଠି ) ମୂର୍ଖ, ମୁଁ ମୃତ୍ୟୁକୁ ଭୟ କରିବି ? କିନ୍ତୁ ମୋର ଯଶ ଯେ କଳଙ୍କିତ ହେଲା, ଏଇଥିପାଇଁ ମୁଁ ଦୁଃଖିତ ।

ଚଣ୍ଡାଳ—ଆର୍ଯ୍ୟ ଚାରୁଦତ୍ତ, ଆକାଶବାସୀ ସୂର୍ଯ୍ୟ, ଚନ୍ଦ୍ର ମଧ୍ୟ ବିପଦରେ ପଡ଼ନ୍ତି । ମରଣଶୀଳ ମନୁଷ୍ୟମାନଙ୍କ କଥା ବା କଅଣ ! ସଂସାରରେ କେହି ଉଠି କରି ପଡ଼େ, କେହି ପଡ଼ି କରି ଉଠେ । ଦେଖ—

ପତାକାର କନା ଯେପରି ପବନରେ ପଡ଼ୁଥାଏ, ଉଠୁଥାଏ, ଏ ଶୂଳର ଶବ ମଧ୍ୟ ସେହିପରି ପଡ଼ୁଛି, ଉଠୁଛି ।

ଏଇଆକୁ ମନରେ ଭାବ ଧୈର୍ଯ୍ୟ ଧର । ( ଦ୍ୱିତୀୟ ଚାଣ୍ଡାଳକୁ ) ଏ ଚତୁର୍ଥ ଘୋଷଣା ସ୍ଥାନ । ତେଣୁ ଘୋଷଣା କର ।

( ପୂର୍ବଭଳି ଘୋଷଣା କଲେ )

ଚାରୁ — ହା ପ୍ରିୟା ! ବସନ୍ତସେନା !

× × × ×

( ଅଧୀରା ବସନ୍ତସେନା ଓ ଭିକ୍ଷୁ ସମ୍ବାହକର ପ୍ରବେଶ )

ଭିକ୍ଷୁ — ଯାହାହେଉ ଆର୍ଯ୍ୟା, ଆପଣଙ୍କୁ ସେଭଳି ଅବସ୍ଥାରୁ ମୁଁ ସଚେତ କରି ଆଣି ପାରିଲି, ଏଥିପାଇଁ ଭିକ୍ଷୁ ହେବାର ସାର୍ଥକତା ଲଭ କଲି । ବୁଦ୍ଧସେବିକା, ଆପଣଙ୍କୁ କେଉଁଠାକୁ ନେବି ?

ବସନ୍ତ — ଆର୍ଯ୍ୟ ଚାରୁଦତ୍ତଙ୍କ ଘରକୁ ନିଅନ୍ତୁ । ତାଙ୍କର ଦର୍ଶନରେ ମୋତେ ଆନନ୍ଦିତ କରନ୍ତୁ ।

ଭିକ୍ଷୁ — ( ସ୍ୱଗତ ) କେଉଁବାଟରେ ଯିବି ? ( ଚିନ୍ତାକରି ) ରାଜପଥରେ ହିଁ ଯିବି । ( ପ୍ରକାଶ୍ୟରେ ) ବୁଦ୍ଧସେବିକା, ହେଇ ରାଜପଥ । ( ଯିବାକୁ ଲାଗିଲେ ) ( କାନଡେରି ) ରାଜପଥରେ ଏପରି ଭୀଷଣ କୋଳାହଳ କାହିଁକି ଶୁଭୁଛି ?

ବସନ୍ତ — ( ଆଗକୁ ନିରୀକ୍ଷଣ କରି ) ଏ କଅଣ ? ଆଗରେ ହଜାର ହଜାର ଲୋକ ଠୁଳ ହୋଇଛନ୍ତି ! ଆର୍ଯ୍ୟ, ବୁଝିଲେ କଅଣ ହେଉଛି ?

ଚାଣ୍ଡାଳ — ଏ ଶେଷ ଘୋଷଣାସ୍ଥାନ । ନାଗରା ବଜା, ଘୋଷଣା କର । ଆରେ ଚାରୁଦତ୍ତ, ଅପେକ୍ଷା କର । ଡରନାହିଁ । ଏଇ ଶୀଘ୍ର ମରିହେବୁ ।

ଚାରୁ — ନମସ୍କାର ଦେବଗଣ !

ଭିକ୍ଷୁ — ( ଶୁଣି ଛାନିଆଁ ହୋଇ ) ବୁଦ୍ଧସେବକା, ଚାରୁଦତ୍ତ କୁଆଡ଼େ ଆପଣଙ୍କୁ ମାରିଦେଇଛନ୍ତି ! ସେଥିପାଇଁ ତାଙ୍କୁ ବଧ କରାଯାଉଛି !

ବସନ୍ତ — ( ଛାନିଆଁ ହୋଇ ) ଉଃ ! ମୋ ଭଳି ଅଭାଗିନୀ ପାଇଁ ଆର୍ଯ୍ୟ ଚାରୁଦତ୍ତଙ୍କୁ ବଧ କରାଯାଉଛି ? ଆହେ ଶୀଘ୍ର ଚାଲନ୍ତୁ, ଶୀଘ୍ର, ଶୀଘ୍ର ।

ଭିକ୍ଷୁ — ଚାଲନ୍ତୁ, ଚାଲନ୍ତୁ । ବଧ ପୂର୍ବରୁ ଯେପରି ଆର୍ଯ୍ୟଙ୍କ ନିକଟରେ ପହଞ୍ଚିବା । ଆର୍ଯ୍ୟଗଣ, ବାଟ ଛାଡ଼, ବାଟ ଛାଡ଼ ।

ବସନ୍ତ — ବାଟ ଛାଡ଼, ବାଟ ଛାଡ଼ ।

ଚଣ୍ଡାଳ — ଆର୍ଯ୍ୟ ଚାରୁଦତ୍ତ, ଯାହା ସ୍ମରଣ କରିବାର କର ।

ଚାରୁ — ଅଧିକ ଆଉ କଅଣ ? ( "ସବଳ ଲୋକମାନଙ୍କ କଥାରେ ଆଜି ମୋ ଭାଗ୍ୟ ଦୋଷରେ" ଇତ୍ୟାଦି ପୂର୍ବକଥା ମାନ ଆଉଥରେ କହିଲେ । )

ଚଣ୍ଡାଳ — ( ଖଣ୍ଡା ବାହାର କରି ) ଆର୍ଯ୍ୟ ଚାରୁଦତ୍ତ, ଉପରକୁ ମୁହଁ କରି ନିଶ୍ଚଳ ଭାବରେ ଶୋଇରହ । ଆମେ ଏକ ଆଘାତରେ ତୁମକୁ ସ୍ୱର୍ଗକୁ ପଠାଇଦେବୁଁ ।

( ଚାରୁଦତ୍ତ ସେହିପରି କଲେ )

ଚଣ୍ଡାଳ — ( ମାରିବାକୁ ଖଣ୍ଡା ବାହାର କରୁଥିବାବେଳେ ହାତରୁ ଖଣ୍ଡା ଖସି ପଡ଼ିଲା ) ଆରେ ! ମୁଠାରେ ଖୁବ୍ ଜୋରରେ ଧରୁଁ ଧରୁଁ ଏ ବଜ୍ରସମାନ ଭୀଷଣ ଖଣ୍ଡା କାହିଁକି ତଳେ ପଡ଼ିଗଲା ?

ଭଗବତି ସହ୍ୟବାସିନି ! ପ୍ରସନ୍ନ ହୁଅ, ପ୍ରସନ୍ନ ହୁଅ ।
ଆର୍ଯ୍ୟ ଚାରୁଦତ୍ତ ଯଦି ମୁକ୍ତି ପାଇଯାଆନ୍ତେ, ତେବେ ଆମେ
ଚଣ୍ଡାଳକୁଳ ଧନ୍ୟ ହୁଅନ୍ତା ।

୨ୟ ଚଣ୍ଡାଳ—ଆ, ରଜାଙ୍କ ଆଦେଶ ପାଳନ କରିବା ।

୧ମ—ଆଚ୍ଛା, ଆଚ୍ଛା ।

( ଉଭୟେ ଚାରୁଦତ୍ତଙ୍କୁ ଶୂଳରେ ଚଢ଼ାଇବାକୁ ଲାଗିଲେ । )

ଚାରୁ—( "ସବଳ ଲୋକମାନଙ୍କ କଥାରେ, ଆଜ ମୋ ଭାଗ୍ୟ
ଦୋଷରେ" ଇତ୍ୟାଦି ପୂର୍ବକଥାମାନ କହୁଥାଆନ୍ତି )

ଭିକ୍ଷୁ ଓ ବସନ୍ତ—( ଦେଖି ) ଆର୍ଯ୍ୟଗଣ ! ମାରନାହିଁ ! ମାରନାହିଁ !

ବସନ୍ତ—ମୁଁ ସେହି ମନ୍ଦଭାଗିନୀ ବସନ୍ତସେନା, ଯାହାପାଇଁ ତାଙ୍କୁ
ବଧ କରୁଛ ।

ଚଣ୍ଡାଳ—( ଦେଖି ) ଆରେ ଆହ୍ନନ୍ତ ! ଦେଖିଲୁ, ଦେଖିଲୁ । ଏ
ସ୍ତ୍ରୀ ଜଣେ କ'ଣ "ମାର ନା ମାର ନା" ବୋଲି ହାତ ଟେକି
ଚିତ୍କାର କରି ଏଣିକି ଧାଇଁ ଆସୁଛି ! ତା ବାଳ କାପଡ଼
ଫିଟିଯାଇ ଉଡ଼ିବାରେ ଲାଗିଛି !

ବସନ୍ତ—( ଦଉଡ଼ି ଦଉଡ଼ି ଆସି ) ଆର୍ଯ୍ୟ ! ଏ କଅଣ ?

( ଚାରୁଦତ୍ତଙ୍କ ଛାତି ଉପରେ ଢଳି ପଡ଼ିଲେ )

ଭିକ୍ଷୁ—ଆର୍ଯ୍ୟ ଚାରୁଦତ୍ତ ! ଏ କଅଣ ? ( ପାଦତଳେ ପଡ଼ିଗଲେ )

ଚଣ୍ଡାଳ—ଆରେ ! ବସନ୍ତସେନା ତ ! ଭଗବାନ୍ ! ଭଗବାନ୍ !
ଆମେ ଭାଗ୍ୟକୁ ଚାରୁଦତ୍ତଙ୍କୁ ମାରିନାହୁଁ ।

ଭିକ୍ଷୁ—( ଉଠି ଚଣ୍ଡାଳଙ୍କୁ ) ଆରେ ! ଚାରୁଦତ୍ତ ବଞ୍ଚିଛନ୍ତି ?

ଚଣ୍ଡାଳ—ହଁ, ଶହେବର୍ଷ ବଞ୍ଚନ୍ତୁ ।

୧ମ ଚଣ୍ଡାଳ—ଆରେ ଗୋହ ! ଆ, ଏ ଖବର ରାଜାଙ୍କୁ ଜଣାଇବା ।

( ଚାଲିଗଲେ )

ଶକାର—( ବସନ୍ତସେନାଙ୍କୁ ଦେଖି ଭୟରେ ) ଆରେ ବାପ୍‌ରେ ! ଏ ଗର୍ଭଦାସୀ ପୁଣି କମିତି ବଞ୍ଚିଲା ? ମୋ ପ୍ରାଣଗଲା ! ଯାଉଛି, କୁଆଡ଼େ ପଳାଇବ । ( ପଳାଇଲା )

ଚଣ୍ଡାଳ—( ପ୍ରବେଶ କରି ) ଆରେ, ଆମକୁ ତ ଆଦେଶ ମିଳିଲା— "ବସନ୍ତସେନାକୁ ଯେ ମାରିଛି, ତାକୁ ବଧ କର ।" ତେବେ ଆ, ରଜାଙ୍କ ଶଳାକୁ ଖୋଜିବା । ( ଚାଲିଗଲେ )

ଚାରୁ—( ବିସ୍ମୟରେ ) ଏ କିଏ ? ଅନାବୃଷ୍ଟିରେ ଶସ୍ୟ ଜଳିଗଲା ବେଳେ ଘୋର ବୃଷ୍ଟି ହେଲା ପରି ଏ କିଏ ଆସି ପହଞ୍ଚିଲେ ? ( ନିରୀକ୍ଷଣ କରି ) ଏ କ'ଣ ଆଉ ଜଣେ ବସନ୍ତସେନା ? ଅବା ଏ ସେଇ ବସନ୍ତସେନା ସ୍ୱର୍ଗରୁ ଚାଲିଆସିଛନ୍ତି ! ଅବା ବସନ୍ତସେନା ଆଦୌ ମରି ନାହାନ୍ତି ? ମୁଁ ତ କିଛି ଠିକ୍ କରି ପାରୁନାହିଁ !

ବସନ୍ତ—( ଅଶ୍ରୁପୂର୍ଣ୍ଣ ନୟନରେ ପାଦତଳେ ପଡ଼ି ) ଆର୍ଯ୍ୟ, ମୁଁ ସେହି ବସନ୍ତସେନା, ଯାହାଲାଗି ଆପଣଙ୍କର ଏ ଶୋଚନୀୟ ଦଶା ।

( ନେପଥ୍ୟେ "ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ! ବସନ୍ତସେନା ବଞ୍ଚିଛନ୍ତି !" ଇତ୍ୟାଦି କୋଳାହଳ ଉଠିଲା । )

ଚାରୁ—( ଶୁଣି, ସହସା ଉଠି, ସ୍ପର୍ଶସୁଖ ଅନୁଭବ କରି, ହର୍ଷ ଗଦ୍‌ଗଦ ସ୍ୱରରେ ) ପ୍ରିୟା, ତୁମେ ବସନ୍ତସେନା ? ( ଚକ୍ଷୁ ମୁଦ୍ରିତ କରିନେଲେ )

ବସନ୍ତ—ମୁଁ ସେଇ ଅଭାଗିନୀ ବସନ୍ତସେନା ।

ଚାରୁ—( ନିରୀକ୍ଷଣ କରି ) ବସନ୍ତସେନା, ତୁମେ ମୋ ମରଣବେଳେ ମୃତସଂଜୀବନୀ ପରି କୁଆଡ଼ୁ ଆସି ପହଞ୍ଚିଲ ?

ପ୍ରିୟେ ! ତୁମରି ପାଇଁ ଏ ଦେହ ନଷ୍ଟ ହେବାକୁ ଯାଉଥିଲା, ତୁମରି ଦ୍ୱାରା ହିଁ ରକ୍ଷା ପାଇଲା । ଆହା ! ପ୍ରିୟଜନ-ମିଳନର କି ଶକ୍ତି ! ମୃତବ୍ୟକ୍ତିକୁ ମଧ୍ୟ ବଞ୍ଚାଇ ଦିଏ !

ଦେଖ ପ୍ରିୟେ—ସେହି ରକ୍ତବସ୍ତ୍ର, ସେହି ପୁଷ୍ପମାଳା ବର୍ତ୍ତମାନ ବିବାହ ବେଳର ବରସାଜ ଭଳି ଶୋଭାପାଉଛି । ଆଉ ଯେଉଁ ବଧ-ବାଦ୍ୟମାନ ବାଜୁଛି, ତାହା ବିବାହ ସମୟର ବାଦ୍ୟ ଭଳି ଜଣାପଡ଼ୁଛି ।

ବସନ୍ତ—ଅତି ଉଦାରତାରେ ଆପଣ ଏ କଅଣ କରିବାକୁ ଯାଉଥିଲେ ?

ଚାରୁ—ପ୍ରିୟେ, ଶକାର ସହିତ ମୋର ପୂର୍ବରୁ ଶତ୍ରୁତା ଥିଲା । ସେହି ଦୁଷ୍ଟ ପ୍ରଭାବଶାଳୀ ଶତ୍ରୁ ଅଭିଯୋଗ କଲା ଯେ ମୁଁ ତୁମକୁ ମାରି ଦେଇଛି । ତେଣୁ ମୋତେ ଶୂଳୀ ଦେବାକୁ ନେଉଥିଲେ ।

ବସନ୍ତ—ଭଗବାନ୍ ! ଭଗବାନ୍ ! ମୋତେ ସେହି ତ ମାରିଥିଲା ।

ଚାରୁ—( ଭିକ୍ଷୁକୁ ଦେଖି ) ଏ କିଏ ?

ବସନ୍ତ—ସେ ମାରିଥିଲା, ଏ ଆର୍ଯ୍ୟ ବଞ୍ଚାଇ ରଖିଲେ ।

ଗୃରୁ—ଆର୍ଯ୍ୟ, ଅଯାଚିତ ବନ୍ଧୁ, ଆପଣ କିଏ ?

ଭିକ୍ଷୁ—ଆର୍ଯ୍ୟ, ମୋତେ ଚିହ୍ନି ପାରୁନାହାନ୍ତି ? ମୁଁ ଆପଣଙ୍କର ପଦସେବକ ସଂବାହକ । ଯେତେବେଳେ ମୁଁ ଜୁଆଖୋରଙ୍କ କବଳରେ ପଡ଼ିଥିଲି, ସେତେବେଳେ ଏହି ଆର୍ଯ୍ୟା ମୋତେ ଆପଣଙ୍କର ସେବକ ବୋଲି ଜାଣି ନିଜ ଅଳଙ୍କାର ଦେଇ ମୁକ୍ତ କରିଥିଲେ । ସେହିଦିନଠାରୁ ମୋ ମନରେ ବୈରାଗ ଜନ୍ମିଲା । ମୁଁ ଭିକ୍ଷୁବ୍ରତ ଗ୍ରହଣ କଲି । ଏ ଆର୍ଯ୍ୟା ଗାଡ଼ି ବଦଳଯୋଗୁଁ ପୁଷ୍ପକରଣ୍ଡକ ଉଦ୍ୟାନକୁ ଚାଲି ଯାଇଥିଲେ । ସେଇଠି ଅନାର୍ଯ୍ୟ ଶକାରକୁ ଇଚ୍ଛା ନକଲେ ବୋଲି ସେ ଏହାଙ୍କୁ ବାହୁପାଶରେ ଜବରଦସ୍ତି ମାରିଥିଲା । ଭାଗ୍ୟକୁ ମୁଁ ଦେଖିଲି ।

( ନେପଥ୍ୟେ କୋଳାହଳ )

ଜୟ ଦକ୍ଷଯଜ୍ଞବିନାଶକ, ବୃଷବାହନ ଶିବଙ୍କର ଜୟ । ଜୟ ଶତ୍ରୁ ବିଧ୍ୱଂସକ, କ୍ରୌଞ୍ଚ ବିଦାରକ କାର୍ତ୍ତିକେୟଙ୍କର ଜୟ । ଜୟ, ପ୍ରବଳ ଶତ୍ରୁହନ୍ତା, ବିଶାଳ ପୃଥ୍ୱୀପାଳକ ଆର୍ଯ୍ୟ ଆର୍ଯ୍ୟକଙ୍କର ଜୟ ।

× × × ×

( ସହସା ଶର୍ବିଳକର ପ୍ରବେଶ )

ଶର୍ବି—ବେଶ୍, ସେହି ଦୁଷ୍ଟ ରାଜା ପାଳକକୁ ମାରି ଆର୍ଯ୍ୟକଙ୍କୁ ରାଜ୍ୟରେ ଅଭିଷିକ୍ତ କରାଇଲି । ବର୍ତ୍ତମାନ ଆର୍ଯ୍ୟକଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ବିପଦଗ୍ରସ୍ତ ଚାରୁଦତ୍ତଙ୍କୁ ଉଦ୍ଧାର କରିବା ପାଇଁ ଯିବି । ଏହାହିଁ ମୋର ଶେଷ କର୍ତ୍ତବ୍ୟ ।

( ଆଗକୁ ଚାହିଁ ) ଏହି ଯେଉଁ ବିରାଟ ଜନ ସମାଗମ ଦେଖାଯାଉଛି, ସେଇଠି ବୋଧହୁଏ ଆର୍ଯ୍ୟ ଚାରୁଦତ୍ତ ଥିବେ । ସତେ କଅଣ ଆର୍ଯ୍ୟ ଆର୍ଯ୍ୟକଙ୍କ ରାଜତ୍ୱର ଆରମ୍ଭ ଚାରୁଦତ୍ତଙ୍କ ଜୀବନରକ୍ଷା ଦ୍ୱାରା ସଫଳ ହେବ ? ( ଶୀଘ୍ର ଶୀଘ୍ର ଯାଇ ସେଠାରେ ପହଞ୍ଚି ) ବନ୍ଦ କର ଘାତକମାନେ, ବନ୍ଦକର । ( ଚାହିଁ ଆନନ୍ଦରେ ) ବାଃ ! ବସନ୍ତସେନାଙ୍କ ସହିତ ଆର୍ଯ୍ୟ ଚାରୁଦତ୍ତ ଜୀବିତ ! ଆମର ପ୍ରଭୁ ଆର୍ଯ୍ୟକଙ୍କର ମନୋବାଞ୍ଛା ପୂର୍ଣ୍ଣ ହେଲା ।

ସୁଖର କଥା, ଗୁଣବତୀ ସୁଶୀଳା ବସନ୍ତସେନା ନୌକା ପରି ଅପାର ବିପଦସିନ୍ଧୁରୁ ଚାରୁଦତ୍ତଙ୍କୁ ପାରି କରିଛନ୍ତି । ରାହୁ-ଗ୍ରାସରୁ ଉଠି ଚନ୍ଦ୍ର ଯେପରି ଜ୍ୟୋତ୍ସ୍ନାରେ ଶୋଭାପାଏ, ଚାରୁଦତ୍ତ ସେହିପରି ପ୍ରିୟତମାଙ୍କ ସହିତ ମନୋରମ ଦିଶୁଛନ୍ତି । ଅନେକ ଦିନ ପରେ ମୁଁ ଏ ଦୃଶ୍ୟ ଦେଖିଲି ।

ମୁଁ ତ ଏହାଙ୍କ ନିକଟରେ ଗୁରୁତର ଅପରାଧ କରିଛି । ତେବେ ନିକଟକୁ ଯିବି । ହଁ ଯିବି । କାରଣ, ବିନୟ ସବୁଠାରେ ଶୋଭାପାଏ ।

( ପ୍ରକାଶ୍ୟରେ ନିକଟକୁ ଯାଇ କୃତାଞ୍ଜଳି ପୁଟରେ ) ଆର୍ଯ୍ୟ ଚାରୁଦତ୍ତ !

ଚାରୁ — ଆପଣ କିଏ ?

ଶର୍ବି — ଯେ ଆପଣଙ୍କ ଘରେ ପଶି ଅଳଙ୍କାର ଅପହରଣ କରି ନେଇଥିଲା, ମୁଁ ସେହି ମହାପାପୀ । ଆପଣଙ୍କ ନିକଟକୁ ଶରଣ ପାଇଁ ଆସିଛି ।

ଚାରୁ—ମିତ୍ର, ଏପରି କୁହ ନାହିଁ । ତୁମେ ମୋର ମଙ୍ଗଳ କରିଛ ।
(ଆଲିଙ୍ଗନ କଲେ)

ଶର୍ବି—ଶୁଣିଛନ୍ତି ? ଆର୍ଯ୍ୟ ଆର୍ଯ୍ୟକ ରାଜା ପାଳକଙ୍କୁ ପଶୁପରି ଯଜ୍ଞଶାଳାରେ ନିହତ କରି କୁଳ, ମାନ ରକ୍ଷା କରିଛନ୍ତି ।

ଚାରୁ—କଅଣ ?

ଶର୍ବି—ଏଥିପୂର୍ବେ ଆପଣଙ୍କ ଗାଡ଼ିରେ ଯାଉଥିବାବେଳେ ଯେ ଆପଣଙ୍କ ଶରଣ ପଶିଥିଲେ, ସେହି ଆର୍ଯ୍ୟକ ରାଜା ପାଳକଙ୍କୁ ଯଜ୍ଞ ପଶୁ ପରି ହତ୍ୟା କରିଛନ୍ତି ।

ଚାରୁ—ଶର୍ବିଲକ, ଯେଉଁ ଆର୍ଯ୍ୟକଙ୍କୁ ଘରୁ ଆଣି ରାଜା ପାଳକ ବିନା କାରଣରେ ବନ୍ଦୀ କରିଥିଲେ ?

ଶର୍ବି—ଆଜ୍ଞା ।

ଚାରୁ—ବଡ଼ ସୁଖ ସମ୍ବାଦ ।

ଶର୍ବି—ଉଜ୍ଜୟିନୀରେ ରାଜତ୍ୱ କରନ୍ତେ ହିଁ ଆପଣଙ୍କ ପ୍ରିୟବନ୍ଧୁ ଆର୍ଯ୍ୟକ ବେଣାନଦୀ କୂଳରେ ଖଣ୍ଡିଏ ରାଜ୍ୟ ଆପଣଙ୍କୁ ଉପହାର ଦେଇଛନ୍ତି । ତେଣୁ ଆପଣ ମିତ୍ରଙ୍କର ପ୍ରଥମ ଅଭ୍ୟର୍ଥନା ଗ୍ରହଣ କରନ୍ତୁ । (ମୁହଁ ବୁଲାଇ) ଆରେ, ଧୂର୍ତ୍ତ ଶକାରକୁ ଏଠାକୁ ଘେନିଆସ ।

ନେପଥ୍ୟେ—ଆଜ୍ଞା ନେଉଛୁ ।

ଶର୍ବି—ଆର୍ଯ୍ୟ, ରାଜା ଆର୍ଯ୍ୟକ ଆପଣଙ୍କୁ ଜଣାଇଛନ୍ତି—"ମୁଁ ଆପଣଙ୍କ ଗୁଣରୁ ହିଁ ରାଜ୍ୟ ପାଇଛି । ତେଣୁ ଆପଣ ଏଥିରେ ଆନନ୍ଦରେ ରହନ୍ତୁ ।"

ଚାରୁ—ମୋ ଗୁଣ ବଳରୁ ପାଇଛନ୍ତି ?

ନେପଥ୍ୟେ—ଆରେ ରେ ରଜାଙ୍କ ଶଳା, ଚାଲ, ଔଦ୍ଧତ୍ୟର ଫଳ ପାଇବୁ ।

( ଶର୍ବିଳକଙ୍କ ଅନୁଚରମାନେ ଶକାରକୁ ପଛପଟରୁ ହାତବାନ୍ଧି ଘେନି ଆସିଲେ )

ଶକାର—ହାୟ ! ହାୟ ! ଗଧ ଦଉଡ଼ି ଛିଣ୍ଡାଇ ବହୁଦୂରକୁ ଚାଲି- ଗଲେ ମଧ୍ୟ ତାକୁ ଯେପରି ପୁଣି ବାନ୍ଧି ଆଣନ୍ତି, କିମ୍ବା କୁକୁର କାହାକୁ କାମୁଡ଼ିଲେ ତାକୁ ବାନ୍ଧି ରଖନ୍ତି, ବର୍ତ୍ତମାନ ମୁଁ ସେହିଭଳି ବନ୍ଧା ହୋଇଛି । ( ଚାରିଆଡ଼କୁ ଚାହିଁ ) ଓଃ ! ଚାରିଆଡ଼େ ସମସ୍ତେ କହୁଛନ୍ତି—"ରଜା ଶଳାକୁ ଧର, ରଜା ଶଳାକୁ ଧର ।" ମୁଁ ବର୍ତ୍ତମାନ ଅସହାୟ । କୁଆଡ଼େ ଯିବି ? ( ଚିନ୍ତାକରି ) ହଁ, ତାଙ୍କରି ପାଖକୁ ଯିବି ; ସେହିଁ ଆଦରରେ ଶରଣ ଦିଅନ୍ତି । ( ଚାରୁଦତ୍ତଙ୍କ ନିକଟକୁ ଯାଇ ) ଆର୍ଯ୍ୟ, ଚାରୁଦତ୍ତ, ରକ୍ଷାକର, ରକ୍ଷାକର । ( ପାଦତଳେ ପଡ଼ିଲା )

ନେପଥ୍ୟେ—ଆର୍ଯ୍ୟ ଚାରୁଦତ୍ତ, ଛାଡ଼ିଦିଅନ୍ତୁ, ଛାଡ଼ିଦିଅନ୍ତୁ । ଆମେ ତାକୁ ମାରିଦେବୁଁ ।

ଶକାର—( ଚାରୁଦତ୍ତଙ୍କୁ ) ହେ ଶରଣବତ୍ସଳ, ରକ୍ଷା କର, ରକ୍ଷା କର ।

ଚାରୁ—( ଦୟାର ସହିତ ) ଆହା ! ଶରଣାଗତ ରକ୍ଷା ପାଉ ।

ଶର୍ବି—( ଉତ୍‌କ୍ଷିପ୍ତ ହୋଇ ) ଆଃ ! ନେଇଯାଅ, ନେଇଯାଅ ଏହାକୁ ଆର୍ଯ୍ୟଙ୍କ ନିକଟରୁ । ( ଚାରୁଦତ୍ତଙ୍କୁ ) ଆର୍ଯ୍ୟ, କହନ୍ତୁ ବର୍ତ୍ତମାନ ଏ ପାପୀ ପ୍ରତି କଅଣ କରାଯିବ ।

ଗୃରୁ—ମୁଁ ଯାହା କହିବ, ତାହା ହେବ ?

ଶର୍ବି—ନିଃସନ୍ଦେହ ।

ଶକାର—ପ୍ରଭୁ ! ଗୃରୁଦତ୍ତ ! ମୁଁ ଶରଣାଗତ । ରକ୍ଷାକର, ରକ୍ଷା କର । ଯାହା ଇଚ୍ଛା ତାହା କର । ମୁଁ ଆଉ କେବେ ଅକାର୍ଯ୍ୟ କରିବି ନାହିଁ ।

ନେପଥ୍ୟେ—ମାରିଦିଅ, ମାରିଦିଅ । କାହିଁକି ମହାପାପୀ ବଞ୍ଚି ରହିବ ?

ବସନ୍ତ—( ଗୃରୁଦତ୍ତଙ୍କ କଣ୍ଠରୁ ବଧ୍ୟମାଳା ବାହାର କରି ଶକାର ଉପରକୁ ଫିଙ୍ଗିଦେଲେ )

ଶକାର—ଦାସୀପୁତ୍ରି ! କ୍ଷମାକର, କ୍ଷମାକର । ମୁଁ ଆଉ କେବେ ତୁମକୁ ମାରିବି ନାହିଁ । ମୋତେ ରକ୍ଷାକର ।

ଶର୍ବି—ଆରେ ରେ, ଏହାକୁ ନେଇଯାଅ । ଆର୍ଯ୍ୟ, ଆଜ୍ଞା ଦିଅନ୍ତୁ, ଏହା ପ୍ରତି କଅଣ କରାଯିବ ।

ଗୃରୁ—ମୁଁ ଯାହା କହିବ, ତାହା ହେବ ?

ଶର୍ବି—ନିଃସନ୍ଦେହ ।

ଗୃରୁ—ସତ୍ୟ ?

ଶର୍ବି—ସତ୍ୟ ।

ଗୃରୁ—ଯଦି ଏପରି, ତେବେ·········

ଶର୍ବି—ନିହତ ହେବ ?

ଗୃରୁ—ନା, ନା, ଛାଡ଼ିଦିଅ ।

ଶର୍ବି—କାହିଁକି ?

ଚାରୁ—ଅପରାଧୀ ଶତ୍ରୁ ଶରଣ ପଶି ପାଦତଳେ ପଡ଼ିଲାଣି । ଆଉ ତାକୁ ଶସ୍ତ୍ରରେ ମାରିବା ଉଚିତ ନୁହେଁ ।

ଶର୍ବି—ତା' ହେଲେ କୁକୁରମାନେ ଖାଆନ୍ତୁ ।

ଚାରୁ—ନା, ନା, ଉପକାର କରି ଶତ୍ରୁକୁ ଅନୁତାପରେ ହିଁ କଷ୍ଟ ଦେବା ଉଚିତ ।

ଶର୍ବି—କି ଆଶ୍ଚର୍ଯ୍ୟ ! କଅଣ କରିବି, କହନ୍ତୁ ।

ଚାରୁ—ଛାଡ଼ିଦିଅ ।

ଶର୍ବି—ଛାଡ଼ି ଦାଇଲି ।

ଶକାର—ଓହୋ ! ବଞ୍ଚିଗଲି ! ବଞ୍ଚିଗଲି ! ( ଅନୁଚରମାନେ ତାକୁ ନେଇ ଚାଲିଗଲେ )

( ନେପଥ୍ୟ କୋଳାହଳ )

ସର୍ବନାଶ ! ଘୋରଦୁଃଖ ! ଆର୍ଯ୍ୟ ଚାରୁଦତ୍ତଙ୍କ ପତ୍ନୀ ଧୂତା ପ୍ରଜ୍ୱଳିତ ଅଗ୍ନିରେ ଝାସ ଦେବାକୁ ଯାଉଛନ୍ତି । ପୁଅଟି କାନ୍ଦି କାନ୍ଦି ତାଙ୍କ ପଣତ ଟାଣି ଧରୁଛି, ମାତ୍ର ତାକୁ ସେ ଛଡ଼ାଇ ଦେଇ ଚାଲିଯାଉଛନ୍ତି । ଲୋକମାନେ କାନ୍ଦି କାନ୍ଦି ବାରଣ କଲେ ମଧ୍ୟ ସେ ଶୁଣୁ ନାହାନ୍ତି ।

ଶର୍ବି—( କାନ ଡେରି, ନେପଥ୍ୟ ଆଡ଼କୁ ଚାହିଁ ) କଅଣ ଚନ୍ଦନକ ? ଘଟଣା କଅଣ ?

ଚନ୍ଦନକ—( ପ୍ରବେଶ କରି ) ଆର୍ଯ୍ୟ, ଆପଣ ଦେଖି ନାହାନ୍ତି କି ? ମହାରାଜାଙ୍କ ରାଜବାଟୀର ଦକ୍ଷିଣରେ ଅସଂଖ୍ୟ ଲୋକ ରୁଣ୍ଡ ହୋଇଛନ୍ତି । ମୁଁ ତାଙ୍କୁ କହିଲି—"ଆର୍ଯ୍ୟା, ଏଭଳି ଦୁଃସାହସ

କରନ୍ତୁ ନାହିଁ । ଆର୍ଯ୍ୟ ଚାରୁଦତ୍ତ ଜୀବିତ ଅଛନ୍ତି ।” କିନ୍ତୁ ଦୁଃଖରେ ସମସ୍ତେ ଏତେ ଦୂର ଅଭିଭୂତ ଯେ ମୋ କଥା କିଏ ଶୁଣୁଛି ? କିଏ ବା ବିଶ୍ୱାସ କରୁଛି ?

ଚାରୁ—( ଉଦ୍‌ବିଗ୍ନ ହୋଇ ) ହାୟ ! ପ୍ରିୟେ, ମୁଁ ବଞ୍ଚି ଥାଉଁ ଥାଉଁ ତୁମେ ଏ କଅଣ କଲ ? ( ମୂର୍ଚ୍ଛିତ ହୋଇଗଲେ )

ଶର୍ବି—ଉଃ ! କି ବିଷମ ସଙ୍କଟ ! ସେଠାକୁ ଶୀଘ୍ର ଯିବାର କଥା ଅଥଚ ଏଣେ ଏ ମୂର୍ଚ୍ଛିତ ! ହାୟ ! ହାୟ ! ହାୟ ! ଯେଉଁ ଆଡ଼େ ଯେତେ ଚେଷ୍ଟା କଲେ ବି ସେହି ବ୍ୟର୍ଥତା ।

ବସନ୍ତ—ଧୈର୍ଯ୍ୟ ଧରନ୍ତୁ, ଧୈର୍ଯ୍ୟ ଧରନ୍ତୁ ଆର୍ଯ୍ୟ । ସେଠାକୁ ଯାଇ ଶୀଘ୍ର ତାଙ୍କୁ ବଞ୍ଚାଇ ରଖନ୍ତୁ । ନ ହେଲେ ଅତି ଅଧୀର ହୋଇ ସେ ମୃତ୍ୟୁ ବରଣ କରିବେ ।

ଚାରୁ—ହାୟ ପ୍ରିୟେ ! କେଉଁଠି ତୁମେ ? ମୋତେ କଥା କହ ।

ଚନ୍ଦନକ—ଏଣେ, ଏଣେ ଆସନ୍ତୁ ଆର୍ଯ୍ୟ ।

( ସମସ୍ତେ ଧାଇଁବାରେ ଲଗିଲେ )

× × ×

( ଅଗ୍ନିରେ ଝାସ ଦେବାକୁ ଯାଉଥିବା ଧୂତା ଦୃଷ୍ଟିଗୋଚର ହେଲେ । ପଛରୁ ପଣତ ଟାଣି ଟାଣି ରୋହସେନ ଗୃଲଥାଏ । ବିଦୂଷକ ଓ ରଦନିକା ମଧ୍ୟ ଥିଲେ । )

ଧୂତା—( ଅଶ୍ରୁପୂର୍ଣ୍ଣ ଚକ୍ଷୁରେ ) ବାପ, ଧନମୋର, ମୋତେ ଛାଡ଼ି ଦେ, ଛାଡ଼ି ଦେ । ଆଉ ବିଘ୍ନ କରନା । ଆର୍ଯ୍ୟପୁତ୍ରଙ୍କର

ଅମଙ୍ଗଳ ସମ୍ବାଦ ଶୁଣି ମୁଁ ବଞ୍ଚି ପାରିବ ନାହିଁ । ( ପୁଅ‌େ ଛଡ଼ାଇ ଦେଇ ଅଗ୍ନିଆଡ଼କୁ ଶୀଘ୍ର ଶୀଘ୍ର ଗ୍ଲଲେ । )

ରୋହ—ମା, ମା, ମୋତେ କଏ ପାଳିବ ମା ? ତୁମକୁ ଛାଡ଼ି ମୁ କିପରି ରହିବ ମା ?

ବିଦୂ—ଆର୍ଯ୍ୟା, ଋଷିମାନେ କହିଛନ୍ତି—ବ୍ରାହ୍ମଣପତ୍ନୀ ପତିଙ୍କଠାରୁ ଭିନ୍ନ ହୋଇ ଚିତାରେ ପ୍ରବେଶ କରିବା ପାପ ।

ଧୂତା—ପାପ ଅର୍ଜନ ବରଂ ଭଲ, କିନ୍ତୁ ଆର୍ଯ୍ୟପୁତ୍ରଙ୍କର ଅମଙ୍ଗଳ ଶୁଣିବା ଭଲ ନୁହେଁ ।

ଶର୍ବି—( ଆଗକୁ ଚାହିଁ ) ଆର୍ଯ୍ୟା ଅଗ୍ନିପାଖରେ ପହଞ୍ଚି ଗଲେଣି । ଶୀଘ୍ର ଆସନ୍ତୁ, ଶୀଘ୍ର ଆସନ୍ତୁ ।

( ସମସ୍ତେ ଶୀଘ୍ର ଶୀଘ୍ର ଧାଇଁଲେ )

ଧୂତା—ରଦନିକା, ପୁଅକୁ ଧର । ମୁଁ ବର୍ତ୍ତମାନ ଅଗ୍ନିରେ ପ୍ରବେଶ କରିବ ।

ରଦନିକା—( କରୁଣ ଭାବରେ ) ଆର୍ଯ୍ୟା, ମୁଁ ଆପଣଙ୍କୁ କହୁଛି— ଆପଣ ପୁଅକୁ ଧରନ୍ତୁ ।

ଧୂତା—( ବିଦୂଷକଙ୍କୁ ) ଆର୍ଯ୍ୟ, ଆପଣ ଟିକଏ ଧରନ୍ତୁ ।

ବିଦୂ—( ଉଦ୍‌ବେଗରେ ) ଆର୍ଯ୍ୟା, ବାଞ୍ଛିତ କାର୍ଯ୍ୟର ସିଦ୍ଧି ନିମନ୍ତେ ବ୍ରାହ୍ମଣଙ୍କୁ ଅଗ୍ରଣୀ କରନ୍ତି । ତେଣୁ ମୁଁ ଆଗେ ଅଗ୍ନିରେ ପ୍ରବେଶ କରିବ ।

ଧୂତା—କଅଣ ଦୁଇଜଣ ଯାକ ଅସ୍ୱୀକାର କଲେ ! ( ପୁଅକୁ ଆଲିଙ୍ଗନ କରି ) ବାପା, ତା' ହେଲେ ତୁ ନିଜେ ଧୈର୍ଯ୍ୟ ଧରି

ରହ । ଆମକୁ ତିଳୋଦକ ଦାନ କରିବୁ । ତୁ ଚାଲିଗଲେ ଆମକୁ କିଏ ତର୍ପଣ ଦେବ ? ( ଦୀର୍ଘଶ୍ୱାସ ପକାଇ ) ନା, ଆର୍ଯ୍ୟପୁତ୍ର ଆଉ ତୋତେ ପାଳନ କରିବେ ନାହିଁ ।

ଚାରୁ—( ଶୁଣି ସହସା ନିକଟରେ ପହଞ୍ଚି ) ମୁଁ ପାଳନ କରିବି ପ୍ରିୟେ, ମୁଁ ପାଳନ କରିବି ।

( ପୁଅକୁ ଟେକିନେଇ ଛାତିରେ ଭିଡ଼ିଧରି ଆଲିଙ୍ଗନ କଲେ )

ଧୂତା – ( ଦେଖି ) ଏ କିଏ ? ଆର୍ଯ୍ୟପୁତ୍ର ! (ପାଦତଳେ ପଡ଼ିଗଲେ)

ରୋହ—( ଆନନ୍ଦରେ ) ମା, ମା, ବାପା ମୋତେ ଧରିଛନ୍ତି । ବାପା ମୋତେ ପାଳିବେ ।

ଚାରୁ – ( ଧୂତାଙ୍କୁ ଉଠାଇ ) ଏ କଅଣ ପ୍ରିୟେ ! ମୁଁ ଥାଉଁ ଥାଉଁ ତୁମେ ଏ ଭଳି କ'ଣ କରିବାକୁ ଯାଉଥିଲ ? ସୂର୍ଯ୍ୟ ଅସ୍ତ ନ ଗଲେ କଅଣ କମଳିନୀ ଆଖି ବୁଜେ ?

ଧୂତା – ଆର୍ଯ୍ୟପୁତ୍ର, ସେ ପରା ଜଡ଼ ।

ବିଦୂ – ( ଆନନ୍ଦରେ ) ଆହା ! ଏ ଆଖି ପୁଣି ପ୍ରିୟ ମିତ୍ରଙ୍କୁ ଦେଖିଲା ! ସତୀର କି ଶକ୍ତି ! ଅଗ୍ନିରେ ପ୍ରବେଶ କରୁ କରୁ ପତି ସହିତ ମିଳନ ହୋଇଗଲା ! ( ଚାରୁଦତ୍ତଙ୍କ ପ୍ରତି ) ପ୍ରିୟ ମିତ୍ରଙ୍କର ଜୟ ହେଉ ।

ଚାରୁ – ଆସ, ଆସ ମୈତ୍ରେୟ ।          ( ଆଲିଙ୍ଗନ କଲେ )

ରଦନିକା – କି ଶୁଭ ଯୋଗ ! ଆର୍ଯ୍ୟ, ବନ୍ଦନା କରୁଛି । ( ପାଦତଳେ ପଡ଼ିଲା )

ଚାରୁ – ( ପିଠିରେ ହାତ ବୁଲାଇ ) ରଦନିକା, ଉଠ ଉଠ ।

( ଉଠାଇ ଦେଲେ )

 01/129 

ଧୂତା — ( ବସନ୍ତସେନାଙ୍କୁ ଦେଖି ) ଭଉଣି, ମଙ୍ଗଳରେ ଅଛ ତ

ବସନ୍ତ — ବର୍ତ୍ତମାନହିଁ ମଙ୍ଗଳ ପାଇଲି । ( ଉଭୟେ ଉଭୟଙ୍କୁ ଆଲିଙ୍ଗନ କଲେ )

ଶର୍ବି — ଭାଗ୍ୟକୁ ଆର୍ଯ୍ୟଙ୍କର ସମସ୍ତ ମିତ୍ର ବଞ୍ଚିଗଲେ ।

ଚାରୁ — ତୁମର ଅନୁଗ୍ରହରୁ ।

ଶର୍ବି — ଆର୍ଯ୍ୟା ବସନ୍ତସେନା, ରାଜା ସନ୍ତୁଷ୍ଟ ହୋଇ ଆପଣଙ୍କୁ ବଧୂ ପଦ ( ଚାରୁଦତ୍ତଙ୍କ ପତ୍ନୀ ) ଦାନ କରିଛନ୍ତି ।

ବସନ୍ତ — ଆର୍ଯ୍ୟ, ଧନ୍ୟ ହେଲି ।

ଶର୍ବି — ( ବସନ୍ତସେନାଙ୍କ ମୁହଁ ଉପରକୁ ଓଢ଼ଣା ଟାଣିଦେଲେ ) ଆର୍ଯ୍ୟ, ଏହି ଭିକ୍ଷୁଙ୍କର କଅଣ କରିବା ?

ଚାରୁ — ( ଭିକ୍ଷୁଙ୍କୁ ) ଆପଣଙ୍କର କଅଣ ଅଭିଳାଷ ?

ଭିକ୍ଷୁ — ଏହିଭଳି ଅନିତ୍ୟତା ଦେଖି ସନ୍ନ୍ୟାସ ପ୍ରତି ମୋର ଦ୍ୱିଗୁଣ ଆଦର ହେଲାଣି ।

ଚାରୁ — ସଖା, ଏହାଙ୍କ ସଙ୍କଳ୍ପ ଦୃଢ଼ । ତେଣୁ ପୃଥିବୀରେ ଯେତେ ବିହାର ଅଛି, ଏହାଙ୍କୁ ସେ ସବୁର କୁଳପତି କରିଦିଅ ।

ଶର୍ବି — ଆପଣଙ୍କର ଯାହା ଇଚ୍ଛା ।

ଭିକ୍ଷୁ — ମୋ ପକ୍ଷରେ ବଡ଼ ଶୁଭ ସମ୍ବାଦ ।

ବସନ୍ତ — ବର୍ତ୍ତମାନ ମୋର ଜୀବନ ସାର୍ଥକ ।

ଶର୍ବି — ସ୍ଥାବରକର କଅଣ କରିବା ?

ଚାରୁ — ସୁଶୀଳ ସ୍ଥାବରକ ଦାସତ୍ୱରୁ ମୁକ୍ତ ହେଉ । ସେହି ଚଣ୍ଡାଳମାନେ ସବୁ ଚଣ୍ଡାଳମାନଙ୍କ ମଧ୍ୟରେ ଶ୍ରେଷ୍ଠ ହୁଅନ୍ତୁ । ସେ

ଶକାରର ପୂର୍ବରୁ ଯାହା ଯାହା ଥିଲା, ବର୍ତ୍ତମାନ ମଧ୍ୟ ତାହା ଥାଉ ।

ଶର୍ବି — ଆପଣ ଯାହା ଯାହା କହିଲେ, ତାହା ସମସ୍ତ ହେବ । କିନ୍ତୁ ମୁଁ ସେହି ଦୁଷ୍ଟକୁ ମାରିଦେବି ।

ଚାରୁ — ନା, ନା, ଅପରାଧୀଶତ୍ରୁ ଶରଣ ପଶି ପାଦତଳେ ପଡ଼ିଛି ।

ଶର୍ବି — ତା' ହେଲେ କୁହନ୍ତୁ — ଆଉ ଆପଣଙ୍କର କି ମଙ୍ଗଳ କରିବି ?

ଚାରୁ — ଏହାଠାରୁ ଅଧିକ ଆଉ ମଙ୍ଗଳ କ'ଣ ଅଛି ?

ମୋର ଚରିତ୍ର ନିଷ୍କଳଙ୍କ ରହିଲା । ଶତ୍ରୁ ପାଦତଳେ ପଡ଼ି ମୁକ୍ତି ପାଇଲା । ଅନ୍ୟ ଶତ୍ରୁମାନେ ସମୂଳେ ଧ୍ୱଂସ ହେଲେ । ପ୍ରିୟବନ୍ଧୁ ଆର୍ଯ୍ୟକ ରାଜା ହୋଇ ପୃଥିବୀ ପାଳନ କଲେ । ପ୍ରିୟା ବସନ୍ତସେନା ପ୍ରାପ୍ତ ହେଲେ, ତୁମେ ମୋର ମିତ୍ର ହେଲ, ତୁମ ପ୍ରିୟବନ୍ଧୁଙ୍କ ସହିତ ତୁମର ମିଳନ ହେଲା । ଆଉ କଅଣ ଅଧିକ ପାଇବାକୁ ଅଛି ଯେ ମୁଁ ତୁମକୁ ମାଗିବି ?

କୂପର ଜଳ-ଉତ୍ତୋଳନ ଯନ୍ତ୍ରରେ ଯେଉଁ କଳସୀମାନ ବନ୍ଧା ଯାଇଥାଏ, ସେ ଗୁଡ଼ିକ ମଧ୍ୟରୁ କିଏ ଉପରକୁ ଉଠୁଥାଏ, କିଏ ତଳକୁ ଖସୁଥାଏ, କିଏ ବା ଜଳପୂର୍ଣ୍ଣ କିଏ ବା ଜଳଶୂନ୍ୟ ଥାଏ । କିଏ ପୁଣି କେତେବେଳେ ଭାଙ୍ଗି ଯାଏ । ବିଧାତା ସେହିପରି କାହାକୁ ଉପରକୁ ଉଠାଉଛି କାହାକୁ ତଳକୁ ଖସାଉଛି । କାହାକୁ ହୀନ କରୁଛି, କାହାକୁ ପୂର୍ଣ୍ଣ କରୁଛି । କାହାକୁ ବା ବିନାଶ କରୁଛି । ଏହିଭଳି ସେ ଦେଖାଇ ଦେଉଛି ଯେ ଏ ସଂସାରରେ

ପରସ୍ପର ବିରୋଧୀ କାର୍ଯ୍ୟକଳାପ ଲାଗି ରହିଛି ।
ତଥାପି ଏଇଆ ହେଉ—

ମ।୨୨୨

## ( ଭରତ ବାକ୍ୟ )

ଧେନୁ କ୍ଷୀରବତୀ ହୁଅନ୍ତୁ ଶସ୍ୟେ ପୂରୁ ବସୁଧା
ବାରିଧର ଜାଣି ସମୟ ଢାଳୁ ସଲିଲ-ସୁଧା ।

ଜୀବଗଣେ ଦେଇ ଆନନ୍ଦ ବହୁ ମୃଦୁ ପବନ
ଯେ ଯହିଁ ଜନମ ଲଭଇ ସୁଖେ ଯାପୁ ଜୀବନ ।

ବ୍ରହ୍ମବିଦ ବିପ୍ରେ ହୁଅନ୍ତୁ ସର୍ବଜନ ବନ୍ଦିତ
ପରହିତ ଲାଗି ସଜ୍ଜନ ସଦା ଲଭନ୍ତୁ ବିତ୍ତ ।

ଦୁଷ୍ଟେ ଦଣ୍ଡ ଦେଇ ନୃପତି ଧର୍ମେ ପାଳନ୍ତୁ ଧରା
ସେନେହ ସମ୍ମାନ ଆଦରେ ହେଉ ଜଗତ ଭରା ।